# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଅଗଷ୍ଟ ୨୭/୨୦୧୮ (୧୬ ପୃଷ୍ଠା) | Bhubaneswar, Monday, August 27 / 2018 | ★★★★★★

୪୪ଶ ଭାଗ ୨୭୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-


DSPL-136

ଓଡ଼ିଶା ଶାସନ

Government of Odisha



ବିଜୁ ଯୁବ ବାହିନୀ
Biju Yuva Vahini

## ସାଧାରଣ ଯୁବ
## ଅସାଧାରଣ ଲକ୍ଷ୍ୟ

# ମୁଁ ହିରୋ...ମୁଁ ଓଡ଼ିଶା

ଅଭିଯାନର

## ରାଜ୍ୟସ୍ତରୀୟ ଶୁଭାରମ୍ଭ କରିବେ

ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ

## ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ

୨୭ ଅଗଷ୍ଟ ୨୦୧୮, ଅପରାହ୍ନ ୫.୦୦ ଘଟିକା

ଜବାହରଲାଲ୍ ନେହେରୁ ଇନ୍‌ଡୋର୍ ଷ୍ଟାଡିୟମ୍, କଟକ

ମୁଁ HERO
ମୁଁ ଓଡ଼ିଶା



''ଯେତେବେଳେ ବି ସ୍ୱପ୍ନ ଦେଖିବ, ବଡ଼ ବଡ଼ ସ୍ୱପ୍ନ ଦେଖ
ବଡ଼ ସ୍ୱପ୍ନ ଦେଖିଲେହିଁ ବଡ଼ ବଡ଼ କାମ ସାର୍ଥକ ହେବ ।''

*ଶ୍ରୀଯୁକ୍ତ ବିଜୁ ପଟ୍ଟନାୟକ*

- "ମୁଁ ହିରୋ...ମୁଁ ଓଡ଼ିଶା" ଅଭିଯାନ ଓଡ଼ିଶା ସରକାରଙ୍କର "ବିଜୁ ଯୁବ ବାହିନୀ" ଅର୍ନ୍ତଗତ ଏକ କାର୍ଯ୍ୟକ୍ରମ ।
- ୧୫ ରୁ ୩୫ ବର୍ଷ ମଧ୍ୟରେ ଥିବା ସ୍ଥାନୀୟ ହିରୋ/ପରିବର୍ତ୍ତନର ବାହକଙ୍କୁ ଚିହ୍ନଟ କରି ପୁରସ୍କୃତ କରାଯିବ ।
- ଜିଲ୍ଲା କ୍ରୀଡ଼ା ଅଧିକାରୀଙ୍କ ନିକଟରେ ନାମାଙ୍କନ ଦାଖଲ କରିବେ/www.bijuyuvavahini.com ରେ ଅନ୍‌ଲାଇନ୍ ଆବେଦନ କରିବେ ।
- ଜିଲ୍ଲାସ୍ତରୀୟ କମିଟି ଦ୍ୱାରା ଦରଖାସ୍ତଗୁଡ଼ିକର ଯାଞ୍ଚ୍ ଏବଂ ଚୟନ ।
- ଜିଲ୍ଲାସ୍ତରୀୟ/ରାଜ୍ୟସ୍ତରୀୟ ଯୁବ ସମାବେଶରେ "ହିରୋ" ମାନଙ୍କୁ ପୁରସ୍କୃତ କରାଯିବ ।
- ଅଧିକ ଜାଣିବା ନିମନ୍ତେ ଯୋଗାଯୋଗ କରନ୍ତୁ: ଜିଲ୍ଲା କ୍ରୀଡ଼ା ଅଧିକାରୀ +91 8280262000 www.bijuyuvavahini.com

29001/13/0009/1819

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୨୭ ଅଗଷ୍ଟ, ୨୦୧୮



"ଗଣତନ୍ତ୍ରର ଶୁଦ୍ଧତା ଓ ପବିତ୍ରତା କ୍ଷେତ୍ରରେ କୌଣସି ପ୍ରକାର ସାଲିସ କରାଯିବ ନାହିଁ। ସୋସିଆଲ ମିଡିଆ ପ୍ଲାଟଫର୍ମଗୁଡ଼ିକୁ ଦେଶର ନିର୍ବାଚନ ପ୍ରକ୍ରିୟାର ଅପବ୍ୟବହାର କରିବାକୁ ଦିଆଯିବ ନାହିଁ।

- ରବିଶଙ୍କର ପ୍ରସାଦ, ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ



# ସଙ୍କଟରେ ଗଣତନ୍ତ୍ର

କୋଲକାତା/ନୂଆଦିଲ୍ଲୀ, ୨୬।୮(ପି.ଟି.)

ଭାରତର ଗଣତନ୍ତ୍ର ସଙ୍କଟରେ ପଡ଼ିଛି। ତେଣୁ ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ସବୁ ଅଣସାମ୍ପ୍ରଦାୟିକ ଦଳ ଏକାଠି ହେବା ଜରୁରୀ ହୋଇପଡ଼ିଛି। ଗଣତନ୍ତ୍ରର ସୁରକ୍ଷା ପାଇଁ ଏହି ମେଣ୍ଟ ସହ ବାମପନ୍ଥୀମାନେ ସାମିଲ ହେବାକୁ ଦ୍ୱିଧା ପ୍ରକାଶ କରନ୍ତୁ ନାହିଁ ବୋଲି ନୋବେଲ ପୁରସ୍କାରପ୍ରାପ୍ତ ପ୍ରଖ୍ୟାତ୍ ଅର୍ଥନୀତିଜ୍ଞ ଅମର୍ତ୍ତ୍ୟ ସେନ ଆହ୍ୱାନ ଦେଇଛନ୍ତି।

କୋଲକାତାସ୍ଥିତ ଶିଶିର ମଞ୍ଚ ଅଡିଟୋରିୟମ୍‌ରେ ଆୟୋଜିତ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଅମର୍ତ୍ତ୍ୟ କହିଛନ୍ତି, ଏକଛତ୍ରବାଦ ବିରୋଧରେ ଆମେ ନିଜ ପ୍ରତିବାଦ ଜଣାଇବା ଜରୁରୀ ହୋଇପଡ଼ିଛି। ସେମାନଙ୍କ ସ୍ୱେଚ୍ଛାଚାରୀ ଶାସନଧାରା ବିରୋଧରେ ଲଢ଼େଇ କରିବା ଆବଶ୍ୟକ। ଦକ୍ଷିଣପନ୍ଥୀ ଶକ୍ତିଗୁଡ଼ିକର ନୀତି ବିରୋଧରେ ଅଣସାମ୍ପ୍ରଦାୟିକ ଦଳଗୁଡ଼ିକ ଏକାଠି ହୁଅନ୍ତୁ। ସାମ୍ପ୍ରଦାୟିକତା ହେଉଛି ସବୁଠୁ ବଡ଼ ବିପଦ। ଏହା ବିରୋଧରେ ଲଢ଼େଇ କରିବାବେଳେ ଆମେ ପଛଘୁଞ୍ଚା ଦେବା ଅନୁଚିତ ବୋଲି ଅମର୍ତ୍ତ୍ୟ କହିଛନ୍ତି। କେନ୍ଦ୍ରର ଭାଜପା ସରକାରକୁ କଡ଼ା ସମାଲୋଚନା କରିବାକୁ ଯାଇ ଅମର୍ତ୍ତ୍ୟ କହିଛନ୍ତି, ରାଜନୀତିରେ ମନ୍ଦ ଉଦ୍ଦେଶ୍ୟ ରଖିଥିବା ଏକ ଦଳ ମାତ୍ର ୩୧% ଭୋଟ ପାଇ ୨୦୧୪ ଲୋକ ସଭା ନିର୍ବାଚନ ପରେ କ୍ଷମତାସୀନ ହୋଇଛି। ସଙ୍କଟରେ ପଡ଼ିଥିବା ଗଣତନ୍ତ୍ରକୁ କେବଳ ଲୋକେ ହିଁ ବଞ୍ଚାଇପାରିବେ। କାରଣ ଭାରତ ଏକ ବୁଡ଼ିଯାଉଥିବା ଡଙ୍ଗା ଭଳି ନୁହେଁ, ଯାହାକୁ ଆମେ ସମସ୍ତେ ଛାଡ଼ି ପଳାଇବା।

ଅନ୍ୟପକ୍ଷରେ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ଅର୍ଥମନ୍ତ୍ରୀ ପି. ଚିଦାମ୍ବରମ୍ ରବିବାର କହିଛନ୍ତି, ଆମେ ଭୟମୁକ୍ତ ହେବା ପାଇଁ ବ୍ରିଟିଶ ଶାସନରୁ ସ୍ୱାଧୀନତା ହାସଲ କରିବାକୁ ଚାହୁଁଥିଲେ। ହେଲେ ଏବେ ଦେଶର ଏକ ବୃହତ୍ ବର୍ଗ ଭୟ ଓ ଆତଙ୍କ ମଧ୍ୟରେ ରହିଛି। ଭାରତକୁ 'ଭୟର ଶାସନ'ରୁ ମୁକ୍ତ କରିବାକୁ ହେଲେ ଭାଜପାକୁ ହରାଇବାକୁ ପଡ଼ିବ। ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ସମସ୍ତ ବିରୋଧୀ ଦଳ ଏକାଠି ହୋଇ ମେଣ୍ଟ ଗଠନ କରିବା ସମ୍ଭବ। ଦେଶରେ ଦଳିତ, ମୁସଲମାନ, ମହିଳାମାନେ ଭୟଭୀତ। ଏପରିକି ଗଣମାଧ୍ୟମ ମଧ୍ୟ ଏଥିରୁ ମୁକ୍ତ ନୁହେଁ। ଆମେ ଗଣତାନ୍ତ୍ରିକ ଅଧିକାରଗୁଡ଼ିକରୁ ଦୂରେଇ ଯାଉଛେ। ଏହା ଦେଶ ପାଇଁ ଏକ ବିପଜ୍ଜନକ ଧାରା। ତେଣୁ ନିର୍ବାଚନ ପୂର୍ବରୁ ମେଣ୍ଟ ଗଠନ ପାଇଁ ସବୁ ଦଳ ଆଗେଇ ଆସନ୍ତୁ। ଭାଜପାକୁ ହରାଇବା ସମସ୍ତ ବିରୋଧୀ ଦଳର ଏକମାତ୍ର ଲକ୍ଷ୍ୟ ହେବା ଉଚିତ ବୋଲି ଚିଦାମ୍ବରମ୍ କହିଛନ୍ତି। କିନ୍ତୁ ବିରୋଧୀ ମେଣ୍ଟର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ କିଏ ହେବେ ବୋଲି କରାଯାଇଥିବା ପ୍ରଶ୍ନର ଉତ୍ତର ଦେବାକୁ ସେ ବାରମ୍ବାର ଏଡାଇ ଯାଇଛନ୍ତି।

**୨୦୧୯ ପୂର୍ବରୁ ଏକାଠି ହୁଅନ୍ତୁ ସବୁ ଅଣସାମ୍ପ୍ରଦାୟିକ ଦଳ: ଅମର୍ତ୍ତ୍ୟ**



**ଭାଜପାକୁ ହରାଇବା ପାଇଁ ବିରୋଧୀ ମେଣ୍ଟ ଗଠନ ସମ୍ଭବ: ଚିଦାମ୍ବରମ୍**



## ବଳାତ୍କାରୀଙ୍କୁ ବରଦାସ୍ତ କରାଯିବନି

ନୂଆଦିଲ୍ଲୀ, ୨୬।୮(ପି.ଟି.)




ଦେଶରେ ବଳାତ୍କାରକୁ ବରଦାସ୍ତ କରାଯିବ ନାହିଁ। ପାର୍ଲାମେଣ୍ଟରେ ଗୃହୀତ ବଳାତ୍କାର ନିରୋଧୀ ଆଇନ ମହିଳା ଓ ଝିଅମାନଙ୍କ ବିରୋଧରେ ଘଟୁଥିବା ଏଭଳି ଅପରାଧକୁ ନିୟନ୍ତ୍ରଣ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି।

ମାସିକିଆ ରେଡିଓ କାର୍ଯ୍ୟକ୍ରମ 'ମନ୍ କୀ ବାତ୍'ରେ ମୋଦି କହିଛନ୍ତି, ତିନି ତଲାକ୍ ସମ୍ପର୍କିତ ବିଲ୍ ପାର୍ଲାମେଣ୍ଟର ମୌସୁମୀ ଅଧିବେଶନରେ ରାଜ୍ୟ ସଭାରେ ଗୃହୀତ ହୋଇପାରି ନାହିଁ। ଏହାସତ୍ତ୍ୱେ ମୁସଲମାନ ମହିଳାମାନଙ୍କୁ ସାମାଜିକ ନ୍ୟାୟ ପ୍ରଦାନ ପାଇଁ ସେମାନଙ୍କ ସହ ସାରା ଦେଶ ଛିଡ଼ା ହୋଇରହିଛି ବୋଲି ପ୍ରଧାନମନ୍ତ୍ରୀ ଆଶ୍ୱାସନା ଦେଇଛନ୍ତି। ସେ କହିଛନ୍ତି, ଆମେ ଜାତୀୟ ସ୍ୱାର୍ଥ ପାଇଁ ଆଗକୁ ବଢ଼ିଲେ ଗରିବ, ପଛୁଆବର୍ଗ, ଶୋଷିତ ଓ ବଞ୍ଚିତଙ୍କ ଜୀବନରେ ମଧ୍ୟ ପରିବର୍ତ୍ତନ ଆଣିବାକୁ ପଡ଼ିବ। ଦେଶର ମହିଳାଙ୍କ ପ୍ରତି କୌଣସି ପ୍ରକାର ଅନ୍ୟାୟକୁ ସଭ୍ୟ ସମାଜ ସହ୍ୟ କରିପାରିବ ନାହିଁ। ବଳାତ୍କାର କରୁଥିବା ଲୋକଙ୍କୁ ଦେଶ ବରଦାସ୍ତ କରିବ ନାହିଁ। ଏହାକୁ ଧ୍ୟାନରେ ରଖି ପାର୍ଲାମେଣ୍ଟରେ ଆପରାଧିକ ଆଇନ ସଂଶୋଧନ ବିଲ୍‌କୁ ଗୃହୀତ କରାଯାଇଛି। ବଳାତ୍କାର କରିଥିବା ପ୍ରମାଣିତ ହେଲେ ସର୍ବନିମ୍ନ ୧୦ ବର୍ଷ ଜେଲ ଦଣ୍ଡ ଦିଆଯିବ। ସେହିପରି ୧୨ ବର୍ଷରୁ କମ୍ ବୟସର ନାବାଳିକାଙ୍କୁ ବଳାତ୍କାର କରିଥିବା ଦୋଷୀଙ୍କୁ ମୃତ୍ୟୁଦଣ୍ଡ ଦିଆଯିବ ବୋଲି ମୋଦି କହିଛନ୍ତି।

## ସଂକ୍ଷେପରେ

### ଫ୍ଲୋରିଡା ମଲ୍‌ରେ ଗୁଳିକାଣ୍ଡ: ୫ ମୃତ

ମାୟାମି, ୨୬।୮(ପି.ଟି.): ଫ୍ଲୋରିଡାର ଜ୍ୟାକ୍‌ସୋଭିଲେ ସହରସ୍ଥିତ ଏକ ଶପିଂ ମଲ୍‌ରେ ରବିବାର ଗୁଳିକାଣ୍ଡ ଘଟିଛି। ଜନଗହଳିପୂର୍ଣ୍ଣ ମଲ୍‌ରେ ବନ୍ଧୁକଧାରୀଙ୍କ ଆଖିବୁଜା ଗୁଳିଚାଳନାରେ ଅନେକ ଲୋକ ପ୍ରାଣ ହରାଇଥିବା ଆଶଙ୍କା କରାଯାଉଛି। ଶେଷ ଖବର ସୁଦ୍ଧା ଆକ୍ରମଣକାରୀଙ୍କ ସମେତ ୫ ଜଣଙ୍କ ମୃତ୍ୟୁ ହୋଇଥିବା କୁହାଯାଉଛି। ୧୧ ଆହତଙ୍କୁ ଉଦ୍ଧାର କରାଯାଇଛି।

### ନାମାଙ୍କନପତ୍ର ଦାଖଲ କଲେ ଷ୍ଟାଲିନ

ଚେନ୍ନାଇ, ୨୬।୮(ପି.ଟି.): ଡିଏମ୍‌କେ କାର୍ଯ୍ୟକାରୀ ଅଧ୍ୟକ୍ଷ ଏମ.କେ. ଷ୍ଟାଲିନ୍ ଅଧ୍ୟକ୍ଷ ପଦ ପାଇଁ ଦଳୀୟ ମୁଖ୍ୟାଳୟରେ ରବିବାର ନାମାଙ୍କନପତ୍ର ଦାଖଲ କରିଛନ୍ତି। ତାଙ୍କ ସହ ଦଳର ମୁଖ୍ୟ ସଚିବ ଦୁରାଇମୁରୁଗାନ୍ ମଧ୍ୟ କୋଷାଧ୍ୟକ୍ଷ ପଦ ପାଇଁ ନାମାଙ୍କନପତ୍ର ଦାଖଲ କରିଛନ୍ତି। ମଙ୍ଗଳବାର ସାଧାରଣ ପରିଷଦ ବୈଠକରେ ଦୁହିଁଙ୍କୁ ନିର୍ବାଚିତ କରାଯିବ। ଡିଏମ୍‌କେ ଅଧ୍ୟକ୍ଷ କରୁଣାନିଧିଙ୍କ ପରଲୋକ ପରେ ତାଙ୍କ ସାନପୁଅ ଷ୍ଟାଲିନ ଏହି ଦାୟିତ୍ୱ ଗ୍ରହଣ କରିବାକୁ ଯାଉଛନ୍ତି।

### ଶାହଙ୍କ ସୁରକ୍ଷା ଖର୍ଚ୍ଚ ତଥ୍ୟ ଦେବାକୁ ମନାକଲେ ସିଆଇସି

ନୂଆଦିଲ୍ଲୀ, ୨୬।୮(ପି.ଟି.): ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହଙ୍କ ସୁରକ୍ଷା ବ୍ୟବସ୍ଥାରେ ଖର୍ଚ୍ଚ ହେଉଥିବା ଅର୍ଥ ସମ୍ପର୍କିତ ତଥ୍ୟ ଦେବାକୁ କେନ୍ଦ୍ରୀୟ ସୂଚନା କମିଶନ (ସିଆଇସି) ମନା କରିଦେଇଛନ୍ତି। ଏହାକୁ ସୂଚନା ଅଧିକାର (ଆର୍‌ଟିଆଇ)ଆଇନର ବ୍ୟକ୍ତିଗତ ତଥ୍ୟ ଏବଂ ସୁରକ୍ଷା କ୍ଲଜ୍ ପରିସରରେ ରଖି ସିଆଇସି ତଥ୍ୟ ଦେଇ ନ ଥିବା ଜଣାପଡ଼ିଛି। ଦୀପକ ଜୁନେଜା ନାମକ ଜଣେ ବ୍ୟକ୍ତି ୨୦୧୪ ଜୁଲାଇ ୫ରେ ଆର୍‌ଟିଆଇ ଆବେଦନ କରି ଶାହଙ୍କ ସୁରକ୍ଷା ଖର୍ଚ୍ଚ ସମ୍ପର୍କିତ ତଥ୍ୟ ଦାବି କରିଥିଲେ।

### 'ଗୋହତ୍ୟା ଯୋଗୁ କେରଳ ବନ୍ୟା'

ବେଙ୍ଗାଲୁରୁ, ୨୬।୮(ପି.ଟି.): କର୍ଣ୍ଣାଟକର ଭାଜପା ବିଧାୟକ ବାସନଗୌଡ଼ା ପାଟିଲ ୟତ୍‌ନାଲ ପୁଣିଥରେ ଆପତ୍ତିଜନକ ମନ୍ତବ୍ୟ ଦେଇ ଚର୍ଚ୍ଚା ପରିସରକୁ ଆସିଛନ୍ତି। କେରଳ ବନ୍ୟା ପାଇଁ ୟତ୍‌ନାଲ ଗୋହତ୍ୟାକୁ ଦାୟୀ କରିଛନ୍ତି। ସେ କହିଛନ୍ତି, କେରଳରେ ଲୋକେ ଖୋଲାଖୋଲି ଭାବେ ଗୋହତ୍ୟା କରୁଥିଲେ। ଏଥିଯୋଗୁ ପ୍ରଳୟଙ୍କରୀ ବନ୍ୟା ହେଲା। ଗାଈ ସହ ହିନ୍ଦୁଙ୍କ ଧର୍ମୀୟ ଭାବନା ଜଡ଼ିତ ଏବଂ ଏହାକୁ କେହି ଆଘାତ ଦେଇପାରିବେ ନାହିଁ।



### ଡାଭୋଲ୍‌କର, ଲଙ୍କେଶ, ହତ୍ୟାର ସମ୍ପର୍କ ରହିଛି



ପୁଣେ, ୨୬।୮(ଆଇଏଏନ୍‌ଏସ୍): ପୁଣେର ହେତୁବାଦୀ ନରେନ୍ଦ୍ର ଡାଭୋଲ୍‌କର ଏବଂ ବେଙ୍ଗାଲୁରୁର ସାମ୍ବାଦିକା ଗୌରୀ ଲଙ୍କେଶଙ୍କ ହତ୍ୟା ଘଟଣାରେ ସମ୍ପର୍କ ରହିଛି ବୋଲି ରବିବାର ସିବିଆଇ କହିଛି। ଡାଭୋଲକର୍ ହତ୍ୟା ଘଟଣାରେ ଗିରଫ ମୁଖ୍ୟ ଅଭିଯୁକ୍ତ ସଚିନ ଅନ୍ଧୁରେଙ୍କୁ ଏଠାକାର ଶିବାଜୀନଗର ଜୁଡିସିଆଲ୍ ମାଜିଷ୍ଟ୍ରେଟ୍‌ଙ୍କ ଆଗରେ ହାଜର କରିବାବେଳେ ସିବିଆଇ ପକ୍ଷରୁ ଏଭଳି ଦାବି କରାଯାଇଛି।

## ଭୁଶୁଡ଼ିଲା ୪୦ ବର୍ଷର କୋଠା

ଅହମ୍ମଦାବାଦ, ୨୬।୮

**ଭଗ୍ନାବଶେଷ ତଳେ ଅନେକ**




ଅହମ୍ମଦାବାଦର ଓଧାବ ଅଞ୍ଚଳରେ ରବିବାର ରାତିରେ ଏକ ସରକାରୀ ହାଉସିଂ ସୋସାଇଟିର ୪ ମହଲା ବିଶିଷ୍ଟ କୋଠା ଭୁଶୁଡ଼ିପଡ଼ିଛି। ଭଗ୍ନାବଶେଷ ତଳେ ଅନେକ ଲୋକ ଚାପିହୋଇ ରହିଥିବା ଆଶଙ୍କା କରାଯାଉଛି। ଉଦ୍ଧାର କାର୍ଯ୍ୟରେ ଏନ୍‌ଡିଆର୍‌ଏଫ୍‌ର ୫ ଟିମ୍‌କୁ ନିୟୋଜିତ କରାଯାଇଛି। ୨ ଜଣଙ୍କୁ ଉଦ୍ଧାର କରାଯାଇଥିବା ଅଗ୍ନିଶମ ବିଭାଗ ମୁଖ୍ୟ ରାଜେଶ ଭଟ୍ଟ ସୂଚନା ଦେଇଛନ୍ତି। ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ସବୁ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି ଗୁଜରାଟ ଗୃହମନ୍ତ୍ରୀ ପ୍ରଦୀପସିଂ ଜାଡେଜା କହିଛନ୍ତି। ୪୦ ବର୍ଷ ପୁରୁଣା କୋଠାଟି ଅତ୍ୟନ୍ତ ଦୁର୍ବଳ ଓ ବାସ ଅନୁପଯୋଗୀ ହୋଇଯାଇଥିଲା। ଏହାକୁ ଖାଲି କରିବା ପାଇଁ ୨୪ ଘଣ୍ଟା ପୂର୍ବରୁ ନୋଟିସ ଦିଆଯାଇଥିଲା। ୩୨ ପରିବାର ମଧ୍ୟରୁ ୨୯ ପରିବାର କୋଠା ଛାଡ଼ିସାରିଥିଲେ।

## ଶିଖ୍ ନେତାଙ୍କୁ ଖଲିସ୍ତାନୀ ସମର୍ଥକଙ୍କ ଆକ୍ରମଣ

ନ୍ୟୁୟର୍କ, ୨୬।୮(ପି.ଟି.)



ଆମେରିକାର କାଲିଫର୍ନିଆଠାରେ ଖଲିସ୍ତାନୀ ସମର୍ଥକଙ୍କ ଆକ୍ରମଣର ଶିକାର ହେଲେ ଦିଲ୍ଲୀର ଜଣେ ଶିଖ୍ ନେତା। ଗୁରୁ ନାନକଙ୍କ ୫୫୦ ତମ ଜୟନ୍ତୀ ପାଳନ ନେଇ ଦିଲ୍ଲୀ ଶିଖ୍ ଗୁରୁଦ୍ୱାରା ପରିଚାଳନା କମିଟି ସଭାପତି ମନ୍‌ଜିତ ସିଂ କାଲିଫର୍ନିଆର ୟୁବା ସହରରେ ସମ୍ପ୍ରଦାୟର ସଦସ୍ୟଙ୍କ ସହ ଆଲୋଚନା କରୁଥିବାବେଳେ ଖଲିସ୍ତାନୀ ସଦସ୍ୟମାନେ ତାଙ୍କୁ ଆକ୍ରମଣ କରିଥିଲେ। ସପ୍ତାହେ ମଧ୍ୟରେ ମନ୍‌ଜିତଙ୍କ ଉପରକୁ ଏହା ହେଉଛି ଦ୍ୱିତୀୟ ଆକ୍ରମଣ।

## ଆଇନ୍ କମିଶନଙ୍କୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ପ୍ରଶ୍ନ
## ଅନ୍‌ଲାଇନ୍‌ରେ ଏତଲା ସମ୍ଭବ କି

ନୂଆଦିଲ୍ଲୀ, ୨୬।୮(ପି.ଟି.)




ଲୋକେ ଘରେ ବସି ଅନ୍ ଲାଇନ୍ ଯୋଗେ ଏଫ୍‌ଆଇଆର୍ ଏବଂ ଇ-ଏଫଆଇଆର ଦାଏର କରିପାରିବେ କି ବୋଲି ଆଇନ କମିଶନଙ୍କୁ ସୌରାଷ୍ଟ୍ର ମନ୍ତ୍ରଣାଳୟ ପ୍ରଶ୍ନ କରିଛି। ଲ ପ୍ୟାନେଲ ସବୁଦିଗକୁ ଅନୁଧ୍ୟାନ କରିବା ପରେ ପ୍ରସ୍ତାବ ଦେଇଛନ୍ତି ଯେ, ସିଆର୍‌ପିସି ଧାରା ୧୫୪ରେ ସଂଶୋଧନ ଅଣାଗଲେ ଲୋକେ ଅନ୍‌ଲାଇନ୍‌ରେ ଏତଲା ଦେଇପାରିବେ। କିନ୍ତୁ ଏହାର ଅପବ୍ୟବହାର ଆଶଙ୍କା ମଧ୍ୟ ରହିଛି।

୨୦୧୩ରେ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ ଯେ, କୌଣସି ସଙ୍ଗିନ ଅପରାଧ ଘଟିଥିଲେ ସିଆରପିସି ଧାରା ୧୫୪ ଅନୁସାରେ ମାମଲା ରୁଜୁ କରିହେବ। ଏ ନେଇ ଲ କମିଶନ୍ ବିଭିନ୍ନ ରାଜ୍ୟର ଡିଜିପି/ଆଇଜିପିଙ୍କ ସହ ଗତ ଜାନୁଆରୀରେ ବୈଠକ କରିଥିଲେ। ୨୦୧୬ର ମୋଟ ୪୮,୩୧,୫୧୫ ଆପରାଧିକ ମାମଲା ମଧ୍ୟରୁ ଆଇପିସି ଅନୁସାରେ ୨୯,୭୫,୭୧୧ ଓ ସ୍ୱତନ୍ତ୍ର ଏବଂ ସ୍ଥାନୀୟ ଆଇନ ଅନୁସାରେ ୧୮,୫୫,୮୦୪ ରୁଜୁ ହୋଇଥିଲା।

## ଫୁରସତ

### ମୁଦ୍ରାରେ ପତ୍ନୀଙ୍କୁ ୧୦ ହଜାର ଡଲାର ଭରଣପୋଷଣ

**ସୋଲୋ:** ଇଣ୍ଡୋନେସିଆର ଜଣେ ସରକାରୀ କର୍ମଚାରୀ ତାଙ୍କ ପୂର୍ବତନ ପତ୍ନୀଙ୍କୁ ଭରଣପୋଷଣ ବାବଦ ମୁଦ୍ରା ଆକାରରେ ୧୦,୫୦୦ ଆମେରିକୀୟ ଡଲାର ପ୍ରଦାନ କରିଛନ୍ତି। ଗୁରୁବାର ଦ୍ୱି ସୁଶୀଲାର୍ତ୍ତୋ ନାମକ ଏହି ବ୍ୟକ୍ତି ୧୫୩ ନିୟୁତଟି ରୁପିୟା (୧୦,୫୦୦ ଡଲାର)କୁ ୧୨ଟି ଥଳିରେ ଭର୍ତ୍ତିକରି କୋର୍ଟରେ ଆସି ପହଞ୍ଚିଥିଲେ। ମୁଦ୍ରା ଥଳିଗୁଡ଼ିକର ମୋଟ ଓଜନ ୮୯୦ କିଲୋଗ୍ରାମ୍ (୧୯୬୦ ପାଉଣ୍ଡ) ଥିଲା ବୋଲି ତାଙ୍କ ଓକିଲ କହିଛନ୍ତି। ବିପୁଳ ପରିମାଣ ମୁଦ୍ରାକୁ ଦେଖିବା ପରେ ପୂର୍ବତନ ପତ୍ନୀଙ୍କ ଓକିଲ ବିରକ୍ତିଭାବ ପ୍ରକାଶ କରିଥିଲେ। କାରଣ ଏହାକୁ ଗଣନା କରିବା ଏତେ ସହଜ ନ ଥିଲା। ମୁଦ୍ରାଥଳିଆଗୁଡ଼ିକୁ ଏକ ହୁଇଲବାରୋରେ ଲଦାଯାଇଥିଲା। ଏହାକୁ ୩ ଜଣ ଠେଲିଠେଲି କୋର୍ଟକୁ ଆଣିଥିଲେ। ତେବେ ଖୁଚୁରା ମୁଦ୍ରା ଦେଇ ପୂର୍ବତନ ପତ୍ନୀ ହେର୍ମି ସତ୍ୟଓ୍ୱତୀଙ୍କୁ ଅପମାନିତ କରାଯାଉଥିବା କଥା ସୁଶୀଲାର୍ତ୍ତୋଙ୍କ ଓକିଲ ଅସ୍ୱୀକାର କରିଥିଲେ।

### ୧୫ ବର୍ଷ ସମ୍ପୂର୍ଣ୍ଣ କଲା ସ୍ପିଜର ଟେଲିସ୍କୋପ୍



**ୱାଶିଂଟନ୍:** ନାସା ଦ୍ୱାରା ପ୍ରେରିତ ସ୍ପିଜର ସ୍ପେସ୍ ଟେଲିସ୍କୋପ୍ ମହାକାଶରେ ଏହାର ପର୍ଯ୍ୟବେକ୍ଷଣ ୧୫ ବର୍ଷ ସମ୍ପୂର୍ଣ୍ଣ କରିଛି। 'ଗ୍ରେଟ୍ ଅବଜରଭେଟୋରି' କାର୍ଯ୍ୟରେ ମୁତୟନ ଟେଲିସ୍କୋପ୍ ମଧ୍ୟରେ ଏହା ସବୁଠୁ ଛୋଟ। ମହାକାଶରେ ବୃହତ୍ ପର୍ଯ୍ୟବେକ୍ଷଣ କାର୍ଯ୍ୟ ପାଇଁ ନିୟୋଜିତ ଅନ୍ୟ ୩ଟି ଟେଲିସ୍କୋପ୍ ହେଲା-ହବଲ୍ ସ୍ପେସ୍ ଟେଲିସ୍କୋପ୍, ଦି କ୍ରମ୍ପଟନ୍ ଗାମା ରେ ଅବ୍‌ଜରଭେଟୋରି(ସିଜିଆରଓ) ଏବଂ ଚନ୍ଦ୍ର ଏକ୍ସ-ରେ ଅବ୍‌ଜରଭେଟୋରି। ଆଲୋକର ବିଭିନ୍ନ ୱେଭ୍‌ଲେଙ୍ଗ୍‌ଥରେ ବ୍ରହ୍ମାଣ୍ଡର ଫଟୋଚିତ୍ର ଉତ୍ତୋଳନ ପାଇଁ ଏଗୁଡିକର ଡିଜାଇନ୍ ପ୍ରସ୍ତୁତ କରାଯାଇଛି।

୨୦୦୩ ଅଗଷ୍ଟ ୨୫ରେ ସ୍ପିଜରକୁ ମହାକାଶକୁ ପଠାଯାଇଥିଲା। ଏହା ୨.୫ ବର୍ଷ କାର୍ଯ୍ୟ କରିବ ବୋଲି ଧରି ନିଆଯାଇଥିଲା। କିନ୍ତୁ ଏହି ସ୍ପେସ୍ ଟେଲିସ୍କୋପ୍ ଧାର୍ଯ୍ୟ ଅବଧି ଅପେକ୍ଷା ଅଧିକ ବର୍ଷ ତିଷ୍ଠିପାରିଥିବା ଆମେରିକାର ମହାକାଶ ଗବେଷଣା ସଂସ୍ଥା ପକ୍ଷରୁ କୁହାଯାଇଛି। ଦୀର୍ଘ ୧୫ବର୍ଷ କାର୍ଯ୍ୟ କରିବା ମଧ୍ୟରେ ସ୍ପିଜର ବ୍ରହ୍ମାଣ୍ଡ ସମ୍ପର୍କରେ ବୈଜ୍ଞାନିକଙ୍କୁ ଅନେକ ତଥ୍ୟ ପ୍ରଦାନ କରିଥିବା ନାସା ଆଷ୍ଟ୍ରୋଫିଜିକ୍ସ ଡିଭିଜନ୍ ନିର୍ଦ୍ଦେଶକ ପଲ୍ ହର୍ଜ ପ୍ରକାଶ କରିଛନ୍ତି। ସ୍ପିଜର ବିଭିନ୍ନ ମହାଜାଗତିକ ଘଟଣାବଳୀର ସମ୍ପୂର୍ଣ୍ଣ ସ୍ପଷ୍ଟଚିତ୍ର ପଠାଇବାରେ ସମର୍ଥ ହୋଇଛି। ଏହା ଦୀର୍ଘ ୧୫ବର୍ଷ ମଧ୍ୟରେ ୧,୦୬,୦୦୦ ଘଣ୍ଟା ପର୍ଯ୍ୟବେକ୍ଷଣ ଜାରି ରଖିଥିଲା। ପର୍ଯ୍ୟବେକ୍ଷଣ କାଳରେ ବ୍ରହ୍ମାଣ୍ଡରେ କେତେକ ଗାଲାକ୍ସିର ସ୍ପଷ୍ଟଚିତ୍ର ଉତ୍ତୋଳନ କରିବା ସହିତ ଶନିର ଚତୁର୍ଦ୍ଦିଗରେ ଏକ ନୂଆ ବଳୟ ଠାବ କରିଥିଲା।

### ଇତିହାସର ଆଇନାରେ

### ଅଗଷ୍ଟ ୨୭ର ପ୍ରମୁଖ ଘଟଣା

୧୮୯୭ ଅଗଷ୍ଟ ୨୭ରେ ବ୍ରିଟେନ୍ ଓ ଜାଞ୍ଜିବର ମଧ୍ୟରେ ଆଙ୍ଗ୍ଲୋ-ଜାଞ୍ଜିବର ଯୁଦ୍ଧ ଘଟିଥିଲା। ଏହି ମାତ୍ର ୪୦ ମିନିଟ୍ ପାଇଁ ଘଟିଥିବା ଯୋଗୁ ଏହାକୁ ବିଶ୍ୱ ଇତିହାସର କ୍ଷୁଦ୍ରତମ ଯୁଦ୍ଧ ବୋଲି କୁହାଯାଏ।

୨୦୦୦ ମସିହା ଅଗଷ୍ଟ ୨୭ରେ ରୁଷିଆର ମସ୍କୋଠାରେ ଥିବା ୫୪୦ ମିଟର ଓସ୍ତାଙ୍କିନୋ ଟାୱାରରେ ଅଗ୍ନିକାଣ୍ଡରେ ୪ ପ୍ରାଣ ହରାଇଥିଲେ। ଅଗ୍ନିକାଣ୍ଡ ପ୍ରଭାବରେ ସମଗ୍ର ମସ୍କୋ ସହରରେ ରେଡିଓ ଓ ଟେଲିଭିଜନ ସେବା ବାଧାପ୍ରାପ୍ତ ହୋଇଥିଲା।

### କେମିତି ରହିବ ଆଜିର ପାଗ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ଅଧିକାଂଶ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ଘଡ଼ଘଡ଼ି ସହ ବର୍ଷା ମଧ୍ୟ ହୋଇପାରେ। ସୋମବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୮ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ରବିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୨.୬ | ୨୫.୨ |
| ଚାନ୍ଦବାଲି | ୨୯.୫ | ୨୫.୭ |
| କଟକ | ୨୭.୫ | ୨୪.୫ |
| ପାରାଦ୍ୱୀପ | ୨୮.୧ | ୨୬.୩ |
| ଭୁବନେଶ୍ୱର | ୨୬.୪ | ୨୪.୯ |
| ଗୋପାଳପୁର | ୨୭.୦ | ୨୩.୩ |
| ପୁରୀ | ୨୭.୬ | ୨୪.୯ |
| ଅନୁଗୋଳ | ୨୭.୧ | ୨୩.୦ |
| ବାରିପଦା | ୩୨.୬ | ୨୬.୫ |
| ଝାରସୁଗୁଡ଼ା | ୨୯.୫ | ୨୪.୫ |
| କେନ୍ଦୁଝର | ୨୯.୪ | ୨୩.୨ |
| ସମ୍ବଲପୁର | ୨୬.୬ | ୨୧.୩ |
| ସୁନ୍ଦରଗଡ଼ | ୩୨.୦ | ୧୮.୦ |
| ହୀରାକୁଦ | ୨୭.୪ | ୨୦.୫ |
| ତାଳଚେର | ୩୦.୪ | ୨୪.୬ |
| ଭବାନୀପାଟଣା | ୨୪.୦ | ୨୩.୦ |
| ବଲାଙ୍ଗୀର | ୨୪.୫ | ୨୩.୦ |
| କୋରାପୁଟ | ୨୧.୪ | ୧୯.୬ |
| ଫୁଲବାଣୀ | --- | ୧୯.୦ |
| ଟିଟିଲାଗଡ଼ | ୨୭.୫ | ୨୧.୦ |
| ମାଲକାନଗିରି | ୨୬.୫ | ୨୫.୫ |
| ସୋନପୁର | ୨୫.୦ | ୨୧.୬ |
| ଦାରିଙ୍ଗିବାଡ଼ି | ୨୩.୦ | ୧୮.୦ |
| ଢେଙ୍କାନାଳ | --- | ୨୫.୬ |

ଡିଗ୍ରୀ ସେଲ୍‌ସିୟସ୍

## ବିକ୍ରି ହେବ ଆର୍.କେ. ଷ୍ଟୁଡିଓ

**ମୁମ୍ବାଇ:** ବିକ୍ରି ହେବ ଆଇକନିକ୍ ଆର୍.କେ. ଷ୍ଟୁଡିଓ। ପୁନରୁଦ୍ଧାର ସମ୍ଭବ ହୋଇପାରୁ ନ ଥିବାବେଳେ ଷ୍ଟୁଡିଓକୁ ବିକ୍ରି କରିବା ଲାଗି ଏହାର ମାଲିକ କପୁର ପରିବାର ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ମହାରାଷ୍ଟ୍ରର ବମ୍ବେଠାରେ ଥିବା ଏହି ଐତିହାସିକ ଷ୍ଟୁଡିଓ ୭୦ ବର୍ଷ ପୂର୍ବେ ପ୍ରତିଷ୍ଠା କରାଯାଇଥିଲା। ଗତବର୍ଷ ଷ୍ଟୁଡିଓରେ ନିଆଁ ଲାଗିବା ପରେ ଏହାର ବ୍ୟାପକ କ୍ଷତି ହୋଇଥିଲା। ଏହାସହ ଆର୍ଥିକ ଦୃଷ୍ଟିକୋଣରୁ ଏହା ସେତେଟା ଲାଭଦାୟକ ମଧ୍ୟ ନୁହେଁ। ଫଳରେ ଅଗ୍ନିକାଣ୍ଡ ପରେ ଏହାର ପୁନରୁଦ୍ଧାର କରିବା ଲାଗି ଅନିଚ୍ଛା ପ୍ରକାଶ କରି ଷ୍ଟୁଡିଓ ବିକ୍ରି କରିବା ଲାଗି କପୁର ପରିବାର ନିଷ୍ପତ୍ତି ନେଇଥିବା କୁହାଯାଉଛି। ୧୯୪୮ରେ କିମ୍ବଦନ୍ତୀ କଳାକାର ରାଜ କପୁରଙ୍କ ଦ୍ୱାରା ମୁମ୍ବାଇର ଚେମ୍ବୁର ଅଞ୍ଚଳରେ ଏହାର ପ୍ରତିଷ୍ଠା ହୋଇଥିଲା। ଷ୍ଟୁଡିଓର ପୁନରୁଦ୍ଧାର ଲାଗି ଗତବର୍ଷ ଅଭିନେତା ଋଷି କପୁର ଇଚ୍ଛାପ୍ରକାଶ କରିଥିଲେ। କିନ୍ତୁ ଏହା ସମ୍ଭବପର ନୁହେଁ ବୋଲି ତାଙ୍କ ଭାଇ ରଣଧୀର କପୁର କହିଥିଲେ। ଏହି ଐତିହାସିକ ଷ୍ଟୁଡିଓରେ ଅନେକ ବ୍ଲକ୍‌ବଷ୍ଟର୍ ହିନ୍ଦୀ ଫିଲ୍ମ ଶୁଟିଂ ହୋଇଛି। ଆର୍‌କେ ବ୍ୟାନ୍‌ରେ ନିର୍ମିତ ଫିଲ୍ମଗୁଡ଼ିକ ମଧ୍ୟରେ ରହିଛି 'ଆଗ୍', 'ବର୍‌ସାତ୍', 'ଆୱାରା', 'ଶ୍ରୀ ୪୨୦', 'ଜିସ୍ ଦେଶ୍ ମେଁ ଗଙ୍ଗା ବେହ୍‌ତୀ ହେ', 'ମେରା ନାମ୍ ଜୋକର୍', 'ବବି', 'ସତ୍ୟମ୍ ଶିବମ୍ ସୁନ୍ଦରମ୍', 'ରାମ ତେରୀ ଗଙ୍ଗା ମୈଲୀ ହୋ ଗୟୀ'। ଏଠାରେ ଶେଷଥର ପାଇଁ ଋଷି କପୁରଙ୍କ ନିର୍ଦ୍ଦେଶିତ 'ଆ ଅବ୍ ଲୌଟ୍ ଚଲେଁ' ଫିଲ୍ମର ଶୁଟିଂ ହୋଇଥିଲା।




### ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ଅଗଷ୍ଟ ୨୭/୨୦୧୮ | Bhubaneswar, Monday, August 27 / 2018 | ପୃଷ୍ଠା-୧



## ମହିଳା ୪୦୦ ମିଟର ହର୍ଡଲ୍ସ ଫାଇନାଲରେ ଜଉନା

ଏସିଆନ୍ ଗେମ୍ସରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଓଡ଼ିଶାର ଜଉନା ମୁର୍ମୁ ମହିଳା ୪୦୦ ମିଟର ହର୍ଡଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି ।

୧୨

୦୯

## ସୋନାକ୍ଷୀଙ୍କ ସହ କାମ କରିବା ମଜାଦାର: ଡାଏନା

'ହାପି ଫିର୍ ଭାଗ୍ ଜାଏଗି'ରେ ସୋନାକ୍ଷୀଙ୍କ ସହିତ କାମ କରିବା ଖୁବ୍ ମଜାଦାର। ସେ ଖୁବ୍ ସକାରାତ୍ମକ ଏବଂ ବାସ୍ତବବାଦୀ ବୋଲି ଅଭିନେତ୍ରୀ ଡାଏନା ପେଣ୍ଟି ବର୍ଣ୍ଣନା କରିଛନ୍ତି ।




Dutee Chand
Sports Personality
PLEDGE 'PLASTIC-FREE' ODISHA
#PlasticFreeOdisha
ଧରିତ୍ରୀ DHARITRI
TEAM
02 OCTOBER

### ସଂକ୍ଷେପରେ

## ୪ ଆତଙ୍କବାଦୀ ଗିରଫ

**ନୂଆଦିଲ୍ଲୀ,୨୬।୮:** ଜମ୍ମୁ-କଶ୍ମୀରରୁ ନିୟନ୍ତ୍ରଣରେଖା (ଏଲ୍ଓସି) ଦେଇ ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ)କୁ ଫେରୁଥିବା ବେଳେ ରବିବାର ସୁରକ୍ଷା ବଳ ହାତରେ ଧରାପଡ଼ିଛନ୍ତି ୪ ଆତଙ୍କବାଦୀ। ଅନ୍ୟପକ୍ଷରେ ସେମାନଙ୍କୁ ବାଟ ବତାଉଥିବା ୩ ଆତଙ୍କବାଦୀ ଖସିପଳାଇବାରେ ସକ୍ଷମ ହୋଇଥିବା ଜଣେ ସେନା ଅଧିକାରୀ ସୂଚନା ଦେଇଛନ୍ତି। କୁପୱାଡା ଜିଲାର କାଲାରୁସ୍‌ରେ ଅଲ୍ ବଦର୍ ସଙ୍ଗଠନର ୪ ନୂଆ ଆତଙ୍କବାଦୀ ଓ ସେମାନଙ୍କ ୩ ଗାଇଡ୍ ଏଲ୍ଓସି ଡେଇଁ ପିଓକେକୁ ଯିବା ପାଇଁ ଯୋଜନା କରୁଥିବା ସେନାକୁ ଗୋଇନ୍ଦା ସୂଚନା ମିଳିଥିଲା। ସେନା ପକ୍ଷରୁ ରବିବାର ସକାଳେ ତଲାସି ଅଭିଯାନ ଆରମ୍ଭ କରାଯାଇଥିଲା। କିଛି ସମୟର ଗୁଳି ବିନିମୟ ପରେ ୪ ଆତଙ୍କବାଦୀ ଆତ୍ମସମର୍ପଣ କରିଥିଲେ। ହେଲେ ଅନ୍ୟ ୩ ଜଣ ଖସିପଳାଇବାରେ ସକ୍ଷମ ହୋଇଥିଲେ। ଫେରାର ଆତଙ୍କବାଦୀଙ୍କୁ ଧରିବା ପାଇଁ ତଲାସି ଅଭିଯାନକୁ ଜୋରଦାର କରାଯାଇଛି। ଗିରଫ ଆତଙ୍କବାଦୀଙ୍କଠାରୁ ଅସ୍ତ୍ରଶସ୍ତ୍ର ଓ କେତେକ ଆପତ୍ତିଜନକ ସାମଗ୍ରୀ ଜବତ କରାଯାଇଛି।

# ଜନ୍ ମ୍ୟାକ୍‌କେନ୍‌ଙ୍କ ପରଲୋକ

ନ୍ୟୁୟର୍କ/ନୂଆଦିଲ୍ଲୀ, ୨୬।୮(ପି.ଟି.)

ଆମେରିକା ରାଜନୈତିକ ଦୃଶ୍ୟପଟ୍ଟର ବହୁଚର୍ଚ୍ଚିତ ଚେହେରା ତଥା ପ୍ରଭାବଶାଳୀ ପୂର୍ବତନ ସିନେଟର୍ ଜନ୍ ମ୍ୟାକ୍‌କେନ୍‌ଙ୍କ ୮୧ ବର୍ଷ ବୟସରେ ପରଲୋକ ହୋଇଛି। ଭିଏତ୍‌ନାମ ଯୁଦ୍ଧ ହିରୋ ମ୍ୟାକ୍‌କେନ୍ ଦୀର୍ଘଦିନ ହେଲା ଜଟିଳ ମସ୍ତିଷ୍କ କର୍କଟ ରୋଗରେ ପୀଡ଼ିତ ଥିଲେ। ସ୍ଥାନୀୟ ସମୟ ଶନିବାର ଅପରାହ୍ନ ୪ଟା ୨୮ ମିନିଟ୍‌ରେ ଏଠାକାର ଏକ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ହୋଇଥିବା ପରିବାର ପକ୍ଷରୁ ସୂଚନା ଦିଆଯାଇଛି। ୨୦୧୭ରୁ ତାଙ୍କର ଚିକିତ୍ସା ଚାଲିଥିଲା। କିନ୍ତୁ ଶୁକ୍ରବାର ତାଙ୍କ ଶରୀର ଡାକ୍ତରୀ ଉପଚାର ପ୍ରତି ପ୍ରତିକ୍ରିୟାଶୀଳ ହେଉ ନ ଥିବା ପରିବାର ସଦସ୍ୟ ପ୍ରକାଶ କରିଥିଲେ। ଆରିଜୋନା ଆସନରୁ ୬ ଥର ଆମେରିକା ସିନେଟ୍‌ରେ ପ୍ରତିନିଧିତ୍ୱ କରିଥିଲେ

### ଭଲବନ୍ଧୁଙ୍କୁ ହରାଇଲା ଭାରତ: ମୋଦି



ଜନ୍ ମ୍ୟାକ୍‌କେନ୍

ମ୍ୟାକ୍‌କେନ୍। ଭିଏତ୍‌ନାମ ଯୁଦ୍ଧବେଳେ ଜଣେ ଯୁବ ନୌସେନା ଅଧିକାରୀ ଭାବେ ସେ ସାମିଲ ହୋଇଥିଲେ। ଉତ୍ତର ଭିଏତ୍‌ନାମରେ ଗିରଫ ହେବା ପରେ ସେଠାକାର ସେନା ତାଙ୍କୁ ଦୀର୍ଘ ୫ ବର୍ଷ ଯାଏ ଜଟିଳ ନିର୍ଯାତନା ଦେଇଥିଲା। ସେ ଥିଲେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କର ଜଣେ ପ୍ରମୁଖ ସମାଲୋଚକ। ଏପରି କି ତାଙ୍କ ଅନ୍ତିମ ସତ୍କାରରେ ଟ୍ରମ୍ପ ସାମିଲ ହେବେ ନାହିଁ ବୋଲି ମ୍ୟାକ୍‌କେନ୍ ମୃତ୍ୟୁପୂର୍ବରୁ ସ୍ପଷ୍ଟ କରି ଦେଇଥିଲେ। ୨୦୧୬ ନିର୍ବାଚନରେ ଟ୍ରମ୍ପଙ୍କୁ ସେ ଦୃଢ଼ ବିରୋଧ କରିଥିଲେ। ☞ପୃଷ୍ଠା-୨

# ଦମ୍ ଦେଖାଇଲେ ଦୂତୀ

## ମହିଳା ୧୦୦ ମିଟରରେ ଜିତିଲେ ରୌପ୍ୟ ପଦକ

ଭୁବନେଶ୍ୱର, ୨୬।୮(କ୍ରୀଡ଼ା ପ୍ରତିନିଧି)

ଭାରତର ସ୍ପ୍ରିଣ୍ଟ କୁଇନ୍ ଓଡ଼ିଶାର ଦୂତୀ ଚାନ୍ଦ ନିଜ ଜାଜ୍ୱଲ୍ୟମାନ କ୍ୟାରିୟରରେ ଆଉ ଏକ ଫର୍ଦ୍ଦ ଯୋଡ଼ିଛନ୍ତି। ଜାକର୍ତ୍ତାରେ ଚାଲିଥିବା ଏସିଆନ ଗେମ୍ସର ମହିଳା ୧୦୦ ମିଟର ରେସ୍‌ରେ ରୌପ୍ୟ ପଦକ ଜିତି ଦେଶ ଓ ରାଜ୍ୟକୁ ଗର୍ବିତ କରିଛନ୍ତି ଏହି ତାରକା ଆଥଲେଟ୍। ଯୋଗ୍ୟତା ପର୍ଯ୍ୟାୟରେ ୧୧.୩୮, ସେମିଫାଇନାଲରେ ୧୧.୪୩ ସେକେଣ୍ଡ ସମୟ ନେଇଥିବା ଦୂତୀ ଫାଇନାଲ ବେଳକୁ କିନ୍ତୁ ଚମତ୍କାର ପ୍ରଦର୍ଶନ କରି ୧୧.୩୨ ସେକେଣ୍ଡ ସମୟ ସହ ରୌପ୍ୟ ପଦକ ହାସଲ କରିଛନ୍ତି। ଫାଇନାଲରେ ଦୂତୀ ବାହାରିନ୍‌ର ଓଡିଅଙ୍ଗ ଇଡିଡିଅଙ୍ଗଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଇଡିଡିଅଙ୍ଗ ୧୧.୩୦ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଅର୍ଥାତ୍ ୧୧.୨୯ ସେକେଣ୍ଡ ସହ ଜାତୀୟ ରେକର୍ଡର ଅଧିକାରିଣୀ ଦୂତୀ ଯଦି ଶ୍ରେଷ୍ଠ ପ୍ରଦର୍ଶନ ଦେଇ ପାରିଥାନ୍ତେ ତେବେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇ ପାରିଥାନ୍ତେ। ତେବେ



ମହିଳା ୧୦୦ ମିଟର ରେସ୍‌ରେ ଦୀର୍ଘ ୨୦ ବର୍ଷର ପଦକ ଶୂନ୍ୟତାକୁ ଭାଙ୍ଗି ରାଜ୍ୟକୁ ଗର୍ବିତ କରିଛନ୍ତି ଯାଜପୁର ଚକା ଗୋପାଳପୁରର ଦୂତୀ। ଏସିଆନ ଗେମ୍ସର କୌଣସି ବ୍ୟକ୍ତିଗତ ଇଭେଣ୍ଟରେ ଓଡ଼ିଶା ପାଇଁ ଏହା ଶ୍ରେଷ୍ଠ ସଫଳତା। ପୂର୍ବରୁ ୧୯୯୮ ବ୍ୟାଙ୍କକ୍ ଏସିଆନ ଗେମ୍ସରେ ରଚିତା ମିସ୍ତ୍ରି ବ୍ରୋଞ୍ଜ ପଦକ ହାସଲ କରିଥିଲେ। ତାହା ଏପର୍ଯ୍ୟନ୍ତ ଓଡ଼ିଶା ପାଇଁ କୌଣସି ବ୍ୟକ୍ତିଗତ ଇଭେଣ୍ଟରେ ଶ୍ରେଷ୍ଠ ସଫଳତା ହୋଇ ରହିଥିଲା। ସେତେବେଳେ ରଚିତା ୧୧.୪୧ ସେକେଣ୍ଡ ସମୟ ନେଇ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବ୍ୟକ୍ତିଗତଭାବେ ଦେଖିବାକୁ ଗଲେ ଦୂତୀଙ୍କ ପାଇଁ ମଧ୍ୟ ଏହା ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ। ☞ପୃଷ୍ଠା-୨

**ଏସିଆନ ଗେମ୍ସ**

- ଯୋଗ୍ୟତା ପର୍ଯ୍ୟାୟ ୧୧.୩୮ ସେକେଣ୍ଡ
- ସେମିଫାଇନାଲ ୧୧.୪୩ ସେକେଣ୍ଡ
- ଫାଇନାଲ ୧୧.୩୨ ସେକେଣ୍ଡ

### ଆଜିର ସମ୍ପାଦକୀୟ

**ଗ୍ରହଣ କର**

### ଆଜିର ମନ୍ତବ୍ୟ

"ଏକକାଳୀନ ନିର୍ବାଚନକୁ ନେଇ ବିତର୍କ ଗଣତନ୍ତ୍ର ପାଇଁ ସୁସ୍ଥ ସଙ୍କେତ।

-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

# ଥାନାରୁ ଚମ୍ପଟ ଯୁବକଙ୍କ ମୃତ୍ୟୁ

- ପୋଲିସ ମାରିଦେଇଛି: ପରିବାର
- ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକୋ
- ଥାନାଧିକାରୀ ନିଲମ୍ବିତ

ମହାକାଳପଡା/ମାର୍ଶାଘାଇ, ୨୬।୮(ଡି.ଏନ୍.ଏ.)

କେନ୍ଦ୍ରାପଡା ଜିଲା ମହାକାଳପଡା ଥାନା ହାଜତରୁ ଶନିବାର ରାତିରେ ଚମ୍ପଟ ମାରିଥିବା ଅବିନାଶ ପାଇଟାଳ (୨୩)ଙ୍କର ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ରବିବାର ତାଙ୍କ ଝୁଲନ୍ତା ମୃତଦେହ ଥାନାଠାରୁ ମାତ୍ର ୨୦୦ ମିଟର ଦୂରରେ ଥିବା ଜଣେ ବ୍ୟକ୍ତିଙ୍କ ଶିଡି ଘରୁ ଉଦ୍ଧାର କରାଯାଇଛି। ଚୋରି ଅଭିଯୋଗରେ ଅବିନାଶଙ୍କୁ ପୋଲିସ ଧରି ନେଇ ପିଟିପିଟି ମାରି ଦେଇଥିବା ମୃତକଙ୍କ ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ଏହି ଘଟଣାରେ ମହାକାଳପଡା ଥାନା ଅଧିକାରୀ ଶ୍ୟାମଘନ ବେହେରାଙ୍କୁ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଆର.ପି. ଶର୍ମା ରବିବାର ନିଲମ୍ବିତ କରିଛନ୍ତି । ଘଟଣାରେ ସମ୍ପୃକ୍ତ ଅନ୍ୟ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶର୍ମା ନିର୍ଦ୍ଦେଶ ଦେଇଛନ୍ତି।

ପ୍ରକାଶ ଯେ, ଏପ୍ରିଲ ୨୮ରେ ମହାକାଳପଡା ବ୍ଲକ ଚଢେଇଗୁଆଁରେ ଘରଭଡା ନେଇ ରହୁଥିବା ଶାନ୍ତିଲତା ସାମଲଙ୍କ ଘରୁ ୨ଟି ମୋବାଇଲ ଫୋନ, ଗୋଟିଏ ସୁନା ଚେନ, ଗୋଟିଏ ମୁଦି ସହ ୧୧ ହଜାର ଟଙ୍କା ଚୋରି ହୋଇଥିଲା। ଏ ନେଇ ସେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୪୫/୧୮ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ଏହି ଘଟଣାରେ ମାର୍ଶାଘାଇ ଥାନା ଆଦମପୁର ବାଲଣା ଗ୍ରାମର ଅବିନାଶ ଓରଫ ମୂଷାଙ୍କ ସମ୍ପୃକ୍ତି ଥିବା ପୋଲିସ ଜାଣିବା ପରେ ସେ ଫେରାର ହୋଇଯାଇଥିଲେ। ଗତ ଶନିବାର କୌଣସି ସୂତ୍ରରୁ ଖବର ପାଇ ମହାକାଳପଡା ଥାନା ଅଧିକାରୀ ବେହେରାଙ୍କ ନେତୃତ୍ୱରେ ପୋଲିସ ଟିମ୍ ମାର୍ଶାଘାଇ କେନାଲ ବ୍ରିଜ ନିକଟରୁ ଅବିନାଶଙ୍କୁ ଉଠାଇ ଆଣିଥିଲା । ତାଙ୍କୁ ଥାନା ହାଜତରେ ରଖି ଜେରା କରିବା ବେଳେ ସେ ଛାତିରେ ଯନ୍ତ୍ରଣା ଅନୁଭବ କରୁଥିବା କହିଥିଲେ। ପରେ ପୋଲିସ ଅନ୍ୟମନସ୍କତାର ସୁଯୋଗ ନେଇ ହାଜତରୁ କୌଶଳକ୍ରମେ ଖସି ଯାଇଥିଲେ । ରାତିରେ ତାଙ୍କୁ ଖୋଜାଖୋଜି କରିଥିଲେ ମଧ୍ୟ ପୋଲିସ ପତ୍ତା ପାଇ ନ ଥିଲା। ସକାଳେ ଥାନା ନିକଟସ୍ଥ ହଳଧର ମଲ୍ଲିକଙ୍କ ଶିଡିଘରେ ତାଙ୍କ ଝୁଲନ୍ତା ମୃତଦେହ ଦେଖିବାକୁ ମିଳିଥିଲା। ତାଙ୍କ ଗୋଡ ଓ ଯୌନାଙ୍ଗରେ କ୍ଷତ ଚିହ୍ନ ଥିବା ଦେଖିବାକୁ ମିଳିଥିଲା । ପୋଲିସ ତାଙ୍କୁ ହାଜତରେ ରଖିଥିବା ବେଳେ ନିଷ୍ଠୁର ମାଡ ମାରିବାରୁ ମୃତ୍ୟୁ ଘଟିଥିବା ଓ ଏହାକୁ ଆତ୍ମହତ୍ୟାର ରୂପ ଦେବା ପାଇଁ ମୃତ୍ୟୁ ପରେ ☞ପୃଷ୍ଠା-୨

# ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ ବ୍ୟବସ୍ଥା ଶୀଘ୍ର

ପୁରୀ ଅଫିସ,୨୬।୮

ଶ୍ରୀଜଗନ୍ନାଥ ମନ୍ଦିରରେ ଶୀଘ୍ର ଆରମ୍ଭ ହେବ ଧାଡି ଦର୍ଶନ ବ୍ୟବସ୍ଥା। ଏହି ବ୍ୟବସ୍ଥା ଅନୁଯାୟୀ ଶ୍ରୀମନ୍ଦିର କାର୍ଯ୍ୟାଳୟଠାରୁ ଧାଡି ଆରମ୍ଭ ହେବ। ଭକ୍ତମାନେ ସିଂହଦ୍ୱାରରେ ପ୍ରବେଶ କରି ଅନ୍ୟ ଦ୍ୱାର ଦେଇ ବାହାରିବେ। ୨୮ ତାରିଖରୁ ପରୀକ୍ଷାମୂଳକ ଭାବେ ଏହା ଆରମ୍ଭ ହେବାର ସମ୍ଭାବନା ରହିଛି। ଏଥିଲାଗି ବ୍ୟାରିକେଡ ନିର୍ମାଣ ସହ ଆନୁଷଙ୍ଗିକ ବ୍ୟବସ୍ଥା ସେବା ବିଧିବଦ୍ଧ ଭାବେ କାର୍ଯ୍ୟକାରୀ କରାଯିବ। ରବିବାର ସନ୍ଧ୍ୟାରେ ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ ୩ ଜଣିଆ ବିଶେଷଜ୍ଞ କମିଟି ଶ୍ରୀମନ୍ଦିର ଦର୍ଶନ ବ୍ୟବସ୍ଥା ସଂକ୍ରାନ୍ତରେ ଅନୁଧ୍ୟାନ କରିବା ପରେ ଏ ସଂକ୍ରାନ୍ତରେ ସୂଚନା ମିଳିଛି।

ଶ୍ରୀମନ୍ଦିରରେ ସଂସ୍କାର ଓ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ନେଇ ସୁପ୍ରିମକୋର୍ଟ ତାଙ୍କ ରାୟରେ ଅନେକ ପରାମର୍ଶ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ସୁପ୍ରିମକୋର୍ଟରେ ରିପୋର୍ଟ ଦାଖଲ ପାଇଁ ଆଉ ୫ଦିନ ବାକି ରହିଥିବାବେଳେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ପୂର୍ବତନ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ୩ଜଣିଆ ବିଶେଷଜ୍ଞ କମିଟି ରବିବାର ସନ୍ଧ୍ୟାରେ ଆସି ଶ୍ରୀମନ୍ଦିର ଦର୍ଶନ ବ୍ୟବସ୍ଥା ଅନୁଧ୍ୟାନ କରିଛନ୍ତି। ଶ୍ରୀମନ୍ଦିର ପରିସର ଏବଂ ଶ୍ରୀମନ୍ଦିର ବାହାର ଚତୁଃପାର୍ଶ୍ୱ ସ୍ଥିତି ପରଖିଛନ୍ତି। ବିଶେଷକରି ଗହଳି ସମୟରେ ଅର୍ଥାତ୍ ପର୍ବପର୍ବାଣି ଦିନମାନଙ୍କରେ ଦର୍ଶନ ବ୍ୟବସ୍ଥା କିଭଳି ହେବ, ଦକ୍ଷିଣ ଓ ପଶ୍ଚିମ ଦ୍ୱାର ଦେଇ ଭକ୍ତଙ୍କ ପ୍ରବେଶ ହୋଇପାରିବ କି ନାହିଁ, ଧାଡି ଦର୍ଶନରେ ନାଟମଣ୍ଡପ ଓ ଜଗମୋହନରେ କ'ଣ ବ୍ୟବସ୍ଥା ଗ୍ରହଣ କରାଯାଇ ପାରିବ ତାହାର ଟିକିନିଖି ଅନୁଧ୍ୟାନ କରିଛନ୍ତି ।

ସେହିଭଳି ଭିଆଇପିମାନଙ୍କ ପାଇଁ ଟିକେଟ ଦର୍ଶନ ବ୍ୟବସ୍ଥା ହେବ। ☞ପୃଷ୍ଠା-୨

**ସୁପ୍ରିମକୋର୍ଟ ରାୟ ପ୍ରସଙ୍ଗ**

- ଅନୁଧ୍ୟାନ କଲା ବିଶେଷଜ୍ଞ କମିଟି
- ୨୮ରୁ ପରୀକ୍ଷାମୂଳକ ଭାବେ ଆରମ୍ଭ ହୋଇପାରେ


muthootfinance.com
"ଲାଇଫ୍ ରେ ଆଗକୁ ବଢ଼ନ୍ତୁ"
ସୁଧ ଦର ରେ 5% କ୍ୟାସ ବ୍ୟାକ୍ ଅଫର୍*
*ସର୍ତ୍ତ ଲାଗୁ।
1800 313 1212
Muthoot Finance
A Muthoot M George Enterprise | Since 1887

BISHANDAYAL JEWELLERS
BIS: 916
Sriya Square, Bhubaneswar
Deals in :
Gold, Diamond & Silver
Gold 24 CT - ₹ 30,500/- 10gm.
Gold 22 CT - ₹ 29,500/- 10gm.
Silver Rate - ₹ 380/- / 10gm.
Making Charge - ₹ 100/- onwards / 1gm.
Condition Apply
Lowest gold Rate & Making Charges

NECC NATIONAL EGG CO-ORDINATION COMMITTEE 26.08.2018
Vencobb FRESH CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 59 | 105 | 115 |
| CTC | 59 | 105 | 115 |
| DKL | 60 | 106 | 116 |
| BDK | 62 | 109 | 119 |
| BLS | 62 | 109 | 119 |
| ANG | 62 | 109 | 119 |

*Conditions Apply
Eggs Retail Price- 43/-Dozen
Issued in the Interest of Consumers

### ମହାପ୍ରଭୁ ପିନ୍ଧିଲେ ରାଖୀ

୩

### କିଛି ତଥ୍ୟ

୨୦୧୭-୧୮ ଆର୍ଥିକ ବର୍ଷରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଅନ୍ତର୍ଗତ ଚାଇଲ୍‌ଡଲାଇନ୍ ଶିଶୁଙ୍କୁ ନିର୍ଯାତନା ସମ୍ପର୍କିତ ପାଖାପାଖି ୮୦ ହଜାର ଫୋନ୍ କଲ୍ ଗ୍ରହଣ କରିଛି।

-ଚାଇଲ୍ଡଲାଇନ୍ ଇଣ୍ଡିଆ

## କେନ୍ଦ୍ରରେ ଖାଲିପଡ଼ିଛି ବହୁ ପ୍ରଶାସନିକ ପଦବୀ

# ବାବୁ ମରୁଡ଼ିରୁ ବିକାଶରେ ବାଧା

ନୂଆଦିଲ୍ଲୀ,୨୬।୮

ବିଭିନ୍ନ ମନ୍ତ୍ରଣାଳୟରେ ବାବୁ ମରୁଡ଼ି ଦେଖାଦେଇଛି। କେନ୍ଦ୍ର ସରକାରଙ୍କ ଅଧୀନରେ 'ଏ' ଗ୍ରେଡ୍‌ର ୧୫,୨୮୪ ଏବଂ 'ବି' ଗ୍ରେଡ୍‌ର ୨୬,୩୧୦ ପଦବୀ ଖାଲି ପଡ଼ିଛି। ଏହି ଉଚ୍ଚ ପ୍ରଶାସନିକ ପଦବୀଗୁଡ଼ିକ ପୂରଣ ହୋଇ ପାରୁ ନ ଥିବାରୁ ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ବିକାଶ କାର୍ଯ୍ୟ ପାଇଁ ନିଷ୍ପତ୍ତି ନେବାରେ ବିଳମ୍ବ ହେଉଛି। ଫଳରେ ଉନ୍ନୟନମୂଳକ କାର୍ଯ୍ୟଗୁଡ଼ିକ ସମ୍ପୂର୍ଣ୍ଣ ହୋଇପାରୁ ନାହିଁ।

କାର୍ମିକ ଓ ପ୍ରଶିକ୍ଷଣ ବିଭାଗ ସୂତ୍ରରୁ ମିଳିଥିବା ସୂଚନାନୁସାରେ, ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗରେ ବହୁସଂଖ୍ୟକ ପଦପଦବୀ ଖାଲି ପଡ଼ିଛି। ତନ୍ମଧ୍ୟରେ ରହିଛି ୧,୪୪୯ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ଏବଂ ୯୭୦ ଭାରତୀୟ ପୋଲିସ ସେବା (ଆଇପିଏସ୍) ଅଧିକାରୀ ପଦବୀ। ଗ୍ରୁପ୍ 'ଏ' ବର୍ଗର ୧୧୭,୨୮୫ ପଦବୀ ମଞ୍ଜୁର ହୋଇଥିବାବେଳେ ବର୍ତ୍ତମାନ ୧୦୧,୯୦୧ କର୍ମଚାରୀ ରହିଛନ୍ତି। ସେହିପରି ଗ୍ରୁପ୍ 'ବି' ବର୍ଗର ମଞ୍ଜୁର ପଦବୀ ସଂଖ୍ୟା ୧୩୬,୦୭୯ ହୋଇଥିବାବେଳେ ସେଥିରୁ ୧୦୯,୭୬୯ କର୍ମଚାରୀ ନିଯୁକ୍ତ ଅଛନ୍ତି। ଅର୍ଥାତ୍ 'ଏ' ଗ୍ରେଡ୍‌ର ୧୫,୨୮୪ ଏବଂ 'ବି' ଗ୍ରେଡ୍‌ର ୨୬,୩୧୦ ଗେଜେଟେଡ୍ ଅଧିକାରୀ ପଦବୀ ଖାଲିପଡ଼ିଛି।



ପ୍ରାୟ ସବୁ ରାଜ୍ୟ କ୍ୟାଡରର ଆଇଏଏସ୍ ଏବଂ ଆଇପିଏସ୍ ଅଧିକାରୀ ସ୍ତରରେ ପଦବୀ ଖାଲିପଡ଼ିଛି। ସେଥିମଧ୍ୟରୁ ଉତ୍ତରପ୍ରଦେଶ(ୟୁପି), ବିହାର, ଆନ୍ଧ୍ରପ୍ରଦେଶ, ତାମିଲନାଡୁ, ଝାଡ଼ଖଣ୍ଡ ଓ କର୍ଣ୍ଣାଟକରେ ଏହି ସମସ୍ୟା ସବୁଠୁ ଅଧିକ। ୟୁପିରେ ୬୨୧, ବିହାର ୩୪୨ ଓ ଝାଡ଼ଖଣ୍ଡରେ ୨୧୫ ଆଇଏଏସ୍ ପଦବୀ ପାଇଁ ମଞ୍ଜୁର ହୋଇଛି। ହେଲେ ସେଠାରେ ଯଥାକ୍ରମେ ୫୧୧, ୨୩୫ ଓ ୧୪୦ ଆଇଏଏସ୍ ଅଧିକାରୀ ନିଯୁକ୍ତ ଅଛନ୍ତି। ଅନୁରୂପ ଭାବେ ତାମିଲନାଡୁରେ ୩୭୬ ଆଇଏଏସ୍ ପଦବୀ ମଞ୍ଜୁର ହୋଇଥିବାବେଳେ ୩୧୩ ଏବଂ କର୍ଣ୍ଣାଟକରେ ୩୧୪ରୁ ୨୨୦ ଅଧିକାରୀ ରହିଛନ୍ତି। ଏତେ ସଂଖ୍ୟାର ଅଭାବ ସତ୍ତ୍ୱେ ନିଯୁକ୍ତି ପ୍ରଦାନକାରୀ ସଂସ୍ଥା କେନ୍ଦ୍ରୀୟ ଲୋକ ସେବା ଆୟୋଗ(ୟୁପିଏସ୍‌ସି) ପକ୍ଷରୁ ମୋଟ ୭୮୨ ଆଇଏଏସ୍, ଆଇଏଫ୍ଏସ୍ ଏବଂ ଆଇପିଏସ୍ ଅଧିକାରୀଙ୍କ ନିଯୁକ୍ତି ନେଇ ଗତ ଫେବୃୟାରୀରେ ପ୍ରକାଶିତ ଏକ ବିଜ୍ଞପ୍ତିରେ ଘୋଷଣା କରାଯାଇଥିଲା। ଗତବର୍ଷ ମୋଟ ୯୮୦ ଅଧିକାରୀଙ୍କୁ ନିଯୁକ୍ତି ଦେଇଥିବା ୟୁପିଏସ୍‌ସି ପକ୍ଷରୁ ଘୋଷଣା କରାଯାଇଥିଲା, ଯାହାକି ବିଗତ ୫ ବର୍ଷରେ ସବୁଠୁ କମ। ☞ପୃଷ୍ଠା-୨

# ୨୪ ଘଣ୍ଟା ପ୍ରବଳ ବର୍ଷିବ

- ଘନୀଭୂତ ହେଲା ଲଘୁଚାପ
- ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା

ଭୁବନେଶ୍ୱର, ୨୬।୮ (ବ୍ୟୁରୋ)

ପଶ୍ଚିମବଙ୍ଗ ଏବଂ ଉତ୍ତର ଓଡ଼ିଶାର ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଘନୀଭୂତ ହୋଇଛି। ରବିବାର ରାତି ସାଢେ ୮ଟା ସୁଦ୍ଧା ଲଘୁଚାପ ଘନୀଭୂତ ହୋଇ ଉତ୍ତର ଉପକୂଳ ଓଡ଼ିଶା ପାଖାପାଖି ପଶ୍ଚିମବଙ୍ଗ ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ରହିଛି। ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ କେତେକ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

ରବିବାରରୁ ସୋମବାର ସକାଳ ସାଢେ ୮ଟା ମଧ୍ୟରେ ୭ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସହ ବଜ୍ରପାତ ହେବ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି। ସେସବୁ ଜିଲାଗୁଡିକ ହେଲା, କଳାହାଣ୍ଡି, କନ୍ଧମାଳ, କୋରାପୁଟ, ଗଞ୍ଜାମ, ବରଗଡ, ସମ୍ବଲପୁର ଏବଂ ଦେବଗଡ। ସେହିପରି ଏହାର ପରବର୍ତ୍ତି ୨୪ ଘଣ୍ଟା ଅର୍ଥାତ ସୋମବାର ସକାଳ ସାଢେ ୮ଟାରୁ ମଙ୍ଗଳବାର ସକାଳ ସାଢେ ୮ଟା ଭିତରେ ବରଗଡ, ଝାରସୁଗୁଡା, ସୁନ୍ଦରଗଡ, ନୂଆପଡା, ନବରଙ୍ଗପୁର, ସମ୍ବଲପୁର ଏବଂ କେନ୍ଦୁଝର ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ସହ ବଜ୍ରପାତ ହେବ। ଏଥିସହିତ ଉତ୍ତର ଓଡ଼ିଶାର ☞ପୃଷ୍ଠା-୨

## ପାଠିକା/ପାଠକଙ୍କ ପାଇଁ ସୂଚନା

କିଛିସ୍ଥାନରେ ପାଠିକା/ପାଠକମାନେ ପ୍ରତିଦିନ ଧରିତ୍ରୀ ଖବରକାଗଜ ପାଇବାରେ ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାପଡ଼ିଛି। ପାଠିକା/ପାଠକମାନଙ୍କୁ ଆମର ଅନୁରୋଧ ଯେ, ସେମାନେ ନିଜ ଖବରକାଗଜ ବିତରକଙ୍କୁ ଧରିତ୍ରୀ ଦେବା ପାଇଁ ଦାବି କରନ୍ତୁ। ତଥାପି ଧରିତ୍ରୀ ନିୟମିତ ନ ପାଇଲେ ନିମ୍ନଲିଖିତ ମୋବାଇଲ ଫୋନ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ। ଧରିତ୍ରୀ ପରିଚାଳନା କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏ ଦିଗରେ ଯଥାଶୀଘ୍ର ପଦକ୍ଷେପ ନିଆଯିବ।

୯୪୩୭୦୦୯୪୪୧, ୯୯୩୭୬୧୨୮୪୧



ଚୋରା ନିଶାଦ୍ରବ୍ୟ କାରବାର ପାଇଁ ଆମେରିକାର ଏକ ରେଷ୍ଟୁରାଣ୍ଟରେ ଡ୍ରଗ୍ସ ମାଫିଆ କରିଥିବା ୬ ଶହ ଫୁଟ ଲମ୍ବ ସୁଡ଼ଙ୍ଗକୁ ସିଲ୍ କରିଛି ପୋଲିସ। ଏହି ସୁଡ଼ଙ୍ଗ ଆରିଜୋନାସ୍ଥିତ ଏହି ରେଷ୍ଟୁରାଣ୍ଟରୁ ଆରମ୍ଭ ହୋଇ ମେକ୍ସିକୋ ସୀମାରେ ଶେଷ ହୋଇଥିବା ପୋଲିସ ସୂଚିତ କରିଛି। ରେଷ୍ଟୁରାଣ୍ଟ ମାଲିକ ଡ୍ରଗ୍ସ ସହିତ ଧରାପଡ଼ିବା ପରେ ତଦନ୍ତ ସମୟରେ ଏ ସମ୍ପର୍କରେ ସୂଚନା ମିଳିଥିଲା।


## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଆଦି
ପରିବାରବର୍ଗ


ପ୍ରୀତି
ପରିବାରବର୍ଗ


ଶର୍ଭାରିଶ
ପରିବାରବର୍ଗ


ଶୋହନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ମାଛକୁଣ୍ଡ ଡ୍ୟାମ୍‌ର ୪ ଗେଟ୍ ଖୋଲିଲା

କୋରାପୁଟ,୨୬।୮(ସ୍ୱ.ପ୍ର.)-କୋରାପୁଟ ଜିଲାରେ ବର୍ତ୍ତମାନ ପ୍ରବଳ ବର୍ଷା ଜାରି ରହିଥିବାବେଳେ ମାଛକୁଣ୍ଡ ଜଳବିଦ୍ୟୁତ ପ୍ରକଳ୍ପର ଡି ଡ୍ୟାମରେ ଜଳସ୍ତର ୨୭୮୯ ଫୁଟକୁ ବୃଦ୍ଧି ପାଇଛି। ଫଳରେ ରବିବାର ସକାଳ ୧୦ଟାରୁ ଅପରାହ୍ଣ ୧ଟା ୩୦ ଭିତରେ ପ୍ରକଳ୍ପ କର୍ତ୍ତୃପକ୍ଷ ୪ଟି ଗେଟ୍ ଖୋଲିଛନ୍ତି। ଡି ଡ୍ୟାମର ୫, ୬, ୭ ଓ ୮ ନମ୍ବର ଗେଟ୍ ଖୋଲାଯାଇ ପ୍ରତି ମିନିଟରେ ୧୬ ହଜାର କ୍ୟୁସେକ ଜଳ ନିଷ୍କାସନ କରାଯାଉଛି। ଡି ଡ୍ୟାମର ବିପଦସଙ୍କେତ ୨୭୨୦ ଫୁଟ ରହିଥିବା ବେଳେ ରବିବାର ଏହି ଜଳସ୍ତର ୨୭୮୯ ଫୁଟ ରହିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜିର ଚନ୍ଦ୍ର ଶତଭିଷା ନକ୍ଷତ୍ରରେ ରହି ମନରେ ଧାର୍ମିକ ଭାବନା ଉଦ୍ରେକ କରିବେ। ସକାଳୁ ସକାଳୁ ପ୍ରତିପଦ ଯାତ୍ରା କରିବାର ଅପୂର୍ବ ସୁଯୋଗ ଲାଭ କରିପାରନ୍ତି। କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ପୂରା ଦମରେ କରିବା ପାଇଁ ନିଷ୍ପତ୍ତି ନେବେ ଓ ସମ୍ପନ୍ନ ମଧ କରିବେ। ବନ୍ଧୁମାନଙ୍କ ସହ ଖୁସି ମିଜାଜରେ ସମୟ ଅତିବାହିତ ହେବ।

**ବୃଷ** ଶନି କର୍ମସ୍ଥାନକୁ ଦେଖିଲେ ମଧ କେତୁ ନକ୍ଷତ୍ରସ୍ଥ ହେତୁ କାମଗୁଡ଼ିକ ସୁବିଧାରେ ସମ୍ପନ୍ନ ନ ହୋଇପାରେ। ପରିବାର ଚାପର ସମ୍ମୁଖୀନ ହୋଇ ମୂଳଲକ୍ଷ୍ୟକୁ ପାସୋରି ଦେଇ ପାରନ୍ତି। କଳା, ସାହିତ୍ୟ, ନୃତ୍ୟ,ସଙ୍ଗୀତ, ଲେଖାପଢ଼ା, ଗବେଷଣା କ୍ଷେତ୍ରରେ ବେଶ୍ ଆଦୃତ ହେବେ। ସ୍ୱାସ୍ଥ୍ୟ ସମସ୍ୟା ନେଇ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି।

**ମିଥୁନ** ସ୍ୱନକ୍ଷତ୍ରସ୍ଥ ବୁଧ ଧନସ୍ଥାନରେ ରାହୁଯୁକ୍ତ ହେତୁ ବନ୍ଧୁଙ୍କ ପ୍ରେରଣା ଓ ପରାମର୍ଶରେ ଅର୍ଥ ସମ୍ପର୍କିତ ସମସ୍ୟାର ସମାଧାନ କରିବେ। କର୍ମକ୍ଷେତ୍ରରେ ସ୍ଥଗିତ ରହିଥିବା କାମଗୁଡ଼ିକୁ ପୂର୍ଣ୍ଣ କରିବା ସକାଶେ ଦୃଢ଼ ପଦକ୍ଷେପ ନେଇ ପାରନ୍ତି। ନୂତନ ଗୃହ, ଯାନବାହନ କିଣିବା ସକାଶେ ମନ ବଳାଇ ପାରନ୍ତି। ଆତ୍ମୀୟମାନଙ୍କ ସହଯୋଗରେ ଦୂରଯାତ୍ରା କରିପାରନ୍ତି।

**କର୍କଟ** ବିଶାଖା ନକ୍ଷତ୍ରରେ ବୃହସ୍ପତି ରାଶିର ଚତୁର୍ଥସ୍ଥ ହୋଇ ପାରିବାରିକ ଓ କର୍ମକ୍ଷେତ୍ର ସମସ୍ୟା ସମାଧାନରେ ସାହାଯ୍ୟ କରିବେ। ସଭାସମିତି, ଆନୁଷ୍ଠାନିକ କାମ ଓ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଫଳପ୍ରଦ ହେବ। ଶିଳ୍ପ, ହୋଟେଲ ବ୍ୟବସାୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ। ପାରିବାରିକ ଶାନ୍ତି ଅବ୍ୟାହତ ରଖିବାକୁ ଚେଷ୍ଟା କରି ସଫଳ ହେବେ।

**ସିଂହ** ରାଶ୍ୟାଧିପ ରବି ସ୍ୱଗୃହସ୍ଥ ହେଲେ ମଧ ପାପଗ୍ରହ କେତୁଯୁକ୍ତ କାରଣରୁ କାମଗୁଡ଼ିକ ଗୋଳମାଳିଆ ରହିବ। ଭୁଲ୍ ବୁଝାମଣା କାରଣରୁ ପାରିବାରିକ ଜୀବନରେ କଳହର ଆଶଙ୍କା ରହିଛି। ପ୍ରତ୍ୟେକ କ୍ଷେତ୍ରରେ ଆତ୍ମୀୟଙ୍କ ସାହାଯ୍ୟ ଆଶାକରି ନିରାଶ ହେବାକୁ ପଡ଼ିପାରେ। ପିଲାମାନଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ସମ୍ପର୍କିତ ସମସ୍ୟା ମନକୁ ଭାରାକ୍ରାନ୍ତ କରିପାରେ।

**କନ୍ୟା** ଧନଭାଗ୍ୟାଧିପ ଶୁକ୍ର ନୀଚସ୍ଥ ହୋଇ ତୃତୀୟ ଅଷ୍ଟମାଧିପତି ନକ୍ଷତ୍ରରେ ରହିଥିବାରୁ କୌଣସି କାମ ସହଜ ଓ ଶୃଙ୍ଖଳିତ ଭାବରେ ହୋଇପାରିବ ନାହିଁ। ପରିବାରରେ ଅନ୍ୟମାନଙ୍କ କଥାକୁ ପ୍ରାଧାନ୍ୟ ନ ଦେଇ ନିଜ ବିଚାରବୁଦ୍ଧି ଅନୁଯାୟୀ କାମ କରିବା ଭଲ ହେବ। କୁଟୀରଶିଳ୍ପ, ଆମଦାନୀ କାରବାର ପ୍ରାୟତଃ ଭଲରେ ଚାଲିବ।

**ତୁଳା** ଧନସପ୍ତମାଧିପତି ମଙ୍ଗଳ ମିତ୍ର ରବିଙ୍କ ନକ୍ଷତ୍ରସ୍ଥ ହେତୁ ଆଜି ଯାହା କରିବାକୁ ଯାଉଛନ୍ତି ସେଥିରେ ସଫଳତା ଅବଶ୍ୟମ୍ଭାବୀ। ନୀଚରାଶିସ୍ଥ ଶୁକ୍ର ବ୍ୟୟଭାବରେ ରହିଥିବାରୁ ଶାରୀରିକ ସ୍ୱାସ୍ଥ୍ୟ ସମସ୍ୟା ବୃଦ୍ଧି ପାଇବା ଜନିତ ମାନସିକ ସ୍ଥିରତା ଠିକ୍ ରହି ନ ପାରେ। ଈର୍ଷାପରାୟଣ ବନ୍ଧୁମାନେ ସାଧାରଣ କଥାକୁ ଅତିରଞ୍ଜିତ କରି ଅପପ୍ରଚାର ଚଳାଇ ପାରନ୍ତି।

**ବିଛା** ଆଜି ସାତୋଟି ସ୍ଥାନରେ ଗ୍ରହମାନେ ଦାମିନୀ ଯୋଗ ସୃଷ୍ଟି କରୁଥିବାରୁ ଆନୁଷଙ୍ଗିକ ସହଯୋଗ ଲାଭକରି କାମ ହାସଲ କରିବେ। ବ୍ୟବସାୟ ଦିଗଟି ମନ୍ଦ ହେବନି, ମାତ୍ର ଋଣ ପରିଶୋଧ କରିବା ଦିଗରେ ସଫଳତା ପାଇବେ ନାହିଁ। ପିଲାମାନଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ହେବେ। କେତେକ କ୍ଷେତ୍ରରେ ପରିସ୍ଥିତିକୁ ସମ୍ଭାଳିବା କଷ୍ଟକର ହୋଇପାରେ।

**ଧନୁ** ଅଷ୍ଟମାଧିପତି ତୃତୀୟରେ ଶନିଙ୍କ ଦୃଷ୍ଟିରେ ରହିଥିବାରୁ କୌଣସି ପଡ଼ୋଶିନୀ କିମ୍ବା ବିଜାତୀୟ ମହିଳାଙ୍କ ଦ୍ୱାରା ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଆକସ୍ମିକ ଆବଶ୍ୟକତାକୁ ପୂରଣ କରିବା ଦିଗରେ ସମ୍ପର୍କୀୟ ଜଣେ ବନ୍ଧୁ ଆର୍ଥିକ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ସଭାସମିତି, ଭ୍ରମଣ, ରାଜନୀତି, ପ୍ରଶାସନ ପାଇଁ ଦିନଟି ଭଲ।

**ମକର** ମଙ୍ଗଳ ଉଚ୍ଚସ୍ଥାନରେ ରହିଥିବାରୁ ପାରିବାରିକ ଜୀବନ ସୁଖ,ସ୍ୱାଚ୍ଛନ୍ଦ୍ୟରେ କଟିବ। ନୂତନ ଯାନବାହନ, ଜମିଜମା, ଗୃହନିର୍ମାଣ, ମୂଲ୍ୟବାନ୍ ଜିନିଷ କ୍ରୟ କରିବା ଦିଗରେ ମନ ବଳାଇବେ। ଶୁଭେଚ୍ଛୁମାନଙ୍କ ନିମନ୍ତ୍ରଣ ପାଇ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ସପ୍ତମାଧିପତି ସ୍ୱଭାବରୁ ଅଷ୍ଟମସ୍ଥ ହେତୁ ସ୍ତ୍ରୀଙ୍କ ସ୍ୱାସ୍ଥ୍ୟହାନି,ପ୍ରତିଦ୍ୱନ୍ଦ୍ୱିତା ଓ ବିବାଦରେ ଅପଦସ୍ଥ ହେବାକୁ ପଡିପାରେ।

**କୁମ୍ଭ** ଚନ୍ଦ୍ରଙ୍କ ପ୍ରଭାବରେ ସମ୍ପର୍କୀୟ ବ୍ୟକ୍ତିମାନେ ମୁହଁରେ ବନ୍ଧୁତ୍ୱର କଥା କହିଲେ ମଧ ପଛରେ ସମାଲୋଚନା ଓ ବିରୁଦ୍ଧାତ୍ମକ କଥା କହିବେ। ଚତୁର୍ଥାଧିପତି ଦୁର୍ବଳ ହେତୁ ପାରିବାରିକ କଳହ ଓ ଭୁଲବୁଝାମଣା ଜନିତ ଅଶାନ୍ତିର ଆଶଙ୍କା ରହିଛି। ବ୍ୟବସାୟ,ପରିବହନ, ମାମଲାମକଦ୍ଦମା, ଦୂରଯାତ୍ରା ଓ ପ୍ରତିଯୋଗିତାରେ ବିଶେଷ ସଫଳତା ମିଳି ନ ପାରେ।

**ମୀନ** ଆଜି କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ହିତୈଷୀମାନଙ୍କ ପରାମର୍ଶ ନେବା ଭଲ ହେବ। କର୍ମକ୍ଷେତ୍ରରେ ଲକ୍ଷ୍ୟହାସଲ ଦିଗରେ ଅନୁଧାବନ କରିପାରନ୍ତି। ପାରିବାରିକ ଜୀବନ, ବାଣିଜ୍ୟ, ବ୍ୟବସାୟ, ବନ୍ଧୁଙ୍କ ଆଲୋଚନା ଓ ସଭାସମିତି ଦିଗରେ ଆଶା ପୂରଣ ହେବାରେ କୌଣସି ପ୍ରତିବନ୍ଧକ ରହିବନାହିଁ।

ଆଜି ଭାଦ୍ରବ କୃଷ୍ଣ ପ୍ରତିପଦା ସୋମବାର, ଅଗଷ୍ଟ ୨୭ ତାରିଖ, ଶ୍ରୀମନ୍ଦିରରେ ଝୁଲଣ ଯାତ୍ରା ଶେଷ, ରାଶି ନକ୍ଷତ୍ର-ଶତଭିଷା/କୁମ୍ଭ, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ୬।୫୧ମି. ମଧ୍ୟେ, ଦିବା ଘ୧।୫୧ମି. ଗତେ ଘ୨।୪୪ମି. ମଧ୍ୟେ, ଘ୪।୪୪ମି. ଗତେ ଘ୬।୨୩ମି. ମଧ୍ୟେ ଅମୃତବେଳା। ଦିବା ଘ୮।୨୯ମି. ଗତେ ଘ୧୦।୦୩ମି. ମଧ୍ୟେ ମାହେନ୍ଦ୍ରବେଳା। ସକାଳ ଘ୭।୦୭ମି. ଗତେ ଘ୮।୪୧ମି. ମଧ୍ୟେ ରାହୁକାଳ।

# ବାଜପେୟୀଙ୍କ ଶ୍ରଦ୍ଧାଞ୍ଜଳି ସଭାକୁ ନେଇ ବୟାନବାଜି

■ ବାଜପେୟୀଙ୍କ ଆଦର୍ଶରେ ଭାଜପା ଚାଲୁନି କହି ବିଜୟଙ୍କ ପରୋକ୍ଷ ଟାର୍ଗେଟ

ଭୁବନେଶ୍ୱର, ୨୬।୮(ବ୍ୟୁରୋ)

ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କୁ ନେଇ ରାଜ୍ୟରେ ଜୋର୍ ଧରିଛି ରାଜନୀତି। ଏକ ବିଶାଳ ଶୋଭାଯାତ୍ରାରେ ଭାଜପା ଦଳୀୟ କାର୍ଯ୍ୟାଳୟଠାରୁ ବାଜପେୟୀଙ୍କ ଅସ୍ଥି ନେଇ ପୁରୀ ମହୋଦଧିରେ ବିସର୍ଜନ କରାଯାଇଥିଲା। ଏହାପରେ ଭାଜପା ପକ୍ଷରୁ ସବୁ ଜିଲାରେ ଥିବା ନଦୀଗୁଡିକରେ ବାଜପେୟୀଙ୍କ ଅସ୍ଥି ବିସର୍ଜନ କାର୍ଯ୍ୟକ୍ରମ କରାଯାଉଛି। ଏହା କେବଳ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି କଂଗ୍ରେସ ଅଭିଯୋଗ କରିଛି। ଅନ୍ୟପଟେ ଭାଜପା ବରିଷ୍ଠ ନେତା ବିଜୟ ମହାପାତ୍ର କହିଛନ୍ତି, କେବଳ ଭାଷଣରେ ନୁହେଁ ବରଂ ବାଜପେୟୀଙ୍କ ଅନୁପ୍ରାଣିତ ହେଲେ ତାଙ୍କ ଆତ୍ମା ଶାନ୍ତି ପାଇବ। ବିଜୟଙ୍କ ଏଭଳି ପରୋକ୍ଷ ଟାର୍ଗେଟ ପରେ ଦଳ ପକ୍ଷରୁ ମଧ ତାଙ୍କୁ ସମାଲୋଚନାର ଶିକାର ହେବାକୁ ପଡିଛି।

ବିଜୟ କହିଛନ୍ତି ଯେ, ଅଟଳ ବିହାରୀ ବାଜପେୟୀ ଜଣେ ମହାନ୍ ବ୍ୟକ୍ତି ଥିଲେ। ସେ ସମସ୍ତଙ୍କୁ ଆପଣାଇ ନେଉଥିଲେ। ତାଙ୍କ ନୀତି ଆଦର୍ଶରେ ସମସ୍ତେ ଚାଲିବା ଆବଶ୍ୟକ। ବାଜପେୟୀଙ୍କ ଶ୍ରଦ୍ଧାଞ୍ଜଳି ସଭା ପାଳନ କରୁଥିବା ବ୍ୟକ୍ତିମାନଙ୍କୁ ଧନ୍ୟବାଦ। କେବଳ ଭାଷଣରେ ନୁହେଁ ବରଂ ବାଜପେୟୀଙ୍କ କାମରେ ଅନୁପ୍ରାଣିତ ହେଲେ ତାଙ୍କ ଆତ୍ମା ଶାନ୍ତି ପାଇବ। ବାଜପେୟୀଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ସବୁ ଦଳର ନେତା ଏକାଠି ହୋଇଥିଲେ। ଏଥିରେ ସମସ୍ତେ ଏକାଠି ହେବା ନେଇ କୌଣସି ରାଜନୈତିକ ସମ୍ପର୍କ ନାହିଁ। ଓଡିଶାର ସ୍ୱାର୍ଥ ପ୍ରସଙ୍ଗରେ ସମସ୍ତେ ଏକାଠି ହେବା ଆବଶ୍ୟକ। ମହାନଦୀ ପ୍ରସଙ୍ଗରେ ସମସ୍ତଙ୍କୁ ଏକାଠି ହେବାକୁ ଅନୁରୋଧ କରିଥିଲୁ। ସେହି ପ୍ରସ୍ତାବରେ ସମସ୍ତେ ରାଜି ହେଲେ, ମାତ୍ର କିଛି ଲୋକଙ୍କ ବିରୋଧାଭାସ ପାଇଁ ତାହା ସଫଳ ହୋଇପାରିଲା ନାହିଁ ବୋଲି ବିଜୟ କହିଛନ୍ତି।

ପୂର୍ବତନ ପିସିସି(ପ୍ରଦେଶ କଂଗ୍ରେସ କମିଟି) ସଭାପତି ଜୟଦେବ ଜେନା କହିଛନ୍ତି, ବାଜପେୟୀଙ୍କୁ ଏମାନେ ସମ୍ପୂର୍ଣ୍ଣଭାବେ ଭୁଲି ଯାଇଥିଲେ। ଏବେ ତାଙ୍କର ବିୟୋଗ ହେବାପରେ ଏମାନେ ଯେଉଁଭଳି କାର୍ଯ୍ୟକ୍ରମ କରୁଛନ୍ତି ତାକୁ ଦେଖିଲେ ଯେ କୌଣସି ଲୋକ କହିବେ ଏହା ଭୋଟ ରାଜନୀତି। ବିଜେଡି ସବୁବେଳେ ସବୁଥିରୁ ରାଜନୈତିକ ଫାଇଦା ନେବାକୁ ପ୍ରୟାସ କରେ। ଯଦି ବାଜପେୟୀଙ୍କ ବିୟୋଗ ପରେ ସେଭଳି ଉଦ୍ଦେଶ୍ୟ ରଖିଥିବ ତେବେ ଏହା ଠିକ୍ ନୁହେଁ ବୋଲି ଜେନା କହିଛନ୍ତି। ବିଜେଡି ବରିଷ୍ଠ ନେତା ତଥା ମନ୍ତ୍ରୀ ଶଶିଭୂଷଣ ବେହେରା କହିଛନ୍ତି, ବାଜପେୟୀ ଜଣେ ସର୍ବମାନ୍ୟ ନେତା। ସବୁ ଦଳର ନେତାମାନଙ୍କର ତାଙ୍କ ପ୍ରତି ସମ୍ମାନ ରହିଛି। ଯଦି ତାଙ୍କ ବିୟୋଗ ପରେ ଶ୍ରଦ୍ଧାଞ୍ଜଳି ସଭା ନାଁରେ ଭାଜପା ନେତାମାନେ ସେଥିରୁ ରାଜନୈତିକ ଫାଇଦା ଗୋଟାଇବାକୁ ପ୍ରୟାସ କରନ୍ତି ତେବେ ସାଧାରଣ ଲୋକମାନେ ଏହାକୁ ଗ୍ରହଣ କରିବେ ନାହିଁ ବୋଲି ବେହେରା କହିଛନ୍ତି। କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ କହିଛନ୍ତି, ଏଭଳି ଅଭିଯୋଗ ଭିତ୍ତିହୀନ ଏବଂ କପୋଳକଳ୍ପିତ ତଥା ମନଗଢା। କଂଗ୍ରେସ ଏବଂ ବିଜେଡି ଯେଉଁ ଅଭିଯୋଗ କରୁଛନ୍ତି ତା'ର କିଛି ମାନେ ନାହିଁ। କେବଳ ସଂକୀର୍ଣ୍ଣମନା ଲୋକେ ହିଁ ଏଭଳି ଅଭିଯୋଗ କରିବେ ବୋଲି ଜୁଏଲ କହିଛନ୍ତି।

## classified

### real estate

### SALE

New residential plotting project near KIIT, developed by SDIPL having 40' main, 30' internal road, eletrification/ boundary wall (Bank finance available) psqft. 1250/-. 9937025614, 9439444251. D-63587

**3BHK duplex 38 Lakh near Balianta, residential plot near KIIT, Jagannath Temple, Trisulia, Trinath Bazar, Janal. 8249065546, 9938340505, 9040033905.** D-63590

Immediate ready for construction land at Rasulgarh near Hitech square (NH-5) @16,20,000/- 9437033320. D-63576

ଭୁବନେଶ୍ୱରର ଅରଗୁଳ **IIT** ନିକଟରେ ଘରଉପଯୋଗି ଜାଗା **sqft.- 180/-ରେ ମିଳୁଛି। Indramani Parida: 9938737955.** D-63586

Bhubaneswar ପିତାପଲ୍ଲିଠାରେ NHରୁ 700 mtr. ଦୂରତାରେ boundary wall campus ମଧ୍ୟରେ 30' ରାସ୍ତା ଥାଇ demarcated sthitiban plot ବିକ୍ରିହେବ। 9337110700, 9692619663. D-63575

Book a 3BHK duplex house at Patia, Bhubaneswar. Having land area 1300 sqft. and 1900 sqft. construction area. Price 78 lakh, Bank finance available. 9078151122. D-64110

ଭୁବନେଶ୍ୱର ପିତାପଲ୍ଲୀ NH-5ରୁ 100' ଦୂରତାରେ BDA yellow zone ପ୍ଲଟ ମିଳୁଅଛି। 9583032439. D-63588

Offer ପିତାପଲ୍ଲି NH-5 side/ Xavier University backside ସୁଲଭ ମୂଲ୍ୟରେ plot. 9438355001. D-63595

### PURCHASE

A reputed realestate company requires land in around Cuttack and Bhubaneswar on basis of outright sharing and marketing contact: 9937816565, 9583944403. D-64104

### GENERAL

### SALE

Skill development food processing training module machinery sale, Bhubaneswar. 9438865754. D-63833

### healthcare

"Ashribad Spa" is reputed ayurvedic clinic provided all type herbal body massage by well trained ladies therapist. Contact: 9040050502. D-64840

Rejuvenate and ayurvedic full body massage by smart therapist. 9114402304. D-64841

Pamper yourself this Mansoon profesional massage contact Purple Orchid. 9776598888. D-64842

G.S Spa herbal full body massage ladies/ gents. 9078429117, 7683840853. D-63072

Ayurvedic full body massage ladies / gents smart expert therapist. 9114697517. D-63043

Experience full body massage with us by experts enquiry. 7377048581. D-64899

Herbal full body massage by smart/ expert therapist. Contact: 8338067247. D-64900

Physiotherapy and Herbal massage by trained ladies/ Gents Therapist- 7008773793. D-63478

BBSR opening newly ayurvedic full body massage ladies & gents. 7438851534, 7609923705. D-38523

All type of massage and good therapy full body massage Sai herbal spa. 7609005923. D-64201

Fully refreshed/ relaxed body massage by expert therapist, Shastrinagar. 7377984773. D-64105

Newly opening ayurvedic body massage in joint pains, smart therapist. 9776383819. D-64106

Newly opening ayurvedic body massage smart therapist, Shree Herbal. 7750020754. D-64107

### ୬ଷ୍ଠ ଜନ୍ମବାର୍ଷିକୀ ଶୁଭେଚ୍ଛା



(ଶ୍ରଦ୍ଧା)

**ସୋନମ୍ ପ୍ରିୟଦର୍ଶିନୀ**
ଖଣ୍ଡିତର, କୁଆଖିଆ, ଯାଜପୁର

ଶୁଭ ଜନ୍ମଦିନ ଅବସରରେ ହାର୍ଦ୍ଦିକ ଶୁଭେଚ୍ଛା। ମା' ସମଲେଇଙ୍କ କୃପାରୁ ତୋର ଆଗାମୀ ଦିନ ମଙ୍ଗଳମୟ ଓ ଦୀର୍ଘ ଜୀବନ ପ୍ରାର୍ଥନା କରୁଛୁ। ଜେଜେମା, ଅଜା, ଆଈ, ବାପା, ମମି, ମାମୁଁ, ବଡ଼ବାପା, ବଡ଼ମା, ଶୁଭେଚ୍ଛା ସହ ବନ୍ଧୁ ଓ ପରିବାରବର୍ଗ। ଧ-୬୨୪୩୫

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### ମାଲକାନଗିରି ବନ୍ୟା ପରିସ୍ଥିତି
## ୩୦ ସୁଦ୍ଧା ରିପୋର୍ଟ ଦେବ ଜିଲା ପ୍ରଶାସନ

ଭୁବନେଶ୍ୱର, ୨୬।୮(ବ୍ୟୁରୋ)- ଚଳିତ ବର୍ଷ ହୋଇଥିବା ବର୍ଷାରେ ମାଲକାନଗିରି ଜିଲା ବହୁଳ ଭାବରେ କ୍ଷତିଗ୍ରସ୍ତ ହୋଇଛି। ଏହି କ୍ଷୟକ୍ଷତିର ପରିମାଣ ପ୍ରାୟ ୧୪ କୋଟି ହେବ ବୋଲି ଆକଳନ କରାଯାଇଛି। ଶନିବାର ରାଜ୍ୟ ସରକାରଙ୍କ ଦୁଇ ମନ୍ତ୍ରୀ ଚନ୍ଦ୍ରସାରଥି ବେହେରା ଏବଂ ରମେଶ ମାଝି ବନ୍ୟାଞ୍ଚଳ ପରିଦର୍ଶନ କରିଛନ୍ତି। ଚଳିତ ମାସ ୩୦ ସୁଦ୍ଧା କ୍ଷୟକ୍ଷତିର ପୂର୍ଣ୍ଣାଙ୍ଗ ରିପୋର୍ଟ ଦେବାକୁ ଜିଲା ପ୍ରଶାସନକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ପ୍ରାଥମିକ ଆକଳନରୁ ୨୧୧ଟି ଘର କ୍ଷତିଗ୍ରସ୍ତ ହୋଇଥିବା ଜଣାପଡିଛି। ପଡିଆ ବ୍ଲକର ପ୍ରାୟ ୧୮୫ ଜଣଙ୍କୁ ସ୍ଥାନାନ୍ତରିତ କରାଯାଇଛି। ୧୨୩୬ ପରିବାରଙ୍କୁ ଖାଦ୍ୟ ଯୋଗାଇ ଦିଆଯିବା ସହ ଅସ୍ଥାୟୀ ଆଶ୍ରୟ ପାଇଁ ପଲିଥିନ୍ ଯୋଗାଇ ଦିଆଯାଇଛି।

# ଆଜିଠୁ ଆରମ୍ଭ 'ମୁଁ ହିରୋ' ଅଭିଯାନ

ଭୁବନେଶ୍ୱର, ୨୬।୮(ବ୍ୟୁରୋ)

ରାଜ୍ୟରେ ସୋମବାରଠାରୁ ଆରମ୍ଭ ହେବ 'ମୁଁ ହିରୋ' ଅଭିଯାନ। ବିଜୁ ଯୁବ ବାହିନୀ ଯୋଜନାରେ ରାଜ୍ୟ ସରକାରଙ୍କ ରାଜ୍ୟବ୍ୟାପୀ ଏହି ଅଭିଯାନ ଖୁବ୍‌ଶୀଘ୍ର ଆରମ୍ଭ ହେଉଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଟକସ୍ଥିତ ଇନ୍‌ଡୋର ଷ୍ଟାଡିୟମ୍‌ରେ ଏହାର ଶୁଭାରମ୍ଭ କରିବା ସହ ଉଦ୍‌ବୋଧନ ଦେବେ। ଗୋଷ୍ଠୀ ଭିତ୍ତିରେ ଯୁବ ନେତୃତ୍ୱ ଓ ସ୍ୱେଚ୍ଛାସେବୀ ସୃଷ୍ଟି କରିବା ଯୋଜନାର ମୂଳ ଲକ୍ଷ୍ୟ ରହିଛି। ୧୫ରୁ ୩୫ ବର୍ଷ ବୟସର ଯୁବତୀ ଯୁବକମାନଙ୍କୁ ଏହି ଅଭିଯାନରେ ସାମିଲ କରାଯାଇଛି। ସାମାଜିକ କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିବା ଯୁବବର୍ଗଙ୍କୁ 'ମୁଁ ହିରୋ' ଭାବେ ସରକାରୀ ସ୍ତରରେ ପୁରସ୍କୃତ କରାଯିବାକୁ ସ୍ଥିର କରାଯାଇଛି। ପଞ୍ଚାୟତ ଏବଂ ପୌରାଞ୍ଚଳରେ ଏ ନେଇ ସରକାର ସଚେତନତା ସୃଷ୍ଟି କରିବେ। ୬ଟି ଭ୍ରାମ୍ୟମାଣ ଯାନ ୪ ମାସ ଭିତରେ ରାଜ୍ୟର ୩୧୪ଟି ବ୍ଲକ ପରିକ୍ରମା କରିବ। ପଥପ୍ରାନ୍ତ ନାଟକ, ସଂଗୀତ, କ୍ରୀଡ଼ା ଆଦି ଜରିଆରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯିବ। ଯୁବବର୍ଗଙ୍କ ମଧ୍ୟରେ ସମ୍ଭାବନା ସୃଷ୍ଟି ସହିତ ଭାବର ଆଦାନପ୍ରଦାନ, ବିକାଶ ପାଇଁ ନୂଆ ଭାବନା ସୃଷ୍ଟି, ସାମାଜିକ ପରିବର୍ତ୍ତନ ଆଣିବା ସହିତ ସେମାନଙ୍କ ସମସ୍ୟାର ସମାଧାନ ପାଇଁ ବାଟ ବାହାର କରାଯିବ ବୋଲି ଏହାର ମାର୍ଗଦର୍ଶିକାରେ ଉଲ୍ଲେଖ ରହିଛି। ତେବେ ଭ୍ରାମ୍ୟମାଣ ସଚେତନତା ଯାନ କେଉଁ ରୁଟ୍‌ରେ ପରିକ୍ରମା କରିବ ତାହା ଚିହ୍ନଟ କରିବାକୁ କୁହାଯାଇଛି। ସେହିପରି କେଉଁଠି ସଚେତନତା କାର୍ଯ୍ୟକ୍ରମ କରାଯିବ ତା'ର ଗାଇଡ୍‌ଲାଇନ୍ ମଧ ସ୍ଥିରୀକୃତ ହୋଇଛି।

### ମନେ ପଡ଼ନ୍ତି

**ଏକାଦଶାହ ଅବସରରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ରଥ ମଲ୍ଲିକ**
ଗ୍ରାମ: କ୍ଷେମେଶ୍ୱର (ବାଲିବିଲ), ଯାଜପୁର
ଆବିର୍ଭାବ: ୧୯୨୭
ତିରୋଧାନ: ୨୦୧୮
ଆପଣଙ୍କ ଅମରାତ୍ମାର ସଦ୍‌ଗତି ନିମନ୍ତେ ଭଗବାନଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ: କୈଳାସ, ପର୍ଶୁରାମ, ଶତ୍ରୁଘନ, ମହେଶ୍ୱର, ଶରତ, ଆରତୀ, ରଞ୍ଜନ, କ୍ରିଷ୍ଣା, ପୂଜା, ସ୍ୱାତୀ, ବନ୍ଧୁ ଓ ପରିବାରବର୍ଗ।
ଧ-୮୦୪୬

## ପ୍ରଥମ ପୃଷ୍ଠାରୁ...

### ଦମ୍ ଦେଖାଇଲେ ...

୨୦୧୭ ଜୁଲାଇ ୬ରୁ ୯ ପର୍ଯ୍ୟନ୍ତ ଭୁବନେଶ୍ୱରରେ ଅନୁଷ୍ଠିତ ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ଦୂତୀ ୧୦୦ ମିଟରରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ।

ଏସିଆନ ଗେମ୍ସରେ ସଫଳତା ପାଇଁ ଦୂତୀଙ୍କୁ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ କ୍ରୀଡ଼ାମନ୍ତ୍ରୀ ଚନ୍ଦ୍ରସାରଥି ବେହେରା ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି। ଦୂତୀ ପାଇଁ ପ୍ରତିଟି ଓଡ଼ିଆ ଗର୍ବିତ ବୋଲି ମୁଖ୍ୟମନ୍ତ୍ରୀ ନିଜ ଶୁଭେଚ୍ଛା ବାର୍ତ୍ତାରେ ପ୍ରକାଶ କରିଛନ୍ତି। ରେସ୍ ପୂର୍ବରୁ ମହିଳା ୧୦୦ ମିଟରରେ ଟାଇଟଲ ଫେଭରାଇଟ ବିବେଚିତ ହେଉଥିବା ଚାଇନାର ୱେଙ୍ଗଲି ୱେଇ କିନ୍ତୁ ୧୧.୩୩ ସେକେଣ୍ଡ ସମୟ ନେଇ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହୋଇଥିଲେ। ବାହାରିନର ହାଜାର ଆଲଖାଲଦି ୧୧.୩୮, ଚାଇନାର ଲିଆଙ୍ଗ ଜିଆଓଜିଙ୍ଗ ୧୧.୪୨, କାଜାଖସ୍ତାନର ଓଲ୍‌ଗା ସାଫ୍ରୋନୋଭା ୧୧.୪୩, ଉଜବେକିସ୍ତାନର ନିଗିନା ଶାରିପୋଭା ୧୧.୪୫ ଓ ମାଲେସିଆର ଜୁଲକିଫଲି ଜାଇଦାତୁଲ ହୁସନିଆ ୧୧.୬୧ ସେକେଣ୍ଡ ସମୟ ନେଇ ପଛକୁ ପଛ ରହିଥିଲେ।

### ୨୪ ଘଣ୍ଟା...

ଗୋଟିଏ କିମ୍ବା ଦୁଇଟି ଜାଗାରେ ପ୍ରବଳ ବର୍ଷା ହେବ। ଏଭଳି ସତର୍କ ସୂଚନା ଜାରି କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର। ଲଘୁଚାପ ଯୋଗୁ ସମୁଦ୍ର ଅଶାନ୍ତ ରହିବ। ଏହି ସମୟରେ ମତ୍ସ୍ୟଜୀବୀମାନେ ସମୁଦ୍ର ଭିତରକୁ ନ ଯିବାକୁ ଆଞ୍ଚଳିକ ପାଣିପାଗ କେନ୍ଦ୍ର କହିଛି। ଲଘୁଚାପ ଯୋଗୁ ମୌସୁମୀ ବାୟୁ ସକ୍ରିୟ ହୋଇଛି। ଫଳରେ ରବିବାର ସକାଳେ ଆକାଶରେ କଳାବାଦଲ ଘୋଟି ଆସିଥିଲା। ଦିନତମାମ ତୁହାକୁ ତୁହା ଝିପିଝିପି ବର୍ଷା ହୋଇଥିଲା। ସେପଟେ ରାଜ୍ୟର କେତେକ ସ୍ଥାନରେ ବର୍ଷା ହୋଇଥିବା ପାଣିପାଗ କେନ୍ଦ୍ର ରେକର୍ଡ କରିଛି। ଅପରାହ୍ଣ ସାଢେ ୫ଟା ସୁଦ୍ଧା ଟିଟିଲାଗଡରେ ସର୍ବାଧିକ ୧୦୫ ମିମି ବର୍ଷା ରେକର୍ଡ କରାଯାଇଛି।

### ଶ୍ରୀମନ୍ଦିରରେ ଧାଡ଼ି ...

ଏହି ଭିଆଇପି ଦର୍ଶନାର୍ଥୀ କେଉଁଦ୍ୱାର ଦେଇ ପ୍ରବେଶ ଓ ପ୍ରସ୍ଥାନ କଲେ ସହଜ ହେବ ତାହାର ତର୍ଜମା କରିଥିଲେ ବିଶେଷଜ୍ଞ ଟିମ୍। ଏପରି କି ଶ୍ରୀମନ୍ଦିର ତିନି ଦ୍ୱାର ନିକଟରେ ଭକ୍ତଙ୍କ ସୁବିଧା ଲାଗି ଶୌଚାଳୟ କରାଯିବ। କାକୁଡିଖାଇ ରାସ୍ତାରେ ଯାନବାହନ ଚଳାଚଳ ବନ୍ଦ କରାଯାଇ ଉକ୍ତ ସ୍ଥାନରେ କେବଳ ପାଦଚଲା ରାସ୍ତା ରଖିବା ଲାଗି ଯୋଜନା ରହିଥିବା କୁହାଯାଉଛି। ଭକ୍ତଙ୍କ ଦର୍ଶନ ଓ ଶ୍ରୀମନ୍ଦିର ସୁରକ୍ଷା ନେଇ ପୋଲିସ ପକ୍ଷରୁ ଏକ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ ହୋଇଛି। ଉକ୍ତ ବ୍ଲୁ ପ୍ରିଣ୍ଟ ଶୀଘ୍ର ପୋଲିସ ପକ୍ଷରୁ କମିଟିକୁ ଦିଆଯିବ ବୋଲି ଜଣାପଡିଛି। ପ୍ରାପ୍ତ ସୂଚନା ଅନୁଯାୟୀ, ଶ୍ରୀମନ୍ଦିର ପରିଚାଳନାଗତ ସଂସ୍କାରକୁ ନେଇ ଓଡିଶା ହାଇକୋର୍ଟର ଆଇନଜୀବୀ ମୃଣାଳିନୀ ପାଢୀ ସୁପ୍ରିମକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ। ଗତ ଜୁନ ୮ ଶୁଣାଣିରେ ସୁପ୍ରିମକୋର୍ଟ ରାଜ୍ୟ ସରକାରଙ୍କୁ ଏକ ବିଶେଷଜ୍ଞ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କମିଟି ବୈଷ୍ଣୋଦେବୀ, ସ୍ୱର୍ଣ୍ଣମନ୍ଦିର ଆଦି ଅନୁଧାନ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ରହିଥିଲା। ରାଜ୍ୟ ସରକାର ପୂର୍ବତନ ମୁଖ୍ୟ ପ୍ରଶାସକ ସୁରେଶ ଚନ୍ଦ୍ର ମହାପାତ୍ର, କେନ୍ଦ୍ରାଞ୍ଚଳ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ ଏବଂ ପୂର୍ବତନ ଶ୍ରୀମନ୍ଦିର ପ୍ରଶାସକ ମହିମୋହନ ତ୍ରିପାଠୀଙ୍କୁ ନେଇ କମିଟି ଗଠନ କରିଥିଲେ। ହେଲେ ରଥଯାତ୍ରା ପାଇଁ ଜୁଲାଇ ୫ ଶୁଣାଣିରେ କମିଟି ରିପୋର୍ଟ ଦାଖଲ କରି ନ ପାରି ସମୟ ନେଇଥିଲା। ଅଗଷ୍ଟ ୩୧ସୁଦ୍ଧା କମିଟି ରିପୋର୍ଟ ଦାଖଲ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଅଗଷ୍ଟ ୧୦ରେ ୩ ଜଣିଆ ବିଶେଷଜ୍ଞ କମିଟି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଜନଶୁଣାଣି କରି ଭକ୍ତ, ସେବାୟତ ଓ ଜନସାଧାରଣଙ୍କ ମତ ନେଇଥିଲେ। ଏହାପରେ କମିଟି ତିରୁପତି ଓ ବୈଷ୍ଣୋଦେବୀ ମନ୍ଦିରକୁ ଯାଇ ସ୍ଥିତି ଅନୁଧାନ କରିଛି। ରବିବାର ସନ୍ଧ୍ୟା ୭ଟା ୩୦ରେ ଏହି କମିଟି ଶ୍ରୀମନ୍ଦିରରେ ପହଞ୍ଚି ଅନୁଧାନ କରିଥିବାବେଳେ ଜିଲାପାଳ ଜ୍ୟୋତି ପ୍ରକାଶ ଦାସ ଏବଂ ଏସ୍‌ପି ସାର୍ଥକ ଷଡଙ୍ଗୀ ଉପସ୍ଥିତ ଥିଲେ।

### ଜନ୍ ମ୍ୟାକ୍‌କେନ୍‌ଙ୍କ...

ଜନ୍ ସିଡ୍‌ନୀ ମ୍ୟାକ୍‌କେନ୍ ତୃତୀୟ ୧୯୩୬ ଅଗଷ୍ଟ ୨୯ରେ ପାନାମା କେନାଲ୍ ଜୋନ୍‌ରେ ଜନ୍ମଗ୍ରହଣ କରିଥିଲେ। ପରିବାରର ଅଧିକାଂଶ ସଦସ୍ୟ ସେନାରେ ସାମିଲ ଥିଲେ ଏବଂ ଗୁରୁତ୍ୱପୂର୍ଣ୍ଣ ଯୁଦ୍ଧରେ ଭାଗ ନେଇଥିଲେ। ମ୍ୟାକକେନ୍ ଥିଲେ ଭାରତର ଜଣେ ପ୍ରକୃତ ବନ୍ଧୁ। ୨୦୧୬ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୱାଶିଂଟନ ଗସ୍ତ ବେଳେ ଏକ ସମ୍ପାଦକୀୟରେ ଲେଖିଥିଲେ, ଭାରତ ଏବଂ ଆମେରିକାର ଦ୍ୱିପାକ୍ଷିକ ସମ୍ପର୍କ ବିକାଶୋନ୍ମୁଖୀ ସ୍ୱାର୍ଥ ଏବଂ ସମ୍ମାନ ସଦୃଶ, ଯାହା କେବଳ ଅତି ନିକଟତର ବନ୍ଧୁ ଏବଂ ସହଯୋଗୀ ଦେଶ ସହ ରହିଥାଏ। ଦୁଇଦେଶର ସମ୍ପର୍କ ଉଲ୍ଲେଖନୀୟ। ଆମେରିକା ସିନେଟର ଭାବେ ସେ ଯେତିକି ଦେଖିଛନ୍ତି ଅଳ୍ପ କେତେକ ରାଷ୍ଟ୍ର ଖୁବ୍ କମ୍ ସମୟ ମଧ୍ୟରେ ଦେଶର ଉତ୍କର୍ଷ ସମ୍ମାନର ହକ୍‌ଦାର ହୋଇପାରିଛନ୍ତି, ତାହା ମଧ୍ୟରେ ରହିଛି ଭାରତ।

ମ୍ୟାକ୍‌କେନ୍‌ଙ୍କ ପରଲୋକରେ ଶୋକର ଛାୟା ଖେଳିଯାଇଛି। ଦେଶବିଦେଶର ଶୋକର ସୁଅ ଛୁଟିଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ତାଙ୍କ ପୂର୍ବସୂରୀ ବାରାକ୍ ଓବାମା, ଜର୍ଜ ଡବ୍ଲ୍ୟୁ. ବୁଶ୍, ବହୁ ରାଜନେତା ଏବଂ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। ସମଗ୍ର ହଲିଉଡ୍ ଜଗତରୁ ଛୁଟି ଆସିଛି ଶୋକର ବାର୍ତ୍ତା। ଭାରତ ଆଜି ନିଜର ଜଣେ ଶ୍ରେଷ୍ଠ ବନ୍ଧୁଙ୍କୁ ହରାଇଛି ବୋଲି ପ୍ରଧାନମନ୍ତ୍ରୀ ମୋଦି ଶୋକ ପ୍ରକାଶ କରିଛନ୍ତି।

### ବାବୁ ମରୁଡ଼ିରୁ ...

କେନ୍ଦ୍ର ଓ ରାଜ୍ୟଗୁଡ଼ିକରେ ଏଭଳି ପ୍ରଶାସନିକ ପଦବୀଗୁଡ଼ିକ ଦୀର୍ଘସମୟ ଧରି ଖାଲି ରହୁଥିବାରୁ ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇ ପାରୁନାହିଁ। ଫଳରେ ଶାସନ ପ୍ରକ୍ରିୟା ପ୍ରଭାବିତ ହେଉଛି ବୋଲି କାର୍ମିକ, ସାଧାରଣ ଅଭିଯୋଗ ଏବଂ ଆଇନ ଓ ନ୍ୟାୟ ସମ୍ପର୍କିତ ସ୍ଥାୟୀ କମିଟି ଏହାର ରିପୋର୍ଟରେ ଗତବର୍ଷ ଦର୍ଶାଇଥିଲା। ଏଥିସହ ତୁରନ୍ତ ସେଗୁଡ଼ିକୁ ପୂରଣ କରିବା ପାଇଁ ସମସ୍ତ ପ୍ରକାର ଉଦ୍ୟମ କରିବାକୁ ଉକ୍ତ କମିଟି କେନ୍ଦ୍ର ସରକାରଙ୍କୁ ସୁପାରିସ କରିଥିଲା। ଏଥିପାଇଁ ନୂତନ ନିଯୁକ୍ତି ପ୍ରଦାନ ସକାଶେ କେନ୍ଦ୍ର ସରକାର ୟୁପିଏସ୍‌ସି ଏବଂ ଷ୍ଟାଫ୍ ସିଲେକ୍‌ଶନ କମିଶନ (ଏସ୍‌ଏସ୍‌ସି)କୁ ଅନୁରୋଧ କରିଥିବା ଜଣାପଡ଼ିଛି। ସେହିପରି ଖାଲିଥିବା ପଦବୀଗୁଡ଼ିକ ପୂରଣ କରିବା ପାଇଁ ନିୟମିତ ଭାବେ ବିଭାଗୀୟ ପଦୋନ୍ନତି କମିଟି ବୈଠକ କରିବାକୁ ସମସ୍ତ ମନ୍ତ୍ରଣାଳୟକୁ ଅନୁରୋଧ କରାଯାଇଛି।

### ଥାନାରୁ ଚମ୍ପଟ ...

ଝୁଲାଇ ଦିଆଯାଇଥିବା ଅବିନାଶଙ୍କ ବଡବାପା ଦୈତାରୀ ପାଇଟାଳ ଅଭିଯୋଗ କରିଛନ୍ତି। ଏ ନେଇ ମହାକାଳପଡା ଥାନାରେ ଆଇପିସି ୩୪୨, ୩୨୩, ୩୦୨ ଓ ୩୪ ଦଫାରେ ମାମଲା ରୁଜୁ ହୋଇଛି। କେସ ନଂ ୯୧/୧୮। ପୋଲିସର ଏଭଳି କାର୍ଯ୍ୟକୁ ବିରୋଧ କରି ମୃତକଙ୍କ ପରିବାର ଓ ଗ୍ରାମବାସୀ ବାଲଣା ଛକରେ ସକାଳ ୬ଟାରୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ରାସ୍ତାରୋକୋ କରିଥିଲେ। ଘଟଣାସ୍ଥଳରେ ପ୍ରଶାସନିକ ଅଧିକାରୀମାନେ ପହଞ୍ଚି ମୃତକଙ୍କ ପରିବାରକୁ ରେଡକ୍ରସ୍ ପାଣ୍ଠିରୁ ୧୦ହଜାର, ଜିଲା ପ୍ରଶାସନ ପକ୍ଷରୁ ୧ଲକ୍ଷ ଓ ପୋଲିସ କଲ୍ୟାଣ ପାଣ୍ଠିରୁ ୧ ଲକ୍ଷ ଟଙ୍କାର ସହାୟତା ଓ ତାଙ୍କ ସ୍ତ୍ରୀ ରୋଜାଲିନ୍‌ଙ୍କୁ ହୋମ ଗାର୍ଡ ଚାକିରି ଦେବା ପାଇଁ ପ୍ରଶାସନିକ ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିଲେ। ତେବେ ଶୁଦ୍ଧିକ୍ରିୟା ନିମନ୍ତେ ସଙ୍ଗେ ସଙ୍ଗେ ୬୦ହଜାର ଟଙ୍କା ସହାୟତା ପ୍ରଦାନ କରାଯିବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।



ଚାରି ବର୍ଷ ତଳେ ଭାଇକୁ ହରାଇଛନ୍ତି ଭଉଣୀ ଶାନ୍ତି ଉଡକେ। ତାଙ୍କ ଭାଇ ରାଜେଶ ଗାଇକ୍ୱାଡ୍ ୨୦୧୪ ମାର୍ଚ୍ଚ ୧୧ରେ ସୁକୁମାର ଟୋଙ୍ଗପାଲ ଅଞ୍ଚଳରେ ମାଓବାଦୀଙ୍କ ସହିତ ଲଢ଼େଇ କରୁଥିବା ସମୟରେ ଶହୀଦ ହୋଇଥିଲେ। ଇତିମଧ୍ୟରେ ୪ ବର୍ଷ ବିତି ଯାଇଛି। ଭଉଣୀ ଶାନ୍ତିଙ୍କ ଆଖିରୁ ଲୁହ ଶୁଖିନି କି ମନର କୋହ ଥମିନି। ସେ ଭାଇଙ୍କୁ ଗର୍ବ ଅନୁଭବ କରିବା ସହ ତାଙ୍କ ପ୍ରତିମୂର୍ତ୍ତିରେ ରାଖୀ ବାନ୍ଧୁଛନ୍ତି।

# ମଧୁବାବୁ ଓଡ଼ିଶାର ପିତାମହ ଭୀଷ୍ମ: ଜଷ୍ଟିସ୍ ମିଶ୍ର

**ମଧୁସୂଦନ ଦାସ ସ୍ମାରକୀ ବକ୍ତୃତା**

କଟକ ଅଫିସ,୨୬।୮

ନେତୃତ୍ୱ ନେବା ଓ ସମାଜର ବିଭିନ୍ନ ବର୍ଗର ଲୋକଙ୍କୁ ଏକ କରିବା କ୍ଷେତ୍ରରେ ଉତ୍କଳ ମାଟିରେ ମଧୁବାବୁ ଅନନ୍ୟ। ଓଡ଼ିଶାବାସୀ କିପରି ଭାରତରେ ନିଜକୁ ଗର୍ବ ଅନୁଭବ କରିବେ ସେ ଦିଗରେ ମଧୁବାବୁ ଅନେକ ଚେଷ୍ଟା କରିଥିଲେ। ଏହି ଓଡ଼ିଶା ମାଟି ହିଁ ମଧୁବାବୁଙ୍କ ସମସ୍ତ ପୁଣ୍ୟ କାର୍ଯ୍ୟର ମୂକସାକ୍ଷୀ। କେବଳ ଜଣେ ଭଲ ବାରିଷ୍ଟର ନୁହନ୍ତି, ମଣିଷ ପଣିଆରେ ମଧୁବାବୁ ଶ୍ରେଷ୍ଠ। ମାତୃଭୂମି ଓ ମାତୃଭାଷାକୁ ସବୁଠାରୁ ଆଗରେ ରଖିବାକୁ ତାଙ୍କର ଆହ୍ୱାନ ଥିଲା। ଓଡ଼ିଶା ଓ ଓଡ଼ିଶାବାସୀଙ୍କ ଉନ୍ନତି ପାଇଁ ସବୁବେଳେ ପ୍ରଚେଷ୍ଟା କରୁଥିଲେ। ଏଣୁ ମଧୁବାବୁ ଓଡ଼ିଶାର ପିତାମହ ଭୀଷ୍ମ ବୋଲି ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ ଦୀପକ ମିଶ୍ର କହିଛନ୍ତି। ପ୍ରଧାନ ବିଚାରପତି ଜଷ୍ଟିସ ମିଶ୍ର ରବିବାର ଅପରାହ୍ନରେ ମଧୁସୂଦନ ଆଇନ ମହାବିଦ୍ୟାଳୟରେ ଅନୁଷ୍ଠିତ ପ୍ରଥମ ମଧୁସୂଦନ ଦାସ ସ୍ମାରକୀ ବକ୍ତୃତା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଉପରୋକ୍ତ ମତ ଦେଇଛନ୍ତି। ପ୍ରଧାନ ବିଚାରପତି ଜଷ୍ଟିସ ମିଶ୍ର କହିଥିଲେ ଯେ, ପିଲାବେଳେ ସ୍କୁଲରେ ପଢ଼ିଥିବା କବିତା 'କାଳିଆ ଘୋଡ଼ାରେ ଚଢ଼ିବି, ମଧୁବାବୁ ସଙ୍ଗେ ଲଢ଼ିବି' ଏବେ ବି ମନେଅଛି। ଏହି କବିତାଟି ପିଲାବେଳୁ ଦେଶ ଓ ଜାତି ପାଇଁ କାର୍ଯ୍ୟ କରିବାକୁ ଉତ୍ସାହିତ କରେ ବୋଲି ସେ କହିଥିଲେ। ରାଜ୍ୟର ୨ଜଣ ମହାପୁରୁଷ ନିଜ ନିଜ କ୍ଷେତ୍ରରେ ସାଧାରଣ ଲୋକଙ୍କ ପାଇଁ ଅନେକ କିଛି କରିଥିଲେ ମଧ୍ୟ ରାଜ୍ୟବାସୀଙ୍କ ଭଲଦିନ ଦେଖିବାକୁ ଉପସ୍ଥିତ ରହି ପାରିନାହାନ୍ତି। ଏହି ୨ଜଣ ହେଲେ ମଧୁବାବୁ ଓ ପଣ୍ଡିତ ଗୋପବନ୍ଧୁ ଦାସ। ସ୍ୱାଧୀନତା ପୂର୍ବରୁ ଉଭୟ ଇହଲୀଳା ତ୍ୟାଗ କରିଥିଲେ। ହେଲେ ଇତିହାସ ନିଜ କାର୍ଯ୍ୟ କରିବା ଭଳି ଏହି ଦୁଇ ମହାତ୍ମାଙ୍କ କଥା ସବୁବେଳେ ଜନମାନସରେ ବଞ୍ଚାଇ ରଖିଛି। ଆଦର୍ଶ ଭାବେ ସେମାନଙ୍କୁ ସର୍ବସମ୍ମୁଖରେ ଉପସ୍ଥାପିତ କରୁଛି ବୋଲି ପ୍ରଧାନ ବିଚାରପତି ଜଷ୍ଟିସ ମିଶ୍ର କହିଛନ୍ତି। ଏହି ଅବସରରେ ମହାବିଦ୍ୟାଳୟର ଆଇନଛାତ୍ରମାନଙ୍କ ଉଦ୍ଦେଶ୍ୟରେ ପ୍ରଧାନ ବିଚାରପତି ଜଷ୍ଟିସ ମିଶ୍ର କହିଥିଲେ ଯେ, ଆଇନ କ୍ଷେତ୍ରରେ କାର୍ଯ୍ୟ କରିବାକୁ ହେଲେ ସବୁବେଳେ ସାମାଜିକ, ଗୋଷ୍ଠୀ ଓ ସାଧାରଣ ଲୋକଙ୍କ ଉନ୍ନତି ନିମନ୍ତେ ନିଜକୁ ସଜାଗ କରିବାକୁ ହେବ। ଜଣେ ଭଲ ଆଇନଜୀବୀ ହେବାକୁ ହେଲେ ଦୁଇଟି ଦିଗ ପ୍ରତି ଦୃଷ୍ଟି ଦେବାକୁ ହେବ। ତାହାହେଲା ଭଲଭାବେ ନିଜ କାର୍ଯ୍ୟର ଉପସ୍ଥାପନା କରିବା ଓ ଅନ୍ୟଟି ହେଲା ନିଜ ଉପସ୍ଥାପନାର ଗୁଣବତ୍ତାକୁ ବୃଦ୍ଧି କରିବା। ଜ୍ଞାନ ଆହରଣ ନିମନ୍ତେ କୌଣସି ବୟସ ନ ଥାଏ। ସବୁବେଳେ ଅଧିକରୁ ଅଧିକ ଜ୍ଞାନ ଆହରଣ କରିବାକୁ ଚେଷ୍ଟା କରିବା ଉଚିତ। ଜଣେ ପ୍ରକୃତ ଆଇନଜୀବୀ ଶ୍ରେଷ୍ଠ ବିତ୍ତଶାଳୀ ବୁଦ୍ଧିଜୀବୀ ବୋଲି ମଧ୍ୟ ଜଷ୍ଟିସ ମିଶ୍ର କହିଛନ୍ତି। ଏହି ଅବସରରେ ସେ ସେକ୍ସପିୟରଙ୍କଠାରୁ ମହାତ୍ମା ଗାନ୍ଧୀଙ୍କ ସମୟ ପର୍ଯ୍ୟନ୍ତ ବିଭିନ୍ନ ଉଦାହରଣ ଦେଇ ଆଇନର ବ୍ୟବହାର ସମ୍ପର୍କରେ ଆଲୋକପାତ କରିଥିଲେ।

ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସୌମେନ୍ଦ୍ର ମୋହନ ପଟ୍ଟନାୟକ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ କେ.ଏସ୍. ଝାବେରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସେ କହିଥିଲେ ଯେ, ଦେଶରେ ଏକ ପୁରାତନ ଆଇନ ମହାବିଦ୍ୟାଳୟ ଭାବେ ଏହି ଆଇନ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ହେବା ଓ ଏଠାରୁ ଅନେକ ଆଇନଜ୍ଞ ସୃଷ୍ଟିହେବା ପଛରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରଚେଷ୍ଟା ରହିଛି। କଟକ ବାର ଆସୋସିଏଶନର ସଭାପତି ରହିଥିବା ବେଳେ ମଧୁବାବୁ ରାଜ୍ୟରେ ପାଟନା ହାଇକୋର୍ଟର ସର୍କିଟ ବେଞ୍ଚ ଖୁବ୍‌ଶୀଘ୍ର ସ୍ଥାୟୀ ବେଞ୍ଚ ହେବ ବୋଲି ଘୋଷଣା କରିଥିଲେ, ଯାହା ପରବର୍ତ୍ତୀ ସମୟରେ ସତ ହୋଇଥିଲା ବୋଲି ଜଷ୍ଟିସ ଝାବେରୀ କହିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ସୁକାନ୍ତ କୁମାର ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।



ସୁପ୍ରିମ୍‌କୋର୍ଟ ପ୍ରଧାନ ବିଚାରପତି ଦୀପକ ମିଶ୍ର ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି।

# ମହାପ୍ରଭୁ ପିନ୍ଧିଲେ ରାଖୀ

**ଶ୍ରୀମନ୍ଦିରରେ ବଳଭଦ୍ର ଜନ୍ମନୀତି**

ପୁରୀ ଅଫିସ,୨୬।୮

ଶ୍ରୀମନ୍ଦିରରେ ରବିବାର ବଳଭଦ୍ର ଜନ୍ମନୀତି ସମ୍ପନ୍ନ ହୋଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ବଡ଼ଠାକୁର ବଳଭଦ୍ର ରାଖୀ ପିନ୍ଧିଛନ୍ତି। ଦୁଇଭାଇ ଶ୍ରୀଭୁଜରେ ପାଟ ରାଖୀ ଓ ଗୁଆ ମାଳ ପିନ୍ଧି ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ଶ୍ରୀମନ୍ଦିରରେ ଏହି ବିଶେଷ ନୀତି ଦେଖିବା ଲାଗି ଭକ୍ତଙ୍କ ପ୍ରବଳ ଭିଡ଼ ଲାଗି ରହିଥିଲା।

ପ୍ରାତଃରେ ଦ୍ୱାରଫିଟା ହୋଇ ମହାପ୍ରଭୁଙ୍କ ମଙ୍ଗଳ ଆଳତି ବଢିଥିଲା। ଏହାପରେ ଅନ୍ୟ ନୀତି ହୋଇ ଭୋଗମଣ୍ଡପ ନୀତି ସମ୍ପନ୍ନ ହୋଇଥିଲା। ୩ ବାଡରେ ମଇଲମ ହେବାପରେ ଠାକୁର ସର୍ବାଙ୍ଗ ହୋଇ ବୋଇରାଣି ପତନି ନୂଆଲୁଗା ଲାଗି ହୋଇଥିଲେ। ଦ୍ୱିପହର ଧୂପ ବେଶରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦକ୍ଷିଣ ଭୁଜରେ ଗୋଟିଏ ଏବଂ ଉତ୍ତର ଭୁଜରେ ୨ଟି ଆଜ୍ଞାମାଳ ଲାଗି ହୋଇଥିଲେ। ଏହାପରେ ପାଟରା ବିଶୋଇ ସେବକଙ୍କ ଦ୍ୱାରା ପ୍ରସ୍ତୁତ ପାଟ ରାଖୀ ୪ଟି ଏବଂ ଗୁଆର ମାଳ ୪ଟିକୁ ଶ୍ରୀଜଗନ୍ନାଥ ଓ ବଡ଼ଠାକୁରଙ୍କ ଶ୍ରୀଭୁଜରେ ପୁଷ୍ପାଳକ ସେବକ ଲାଗି କରାଇଥିଲେ। ରତ୍ନସିଂହାସନ ତଳେ ବଡ଼ଠାକୁରଙ୍କ ସମ୍ମୁଖ ଭାଗରେ ଷଷ୍ଠୀ, ମାର୍କଣ୍ଡି ଓ ବରୁଣ ପୂଜା ହୋଇଥିଲା। ପରେ ଦ୍ୱିପହର ଧୂପ ଏବଂ ଯାତ୍ରାଙ୍ଗୀ ଭୋଗ ବଢି ଆଳତି ହୋଇଥିଲା। ଭୋଗ ଉଠିଲା ପରେ ଭିତର ପାଣି ପଡି ଧୋପଖାଳ (ସଫା) କରାଯାଇଥିଲା। ଶୁଦ୍ଧସୁଆର ଗୋଟିଏ ପିତଳ ଥାଳିରେ ପାତ୍ରସଜ ଏବଂ ଗିନାଗୁଡ଼ିରେ ମଙ୍ଗଳାର୍ପଣ ସାମଗ୍ରୀ ରଖିବା ପରେ ବଡ଼ବାଡ଼ରେ ମଙ୍ଗଳାର୍ପଣ ନୀତି ଅନୁଷ୍ଠିତ ହୋଇଥିଲା। ପୂଜାପଣ୍ଡା, ପତିମହାପାତ୍ର ଏବଂ ମୁଦିରସ୍ତ ତିନିବାଡ଼ରେ ବନ୍ଦପନା କରିଥିଲେ। ଏହାପରେ ମହାଜନ ସେବକମାନେ ମଦନମୋହନଙ୍କୁ ଦକ୍ଷିଣୀ ଘରୁ ରତ୍ନସିଂହାସନକୁ ବିଜେ କରାଇଥିଲେ। ମଦନମୋହନ, ଶ୍ରୀଦେବୀ, ଭୂଦେବୀ ଆଜ୍ଞାମାଳ ପାଇବା ପରେ ଝୁଲଣ ମଣ୍ଡପ ବିଜେ ହୋଇଥିଲେ। ଚକ୍ରରାଜ ସୁଦର୍ଶନ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ପାଇବା ପରେ ଦଇତାପତିମାନେ ସୁଦର୍ଶନଙ୍କୁ ଜଗମୋହନସ୍ଥିତ ଚଉଦୋଳକୁ ବିଜେ କରାଇଥିଲେ। ସୁଦର୍ଶନଙ୍କୁ ପାଟପତନି ଏବଂ ଚୁଳ ଲାଗି ପରେ ବିମାନବଡୁମାନେ ଚଉଦୋଳରେ ସୁଦର୍ଶନଙ୍କୁ ନେଇ ଝୁଲଣ ମଣ୍ଡପରେ ବିଜେ କରାଇଥିଲେ। ସେଠାରେ ସୁଦର୍ଶନଙ୍କୁ ସୁବର୍ଣ୍ଣ ଓଡିଆଣି ଏବଂ ସୁନା ହରଡମାଳି ଲାଗି କରାଯାଇଥିଲା। ବିମାନବଡୁମାନେ ସୁଦର୍ଶନଙ୍କୁ ମାର୍କଣ୍ଡ ପୁଷ୍କରଣୀଙ୍କୁ ନେଇ ସେଠାରେ ଥିବା ମଣ୍ଡପରେ ବିଜେ କରାଥିଲେ। କୁମ୍ଭାର ବିଶୋଇ ଦେଇଥିବା ଚିକିଟା ମାଟିରେ ଶୁଦ୍ଧସୁଆର ବଳଭଦ୍ରଙ୍କ ମୂର୍ତ୍ତି ନିର୍ମାଣ କରିଥିଲେ। ପୂଜାପଣ୍ଡା ସାମନ୍ତ ମୃତ୍ତିକା ନିର୍ମିତ ବଳଭଦ୍ର ମୂର୍ତ୍ତିକୁ ଜୀବନ୍ୟାସ ଦେଇ ଜାତକର୍ମ କରିଥିଲେ। ମୁଦିରସ୍ତ ପ୍ରସାଦ ଲାଗି କରିବାପରେ ପୂଜାପଣ୍ଡା ପଞ୍ଚୋପଚାରରେ ପୂଜା କରି ଶୀତଳ ମଣୋହୀ କରିଥିଲେ। ବନ୍ଦପନା ହୋଇ ବଳଭଦ୍ର ପିତୁଳାକୁ ଜଳରେ ବିସର୍ଜନ କରାଯାଇଥିଲା। ଏହାପରେ ସୁଦର୍ଶନ ୪ ଆଶ୍ରମ (ମାର୍କଣ୍ଡ, ଅଙ୍ଗିରା, ପଣ୍ଡୁ ଏବଂ ଭୃଗୁ) ପରିକ୍ରମା କରି ବଡ଼ଦେଉଳକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଶେଷରେ ମହାପ୍ରଭୁଙ୍କ ମହାସ୍ନାନ ହୋଇ ଅନ୍ୟାନ୍ୟ ନୀତି ବଢିଥିଲା।



ଶ୍ରୀଜୀଉଙ୍କୁ ଲାଗି ହେବାପାଇଁ ଶ୍ରୀମନ୍ଦିରକୁ ରାଖୀ ନିଆଯାଉଛି।

# ସେପ୍ଟେମ୍ବରରେ ଓଡ଼ିଶା ଆସିବେ ରାହୁଲ

- ଦଳୀୟ ନେତାଙ୍କ ସହ ହେବ ୱାନ-ଟୁ-ୱାନ ଆଲୋଚନା
- ୩୧ରୁ ଜିଲା କମିଟି ଗଠନ
- ପ୍ରଚାରରେ ଯୁବ ବର୍ଗ ଏବଂ ବୁଦ୍ଧିଜୀବୀଙ୍କୁ ଗୁରୁତ୍ୱ

ଭୁବନେଶ୍ୱର, ୨୬।୮ (ବ୍ୟୁରୋ)

କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଆସନ୍ତା ସେପ୍ଟେମ୍ବରରେ ଓଡ଼ିଶା ଆସିବେ। ନିର୍ଦ୍ଦିଷ୍ଟ ତାରିଖ ଘୋଷଣା ହୋଇ ନ ଥିଲେ ମଧ୍ୟ ସେପ୍ଟେମ୍ବର ଦ୍ୱିତୀୟ ସପ୍ତାହରେ ରାହୁଲ ଆସିବେ ବୋଲି ସୂତ୍ରରୁ ପ୍ରକାଶ। ପୂର୍ବରୁ କଟକସ୍ଥିତ ଇନ୍‌ଡୋର ଷ୍ଟାଡିୟମ୍‌ରେ ପଛୁଆବର୍ଗ ସମ୍ମିଳନୀ ହେବ ବୋଲି କୁହାଯାଉଥିଲା। ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ ପଛୁଆବର୍ଗ ସମ୍ମିଳନୀ ନେଇ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ରାହୁଲଙ୍କ ଏହି ଦିନିକିଆ ଗସ୍ତରେ ଭୁବନେଶ୍ୱରରେ ନବ ନିର୍ବାଚିତ କର୍ମକର୍ତ୍ତାଙ୍କ ସହ ୱାନ୍-ଟୁ-ୱାନ୍ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଥିବା ଜଣାପଡ଼ିଛି।

ଉପକୂଳ ଓଡ଼ିଶା ଦାୟିତ୍ୱରେ ଥିବା ଏଆଇସିସି ସମ୍ପାଦକ ରୁଦ୍ର ରାଜୁ କହିଛନ୍ତି ଯେ, କଂଗ୍ରେସ ଅଧ୍ୟକ୍ଷ ବର୍ତ୍ତମାନ ବିଦେଶ ଗସ୍ତରେ ଅଛନ୍ତି। ସେ ଫେରିବା ପରେ ଓଡ଼ିଶା ଗସ୍ତ ନେଇ ସ୍ପଷ୍ଟ ସୂଚନା ମିଳିବ। ସେହିପରି ଚଳିତ ମାସ ୩୧ରୁ ବିଭିନ୍ନ ଜିଲାର କଂଗ୍ରେସ କମିଟି ଗଠନ ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ରୁଦ୍ର ରାଜୁ ସୂଚନା ଦେଇଛନ୍ତି। ନିର୍ବାଚନର ଯଥେଷ୍ଟ ପୂର୍ବରୁ ୫୦ ପ୍ରାର୍ଥୀ ତାଲିକା ଘୋଷଣା କରିବାକୁ ପ୍ରଦେଶ କଂଗ୍ରେସ ଲକ୍ଷ୍ୟ ରଖିଛି। ଏହି ତାଲିକା ମଧ୍ୟରେ ପ୍ରତ୍ୟେକ ଜୋନ୍‌ରୁ ସର୍ବନିମ୍ନ ୧୫ ଲେଖାଏଁ ପ୍ରାର୍ଥୀ ଘୋଷିତ ହେବାର ସମ୍ଭାବନା ରହିଛି। ବର୍ତ୍ତମାନ ୧୫ ବିଧାୟକ ଏବଂ କମ୍ ବ୍ୟବଧାନରେ ପରାସ୍ତ ହୋଇଥିବା ୨୫ ପ୍ରାର୍ଥୀଙ୍କୁ ଟିକେଟ୍ ମିଳିବା ସୁନିଶ୍ଚିତ ହୋଇଯାଇଛି। ସେମାନଙ୍କୁ ବାଦ୍ ଦେଇ କେଉଁ ୧୦ ଜଣଙ୍କ ନାମ ଘୋଷଣା କରାଯିବ, ତାହାକୁ ନେଇ ଦଳୀୟ ମହଲରେ ଉତ୍କଣ୍ଠା ଲାଗି ରହିଛି।

ଆଗାମୀ ଦିନରେ ପ୍ରଦେଶ କଂଗ୍ରେସ ପ୍ରଚାର ଅଭିଯାନକୁ ବ୍ୟାପକ କରାଯିବ ବୋଲି ସୂଚନା ଦେଇଛନ୍ତି ପ୍ରଚାର କମିଟି ଅଧ୍ୟକ୍ଷ ଭକ୍ତ ଚରଣ ଦାସ। ସେ କହିଛନ୍ତି ଯେ, ଜିଲା ସ୍ତରରେ ପ୍ରଚାରକୁ ବ୍ୟାପକ କରାଯିବ। ପ୍ରମୁଖ ଜାତୀୟ ଓ ରାଜ୍ୟ ସମସ୍ୟା ବ୍ୟତୀତ ସ୍ଥାନୀୟ ସମସ୍ୟାକୁ ଅଧିକ ଗୁରୁତ୍ୱ ଦିଆଯିବ। ପଦଯାତ୍ରା, ସାଇକେଲ ଯାତ୍ରା ଏବଂ ପ୍ରତି ପରିବାରଙ୍କୁ ସାକ୍ଷାତ କରିବା ଅଭିଯାନ କରାଯିବ। ଯୁବ ବର୍ଗ ଏବଂ ବୁଦ୍ଧିଜୀବୀ ସମର୍ଥକଙ୍କ ଗଠନମୂଳକ ସାହାଯ୍ୟ ନିଆଯିବ ବୋଲି ଭକ୍ତ କହିଛନ୍ତି।

# ପୋଖରୀରେ ବୁଡ଼ି ଦୁଇଭଉଣୀ ମୃତ

**ଭୁବନ,୨୬।୮ (ଡି.ଏନ.ଏ.):** ଢେଙ୍କାନାଳ ଜିଲା ଭୁବନ ଥାନା କରଡ଼ାପାଳ ଗ୍ରାମରେ ରବିବାର ସନ୍ଧ୍ୟାରେ ଅଭାବନୀୟ ଘଟଣା ଘଟିଛି। ପୋଖରୀରେ ବୁଡ଼ିଯାଇ ଦୁଇ ନାବାଳିକା ଭଉଣୀ ପ୍ରାଣ ହରାଇଛନ୍ତି। ସେମାନେ ହେଲେ ଗୋପୀ ବିରୁଆଙ୍କ ଦୁଇ ଝିଅ ରାଧା (୫) ଏବଂ ଲକ୍ଷ୍ମୀ (୧୦)। ମୃତ ଦୁଇଭଉଣୀଙ୍କ ଘର ତାଳଚେର ବାଘୁଆବିଲ ଗ୍ରାମରେ। ଉଭୟେ କରଡ଼ାପାଳସ୍ଥିତ ମାଉସୀଙ୍କ ଘରକୁ ବୁଲିବାକୁ ଆସିଥିଲେ। ସନ୍ଧ୍ୟାରେ ସେମାନେ ପୋଖରୀକୁ ଗାଧୋଇ ଯାଇଥିଲେ। ବିଳମ୍ବ ହେବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ। ରାଧାଙ୍କ ମୃତଦେହ ପୋଖରୀରେ ଭାସୁଥିଲା। ସୂଚନା ପାଇ ଦମକଳ ବାହିନୀ ପୋଖରୀରେ ଖୋଜାଖୋଜିକରିବା ପରେ ଲକ୍ଷ୍ମୀଙ୍କ ମୃତଦେହ ଉଦ୍ଧାର କରିଥିଲା।

ମୁମ୍ବାଇର ପ୍ରସିଦ୍ଧ ଜ୍ୟୋତିର୍ବିଦ୍
ଗଣେଷ ରସ୍ତୋଗୀ ଜୀ
ଏବେ ଭୁବନେଶ୍ୱରରେ
27th August
Registration fees will be 1000/-
7205050100
8763054554
Sai Gems TM total astrology solution
101-7/8, Ground Floor, Beside Hotel Swosti Master Canteen, Bhubaneswar

## କୁନ୍ଦୁଲି ମାମଲା: ସରିଲା ଜବାବ ସୁଆଲ

# ୨୫ ସୁଦ୍ଧା ରିପୋର୍ଟ ଦେବେ ତଦନ୍ତ କମିଶନ

ଜୟପୁର,୨୬।୮ (ନି.ପ୍ର.)

କୁନ୍ଦୁଲି ଗଣବଳାତ୍କାର ଓ ପୀଡ଼ିତାଙ୍କ ଆତ୍ମହତ୍ୟା ମାମଲାର ଜବାବ ସୁଆଲ ରବିବାର ଶେଷ ହୋଇଛି। ଜୟପୁର ଜିଲାକୋର୍ଟରେ ତଦନ୍ତ କମିଶନ ମୁଖ୍ୟ ବିଦ୍ୟୁତ କୁମାର ମିଶ୍ରଙ୍କ ନିକଟରେ ସ୍ୱତନ୍ତ୍ର ସରକାରୀ ଓକିଲ ପ୍ରଭାକର ପଟ୍ଟନାୟକ ଜବାବ ସୁଆଲ କରିଛନ୍ତି। ପୀଡ଼ିତା ପ୍ରଥମେ କୁନ୍ଦୁଲି ଡାକ୍ତରଖାନାକୁ ଯାଇଥିଲେ ଓ ପରେ ପଟ୍ଟାଙ୍ଗି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ମାତ୍ରେ ପୋଲିସ ପଦକ୍ଷେପ ନେଇ ଜଣେ ମହିଳା ଅଧିକାରୀଙ୍କୁ ପୀଡ଼ିତାଙ୍କ ପାଖରେ ନିୟୋଜିତ କରିଥିଲା। ସରକାର କୋରାପୁଟରୁ ଆରମ୍ଭ କରି କଟକ ପର୍ଯ୍ୟନ୍ତ ମାଗଣାରେ ସମସ୍ତ ଚିକିତ୍ସା କରାଇଥିଲେ। ସରକାରଙ୍କ ପକ୍ଷରୁ କୌଣସି ଅବହେଳା କରାଯାଇ ନାହିଁ। ପୀଡ଼ିତା ମାନସିକ ଚାପ ଯୋଗୁଁ ଆତ୍ମହତ୍ୟା କରିଥିବା କମିଶନଙ୍କ ନିକଟରେ ଯୁକ୍ତି ବାଢ଼ିଛନ୍ତି ସରକାରୀ ଓକିଲ ପଟ୍ଟନାୟକ।

କମିଶନ ୧୫ ଜଣ ସରକାରୀ ସାକ୍ଷ୍ୟ ଓ ପୀଡ଼ିତାଙ୍କ ପରିବାରର ୪ ଜଣ ସଦସ୍ୟଙ୍କ ସାକ୍ଷ୍ୟ, ଅଭିଯୋଗ ଓ ଘଟଣାକ୍ରମକୁ ଆଧାର କରି ତଦନ୍ତ ରିପୋର୍ଟ ଦେବେ। ସେପ୍ଟେମ୍ବର ୨୫ରେ କମିଶନଙ୍କ ଅବଧି ଶେଷ ହେଉଥିବା ବେଳେ ଏହା ପୂର୍ବରୁ ରାଜ୍ୟ ଗୃହ ବିଭାଗକୁ ରିପୋର୍ଟ ଦେବେ କମିଶନ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଗତ ଅକ୍ଟୋବର ୧୦ରେ କୋରାପୁଟ ଜିଲା ପଟ୍ଟାଙ୍ଗି ଥାନା କୁନ୍ଦୁଲିରେ ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କୁ ୪ ଜଣ ଯବାନ ଗଣବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା
ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ
ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଓ ଓଡ଼ିଶା ଲଳିତ କଳା ଏକାଡ଼େମୀ ଦ୍ୱାରା ଆୟୋଜିତ
"ରାଜ୍ୟସ୍ତରୀୟ ମେଘ ଉତ୍ସବ"
ତାରିଖ: ୨୮ ଓ ୨୯।୦୮।୨୦୧୮ ସନ୍ଧ୍ୟା ଘ.୬.୩୦ମିନିଟ୍
ସ୍ଥାନ: ରବୀନ୍ଦ୍ର ମଣ୍ଡପ, ଭୁବନେଶ୍ୱର
ସାଂସ୍କୃତିକ କାର୍ଯ୍ୟକ୍ରମ: ଓଡ଼ିଶୀ ସଂଗୀତ, ସୁଗମ ସଂଗୀତ, ଓଡ଼ିଶୀ ନୃତ୍ୟ ଓ ଲୋକ ନୃତ୍ୟ ଆଦି ପ୍ରତିଷ୍ଠିତ କଣ୍ଠଶିଳ୍ପୀ ଓ ନୃତ୍ୟାନୁଷ୍ଠାନମାନଙ୍କ ଦ୍ୱାରା ପରିବେଷଣ କରାଯିବ।
ଏହି କାର୍ଯ୍ୟକ୍ରମରେ ଜନସାଧାରଣ ବହୁ ସଂଖ୍ୟାରେ ଯୋଗଦେବାକୁ ସାଦର ନିମନ୍ତ୍ରଣ।
ଡ. ବିଜୟ କୁମାର ଜେନା, ସଚିବ, ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ
ଶ୍ରୀ ବିଜୟ କୁମାର ନାୟକ, ନିର୍ଦ୍ଦେଶକ ଏବଂ ଅତିରିକ୍ତ ଶାସନ ସଚିବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ

DIRECTORATE OF DISTANCE & CONTINUING EDUCATION
D.D.C.E., UTKAL UNIVERSITY
BHUBANESWAR-751007
COURSES OFFERED
UTKAL UNIVERSITY NAAC Accredited A+
CELEBRATING 75 years EXCELLENCE
Admn Advt-1

| Courses | Admission |
| --- | --- |
| DISTANCE MODE (Management Courses): • Master of Business Administration (MBA) • BBA / Integrated MBA • Post Graduate Diploma in Mgt.: • Human Resource • Marketing • Tour & Travel • Production & Operations • Finance • Public Policy • Agri Business • Dietics & Nutrition. REGULAR MODE (Management Courses): • P.G.Dip. in Banking & Insurance Management | Walk in On Line Entrance Test and Rolling Admission. |
| REGULAR MODE (Morning Programme): • MCA (3 Yrs.) • Lateral MCA (2Yrs.) • M.Sc. Comp. Sc. • M.Sc. IT & ITM | Walk in On Line Entrance Test cum PI and Rolling Admission. |
| DISTANCE MODE (Graduate Courses): • BA (HONS.) • B.COM. (HONS.). DISTANCE MODE (Post Graduate Courses): • MSW • M.Com. • MA in Economics • MA in History • MA in Odia • MA in Hindi • MA in Sanskrit • MA in English • MA in Education • MA in Pol.Sc. • MA in Sociology • MA in Public Admn. | Walk in Admission |

Last Date with Late Fees Upto: 31.08.2018
NO ADMISSION ON 4TH SATURDAY.
APPLY ONLINE (Assistance also provided at DDCE)
FOR ELIGIBILITY, FEE STRUCTURE & SELECTION PROCESS VISIT OUR WEBSITE
www.ddceutkal.ac.in
DIRECTOR
ADMISSION - 2018



> ବସ୍ତୁତଃ ଚାରିଆଡେ ଯେତେବେଳେ ଅବିଶ୍ୱାସର ରାଜତ୍ୱ ଜାରି ହୋଇ ରହିଛି- ସେତେବେଳେ ଦରକାର ହେଉଛି-ବିଶ୍ୱସ୍ତ ହେବା ଏବଂ ଝଡ଼ ମଧ୍ୟରେ ଅଟଳ ଓ ଅବିଚଳିତ ରହିବା।
> -ଶ୍ରୀମା

# ଗ୍ରହଣ କର

କେରଳର ଭୟଙ୍କର ବନ୍ୟା ପରିସ୍ଥିତି ଦେଖି ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଭାରତକୁ ୭୦୦ କୋଟି ଟଙ୍କା ଆର୍ଥିକ ସହାୟତା ଦେବ ବୋଲି ଏବେ ଚର୍ଚ୍ଚା ହେଉଛି। ହେଲେ ଏମିରେଟ୍ ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ, ଅଦ୍ୟାବଧି କେରଳକୁ କିଭଳି ସାହାଯ୍ୟ ଯୋଗାଇ ଦିଆଯିବ ସେଥିପାଇଁ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି। ଏଥିରୁ ବୁଝିବାକୁ ହେବ ଯେ, ସେହି ଉପସାଗରୀୟ ରାଷ୍ଟ୍ର ଏଯାଏ କେରଳ ପାଇଁ ସହାୟତା ଘୋଷଣା କରିନାହିଁ। ହେଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୟୁଏଇ ରିଲିଫ୍ ଯାଚିବା ନେଇ ହୋଇଥିବା ଗୁଜବ ପରିପ୍ରେକ୍ଷୀରେ ଟୁଇଟ୍ ଜରିଆରେ ସେଠାକାର ସରକାରଙ୍କୁ ଧନ୍ୟବାଦ ଦେଇଛନ୍ତି। କିନ୍ତୁ କୌଣସି ଦେଶଠାରୁ ଭାରତ ଆର୍ଥିକ ସହାୟତା ଆଶା କରୁନାହିଁ ବୋଲି ମୋଦି କହିଛନ୍ତି। ସେହିଭଳି ଅଗଷ୍ଟ ୨୬ରେ ପ୍ରଧାନମନ୍ତ୍ରୀ ମାସିକ ରେଡିଓ କାର୍ଯ୍ୟକ୍ରମ 'ମନ୍ କି ବାତ୍'ରେ କେରଳର ଏଭଳି ଦୁର୍ଦ୍ଦିନରେ ସମଗ୍ର ଦେଶ ତା' ସହିତ ଛିଡ଼ା ହୋଇଛି ବୋଲି କହିଛନ୍ତି। ଏହି ବିପର୍ଯ୍ୟୟ ବେଳେ ମାଲୟାଲୀମାନେ ଯେଭଳି ସାହସ ଓ ଶକ୍ତି ପ୍ରଦର୍ଶନ କରିଛନ୍ତି, ତାହା କେରଳକୁ ନୂଆ ଭାବେ ଗଢ଼ି ତୋଳିବ ବୋଲି ପ୍ରଧାନମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି। ଏପରି ଶୁଖିଲା ପ୍ରଶଂସାରେ କେରଳବାସୀଙ୍କ ଦୁଃଖ ଦୂର ହେବ ନାହିଁ ବୋଲି ଆଲୋଚନା ହେଲାଣି।

ବାସ୍ତବରେ କେରଳ ପାଇଁ ବାହ୍ୟ ସହାୟତାକୁ ମନା କରାଯିବା ପରେ ଦେଶବ୍ୟାପୀ ବିଭିନ୍ନ ପ୍ରକାର ମତ ପ୍ରକାଶ ପାଉଛି। କେନ୍ଦ୍ର ସରକାର ଏପରି କହିବା ପଛରେ ଭାରତର ଆର୍ଥିକ ଦୃଢ଼ତାକୁ ଦେଖାଇବାକୁ ଚାହୁଁ ଥାଇପାରନ୍ତି। ଅନ୍ୟପକ୍ଷରେ ସମାଲୋଚନାର ଶିକାର ହେବା ପରେ ଏବେ କେନ୍ଦ୍ର ସରକାର ତତ୍‌କାଳୀନ ମନମୋହନ ସିଂଙ୍କ ସରକାରଙ୍କ ଅମଳରେ ନିଆଯାଇଥିବା ନିଷ୍ପତ୍ତିକୁ ଦୃଷ୍ଟାନ୍ତ ଭାବେ ଦର୍ଶାଇଛନ୍ତି। ୨୦୦୪ ଡିସେମ୍ବରରେ ଭାରତରେ ସୁନାମି ଦେଖାଦେଇଥିଲା। ସେତେବେଳେ ମନମୋହନ ଭାରତକୁ ଅଭିବୃଦ୍ଧିଶୀଳ ଅର୍ଥନୈତିକ ଶକ୍ତି ଭାବେ ଦର୍ଶାଇବାକୁ ଯାଇ ବିଦେଶୀ ସହାୟତାକୁ ମନା କରିଥିଲେ। ସେହି ସମୟର ଅମଲାତନ୍ତ୍ରୀଙ୍କ କହିବା ଅନୁଯାୟୀ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟରେ ବାହ୍ୟ ରାଷ୍ଟ୍ରର ଯୋଗଦାନ ଉପରେ କଟକଣା ଲଗାଯାଇଥିଲା। କିନ୍ତୁ ଆର୍ଥିକ ସହାୟତା ଓ ଦୀର୍ଘମିଆଦୀ ଥଇଥାନ ଉପରେ କୌଣସି ନିଷେଧାଦେଶ ଜାରି କରାଯାଇ ନ ଥିଲା। ୨୦୦୪ର ମନମୋହନଙ୍କ ନିଷ୍ପତ୍ତିକୁ ଏବେ କେରଳ ପରିସ୍ଥିତିରେ ଆଳ କରି ଦେଖାଇବା ଉଚିତ ମନେ ହେଉନାହିଁ। ଏହି ପ୍ରଚ୍ଛଦପଟରେ ଏକ ଓଡ଼ିଆ ଢଗ 'ମୂଳରୁ ମାଇପ ନାହିଁ, ପୁଅ ନାଁ ଗୋପାଳିଆ' ମନକୁ ଆସୁଛି। ୟୁଏଇ ଏବଂ ଅନ୍ୟ କୌଣସି ଦେଶରୁ ଏପର୍ଯ୍ୟନ୍ତ କେରଳରେ ଘଟିଥିବା ବନ୍ୟା ଯୋଗୁ କ୍ଷୟକ୍ଷତି ପାଇଁ କିଛି ଆର୍ଥିକ ସାହାଯ୍ୟର ଘୋଷଣା ହୋଇ ନାହିଁ। ଏପଟେ ଭାରତରେ, ବାହ୍ୟ ସାହାଯ୍ୟ ଆସିଲେ କିଭଳି ପଦକ୍ଷେପ ନିଆଯିବ ସେ ସମ୍ପର୍କରେ ରେଡିଓ ଓ ଟୁଇଟର ମାଧ୍ୟମରେ ଘୋଷଣା କରାଗଲାଣି। ମନେହୁଏ, ଏପରି ତତ୍ପରତା ହେତୁ ଦେଶର ସମ୍ମାନହାନି ହେଉଛି।

ଉପରଲିଖିତ ପରିସ୍ଥିତିକୁ ତର୍ଜମା କଲେ ବୁଝାପଡୁଛି ଯେ, ବର୍ତ୍ତମାନର କେନ୍ଦ୍ର ସରକାର କେରଳ ବିପର୍ଯ୍ୟୟକୁ ନେଇ ପୂରା ରାଜନୀତି କରିବାକୁ ଚାହୁଁଛନ୍ତି। ବାମପନ୍ଥୀ ଶାସିତ ରାଜ୍ୟରେ ଭାଜପାର ଉପସ୍ଥିତି ନଗଣ୍ୟ ଥିବାରୁ ଭୋଟ ବ୍ୟାଙ୍କ ସୃଷ୍ଟି କରିବା ଉଦ୍ଦେଶ୍ୟ ରଖି ପଦକ୍ଷେପ ନେଉଛନ୍ତି। ଏଠାରେ ଯୁକ୍ତି ଉପସ୍ଥାପନ କରାଯାଇପାରେ ଯେ, ଯଦି ବାହ୍ୟ ସହାୟତା ଗ୍ରହଣ କରିବା ଲାଗି ଭାରତ ପ୍ରସ୍ତୁତ ନୁହେଁ, ତେବେ ପର୍ଯ୍ୟାପ୍ତ ଅର୍ଥ ଦେଇ କେରଳର ଥଇଥାନ ଓ ପୁନଃନିର୍ମାଣ କାର୍ଯ୍ୟକୁ ଗତିଶୀଳ କରିବା କଥା। ତାହା କରାଯାଉ ନାହିଁ। ସାମାନ୍ୟ ଅର୍ଥ ଛିଞ୍ଚି ଦେଇ ସରକାର କାମ ସାରି ଦେଉଛନ୍ତି। ଏଭଳି ବନ୍ୟାକୁ ଜାତୀୟ ବିପତ୍ତି ଘୋଷଣା କରିବାକୁ ଅନିଚ୍ଛୁକ ହେଉଥିବା ସଂଘୀୟ ସରକାରର ଉଦ୍ଦେଶ୍ୟ କ'ଣ ରହିଛି ବୁଝିବା କଷ୍ଟକର ନୁହେଁ । କେନ୍ଦ୍ରର ଏଭଳି ପାତରଅନ୍ତର ମନୋଭାବ ଦେଖି ରାଜ୍ୟ ସଭା ସଦସ୍ୟ ତଥା କେରଳର ପୂର୍ବତନ ମନ୍ତ୍ରୀ ବିନୟ ବିଶ୍ୱମ୍ ରାଜ୍ୟ ସରକାରଙ୍କୁ ବିଦେଶୀ ସହାୟତା ଗ୍ରହଣ କରିବା ଲାଗି କେନ୍ଦ୍ରକୁ ନିର୍ଦ୍ଦେଶ ଦେବା ସକାଶେ ସୁପ୍ରିମକୋର୍ଟରେ ଏକ ପିଟିଶନ ଦାଏର କରିଛନ୍ତି। ଅଦ୍ୟାବଧି ଏହାର ଶୁଣାଣି ତାରିଖ ଘୋଷଣା ହୋଇ ନ ଥିଲେ ମଧ୍ୟ ଏହା ଏକ ଗମ୍ଭୀର ଦିଗକୁ ସୂଚିତ କରୁଛି। ଯେତେବେଳେ ରବିଶଙ୍କର ପ୍ରସାଦଙ୍କ ଭଳି କେନ୍ଦ୍ରମନ୍ତ୍ରୀ ମତ ଦେଉଛନ୍ତି ଯେ, ନ୍ୟାୟାଳୟର ଅତ୍ୟଧିକ ହସ୍ତକ୍ଷେପ ଯୋଗୁ ଦେଶରେ ପ୍ରଶାସନିକ ଅବ୍ୟବସ୍ଥା ଘଟୁଛି, ସେତେବେଳେ ଉଚ୍ଚତମ ନ୍ୟାୟାଳୟଙ୍କ ମତ-ପ୍ରଶାସନିକ ବ୍ୟବସ୍ଥା ନ ଥିବା ବେଳେ ଅବ୍ୟବସ୍ଥା ହେବ କେମିତି-ଅନେକଙ୍କୁ ଯଥାର୍ଥ ମନେହେଉଛି।

ବନ୍ୟା ପ୍ରଭାବିତ କେରଳବାସୀଙ୍କୁ ବାହ୍ୟ ସହାୟତା ପ୍ରସଙ୍ଗ ନେଇ ଆଲୋଚନା କଲା ବେଳେ ମନେପଡ଼େ ନିକଟ ଅତୀତରେ ଥାଇଲାଣ୍ଡର ଏକ ଗୁମ୍ଫାରେ ଫୁଟବଲ ଟିମ୍‌ର କୋଚ୍‌ଙ୍କ ସମେତ ୧୩ ଜଣ ଖେଳାଳିଙ୍କ କଥା। ସ୍ଥିତିର ଗମ୍ଭୀରତାକୁ ଦେଖି ବିଶ୍ୱବ୍ୟାପୀ ସମର୍ଥନ ଓ ସହଯୋଗ ମିଳିଥିଲା। ଥାଇଲାଣ୍ଡ ସରକାର ସେହିସବୁ ସାହାଯ୍ୟକୁ ଖୋଲା ମନରେ ସ୍ୱୀକାର କରିଥିଲା। ବିଭିନ୍ନ ଦେଶର ତୁଙ୍ଗ ବୁଡ଼ାଳି (ଡାଇଭର)ଙ୍କ ଅଭିଜ୍ଞତା ଯୋଗୁ ଉଦ୍ଧାର କାର୍ଯ୍ୟ ସଫଳ ହୋଇଥିଲା। ବିରାଟକାୟ ବିପର୍ଯ୍ୟୟ ବେଳେ ସବୁ ପ୍ରକାର ସମର୍ଥନ ଓ ସହଯୋଗକୁ ଗ୍ରହଣ କରାଯିବା ଦରକାର। ବଢ଼ାଯାଉଥିବା ସାହାଯ୍ୟର ହାତକୁ ଅସ୍ୱୀକାର କଲେ ତାହା ଭବିଷ୍ୟତରେ ଦେଶକୁ ହାନି ପହଞ୍ଚାଇବ।

# ଗୋଦାବରୀ ଲୋ ତୋ ଗୋଡ଼କୁ ଅନା



ଡ. ସନ୍ତୋଷ କୁମାର ମହାପାତ୍ର

ସମ୍ପ୍ରତି ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ହେଲା ପରେ ଏକ ନୂତନ ଶବ୍ଦ 'ମୋଦିବିରୋଧୀ' ସୃଷ୍ଟି ହୋଇଛି। ଯେଉଁମାନେ ଭାରତର ପ୍ରଧାନମନ୍ତ୍ରୀ ହୋଇଛନ୍ତି, ସେମାନେ ସେମାନଙ୍କର କୌଣସି ବିଫଳତା ଏବଂ ତ୍ରୁଟିପୂର୍ଣ୍ଣ ନୀତି ପାଇଁ ସମାଲୋଚନାର ଶରବ୍ୟ ହୋଇଛନ୍ତି। ବହୁ ଲେଖକ ଓ ସ୍ତମ୍ଭକାର ସେମାନଙ୍କ ନୀତି ଓ କାର୍ଯ୍ୟକଳାପକୁ ଅତ୍ୟନ୍ତ କଠୋର ଭାଷାରେ ସମାଲୋଚନା କରିଥିଲେ ମଧ୍ୟ କେହି ସେମାନଙ୍କୁ ନେହେରୁ ବିରୋଧୀ, ଇନ୍ଦିରା ବିରୋଧୀ, ବାଜପେୟୀ ବିରୋଧୀ ବା ମନମୋହନ ବିରୋଧୀ ବୋଲି ଅଭିହିତ କରି ନ ଥିଲେ। କିନ୍ତୁ ବର୍ତ୍ତମାନ ଯଦି କିଏ ନରେନ୍ଦ୍ର ମୋଦିଙ୍କ ବିଫଳତା, ତ୍ରୁଟିପୂର୍ଣ୍ଣ ନୀତିକୁ ସମାଲୋଚନା କଲା ତାଙ୍କୁ ମୋଦିଙ୍କ ସମର୍ଥକମାନେ ମୋଦି ବିରୋଧୀ ଆଖ୍ୟା ଦେଉଛନ୍ତି। ଜଣେ ଲେଖକ ଭୁଲ ବା ଠିକ୍ ଲେଖିଛି, ଯେଉଁ ତଥ୍ୟ ଦେଇଛି ତାହା ଠିକ୍ ନା ଭୁଲ ବା ଯେଉଁ ମତ ଦେଇଛି ତାହା କେତେଦୂର ଗ୍ରହଣୀୟ ତାହାକୁ ବିଚାର ନ କରି ବା ବିକଳ୍ପ ମତ, ତଥ୍ୟ ନ ଥୋଇ ସତ କହୁଥିବା ଲୋକଙ୍କୁ ମୋଦି ବିରୋଧୀ ଆଖ୍ୟା ଦେଇ ତା' ପ୍ରତି ଜନସାଧାରଣଙ୍କ ମନରେ ଘୃଣାଭାବ ସୃଷ୍ଟି କରାଯାଉଛି, ଯାହାଫଳରେ ଲୋକମାନେ ସେହି ବ୍ୟକ୍ତିର ସତକଥାକୁ ଗ୍ରହଣ କରିବେ ନାହିଁ। ଏହାର ଅର୍ଥ ହେଉଛି ଭିନ୍ନ ମତ ତଥା ପ୍ରଶ୍ନ କରିବାର ଅଧିକାରକୁ ଧୂଳିସାତ କରିବା, ଯାହା ଗଣତନ୍ତ୍ର ପ୍ରତି ବିପଦ। କ୍ଷମତାକୁ ନିରଙ୍କୁଶ କରିବା ପାଇଁ ଏପରି ପଦକ୍ଷେପ ନିଆଯାଉଛି। ସରକାର ଚାହୁଁଛନ୍ତି ଯେ ତାଙ୍କର ଯଦି କିଛି ସଫଳତା ଅଛି ତାକୁ ଲୋକେ ଜାଣନ୍ତୁ। କିନ୍ତୁ କୌଣସି ବିଫଳତା ଜାଣନ୍ତୁ ନାହିଁ।

ଏ କଥା ସତ୍ୟ ଯେ ଯିଏ ପ୍ରଧାନମନ୍ତ୍ରୀ ହେଉ ନା କାହିଁକି ବା ଯେଉଁ ଦଳ ଶାସନ କରୁ ନା କାହିଁକି ବିଭିନ୍ନ ସମସ୍ୟାର ସମାଧାନ ସହଜ ନୁହେଁ, କିନ୍ତୁ ଯିଏ କ୍ଷମତାରେ ରହିବ ତା'ର ମୁଖ୍ୟ କାର୍ଯ୍ୟହେବ ଧନିକ ଶ୍ରେଣୀଠାରୁ ଅଧିକ ହାରରେ ଟିକସ ଆଦାୟ କରି ବିଭିନ୍ନ ଜନହିତକର କାର୍ଯ୍ୟ ତଥା ବିଭିନ୍ନ ସାମାଜିକ କ୍ଷେତ୍ରରେ ଅଧିକ ବ୍ୟୟ କରି ଜନସାଧାରଣଙ୍କ ଜୀବନଧାରଣର ମାନରେ ଉନ୍ନତି ଆଣିବା ପାଇଁ ପ୍ରୟାସ କରିବା। ସବୁଠାରୁ ଚିନ୍ତାର ବିଷୟ ହେଉଛି ଜୀବନ ଧାରଣର ମାନରେ ଉନ୍ନତି ପାଇଁ ପଦକ୍ଷେପ ନେବା ପରିବର୍ତ୍ତେ କିଛି ନିର୍ଦ୍ଦିଷ୍ଟ ଶ୍ରେଣୀଙ୍କୁ ଆକୃଷ୍ଟ କରିବା ପାଇଁ ବା ଭୋଟ ବ୍ୟାଙ୍କ ସୃଷ୍ଟି କରିବା ପାଇଁ ଯୋଜନା ଘୋଷଣା କରାଯାଉଛି। ଉଦାହରଣ ସ୍ୱରୂପ ବର୍ତ୍ତମାନ ଉଜ୍ଜ୍ୱଳା ଯୋଜନାକୁ ସରକାରଙ୍କ ତରଫରୁ ଅହରହ ପ୍ରଚାର କରାଯାଉଛି। ଏହା ଏକ ଭଲ ଯୋଜନା କିନ୍ତୁ ସରକାର କହୁଛନ୍ତି ମାଗଣାରେ ସିଲିଣ୍ଡର, ଚୁଲା ଦିଆଯାଉଛି ଏବଂ ଏହାଦ୍ୱାରା ମହିଳାଙ୍କୁ ସମ୍ମାନ ମିଳିଲା। କିନ୍ତୁ ମହିଳାଙ୍କ ସମସ୍ୟା ନୁହେଁ ଗ୍ୟାସ ଚୁଲା। ସମସ୍ୟା ହେଉଛି ତାଙ୍କ ଆର୍ଥିକ ଅବସ୍ଥା, ଯାହାର ଉନ୍ନତି ନ ହେବା ଯୋଗୁ ଅଧିକାଂଶ ଦ୍ୱିତୀୟଥର ଗ୍ୟାସ ଭରିବା ପାଇଁ ଆସୁନାହାନ୍ତି। ସରକାର ଏପଟେ ଗ୍ୟାସ ଚୁଲା ଦେଇ ଯେତିକି ସୁବିଧା ନ ଦେଲେ ପେଟ୍ରୋଲ, ଡିଜେଲ ଉପରେ ଅଧିକ ଟିକସ ଧାର୍ଯ୍ୟକରି ତା'ଠାରୁ ଅଧିକ ଜନସାଧାରଣଙ୍କ ପକେଟରୁ ନେଇଗଲେ। କାରଣ ପେଟ୍ରୋଲ, ଡିଜେଲରେ ଅଧିକ ଟିକସ ଧାର୍ଯ୍ୟ କରିବା ଏବଂ ଅଧିକ ମୂଲ୍ୟରେ ବିକ୍ରି ହେବା ଯୋଗୁ ଦରଦାମ ବୃଦ୍ଧି, ମୁଦ୍ରାସ୍ଫୀତି ବୃଦ୍ଧି ଯୋଗୁ ଲୋକଙ୍କର କ୍ରୟ ଶକ୍ତି ହ୍ରାସ ପାଇଲା ଏବଂ ଜୀବନଧାରଣରେ ଅବନତି ଘଟିଲା। ଯଦି ସେହି ମହିଳାଙ୍କ ପରିବାରର ଆୟ ବୃଦ୍ଧି ପାଆନ୍ତା ତେବେ ସେମାନେ ନିଜ ଅର୍ଥରେ ଗ୍ୟାସ ଚୁଲା କିଣି ସର୍ବଦା ସିଲିଣ୍ଡରରେ ଗ୍ୟାସ ଭରିବା ପାଇଁ ସକ୍ଷମ ହୁଅନ୍ତେ।

ଅନେକେ କୁହନ୍ତି ଯେ, ନରେନ୍ଦ୍ର ମୋଦି ସ୍ୱଚ୍ଛ, ସାଧୁ ଏବଂ ଗରିବ ଚା ବିକାଳି ପରିବାରରୁ ଆସି ପ୍ରଧାନମନ୍ତ୍ରୀ ହୋଇଛନ୍ତି। ତାଙ୍କର ନିଜର ସମ୍ପତ୍ତି କିଛି ନାହିଁ। ମନେକରାଯାଉ ଏସବୁ ଶତପ୍ରତିଶତ ଠିକ୍। କିନ୍ତୁ ଏହାର ଅର୍ଥ ନୁହେଁ ସେ ବର୍ତ୍ତମାନ ଚା ବିକାଳି ପରି ଜୀବନ ବିତାଉଛନ୍ତି। ଦୁନିଆର ନୀତି ହେଉଛି ଯେ ଅଧିକାଂଶ ଗରିବ ପରିବାରରୁ ଯାଇ ଧନଶାଳୀ, କ୍ଷମତାଶାଳୀ ହେଲା ପରେ ସେ ଅତୀତକୁ ଭୁଲିଯାଆନ୍ତି। ନରେନ୍ଦ୍ର ମୋଦି ୧୦ ଲକ୍ଷ ଟଙ୍କାର ସୁଟ୍ ପିନ୍ଧିବା, ଅତ୍ୟଧିକ ମାତ୍ରାରେ ବିଦେଶ ଗସ୍ତ କରିବା କେତେଦୂର ସମୀଚୀନ? ବୈଦେଶିକ ବ୍ୟାପାର ମନ୍ତ୍ରୀ କାହିଁକି ଅଛନ୍ତି? ପୁନଶ୍ଚ ଯଦି ମୋଦି ଗରିବ ପରିବାରରୁ ଆସିଛନ୍ତି, ତେବେ ତାଙ୍କ ମନ୍ତ୍ରିମଣ୍ଡଳରେ ଗରିବ ଲୋକଙ୍କୁ କାହିଁକି ସ୍ଥାନ ଦେଉନାହାନ୍ତି? ଗରିବ ଲୋକଙ୍କୁ କାହିଁକି ନିର୍ବାଚନରେ ଅବତୀର୍ଣ୍ଣ ହେବା ପାଇଁ ଟିକେଟ ଦେଉନାହାନ୍ତି? ଅପରାଧରେ ସଂଶ୍ଳିଷ୍ଟ ବ୍ୟକ୍ତିଙ୍କୁ କାହିଁକି ଦଳରୁ ବିତାଡିତ କରୁନାହାନ୍ତି? ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛି ମୋଦିଙ୍କ ମନ୍ତ୍ରିମଣ୍ଡଳର ସଦସ୍ୟଙ୍କ ନିଜସ୍ୱ ଘୋଷିତ ସମ୍ପତ୍ତିର ପରିମାଣ ହାରାହାରି ୧୨.୯୪ କୋଟି ଟଙ୍କା, ଯାହା ରେକର୍ଡ।

ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ହେଲା ପରେ ଗରିବ ସାଧାରଣ ଜନତାଙ୍କ ପାଇଁ କିଛି କରିବା ସହିତ ଅନେକ ବଳିଷ୍ଠ ପଦକ୍ଷେପ ନେବାର ସୁଯୋଗ ଥିଲା। କିନ୍ତୁ ସେ ଚତୁରତାର ସହିତ ଅମ୍ବାନୀ, ଆଦାନୀ ଭଳି ଶିଳ୍ପପତିଙ୍କ ସହିତ ହାତ ମିଳାଇଦେଲେ। ଯେଉଁମାନେ ରାଷ୍ଟ୍ରାୟତ୍ତ ଶିଳ୍ପର କ୍ଷତି ଘଟାଇ, ଦେଶର ସମ୍ପତ୍ତି ଲୁଣ୍ଠନ କରି ନିଜର ବ୍ୟବସାୟ ସମ୍ପ୍ରସାରଣ କରିବା ସହିତ ସମ୍ପଦ ବୃଦ୍ଧି କରି ଚାଲିଲେ। ଗରିବ ପୂର୍ବ ପରି ଅବହେଳିତ ହୋଇ ରହିଲେ। ଜଣେ ଯୁକ୍ତି ଛଳରେ କହିପାରେ, ଏହିସବୁ କମ୍ପାନୀ ମଧ୍ୟ ନିଯୁକ୍ତି ସୃଷ୍ଟି କରୁଛନ୍ତି। ବାସ୍ତବରେ ଏମାନେ ଯେତିକି ନିଯୁକ୍ତି ସୃଷ୍ଟି କରୁଛନ୍ତି, ଯଦି ନ ଥାନ୍ତେ ତେବେ ତାହାଠାରୁ ବହୁଗୁଣରୁ ଅଧିକ ଅନ୍ୟ ରାଷ୍ଟ୍ରାୟତ୍ତ କ୍ଷେତ୍ର ବା ଘରୋଇ କ୍ଷେତ୍ରରେ ସୃଷ୍ଟି ହୋଇଥାନ୍ତା। କେବଳ ସେତିକି ନୁହେଁ ଗତ ୪ ବର୍ଷରେ କମ୍ପାନୀମାନେ କ୍ଷମତାଶାଳୀଙ୍କ ଛତ୍ରଛାୟାରେ ରହି ଋଣ ନ ଶୁଝିବାରୁ ବ୍ୟାଙ୍କଗୁଡ଼ିକର ଅଚଳ ସମ୍ପତ୍ତି ବା ଖରାପ ଋଣ ୨.୬୬ ଲକ୍ଷ କୋଟି ଟଙ୍କାରୁ ୧୦ .୩ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧିପାଇଛି। ସବୁଠାରୁ କ୍ଷୋଭର ବିଷୟ ଗତ ୩ ବର୍ଷରେ ବ୍ୟାଙ୍କଗୁଡ଼ିକରେ ବିଭିନ୍ନ ଠକାମି, ଲୁଣ୍ଠନ ପରିମାଣ ୬୨୦୦୦ କୋଟି ଟଙ୍କା। ରାଫେଲ ଦୁର୍ନୀତି ମଧ୍ୟ ବର୍ତ୍ତମାନ ଅନେକ ପ୍ରଶ୍ନ ଠିଆ କରିଛି। ଆଉ ଏକ ଆଶ୍ଚର୍ଯ୍ୟର ବିଷୟ ହେଉଛି ସରକାର ଗରିବ କଥା ଏବଂ ଜନଧନ ଯୋଜନା କଥା କହୁଛନ୍ତି। ସେତେବେଳେ ଗରିବ ଲୋକ ବ୍ୟାଙ୍କରେ ସର୍ବନିମ୍ନ ବାଲାନ୍ସ ରଖିବାରେ ବିଫଳ ହେବାରୁ ବ୍ୟାଙ୍କଗୁଡ଼ିକ ୫୦୦୦ କୋଟି ଟଙ୍କା ତାଙ୍କ ଜମାରୁ କାଟି ନେଇଛନ୍ତି। ଏଠାରେ ଏକ ସ୍ୱତଃ ପ୍ରଶ୍ନ ଉଠେ ସରକାର ଯଦି ଦୁର୍ନୀତି, କଳାଟଙ୍କା ହଟାଇବା ପାଇଁ ଚେଷ୍ଟିତ ତେବେ ରାଜନୈତିକ ପ୍ରକ୍ରିୟା କାହିଁକି ସ୍ୱଚ୍ଛ କରୁନାହାନ୍ତି। ପ୍ରଧାନମନ୍ତ୍ରୀ କାହିଁକି ନିଜକୁ ଲୋକପାଳର ଅନ୍ତର୍ଭୁକ୍ତ କରୁନାହାନ୍ତି କି କୌଣସି ଗଣମାଧ୍ୟମ ପ୍ରତିନିଧିଙ୍କ ସମ୍ମିଳନୀ କରୁନାହାନ୍ତି। ଏପରିକି କାହିଁକି କ'ଣ ଆବଶ୍ୟକ ପଡ଼ିଲା ଯେ ସୂଚନା ଅଧିକାର ଆଇନରେ ପରିବର୍ତ୍ତନ ଆଣିବା? ଅବଶ୍ୟ ବିରୋଧ ଯୋଗୁ ଏଥିରୁ ବିରତ ହୋଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ କୌଣସି ଦେଶୀ ବିଦେଶୀ କମ୍ପାନୀ ବିଭିନ୍ନ ଦଳର ପାଣ୍ଠିକୁ ନିଜ ନାମ ଲୁଚାଇ ପ୍ରଚୁର ଅର୍ଥ ଦେଇପାରିବ। ଯାହା କେବଳ ଦୁର୍ନୀତିର ଉତ୍ସ ନୁହେଁ। ସରକାରରେ ଥିବା ଦଳ ଲାଭବାନ ହେବ। ଭାଜପାର ଦଳୀୟ ପାଣ୍ଠିକୁ କର୍ପୋରେଟମାନେ ସର୍ବାଧିକ ଦେଇଛନ୍ତି।

ଆଉ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଏହି ସରକାର ବିଫଳତା ଲୁଚାଇବା ପାଇଁ ତଥ୍ୟ ସଂଗ୍ରହ ମାଧ୍ୟମରେ ପରିବର୍ତ୍ତନ କରୁଛନ୍ତି ଏବଂ କିପରି ଅଧିକ ସଫଳତା ଦେଖାଯାଇପାରିବ ସେହିପରି ଭାବେ ତଥ୍ୟ ଆକଳନ କରାଯାଉଛି। ଉଦାହରଣ ସ୍ୱରୂପ ଲେବର ବ୍ୟୁରୋ ବା ଏନଏସଏସଓ ଦ୍ୱାରା ନିଯୁକ୍ତି ବୃଦ୍ଧି ଆକଳନ ନ କରି କର୍ମଚାରୀ ଭବିଷ୍ୟନିଧି ପାଣ୍ଠିର ରେକର୍ଡକୁ ବ୍ୟବହାର କରିବା। ରେଟିଂରେ ଉନ୍ନତି ପାଇଁ ରେଟିଂ ଏଜେନ୍ସି ଉପରେ ଚାପ ସୃଷ୍ଟି କରିବା। ଏ ସରକାରଙ୍କର ସବୁଠାରୁ ବଡ଼ ଦୁର୍ବଳତା ହେଉଛି, ପ୍ରତ୍ୟେକ ବିଫଳତା ପାଇଁ ପୂର୍ବ ସରକାରଙ୍କୁ ଦାୟୀ କରିବା। ଅନେକେ ମଧ୍ୟ ଯୁକ୍ତି କରନ୍ତି ଯେ ସରକାର ଯାହା ଭଲ କରିଛନ୍ତି ତାହା ଲେଖାଯିବା ଉଚିତ। ବାସ୍ତବରେ ସେ ନିର୍ବାଚିତ ହୋଇଛନ୍ତି ଭଲ କରିବା ପାଇଁ ଏବଂ ଯାହା କରୁଛନ୍ତି ତାହା ଗଣମାଧ୍ୟମରେ ସାଙ୍ଗେ ସାଙ୍ଗେ ପ୍ରକାଶ ପାଉଛି ଏବଂ ବିଜ୍ଞାପନ ଦ୍ୱାରା ମଧ୍ୟ ଲୋକଙ୍କ ପାଖରେ ପହଞ୍ଚୁଛି। କିନ୍ତୁ ଯେଉଁ କୋଟି କୋଟି ଲୋକ କ୍ଷୁଧା, ଦାରିଦ୍ର୍ୟ ବୈଷମ୍ୟର ଶିକାର ହୋଇ ଦୁଃଖମୟ ଜୀବନ ବିତାଉଛନ୍ତି, ସେମାନଙ୍କ କଥା କିଏ କହିବ? ସେମାନଙ୍କ କଥା କହିବା ଅର୍ଥ ସରକାରଙ୍କ ବିଫଳତା ଦର୍ଶାଇବା।

ମୋ-୯୪୩୭୨୦୮୭୬୨,
skmohapatra67@gmail.com

# ଶିକ୍ଷା, ଶିକ୍ଷକ ଓ ଶିକ୍ଷାନୁଷ୍ଠାନ

ପ୍ରୀତିଛନ୍ଦା ଧଳ

ଶିକ୍ଷା ହେଉଛି ସମାଜର ମୂଳଦୁଆ। ଏହାଦ୍ୱାରା ହିଁ ଗୋଟିଏ ସୁସ୍ଥ ସମାଜ ଗଠନ ହୋଇପାରିବ। ଆମ ରାଜ୍ୟରେ ସମୁଦାୟ ୩୪,୨୩୮ଟି ପ୍ରାଥମିକ ଓ ୧୭,୭୨୬ଗୋଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରହିଛି। ସେଥିମଧ୍ୟରୁ ୨୯,୯୪୪ଟି ପ୍ରାଥମିକ ସ୍କୁଲରେ ପ୍ରତି ଶ୍ରେଣୀ ପାଇଁ ବଖରାଏ ଗୃହ ନାହିଁ। ୩୨,୫୫୩ଟି ପ୍ରାଥମିକ ବିଦ୍ୟାଳୟରେ ପ୍ରତି ଶ୍ରେଣୀ ପାଇଁ ଜଣେ ଲେଖାଏ ଶିକ୍ଷକ ନାହାନ୍ତି। ୧୨,୪୬୬ଟି ଉଚ୍ଚ ପ୍ରାଥମିକ ସ୍କୁଲ୍‌ରେ ପ୍ରତି ଶ୍ରେଣୀ ପାଇଁ ଜଣେ ଶିକ୍ଷକ ନାହାନ୍ତି। ରାଜ୍ୟର ସମସ୍ତ ସରକାରୀ ବିଦ୍ୟାଳୟ ମଧ୍ୟରୁ ୭ ପ୍ରତିଶତ ହେଉଛି ଜଣେ ଶିକ୍ଷକରେ ଚାଲୁଥିବା ବିଦ୍ୟାଳୟ। ୬୬ ପ୍ରତିଶତ ସରକାରୀ ପ୍ରାଥମିକ ସ୍କୁଲ୍‌ରେ ପ୍ରତି ୩୦ଜଣ ପିଲାଙ୍କ ପାଇଁ ଶିକ୍ଷକଙ୍କ ଅନୁପାତ ଜଣକରୁ କମ୍। ସର୍ବଶିକ୍ଷା ଅଭିଯାନରେ ରାଜ୍ୟରେ ଏବେ ୨୪,୪୪୬ ଶିକ୍ଷକ ପଦ ଖାଲି ରହିଛି ଓ ସରକାରୀ ହାଇସ୍କୁଲରେ ମୋଟ ୧୧,୩୪୧ ପଦ ଖାଲି ପଡ଼ିଛି। ରାଜ୍ୟରେ ୩୬୭ଟି ସ୍କୁଲର ନିଜସ୍ୱ ଘର ନ ଥିବା ତଥ୍ୟ ମଧ୍ୟ ନିକଟରେ ବିଧାନସଭାରେ ପ୍ରକାଶ ପାଇଛି। ଉପରୋକ୍ତ ତଥ୍ୟଗୁଡ଼ିକ ଉପରେ ନଜର ପକେଇଲେ ଆମେ ଜାଣିପାରିବା ଆମ ରାଜ୍ୟର ଶିକ୍ଷା ସ୍ଥିତି କେଉଁଠି। ଶିକ୍ଷା ସମାଜର ମେରୁଦଣ୍ଡ ଭଳି କାର୍ଯ୍ୟ କରିଥାଏ। କିନ୍ତୁ ଆମ ରାଜ୍ୟରେ ଶିକ୍ଷାର ଯେଉଁ ବିପର୍ଯ୍ୟସ୍ତ ପରିସ୍ଥିତି, ତାହା ନିଶ୍ଚୟ ସମୀକ୍ଷା କରିବାର ସମୟ ଆସିଛି। କିଛି ଜିଲାରେ ମଧ୍ୟ ଶିକ୍ଷା ବିଭାଗ ପିଲାଙ୍କୁ ବହି ଯୋଗାଇବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। ତା'ହେଲେ ଏତେସବୁ ତ୍ରୁଟିବିଚ୍ୟୁତି ଯଦି ଶିକ୍ଷା ବ୍ୟବସ୍ଥାରେ ରହିବ ତା'ହେଲେ ବିଭିନ୍ନ ଶିକ୍ଷା ଯୋଜନାର ସଫଳ ରୂପାୟନ କେମିତି ହେବ? ଶିକ୍ଷାର ମାନଦଣ୍ଡ ଯଦି ଗୁଣାତ୍ମକ ନ ହୁଏ, ତା'ହେଲେ ସଭିଏଁ ପଢ଼ିବେ ଆଉ ସଭିଏଁ ବଢ଼ିବେ କେମିତି? ନିକଟରେ ଏକ ଖବରକାଗଜରେ ପ୍ରକାଶ ପାଇଥିଲା, ସରକାରଙ୍କ ନୂଆ ଉଜ୍ଜ୍ୱଳ ଓ ଉତ୍‌ଥାନ ଯୋଜନା ଏକପ୍ରକାର ପ୍ରଚାର ଓ ପ୍ରହସନରେ ପରିଣତ ହୋଇଛି। ଗୋଟିଏ ଛାତ ତଳେ ଖଣ୍ଡିଏ ବହି ଧରି ୭-୮ ଜଣ ପିଲା ପଢୁଥିବାର ଦେଖାଯାଇଥିଲା। ମାହାଙ୍ଗା ବ୍ଲକ୍‌ରେ ୧୪୦ଟି ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୮୫୬୯ ଜଣ ପିଲା ପାଠ ପଢ଼ନ୍ତି। ସେହିପରି ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ବା ୮୯ ମଧ୍ୟଇଂରାଜୀ ବିଦ୍ୟାଳୟ ଓ ଅଷ୍ଟମ ଶ୍ରେଣୀଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ରହିଥିବା ୧୦ଟି ହାଇସ୍କୁଲ୍‌କୁ ମିଶାଇ ସମୁଦାୟ ୨୩୯ ସ୍କୁଲରେ ଚାଲିଛି ଉଜ୍ଜ୍ୱଳ ଓ ଉତ୍‌ଥାନ କାର୍ଯ୍ୟକ୍ରମ। ଏହି ସ୍କୁଲ୍‌ଗୁଡ଼ିକରେ ୬୯୨ଜଣ ଶିକ୍ଷକ ନିଯୁକ୍ତି ପାଇଛନ୍ତି। ଏହି ଯୋଜନା ମାଧ୍ୟମରେ ପିଲାଙ୍କୁ ଦିଆଯାଉଥିବା ବହିରେ ବ୍ୟାପକ ଶବ୍ଦଗତ ତ୍ରୁଟି ପରିଲକ୍ଷିତ ହୋଇଛି। ଏଥିପାଇଁ କିଏ ଦାୟୀ? ଏଥିରୁ ପିଲାମାନେ କ'ଣ ଶିକ୍ଷା କରିବେ? ଓଡ଼ିଶାର କଟକ ଜିଲା ବିଦ୍ୟାଳୟର ଯଦି ଏହି ପରିସ୍ଥିତି, ତା'ହେଲେ ଅନ୍ୟ ଜିଲା କଥା କ'ଣ କୁହାଯିବ। ତେଣୁ ଶିକ୍ଷା ବ୍ୟବସ୍ଥାକୁ କିଭଳି ସୁଦୃଢ଼ କରାଯାଇପାରିବ, ସେ ଦିଗରେ ସମସ୍ତେ ଚିନ୍ତା କରିବାର ସମୟ ଆସିଛି। ଗତ ଜୁନ୍ ୩୦ ତାରିଖରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବଙ୍କ ଅଧ୍ୟକ୍ଷତାରେ ସମସ୍ତ ଶିକ୍ଷକଙ୍କ ବାୟୋଡାଟା ମଗାଯିବାର ଏକ ବୈଠକରେ ଆଲୋଚନା ହୋଇଥିଲା। ଏ ପର୍ଯ୍ୟନ୍ତ ରାଜ୍ୟର ସବୁ ଶିକ୍ଷକଙ୍କ ବାୟୋଡାଟା ଠିକ୍ ନାହିଁ। ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ରରେ ବହୁ ତ୍ରୁଟି ମଧ୍ୟ ପରିଲକ୍ଷିତ ହୋଇଛି। ଏହାକୁ ଗୁରୁତ୍ୱର ସହ ନେଇ ସମସ୍ୟାର ସମାଧାନ କରିବାକୁ ଶିକ୍ଷା ବିଭାଗ ପ୍ରୟାସ ଆରମ୍ଭ କରିଥିଲା। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। କାରଣ ଆମେ ଆମର ଭବିଷ୍ୟତକୁ ଯେଉଁମାନଙ୍କ ହାତରେ ଟେକିଦେଉଛେ, ସେମାନଙ୍କ ଶିକ୍ଷାଗତ ଯୋଗ୍ୟତା ଓ ଶିକ୍ଷାର ମାନଦଣ୍ଡ ନିହାତି ଉତ୍କର୍ଷ ହେବା ଦରକାର। କାରଣ ଆଜିକାଲି ଆମେମାନେ ଦେଖୁଛେ ବିଭିନ୍ନ ଜାଗାରେ ସଂସ୍କୃତ ଟୋଲ୍ ଖୋଲିଯାଉଛି ଏବଂ ସେଠାରୁ ପିଲାମାନେ ପାସ୍‌କରି ବିଭିନ୍ନ କଲେଜରେ ନାମ ଲେଖାଉଛନ୍ତି ଓ କେତେଜଣ ମଧ୍ୟ ଶିକ୍ଷକତା କରୁଛନ୍ତି। ତେଣୁ ଶିକ୍ଷକମାନଙ୍କ ଶିକ୍ଷାର ମାନଦଣ୍ଡ ପ୍ରଥମେ ଠିକ୍ ରହିବା ଦରକାର। ଶିକ୍ଷକମାନଙ୍କ ଶିକ୍ଷାଗତ ଯୋଗ୍ୟତା ଯଦି ଠିକ୍ ରହିବ, ତା'ହେଲେ ସରକାରୀ ଶିକ୍ଷାନୁଷ୍ଠାନଗୁଡ଼ିକ ଆଉ ଅଧାରୁ ବନ୍ଦ ହେବନାହିଁ। ସରକାରଙ୍କ ଶିକ୍ଷାନୁଷ୍ଠାନରେ ଅଧାରୁ ପିଲାମାନେ ପାଠ ବନ୍ଦ କରିଦେଉଛନ୍ତି କିମ୍ବା ଅନ୍ୟତ୍ର କୌଣସି ବେସରକାରୀ ବିଦ୍ୟାଳୟରେ ନାମ ଲେଖାଉଛନ୍ତି। ଏହାର କାରଣ ଜାଣିବା ସହ ଏସବୁର ନିରାକରଣ ପାଇଁ ଶିକ୍ଷା ବିଭାଗର ତତ୍ପରତା ପ୍ରକାଶ ପାଇବା ଜରୁରୀ। କାରଣ ଆମ ରାଜ୍ୟର ଶିକ୍ଷା ବ୍ୟବସ୍ଥା ଭୁଶୁଡ଼ିଯାଇଛି। ତାହାକୁ ଯଦି ସଜଡ଼ା ନ ଯାଏ, ତା'ହେଲେ ରାଜ୍ୟରେ ଆଉ କିଛିଦିନ ପରେ ସରକାରୀ ବିଦ୍ୟାଳୟ ସବୁ ବନ୍ଦ ହୋଇଯିବ। ପ୍ରଥମରୁ ହିଁ ଯଦି ଶିକ୍ଷା, ଶିକ୍ଷକ ଓ ଶିକ୍ଷାନୁଷ୍ଠାନ ଏହି ତିନୋଟିକୁ ସୁନ୍ଦର ଭାବରେ ସଜଡ଼ା ଯାଇପାରନ୍ତା, ତା'ହେଲେ ନିଶ୍ଚୟ ରାଜ୍ୟରେ ଶିକ୍ଷାର ପ୍ରସାର ହୋଇପାରନ୍ତା। ସମସ୍ତେ ଶିକ୍ଷାକୁ ହାତପାଆନ୍ତାରେ ପାଇପାରନ୍ତେ। ଯେଉଁ ଦେଶର ଶିକ୍ଷା ବ୍ୟବସ୍ଥା ଯେତେ ସୁଦୃଢ଼ ସେ ଦେଶର ନାଗରିକ ସେତେ ସଚେତନ। ତେଣୁ ଆମକୁ ପ୍ରଥମେ ଶିକ୍ଷା ବ୍ୟବସ୍ଥାକୁ ସଜାଡ଼ିବାକୁ ଆଉ ସୁଧାରିବାକୁ ପଡ଼ିବ। ଶିକ୍ଷା ହେଉଛି ସମସ୍ତଙ୍କ ମୌଳିକ ଅଧିକାର। ଶିକ୍ଷା ବ୍ୟବସ୍ଥାରେ ଯେତେକ ଅବ୍ୟବସ୍ଥା ସୃଷ୍ଟି ହେଉଛି, ତା'ର ସମୀକ୍ଷା ସମସ୍ତେ ମିଳିମିଶି କରିବା ଦରକାର।

ମୋ-୯୯୩୭୭୩୪୪୬୧

## ଏଇ ଭାରତରେ

ରାଜସ୍ଥାନର ହ୍ରଦନଗରୀ ଉଦୟପୁର ନିକଟରେ ଏକ ଛୋଟ ଗାଁ ହଜାର ହଜାର ଭିନ୍ନକ୍ଷମଙ୍କୁ ରୋଜଗାର ବାଟ ଦେଖାଇ ନୂଆ ଜୀବନର ରାହା ଦେଇଛି। ବିନା ମୂଲ୍ୟରେ ଅସ୍ତ୍ରୋପଚାର କରାଯାଇ ସେମାନଙ୍କ ଜନ୍ମଗତ ଅଙ୍ଗବିକୃତିକୁ ଠିକ୍ କରାଯାଇ ପାରୁଛି। ଚିକିତ୍ସା କାଳରେ ସେମାନଙ୍କୁ ମୋବାଇଲ୍ ଓ କମ୍ପ୍ୟୁଟର ମରାମତି ତାଲିମ ସହିତ ସିଲେଇ ଶିକ୍ଷାଦିଆଯାଉଛି। ଯାହାଦ୍ୱାରା ସେମାନେ ଆତ୍ମନିର୍ଭରଶୀଳ ହୋଇପାରିବେ। ଭିନ୍ନକ୍ଷମଙ୍କ ପାଇଁ ଆଶୀର୍ବାଦ ସାଜିଛି 'ନାରାୟଣ ସେବା ସଂସ୍ଥାନ'। ଏହାର ପରିସରରେ ମଡର୍ନ ହସ୍ପିଟାଲ୍, ଅନାଥାଶ୍ରମ, ସ୍ମାର୍ଟ ସ୍କୁଲ୍, ଦକ୍ଷତା ତାଲିମ ପ୍ରତିଷ୍ଠାନ, ଥଇଥାନ କେନ୍ଦ୍ର, ଫିଜିଓଥେରାପି ଏବଂ ନ୍ୟାଚୁରୋଥେରାପି ରହିଛି। ସେଥିପାଇଁ ଏହି ଗାଁକୁ 'ସ୍ମାର୍ଟ ଭିଲେଜ୍' କୁହାଯାଉଛି। ଏଟିଏମ୍ ମେଶିନ୍, ଇଣ୍ଟରନେଟ ସଂଯୋଗ ଏବଂ ନିଜସ୍ୱ ଟଏ ଟ୍ରେନ୍ ମଧ୍ୟ ରହିଛି। ଏଠାରେ ଅନ୍ତେବାସୀଙ୍କ ନିମନ୍ତେ ସବୁ ପ୍ରକାର ସୁବିଧା ରହିଛି। ଉଲ୍ଲେଖନୀୟ ସେବା ପାଇଁ ପଦ୍ମଶ୍ରୀ ଉପାଧିପ୍ରାପ୍ତ କୈଳାସ ଅଗ୍ରୱାଲ୍‌ଙ୍କ ଦ୍ୱାରା ଏହି ସଂଗଠନ ପ୍ରତିଷ୍ଠିତ। ଭିନ୍ନକ୍ଷମ ବ୍ୟକ୍ତିମାନେ ଚିକିତ୍ସିତ ହୋଇ ଯିବା ପରେ ଯେଭଳି ନିଜେ ରୋଜଗାରକ୍ଷମ ହୋଇପାରିବେ ତାହା ସୁନିଶ୍ଚିତ କରିବା ଏହି ସଂସ୍ଥାର ମୁଖ୍ୟ ଉଦ୍ଦେଶ୍ୟ।

## ଚିରନ୍ତନୀ

ଶୋକେ ଓଦା ନୀଳ ଭୁରୁ   ବହେ କି ପରାସ ଗୁରୁ
ନୀରବ ଧିଆନେ ଅବା   ନାହିଁ କହେ କଥା
ମୋ ବିରହେ ଲୁଚାଇଛି ବ୍ୟଥା !
(ବ୍ୟବଧାନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨୭ ଅଗଷ୍ଟ ୧୯୯୩

- ପାକିସ୍ତାନକୁ ଚୀନ ଏମ୍-୧୧ କ୍ଷେପଣାସ୍ତ୍ର ଜ୍ଞାନକୌଶଳ ଓ ତତ୍‌ସଂକ୍ରାନ୍ତ ଯୁଦ୍ଧ ସରଞ୍ଜାମ ରପ୍ତାନି କରୁଥିବା ପ୍ରତିବାଦରେ ଆମେରିକା ଉଭୟ ରାଷ୍ଟ୍ର ବିରୋଧରେ ଅର୍ଥନୈତିକ କଟକଣା ଜାରି କଲା।
- ନିକାରାଗୁଆର ବାମପନ୍ଥୀ ବିଦ୍ରୋହୀ ବନ୍ଧୁକଧାରୀମାନଙ୍କ ଦ୍ୱାରା ପଣବନ୍ଦୀ ରହିଥିବା ଉପରାଷ୍ଟ୍ରପତି ଭର୍ଜିଲ ଓ ଗୋଡଲାଙ୍କ ସମେତ ଅବଶିଷ୍ଟ ୧୬ ଜଣଙ୍କୁ ମୁକ୍ତ କରାଗଲା।

## ସାପ୍ତାହିକ ପଞ୍ଜିକା

ଅଗଷ୍ଟ ୨୦- କେରଳ ବନ୍ୟାକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଭୟଙ୍କର ପ୍ରାକୃତିକ ବିପର୍ଯ୍ୟୟ ଭାବେ ଘୋଷଣା କରିଛି। ଏହି ମହାବନ୍ୟାରେ ଅଗଷ୍ଟ ୮ରୁ ଏପର୍ଯ୍ୟନ୍ତ ୨୧୬ ଜଣ ପ୍ରାଣ ହରାଇବା ସହ ସାଢ଼େ ୭ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ବାସହରା ହୋଇଛନ୍ତି।

୨୧- ପୂର୍ବତନ ମନ୍ତ୍ରୀ ତଥା ବିଶିଷ୍ଟ ସାହିତ୍ୟିକ ଯଦୁନାଥ ଦାସମହାପାତ୍ରଙ୍କ ୮୯ ବର୍ଷ ବୟସରେ ପରଲୋକ।

୨୨- କଲେଜ ଓ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଜଙ୍କ୍ ଫୁଡ୍ ବିକ୍ରି ହେବ ନାହିଁ ବୋଲି ୟୁଜିସିର ନିର୍ଦ୍ଦେଶନାମା ଜାରି।

୨୩- ସତ୍ୟପାଲ ମଲିକ ଜମ୍ମୁ-କଶ୍ମୀର ଓ ଲାଲଜୀ ଟଣ୍ଡନ ବିହାର ରାଜ୍ୟପାଳ ଭାବେ ଶପଥ ଗ୍ରହଣ କରିଛନ୍ତି।

୨୪- ଓଡ଼ିଶାରେ ବିଧାନ ପରିଷଦ ଗଠନ ପାଇଁ ସଂସଦୀୟ ବ୍ୟାପାର ବିଭାଗ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି।

## su|do|ku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | 5 | | | | | 3 | | | | |
| B | | | | | | 6 | | 5 | | | | 1 | | |
| D | | A | | C | | | | | | | | | 3 | |
| 8 | | | | D | 0 | | E | 7 | | | 1 | 2 | 9 | |
| | | 4 | A | E | | | 1 | | | 6 | | | B | |
| | | 8 | | | | | 2 | E | | | 9 | | | C |
| | | | E | | 3 | 7 | | D | | C | A | | | |
| | 0 | | | 4 | | | A | 1 | | B | | 5 | | |
| | E | | | 2 | C | | | | | | | | | |
| | | 6 | | A | D | | | C | | | | | | 1 |
| A | | E | | | 4 | B | | | | | | | | |
| | | | 7 | | | 1 | | | | | E | 6 | | |
| | | 0 | B | 1 | | | | 8 | 3 | | 7 | | D | |
| 6 | | C | 3 | | | | 7 | 0 | 4 | | | | 8 | |
| | 3 | 1 | | 0 | | D | 5 | | | | | 7 | 4 | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | 9 | 7 | D | 6 | E | 4 | 3 | 2 | 1 | 8 | 5 | C | A | B |
| 1 | C | 5 | 9 | A | 4 | B | 0 | 6 | E | 2 | 3 | 8 | 7 | D |
| 8 | D | 4 | 3 | B | 0 | A | 7 | 1 | C | 9 | 6 | E | 5 | 2 |
| 6 | B | A | C | 1 | 2 | 8 | 5 | E | 4 | 7 | D | 3 | 9 | 0 |
| 2 | E | 3 | 5 | 8 | 7 | D | 9 | C | A | B | 0 | 1 | 4 | 6 |
| B | 0 | 1 | 6 | 4 | 9 | 7 | C | A | 3 | 5 | 2 | D | 8 | E |
| C | 3 | 2 | 1 | D | A | 5 | 6 | 0 | 9 | E | 8 | 4 | B | 7 |
| A | 4 | D | E | 0 | 8 | 2 | B | 3 | 6 | 1 | 7 | 9 | C | 5 |
| 9 | 5 | E | 7 | 2 | 3 | 1 | 8 | 4 | D | C | B | 0 | 6 | A |
| 7 | 6 | 8 | B | 5 | C | 9 | E | D | 0 | A | 4 | 2 | 3 | 1 |
| D | A | 6 | 0 | 9 | B | C | 2 | 8 | 5 | 4 | E | 7 | 1 | 3 |
| 3 | 1 | B | 2 | 7 | 5 | 0 | D | 9 | 8 | 6 | C | A | E | 4 |
| 5 | 8 | 9 | 4 | E | D | 3 | A | 7 | B | 0 | 1 | 6 | 2 | C |
| E | 2 | C | A | 3 | 1 | 6 | 4 | B | 7 | D | 9 | 5 | 0 | 8 |
| 4 | 7 | 0 | 8 | C | 6 | E | 1 | 5 | 2 | 3 | A | B | D | 9 |

ଗତକାଲିର ଉତ୍ତର

## ଆମ ସମସ୍ୟା

### ବଜ୍ରପାତ ଭୟ

ମହାଶୟ,

ଏବେ ଆଗ ଅପେକ୍ଷା ଅଧିକ ବଜ୍ରପାତ ଘଟୁଛି। ଫଳରେ ବହୁ ଲୋକ ମୃତାହତ ହେଉଛନ୍ତି। ପୂର୍ବେ ସାଧାରଣତଃ ଉଚ୍ଚ ନଡ଼ିଆ, ତାଳ ଓ ଖଜୁରି ଗଛରେ ବଜ୍ର ପଡି ସେହି ଗଛଟି ପୋଡ଼ିଯାଉଥିଲା, ଏବକା ପରି ଏତେ ମଣିଷ ଓ ପଶୁ ବଜ୍ରପାତରେ ମରୁ ନ ଥିଲେ। ଲୋକଙ୍କର ଗମନାଗମନ ଓ ପରିବହନ ପାଇଁ ସରକାର ନୂତନ ରାସ୍ତା ନିର୍ମାଣ ସାଙ୍ଗକୁ ରାସ୍ତା ପ୍ରଶସ୍ତୀକରଣ କରୁଛନ୍ତି। ଏଥିପାଇଁ ବଡ଼ ବଡ଼ ଗଛ କାଟି ଦିଆଯାଉଛି। ଗାଡ଼ିମୋଟର ସଂଖ୍ୟା ବୃଦ୍ଧି ଘଟିଛି। ତେଣୁ ପରିବେଶ ସନ୍ତୁଳନ ହରାଇ ବଜ୍ରପାତ ଓ କୁଆପଥର ବୃଷ୍ଟି ହେଉଛି। ଏଣୁ ବହୁଳ ପରିମାଣରେ ଗଛ ଲଗାଇବାର ଆବଶ୍ୟକତା ଅଛି। ବିଶେଷକରି ତାଳ, ନଡ଼ିଆ, ଖଜୁରି ପ୍ରଭୃତି ଗଛ ଲଗାଇଲେ ବାୟୁମଣ୍ଡଳରେ ସୃଷ୍ଟ ବିଦ୍ୟୁତ୍ ସେହି ବାଟଦେଇ ଆର୍ଥିଂ ହୋଇଯିବ ଓ ଲୋକ ମରିବେ ନାହିଁ।

- ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା

### ବ୍ୟାଙ୍କରେ ଲିଙ୍କ୍ ଫେଲ୍

ବ୍ୟାଙ୍କରେ ଲିଙ୍କ୍ ଫେଲ ହେବା ଏବେ ନିତିଦିନିଆ ଘଟଣା ହେଲାଣି। ଇଣ୍ଡିଆନ୍ ବ୍ୟାଙ୍କ ବିରିଡି ଶାଖାରେ ଗତ ଅଗଷ୍ଟ ୧୩ ତାରିଖ ପୂର୍ବାହ୍ନ ୧୦ଟାରୁ ୪ଟା ପର୍ଯ୍ୟନ୍ତ ଲିଙ୍କ୍ ରହିଲା ନାହିଁ। ଶହ ଶହ ଗ୍ରାହକ ଦିନସାରା ଧାଡିରେ ଠିଆ ହୋଇ ନିରାଶ ହୋଇ ଫେରିଲେ। ତା' ପରଦିନ ବି ସେହି ଅବସ୍ଥା। ଏଠାରେ ପ୍ରଶ୍ନ ଉଠୁଛି ଲିଙ୍କ୍ ଫେଲ୍ ସମସ୍ୟାର କ'ଣ କିଛି ପ୍ରତିକାର ନାହିଁ? ଲିଙ୍କ୍ ଫେଲ୍ ହେଲେ ମଧ୍ୟ ଦେଣନେଣ ଜାରି ରଖିବା ପାଇଁ ବିକଳ୍ପ ବ୍ୟବସ୍ଥା ହେବା ଦରକାର।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

uti UTI Mutual Fund
Haq, ek behtar zindagi ka.
10 YEARS

# ୟୁଟିଆଇ ସ୍ୱତନ୍ତ୍ର

ନିବେଶକ ଶିକ୍ଷଣ ହେତୁ ଏକ ପଦକ୍ଷେପ | ସମର୍ଥନ ଧରିତ୍ରୀ

## ଆପଣ ନିଜ ପିଲାଙ୍କ ପାଇଁ ସଅଳ ନିବେଶ କଲେ କ'ଣ ହୋଇଥାଏ

ସନ୍ତାନର ଜନ୍ମ ମାତାପିତାଙ୍କ ପାଇଁ ସବୁଠାରୁ ଖୁସିର କ୍ଷଣ ହୋଇଥାଏ। ତା' ପାଇଁ ସର୍ବୋପଯୁକ୍ତ ସ୍କୁଲ୍, ତା' ପରେ ସର୍ବଶ୍ରେଷ୍ଠ କଲେଜ ଓ ସର୍ବଶ୍ରେଷ୍ଠ ବୃତ୍ତିଗତ ପ୍ରଶିକ୍ଷଣ ଉପରେ ଗୁରୁତ୍ୱ ଦିଆଯିବା ଆରମ୍ଭ ହୋଇଥାଏ। ଆପଣଙ୍କ ପିଲାର ବୟସ ବଢ଼ିବା ସହିତ ଆପଣଙ୍କ ହାତରେ ଥିବା ଅର୍ଥରାଶି ପାର୍ଥକ୍ୟ ଆଣିପାରେ। ନିଜ ପିଲାର ଭବିଷ୍ୟତ ପାଇଁ ସଅଳ ନିବେଶ ଆରମ୍ଭ କରିବା ଏକ ଉତ୍ତମ ସିଦ୍ଧାନ୍ତ ଅଟେ।

### ସମୟ ଥିବାରୁ ଆପଣ ରିସ୍କ ନେଇପାରିଥାନ୍ତି

ପରୀକ୍ଷାର ଗୋଟିଏ ସପ୍ତାହ ପୂର୍ବରୁ ଆପଣ ନିଜ ପିଲାକୁ କିଛି ସମୟ ଖେଳିବା ଲାଗି ଅନୁମତି ଦେଇଥାନ୍ତି। କିନ୍ତୁ, ଯଦି ଗୋଟିଏ ଦିନ ବାକି ଥାଏ, ତେବେ ତାକୁ ଅନ୍ୟମନସ୍କ ହେବାକୁ ଦେବାର ରିସ୍କ ନେବାକୁ ଚାହାନ୍ତି ନାହିଁ । ଯେବେ ଆପଣଙ୍କ ନିକଟରେ ପର୍ଯ୍ୟାପ୍ତ ସମୟ ଥାଏ ଆପଣଙ୍କ ରିସ୍କ ନେବାର ସାମର୍ଥ୍ୟ ଉନ୍ନତ ହୋଇଥାଏ। ଜଣେ ଯୁବ ନିବେଶକ ଭାବେ ଆପଣ ଉଚ୍ଚ ରିଟର୍ନ ଉପାର୍ଜନ କରିବା ଲାଗି ଅପେକ୍ଷାକୃତ ଅଧିକ ରିସ୍କ ନେଇପାରିବେ।

### ଆପଣ କମ୍ପାଉଣ୍ଡିଂ ଶକ୍ତି ଦ୍ୱାରା ଲାଭାନ୍ୱିତ ହୋଇଥାନ୍ତି

ସମୟ ସହିତ ଆପଣଙ୍କ ପିଲା ଓ ଆପଣଙ୍କ ଧନ ଏକାଠି ବଢ଼ିପାରିବ। କମ୍ପାଉଣ୍ଡିଂର ଶକ୍ତି ଏତେ ଯେ ଏହା ନାମମାତ୍ର ଅର୍ଥରାଶିକୁ ଦୀର୍ଘ ମିଆଦରେ ଏକ ବଡ଼ ପରିମାଣର ଅର୍ଥରାଶିରେ ପରିଣତ କରିପାରିବ। ଯେତେ ସଅଳ ଆପଣ ଆରମ୍ଭ କରିବେ ନିଜ ପିଲା ପାଇଁ ସେତେ ଅଧିକ ଅର୍ଥରାଶି ଜମା କରିପାରିବେ।

### ଆପଣ ଟିକସ ସଞ୍ଚୟ କରିପାରିବେ

ନିଜ ପିଲାର ଭବିଷ୍ୟତ ଗଢ଼ିବା ସହିତ, ଆପଣ ନିଜର ଟିକସଯୋଗ୍ୟ ଆୟକୁ ହ୍ରାସ କରିପାରିବେ। ଧରନ୍ତୁ, ଆପଣ ୫ ବର୍ଷ ପରେ ନିଜ ପିଲାର ଉଚ୍ଚଶିକ୍ଷା ଲାଗି ପାଣ୍ଠି ଯୋଗାଡ଼ କରିବା ପାଇଁ ଏକ ଇକ୍ୱିଟି-ଲିଙ୍କଡ ସେଭିଂସ୍ ସ୍କିମ୍ (ଇଏଲ୍ଏସ୍ଏସ୍)ରେ ₹୨ ଲକ୍ଷ ନିବେଶ କରନ୍ତି। ଆପଣ ଏହାପରେ ₹ ୧.୫ ଲକ୍ଷ ପର୍ଯ୍ୟନ୍ତ ନିବେଶ ଉପରେ ଟିକସ କାଟ ଦାବି କରିପାରିବେ।

### ଆପଣଙ୍କ ଖର୍ଚ୍ଚ ଅଭ୍ୟାସରେ ଉନ୍ନତି ଆସିଥାଏ

ଏକ ଶୃଙ୍ଖଳିତ ଓ ସୁସ୍ଥ ଜୀବନକୁ ସୁନିଶ୍ଚିତ କରିବା ପାଇଁ ଆପଣ ନିଜ ପିଲାଙ୍କୁ ସଅଳ ଉଠିବା ପାଇଁ ପ୍ରୋତ୍ସାହିତ କରିଥାନ୍ତି। ସେହିଭଳି, ଏକ ଶୃଙ୍ଖଳିତ ଏବଂ ଆର୍ଥିକ ଭାବେ ସୁସ୍ଥ ଜୀବନ ପାଇଁ ମଧ୍ୟ ଆପଣଙ୍କୁ ସଅଳ ନିବେଶ ଆରମ୍ଭ କରିବା ଉଚିତ୍ । ଜଣେ ନିବେଶକରେ ପରିଣତ ହେବା ପରେ, ଆପଣ ଖର୍ଚ୍ଚକୁ ନେଇ ସତର୍କତା ଅବଲମ୍ବନ କରନ୍ତି ଏବଂ ସଞ୍ଚୟକୁ ପ୍ରାଧାନ୍ୟ ଦେବା ଆରମ୍ଭ କରନ୍ତି ।

### ଦୀର୍ଘମିଆଦୀ ନିବେଶ ଆପଣଙ୍କୁ ମୁଦ୍ରାସ୍ଫୀତିକୁ ପରାଜିତ କରିବାରେ ସାହାଯ୍ୟ କରିଥାଏ

ମୁଦ୍ରାସ୍ଫୀତି ବୃଦ୍ଧି ପାଇବାରେ ଲାଗିଛି। ଏହା ସହ ମୁକାବିଲା କରିବାର ଏକମାତ୍ର ଉପାୟ ହେଉଛି ଉଚ୍ଚତର ରିଟର୍ନ ଦେଉଥିବା ନିବେଶ କରିବା। ଠିକ୍ ନିବେଶ ସାଧନରେ ଦୀର୍ଘମିଆଦୀ ନିବେଶ ଏହାକୁ ସମ୍ଭବ କରିପାରିବ। ଯଦି ଆପଣ ସଅଳ ନିବେଶ ଆରମ୍ଭ କରନ୍ତି ତେବେ ଆପଣ ଦୀର୍ଘତର ଅବଧି ପାଇଁ ନିବେଶକୁ ବଜାୟ ରଖିପାରିବେ।

**ନିଜ ପିଲାଙ୍କ ପାଇଁ ୨୦୩୮ ସୁଦ୍ଧା ଏକ ଉତ୍ତମ ପାଣ୍ଠି ଚାହୁଁଛନ୍ତି କି? ତେବେ, ଆଜି ହିଁ ନିବେଶ କରିବା ଆରମ୍ଭ କରନ୍ତୁ! ୫ ବର୍ଷ ମଧ୍ୟ ଆପଣଙ୍କ ଧନରାଶି ଉପରେ ବଡ଼ ପ୍ରଭାବ ପକାଇପାରେ। ଜାଣନ୍ତୁ କେମିତି:**

| ନିବେଶ | ଯଦି ୨୦୧୮ରେ ନିବେଶ କରନ୍ତି ତେବେ ନିବେଶ ମୂଲ୍ୟ | ଯଦି ୨୦୨୩ରେ ନିବେଶ କରନ୍ତି ତେବେ ନିବେଶ ମୂଲ୍ୟ | ପାର୍ଥକ୍ୟ |
|---|---|---|---|
| ₹୧ ଲକ୍ଷର ଗୋଟିଏ ନିବେଶ | ₹ ୯.୬୫ ଲକ୍ଷ | ₹ ୫.୪୭ ଲକ୍ଷ | ₹ ୪.୧୮ ଲକ୍ଷ |
| ମାସିକ ₹୧୦,୦୦୦ | ₹ ୯୯.୯ ଲକ୍ଷ | ₹ ୫୦.୫ ଲକ୍ଷ | ₹ ୪୯.୪ ଲକ୍ଷ |

*ପ୍ରତ୍ୟାଶିତ ରିଟର୍ନ ହାର: ୧୨%

*ଏହି ବିଷୟବସ୍ତୁ ସମ୍ପୂର୍ଣ୍ଣ ଭାବେ ୟୁଟିଆଇ ସ୍ୱତନ୍ତ୍ର ପାଇଁ ପ୍ରସ୍ତୁତ କରାଯାଇଛି । ଅଧିକ ସୂଚନା ପାଇଁ http://www.utiswatantra.com ପରିଦର୍ଶନ କରନ୍ତୁ।

## ସ୍ୱତନ୍ତ୍ର କୁମାର ବୁଝାନ୍ତି

### ପାରମ୍ପରିକ ବିଜ୍ଞତା କ'ଣ

ଛୋଟପିଲାମାନେ ସରଳବିଶ୍ୱାସୀ ହୋଇଥାନ୍ତି - ସେମାନଙ୍କୁ ଯାହା କୁହାଯାଏ ତାହା ଉପରେ ସେମାନେ ବିଶ୍ୱାସ କରିନିଅନ୍ତି । ନିଜ ପିଲାଙ୍କ ପାଇଁ ନିବେଶ କରିବା ବେଳେ ଆପଣ ଯେପରି ସେଇଆ ନ କରନ୍ତି ତାହା ସୁନିଶ୍ଚିତ କରନ୍ତୁ - ପାରମ୍ପରିକ ବିଜ୍ଞତାର ଜାଲରେ ପଡ଼ନ୍ତୁ ନାହିଁ ।

**ପାରମ୍ପରିକ ବିଜ୍ଞତା କ'ଣ?**

ଶବ୍ଦକୋଷ ଅନୁଯାୟୀ ପାରମ୍ପରିକ ବିଜ୍ଞତାର ପରିଭାଷା ହେଉଛି କୌଣସି ଏକ ନିର୍ଦ୍ଦିଷ୍ଟ ବିଷୟ ସମ୍ପର୍କରେ ସାଧାରଣ ଭାବେ ଗ୍ରହଣ କରାଯାଉଥିବା ବିଶ୍ୱାସ, ମତ, ବିଚାର କିମ୍ବା ପୂର୍ବାନୁମାନ।

ନିବେଶ ଜଗତରେ ପାରମ୍ପରିକ ବିଜ୍ଞତା କେବଳ ଭ୍ରାନ୍ତ ଧାରଣା, ଆଉ କିଛି ନୁହେଁ, ଯାହା ଆପଣଙ୍କୁ ନିବେଶ କରିବାରୁ ପ୍ରତିରୋଧ କରିଥାଏ।

୧ "ଯୁବ ବ୍ୟକ୍ତିମାନେ ନିବେଶ କରନ୍ତି ନାହିଁ"

୨ "ନିବେଶ ହେଉଛି ଧନୀ ଲୋକଙ୍କ ଖେଳ"

୩ "ନିବେଶ ପାଇଁ ତୁମ ପାଖରେ ପ୍ରଚୁର ଟଙ୍କା ଥିବା ଆବଶ୍ୟକ"

୪ "ଜଣେ ସଫଳ ନିବେଶକ ହେବା ପାଇଁ ତୁମ ପାଖରେ ପର୍ଯ୍ୟାପ୍ତ ଆର୍ଥିକ ଜ୍ଞାନ ରହିଥିବା ଆବଶ୍ୟକ"

**ନିର୍ବୋଧ ହୁଅନ୍ତୁ ନାହିଁ!**

ନିବେଶ ରକେଟ୍ ସାଇନ୍ସ ନୁହେଁ।

ନିଜ ପିଲାର ଏକ ଉତ୍ତମ ଭବିଷ୍ୟତ ପାଇଁ ଆପଣ ନିବେଶ କରିପାରିବେ ଏବଂ ଆପଣ ନିବେଶ କରିବା ଜରୁରୀ।

*ଏହି ବିଷୟବସ୍ତୁ ସମ୍ପୂର୍ଣ୍ଣ ଭାବେ ୟୁଟିଆଇ ସ୍ୱତନ୍ତ୍ର ପାଇଁ ପ୍ରସ୍ତୁତ କରାଯାଇଛି । ଅଧିକ ସୂଚନା ପାଇଁ http://www.utiswatantra.com ପରିଦର୍ଶନ କରନ୍ତୁ

## ୫ ନିବେଶ ସିଦ୍ଧାନ୍ତ ଯାହା ଆପଣଙ୍କ ପିଲା ସହ ବୃଦ୍ଧିଲାଭ କରିଥାଏ

### ସୁବ୍ୟବସ୍ଥିତ ନିବେଶ ଯୋଜନା (ଏସ୍ଆଇପି)

କ'ଣ: ଏହା ଆପଣଙ୍କୁ ନିୟମିତ ବ୍ୟବଧାନରେ ଏକ ନିର୍ଦ୍ଦିଷ୍ଟ ପୂର୍ବ-ନିର୍ଦ୍ଧାରିତ ଅର୍ଥରାଶି ନିବେଶ କରିବାର ଅନୁମତି ଦେଇଥାଏ। ଏହି ଅର୍ଥରାଶି ଆପଣଙ୍କ ବ୍ୟାଙ୍କ ଖାତାରୁ ପ୍ରତିମାସର ଏକ ସ୍ଥିରୀକୃତ ଦିନରେ ଡେବିଟ୍ ହୋଇଯାଇଥାଏ।

କାହିଁକି: ଆପଣ ₹୫୦୦ ଭଳି କମ୍ ଅର୍ଥରାଶି ସହ ଏହା ଆରମ୍ଭ କରିପାରିବେ। ଏସ୍ଆଇପିଗୁଡ଼ିକ ଟଙ୍କା ମୂଲ୍ୟ ହାରାହାରିକରଣର ସୁବିଧା ମଧ୍ୟ ଯୋଗାଇଥାଏ।

### ସୁବ୍ୟବସ୍ଥିତ ଉଠାଣ ଯୋଜନା (ଏସ୍ଡବ୍ଲୁପି)

କ'ଣ: ଏହା ଏସ୍ଆଇପିର ବିପରୀତ। ତେଣୁ, ଏହା ପ୍ରତିମାସରେ ଆପଣଙ୍କ ନିବେଶର କ୍ଷୁଦ୍ର ଅଂଶକୁ କାଢ଼ିବାର ଅନୁମତି ଦେଇଥାଏ ।

କାହିଁକି: ଆପଣଙ୍କ ପିଲା ସହିତ ତା'ର ଆବଶ୍ୟକତା ମଧ୍ୟ ବଢ଼ିଥାଏ। ତା'ର ନିୟମିତ ଆବଶ୍ୟକତାକୁ ପୂରଣ କରିବା ପାଇଁ ଆପଣଙ୍କ ପାଖରେ ଯେପରି ପର୍ଯ୍ୟାପ୍ତ ଅର୍ଥରାଶି ରହେ ଏସ୍ଡବ୍ଲୁପି ଏହା ସୁନିଶ୍ଚିତ କରିଥାଏ।

### ମାସିକ ଆୟ ଯୋଜନା (ଏମ୍ଆଇପି)

କ'ଣ: ଏହା ହେଉଛି ଏକ ହାଇବ୍ରିଡ୍ ଫଣ୍ଡ ଯାହା ଡେବ୍ଟ-ଅଭିମୁଖୀ ହୋଇଥାଏ । ଏପରି ଯୋଜନାଗୁଡ଼ିକ ସମୟ-ସମୟରେ ପେଠ ପ୍ରଦାନ କରିଥାନ୍ତି ଯାହା ହାସଲ ହୋଇଥିବା ଲାଭ ଉପରେ ନିର୍ଭର କରିଥାଏ ।

କାହିଁକି: ଏହି ଯୋଜନାଗୁଡ଼ିକ ଆପଣଙ୍କୁ ଏକ ସୁରକ୍ଷିତ ପଦ୍ଧତିରେ ଅତିରିକ୍ତ ଆୟ ଉପାର୍ଜନ କରିବାର ଅନୁମତି ଦେଇଥାଏ।

### ସୁବ୍ୟବସ୍ଥିତ ସ୍ଥାନାନ୍ତର ଯୋଜନା (ଏସ୍ଟିପି)

କ'ଣ: ଏହା ଆପଣଙ୍କୁ ସମୟ-ସମୟରେ ଗୋଟିଏ ମ୍ୟୁଚୁଆଲ୍ ଫଣ୍ଡ ହାଉସ୍‌ର ଯୋଜନାରୁ ଅନ୍ୟ ଏକ ଯୋଜନାକୁ ନିଜର ଟଙ୍କା ସ୍ଥାନାନ୍ତର କରିବା ପାଇଁ ଅନୁମତି ଦେଇଥାଏ।

କାହିଁକି: ଆପଣଙ୍କ ପୋର୍ଟଫୋଲିଓର ଆକାର ବୃଦ୍ଧି ପାଇବା ସହିତ ତାହାର ରିସ୍କକୁ ନ୍ୟୂନତମ କରିବା ପାଇଁ ଆପଣ ତାହାକୁ ପୁନଃ ସନ୍ତୁଳିତ କରିପାରିବେ। ତେଣୁ, ଏକ ସନ୍ତୁଳିତ ଉପାୟରେ ଆପଣ ନିଜ ପିଲାର ଭବିଷ୍ୟତକୁ ସୁରକ୍ଷିତ କରିପାରିବେ ।

### ସ୍ଥାୟୀ ପରିପକ୍ୱତା ଯୋଜନା (ଏଫ୍ଏମ୍ପି)

କ'ଣ: ଏହା ଏକ କ୍ଲୋଜ୍-ଏଣ୍ଡେଡ୍ ଡେବ୍ଟ ଫଣ୍ଡ ଯାହାର ଏକ ସ୍ଥାୟୀ ପରିପକ୍ୱତା ଅବଧି ରହିଥାଏ। ଏହି ଅବଧି ଏକମାସ ଓ ପାଞ୍ଚବର୍ଷ ମଧ୍ୟରେ ଯେକୌଣସି ଅବଧି ହୋଇପାରେ ।

କାହିଁକି: ଆପଣ ନିଜର ପିଲାର ଉଚ୍ଚଶିକ୍ଷା ଭଳି ଦୀର୍ଘମିଆଦୀ ଲକ୍ଷ୍ୟକୁ ହାସଲ କରିବା ପାଇଁ ଆପଣ ନିଜର ସଞ୍ଚୟକୁ ଏକ ସୁରକ୍ଷିତ ପଦ୍ଧତିରେ ପାର୍କ କରିପାରିବେ ।

*ଏହି ବିଷୟବସ୍ତୁ ସମ୍ପୂର୍ଣ୍ଣ ଭାବେ ୟୁଟିଆଇ ସ୍ୱତନ୍ତ୍ର ପାଇଁ ପ୍ରସ୍ତୁତ କରାଯାଇଛି । ଅଧିକ ସୂଚନା ପାଇଁ http://www.utiswatantra.com ପରିଦର୍ଶନ କରନ୍ତୁ

**ଏହାପରେ କ'ଣ?** ନିଜ ପିଲାର ଏକ ଆର୍ଥିକ ଭାବେ ସୁରକ୍ଷିତ ଜୀବନ ପାଇଁ, ଆପଣଙ୍କ ନିକଟରେ ଏକ ସୁଦୃଢ଼ ନିବେଶ ପୋର୍ଟଫୋଲିଓ ରହିଥିବା ଜରୁରୀ। ଏଥିରେ ଆପଣଙ୍କ ପାଇଁ ଯେଉଁସବୁ ବିଭିନ୍ନ ଧରଣର ମ୍ୟୁଚୁଆଲ୍ ଫଣ୍ଡ ସହାୟକ ହୋଇପାରିବ ଆସନ୍ତୁ ସେଗୁଡ଼ିକ ଉପରେ ନଜର ପକାଇବା ।

ଏସ୍ଆଇପି ଆପଣଙ୍କ ପିଲାର ଆର୍ଥିକ ବନ୍ଧୁ ହୋଇପାରିବ!

ବନ୍ଧୁତା ଆରମ୍ଭ କରିବା ପାଇଁ ଏବେ ବି ବିଳମ୍ବ ହୋଇନାହିଁ - ଆଜି ହିଁ ନିବେଶ କରନ୍ତୁ!

**କ୍ୟୁଆର୍ କୋଡ୍ ଡାଉନ୍‌ଲୋଡ୍ ଓ ସ୍କାନ୍ କରିବାର ପଦ୍ଧତି:**

୧) ନିଜ ଫୋନ୍‌ରେ କ୍ୟୁଆର୍ କୋଡ୍ ଆପ୍ ଡାଉନ୍‌ଲୋଡ୍ କରନ୍ତୁ । ୨) ଆପ୍‌କୁ ଚଲାନ୍ତୁ ଓ କ୍ୟୁଆର୍ କୋଡ୍‌କୁ ସ୍କାନ୍ କରନ୍ତୁ । ୩) ଆପଣଙ୍କ ସ୍ମାର୍ଟଫୋନ୍ କୋଡ୍‌କୁ ପଢ଼ିବ ଓ ଆପଣଙ୍କୁ ଗନ୍ତବ୍ୟସ୍ଥଳୀରେ ପହଞ୍ଚାଇବ ।

ମ୍ୟୁଚୁଆଲ ଫଣ୍ଡରେ ଆପଣଙ୍କ ଆଜିର ନିବେଶ କିପରି ଆପଣଙ୍କ ପିଲାର ଭବିଷ୍ୟତକୁ ଉତ୍ତମ କରିପାରିବ ଏହା ଜାଣିବା ପାଇଁ ଏହି କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ।

ମ୍ୟୁଚୁଆଲ୍ ଫଣ୍ଡଗୁଡ଼ିକୁ ନେଇ ମନରେ କୌଣସି ପ୍ରଶ୍ନ ଅଛି କି? ଏହି କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ ଓ ତାହାକୁ ଆମ ନିକଟକୁ ପଠାନ୍ତୁ ।

ଆପଣଙ୍କ ସହରରେ ଆୟୋଜିତ ହେଉଥିବା କୌଣସି କାର୍ଯ୍ୟକ୍ରମ ନିମନ୍ତେ ପଞ୍ଜୀକୃତ ହେବା ଲାଗି ଏହି କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ ।

## ଯୋଜନା କରନ୍ତୁ ସମାଧାନ ସହିତ!

**ସମସ୍ୟା - ନିଜ ଶିଶୁର ଭବିଷ୍ୟତକୁ ଆକାର ଦେବା ପାଇଁ ଏକ ସ୍ଥିର ପାଣ୍ଠିର ଆବଶ୍ୟକତା**

- ଶିକ୍ଷାଗତ ଖର୍ଚ୍ଚ ବୃଦ୍ଧି ପାଇବାରେ ଲାଗିଛି
- ଆଜିର ପ୍ରତିଯୋଗିତାପୂର୍ଣ୍ଣ ଯୁଗରେ ଗୁଣାତ୍ମକ ଶିକ୍ଷା ଏକ ଜରୁରୀ ଆବଶ୍ୟକତାରେ ପରିଣତ ହୋଇଛି।
- ନିଜ ପିଲାଙ୍କ ଶିକ୍ଷା ପାଇଁ ଆପଣ ଯାହା ଅଳ୍ପକିଛି ସଞ୍ଚୟ କରିଛନ୍ତି, ତାହା ଜରୁରିକାଳୀନ ଆବଶ୍ୟକତା କାରଣରୁ ସରିଯାଇପାରେ

**ସମାଧାନ - ନିଜ ପିଲାଙ୍କ କ୍ୟାରିୟର୍‌କୁ ପ୍ରାଧାନ୍ୟ ଦିଅନ୍ତୁ - ଯୋଜନା ଆଜି ହିଁ ଆରମ୍ଭ କରନ୍ତୁ ।**

- ଯେମିତି ପ୍ରତ୍ୟେକ ତାଲାର ଏକ ଚାବି ଥାଏ, ସେମିତି ପ୍ରତ୍ୟେକ ସମସ୍ୟାର ଏକ ସମାଧାନ ଥାଏ
- ଚିଲ୍ଡ୍ରେନ୍ସ ଫଣ୍ଡ – ଏକ ସମାଧାନ-ଅଭିମୁଖୀ ମ୍ୟୁଚୁଆଲ୍ ଫଣ୍ଡ (ଏମ୍ଏଫ୍)କୁ ଧନ୍ୟବାଦ, ଯାହାଦ୍ୱାରା ଆପଣଙ୍କ ପିଲାମାନେ ସର୍ବଶ୍ରେଷ୍ଠ ଶିକ୍ଷା ପାଇପାରିବେ ।
- ଏହି ହାଇବ୍ରିଡ୍ ମ୍ୟୁଚୁଆଲ୍ ଫଣ୍ଡ ୫ ବର୍ଷ କିମ୍ବା ଆପଣଙ୍କ ପିଲା ସାବାଳକ ବୟସରେ ପଦାର୍ପଣ କରିବା ପରେ, ଯାହା ପୂର୍ବରୁ ହେଉଥିବ, ପରିପକ୍ୱ ହୋଇଥାଏ।
- ଏପରି ଦୀର୍ଘମିଆଦୀ ନିବେଶ ଆପଣଙ୍କୁ ଧନ ସୃଷ୍ଟି କରିବା ଏବଂ ନିଜ ପିଲାଙ୍କୁ ଏକ ଆର୍ଥିକ ଭାବେ ସୁରକ୍ଷିତ ଜୀବନର ଉପହାର ଦେବାରେ ସାହାଯ୍ୟ କରିଥାଏ ।

ଅଧିକ ବିବରଣୀ ପାଇଁ, ଆମକୁ ଟୁଇଟର୍ @utimutualfund ରେ ଫଲୋ କରନ୍ତୁ, ପ୍ରଶ୍ନ କିମ୍ବା ମତାମତ ଇମେଲ୍ କରନ୍ତୁ: info@beswatantra.com ରେ ■ ଦୟାକରି ବିଷୟ ଧାଡ଼ିରେ 'Swatantra in Dharitri' ଲେଖନ୍ତୁ । ■ ଏପରି ଅଧିକ ଆର୍ଥିକ ଉପଦେଶ ପାଇଁ, ଆମ ୱେବ୍‌ସାଇଟ୍ ପରିଦର୍ଶନ କରନ୍ତୁ: http://www.utiswatantra.com

## ବିଶେଷଜ୍ଞ କୁହନ୍ତି

**ଜଣେ ପାଠକ ଆମକୁ ପଚାରିଛନ୍ତି: ନିଜ ପିଲାଙ୍କ ଆର୍ଥିକ ସ୍ୱାଧୀନତାକୁ କିପରି ସୁନିଶ୍ଚିତ କରାଯାଇପାରିବ?**



**ଅଜିତ କୁମାର ପ୍ରଧାନ**
ଆର୍ଥିକ ପରାମର୍ଶଦାତା

ସେମାନଙ୍କୁ ଆର୍ଥିକ ଭାବେ ସ୍ୱାଧୀନ କରିବା ପାଇଁ, ବଜେଟ୍ ପ୍ରସ୍ତୁତି କାର୍ଯ୍ୟରେ ସେମାନଙ୍କୁ ସାମିଲ କରନ୍ତୁ, କାହା ଉପରେ କେତେ ଖର୍ଚ୍ଚ କରାଯିବ ପିଲାଙ୍କଠାରୁ ତାଙ୍କର ମତାମତ ଓ ସମ୍ମତି ହାସଲ କରନ୍ତୁ । ଏହାକୁ ଜୀବନଯାପନର ଖର୍ଚ୍ଚର ମୂଲ୍ୟାୟନ କରିବା କାର୍ଯ୍ୟରେ ପରିଣତ କରନ୍ତୁ। ଦୀର୍ଘମିଆଦୀ ଲକ୍ଷ୍ୟକୁ ହାସଲ କରିବା ପାଇଁ ଆପଣ ଇକ୍ୱିଟି ମ୍ୟୁଚୁଆଲ୍ ଫଣ୍ଡ ଏସ୍ଆଇପି ପୋର୍ଟଫୋଲିଓରେ ନିବେଶ କରିପାରନ୍ତି। ଆପଣ ନିଜର ରିସ୍କ ପ୍ରୋଫାଇଲ୍ ଓ ଏସ୍ଆଇପି ନିବେଶ ଭିତ୍ତିରେ ଏକ ପୋର୍ଟଫୋଲିଓ ଚୟନ କରିପାରନ୍ତି।

ନିବେଶ ସଅଳ ଆରମ୍ଭ କରାଯିବା ଗୁରୁତ୍ୱପୂର୍ଣ୍ଣ କାରଣ ସେହିଠାରେ ହିଁ ଯୋଗର ଶକ୍ତି କାମରେ ଆସିଥାଏ । ୫ ବର୍ଷର ବିଳମ୍ବ ମଧ୍ୟ ଆପଣଙ୍କ ପାଣ୍ଠିକୁ ଅପେକ୍ଷାକୃତ ହ୍ରାସ କରିପାରିବ। ଅଧିକାଂଶ ମାତାପିତା ନିଜ ପିଲାଙ୍କୁ ଉଚ୍ଚଶିକ୍ଷା ପାଇଁ ବିଦେଶକୁ ପଠାଇବାକୁ ଚାହିଁଥାନ୍ତି। କିନ୍ତୁ ଛାତ୍ରବୃତ୍ତି କିମ୍ବା ଭାଗ୍ୟ ଉପରେ ନିର୍ଭରଶୀଳ ରହିବା ବିଜ୍ଞତାର ପରିଚୟ ନୁହେଁ । ସେହି ସ୍ୱପ୍ନକୁ ବାସ୍ତବରେ ପରିଣତ କରିବା ଲାଗି ଆପଣଙ୍କୁ ତୁରନ୍ତ ଏକ ନିବେଶ ଯୋଜନା ପ୍ରସ୍ତୁତ କରିବାକୁ ହେବ । ଉଚ୍ଚଶିକ୍ଷା କିମ୍ବା ବାହାଘର ପାଇଁ ଟଙ୍କା ଏକାଠି କରିବା ଲାଗି ମାତାପିତାମାନେ ସାଧାରଣତଃ ପିଲାଙ୍କ ନାମରେ ପାଣ୍ଠି ଅଲଗା କରି ରଖନ୍ତି, ଯାହା ଅଛୁଆଁ ରହିପାରିବ ଏବଂ ଆବଶ୍ୟକତା ସମୟରେ କାମରେ ଆସିବ।

## ଗୁରୁ କୁହନ୍ତି

**ଆପଣ ନାବାଳକ/ନାବାଳିକାଙ୍କ ନାମରେ ମ୍ୟୁଚୁଆଲ୍ ଫଣ୍ଡରେ ନିବେଶ କରିପାରିବେ କି? କିପରି?**

**ଗଣେଶ ଚନ୍ଦ୍ର ପାଣିଗ୍ରାହୀ**
ଆର୍ଥିକ ପରାମର୍ଶଦାତା

ନାବାଳକ/ନାବାଳିକାଙ୍କ ନାମରେ ମ୍ୟୁଚୁଆଲ ଫଣ୍ଡରେ ନିବେଶ କରାଯାଇପାରିବ, ଯାହା କେତେକ ନିର୍ଦ୍ଦିଷ୍ଟ ସର୍ତ୍ତ ଉପରେ ନିର୍ଭର କରିଥାଏ ।

ନିଜର ଦୀର୍ଘମିଆଦୀ ଲକ୍ଷ୍ୟକୁ ହାସଲ କରିବା ପାଇଁ ଆପଣ ଇକ୍ୱିଟି ମ୍ୟୁଚୁଆଲ ଫଣ୍ଡ ଏସ୍ଆଇପି ପୋର୍ଟଫୋଲିଓରେ ନିବେଶ କରିପାରନ୍ତି । ଆପଣ ନିଜର ରିସ୍କ ପ୍ରୋଫାଇଲ ଏବଂ ଏସ୍ଆଇପି ନିବେଶ ଭିତ୍ତିରେ ଏକ ପୋର୍ଟଫୋଲିଓ ଚୟନ କରିପାରନ୍ତି। ଉଚ୍ଚଶିକ୍ଷା କିମ୍ବା ବାହାଘର ପାଇଁ ଟଙ୍କା ଏକାଠି କରିବା ଲାଗି ମାତାପିତାମାନେ ସାଧାରଣତଃ ପିଲାଙ୍କ ନାମରେ ପାଣ୍ଠି ଅଲଗା କରି ରଖନ୍ତି, ଯାହା ଅଛୁଆଁ ରହିପାରିବ ଏବଂ ଆବଶ୍ୟକତା ସମୟରେ କାମରେ ଆସିବ।

ନାବାଳକ/ନାବାଳିକାଙ୍କ ମ୍ୟୁଚୁଆଲ ଫଣ୍ଡ ଫୋଲିଓରେ ଯୁଗ୍ମ ଧାରକ ଅନୁମତିଯୋଗ୍ୟ ନୁହେଁ । ନାବାଳକ/ନାବାଳିକା ଫୋଲିଓର ପ୍ରଥମ ଏବଂ ଏକମାତ୍ର ଧାରକ ହେବେ । ନାବାଳକ/ନାବାଳିକାଙ୍କ ପ୍ରତିନିଧିତ୍ୱ ଜଣେ ପ୍ରାକୃତିକ ଅଭିଭାବକ (ପିତା କିମ୍ବା ମାତା) ଅଥବା ଜଣେ ଆଇନଗତ ଅଭିଭାବକ (କୋର୍ଟ ଦ୍ୱାରା ନିଯୁକ୍ତ) ଙ୍କୁ କରିବାକୁ ହେବ ।

**ପରବର୍ତ୍ତୀ ସଂସ୍କରଣରେ:** ଲୋକମାନଙ୍କ ଆଖି ଏବେ ସବୁବେଳେ ସ୍କ୍ରିନ୍ ଉପରେ ରହୁଛି; ସେମାନଙ୍କର ପ୍ରାୟତଃ ସବୁକିଛି କାରବାର ଡିଜିଟାଲ୍ ହେବାରେ ଲାଗିଛି। ଆସନ୍ତା ସଂସ୍କରଣରେ, ଆପଣ ଟେକ୍ନୋଲୋଜିର ଫାଇଦା କିପରି ଉଠାଇପାରିବେ ତାହା ଉପରେ ନଜର ପକାଇବା ।

ମ୍ୟୁଚୁଆଲ ଫଣ୍ଡ ନିବେଶ ବଜାରର ରିସ୍କ ଉପରେ ନିର୍ଭର କରିଥାଏ, ସ୍କିମ୍ ସମ୍ପର୍କିତ ସମସ୍ତ କାଗଜପତ୍ରକୁ ଯତ୍ନର ସହିତ ପଢ଼ନ୍ତୁ ।





ଆପଣଙ୍କ ମ୍ୟୁଚୁଆଲ୍ ଫଣ୍ଡ ବିତରକଙ୍କୁ ସମ୍ପର୍କ କରନ୍ତୁ ବା 8655019940 ରେ ମିସ୍‌ଡ କଲ୍ ଦିଅନ୍ତୁ ।

ଯେବେ ପିଲାଙ୍କ ସ୍ୱପ୍ନ ବୁଦ୍ଧିମାନର ସହିତ ବିତ୍ତପୋଷିତ ହୋଇଥାଏ, ତାହା ଭବିଷ୍ୟତର ବଡ଼ ସଫଳତା ବନିଥାଏ । 25 ବର୍ଷ ହେଲା ୟୁଟିଆଇ ଚିଲ୍ଡ୍ରେନ୍ କ୍ୟାରିୟର ଫଣ୍ଡ ଉପରେ 30 ଲକ୍ଷ# ନିବେଶକ ଭରସା କରିଛନ୍ତି । ନିଜ ପିଲାର ଭବିଷ୍ୟତ ଏବଂ ଆମ ଦେଶର ଭବିଷ୍ୟତକୁ ସୁରକ୍ଷିତ ରଖିବା ପାଇଁ ମାତା ପିତାଙ୍କ ସହିତ ଯୋଡ଼ି ହେବା ଆମର ସମ୍ମାନ ଅଟେ ।

SMS "UTICCF" to 5676756 | www.utimf.com

**ୟୁଟିଆଇ ଚିଲଡ୍ରେନ୍ କ୍ୟାରିୟର ଫଣ୍ଡ**

ୟୁଟିଆଇ ଚିଲଡ୍ରେନ୍ କ୍ୟାରିୟର ଫଣ୍ଡ ଅନ୍ତତଃ 5 ବର୍ଷ ପାଇଁ ଲକ୍-ଇନ୍ ସହିତ ବା ପିଲା ପରିପକ୍ୱତା ବୟସକୁ ଛୁଇଁବା ପର୍ଯ୍ୟନ୍ତ (ଯେଉଁଟି ପ୍ରଥମ ଅଟେ) ନିବେଶ ପାଇଁ ଏକ ଓପନ୍-ଏଣ୍ଡେଡ୍ ଫଣ୍ଡ ଅଟେ ।

#ବର୍ତ୍ତମାନର ନିବେଶକ: 30 ଜୁନ୍ 2018 ସୁଦ୍ଧା 23,17,385

ୟୁଟିଆଇ ଚିଲଡ୍ରେନ୍ କ୍ୟାରିୟର ଫଣ୍ଡ – ସେଭିଂସ୍ ପ୍ଲାନ୍

ଏହି ଉତ୍ପାଦ ସେହି ନିବେଶକଙ୍କ ପାଇଁ ଉପଯୁକ୍ତ ଯିଏ ଚାହାନ୍ତି:*
- ଦୀର୍ଘକାଳୀନ ପୁଞ୍ଜି ବୃଦ୍ଧି
- ଇକ୍ୱିଟୀ ଇନ୍‌ଷ୍ଟ୍ରୁମେଣ୍ଟ୍ସ (ଅଧିକତମ-40%) ଏବଂ ଡେବ୍ଟ ଇନ୍‌ଷ୍ଟ୍ରୁମେଣ୍ଟ୍ସରେ ନିବେଶ

*ଉକ୍ତ ଉତ୍ପାଦ ତାଙ୍କ ପାଇଁ ଉଚିତ ଅଟେ ବା ନାହିଁ ଏହା ଜାଣିବା ପାଇଁ ନିବେଶକଙ୍କୁ, ସେମାନଙ୍କ ବିତ୍ତୀୟ ପରାମର୍ଶଦାତାଙ୍କ ସହିତ ଅବଶ୍ୟ ପରାମର୍ଶ କରିବା ଉଚିତ ।




ମ୍ୟୁଚୁଆଲ୍ ଫଣ୍ଡ ନିବେଶ ବଜାର ଆପଦ ଅଧୀନ ଅଟେ, ସମସ୍ତ ସ୍କିମ୍ ସମ୍ବନ୍ଧିତ ଦସ୍ତାବିଜ୍‌କୁ ଧ୍ୟାନ ସହକାରେ ପଢ଼ନ୍ତୁ।

Scan this QR code to start investing in UTI Children's Career Fund.

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୨୭ ଅଗଷ୍ଟ, ୨୦୧୮



ଯାହା ଭିତରେ ବୀରତ୍ୱ ଅଛି, ତାକୁ ଅନ୍ୟଜଣେ ସାଧାରଣ କଥାରେ ବିଚଳିତ କରିପାରିବ ନାହିଁ।

- ଜନସନ୍



## ଆଜି କ'ଣ କେଉଁଠି

### ଭୁବନେଶ୍ୱର

- ପ୍ରଦର୍ଶନୀ 'ସିଲ୍କ ଇଣ୍ଡିଆ-୨୦୧୮', ଦି ନ୍ୟୁ ମାରିୟନ, ପୂର୍ବାହ୍ନ ୧୦ଟା ୩୦ରୁ ରାତି ୮ଟା ୩୦।
- ରାଜ୍ୟ କୃଷି ବିଭାଗ ଅସ୍ଥାୟୀ କର୍ମଚାରୀ ସଂଘ ପକ୍ଷରୁ ଗଣଧାରଣା, କୃଷି ନିର୍ଦ୍ଦେଶାଳୟ(ନ' ତାଲା) କାର୍ଯ୍ୟାଳୟ ସମ୍ମୁଖ, ପୂର୍ବାହ୍ନ ୧୧ଟା।
- ଅନୁସୂଚିତ ଜାତି, ଜନଜାତି, ପଛୁଆବର୍ଗ ଓ ସଂଖ୍ୟାଲଘୁ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବିକ୍ଷୋଭ ଶୋଭାଯାତ୍ରା, ରେଲୱେ ଷ୍ଟେଶନ, ପୂର୍ବାହ୍ନ ୧୧ଟା।
- ଉତ୍କଳ ଫଟୋଗ୍ରାଫି କ୍ଲବ ପକ୍ଷରୁ ଫଟୋ ମହୋତ୍ସବ 'ଚିତ୍ରବର୍ଣ୍ଣାଳୀ'ର ଉଦ୍‌ଯାପନୀ ଦିବସ, ଲଳିତକଳା ଏକାଡେମୀ, ୟୁନିଟ୍-୩, ପୂର୍ବାହ୍ନ ୧୧ଟା ୨୦ରୁ ରାତି ୭ଟା ୩୦।
- ସ୍ୱାଧୀନତା ସଂଗ୍ରାମୀ ଶଙ୍କର୍ଷଣ ପଟ୍ଟନାୟକଙ୍କ ଜୟନ୍ତୀ ପାଳନ, ସ୍କାଉଟ୍ସ ଏବଂ ଗାଇଡ୍ସ ଭବନ, ୟୁନିଟ୍-୩, ଅପରାହ୍ନ ୫ଟା।
- କୁଲ୍‌ଦୀପ ନାୟାରଙ୍କ ଶ୍ରଦ୍ଧାଞ୍ଜଳି ସଭା ଏବଂ ଆଲୋଚନାଚକ୍ର, ଲୋହିଆ ଏକାଡେମୀ, ଅପରାହ୍ନ ୫ଟା ୩୦।
- ସଂସ୍କୃତି ଚର୍ଚ୍ଚାରେ 'ରାଜନୈତିକ ସଂସ୍କୃତି: ରୂପ ରୂପାନ୍ତର', ଓଡ଼ିଶା ରାଜ୍ୟ ଅଭିଲେଖାଗାର, ସନ୍ଧ୍ୟା ୬ଟା।
- ପ୍ରଜ୍ଞା ନୃତ୍ୟାଳୟ ପକ୍ଷରୁ 'ଗୁରୁଶ୍ରୀ ସମ୍ମାନ' ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

### କଟକ

- ଭାଜପା, କଟକ ନଗର ଜିଲା ପକ୍ଷରୁ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଅସ୍ଥି କଳସ ଶୋଭାଯାତ୍ରା, ପ୍ରେସ୍ ଛକ, ପୂର୍ବାହ୍ନ ୧୧ଟା।
- ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା 'ମୁଁ ହିରୋ' ଅଭିଯାନର ଶୁଭାରମ୍ଭ, ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମ୍, ଅପରାହ୍ନ ୫ଟା।
- ଶିଳ୍ପୀଗୁରୁ ଡ. ରଘୁନାଥ ମହାପାତ୍ରଙ୍କୁ ସମ୍ବର୍ଦ୍ଧନା ଉତ୍ସବ, ପାନ୍ଥନିବାସ, ବକ୍ସିବଜାର, ସନ୍ଧ୍ୟା ୬ଟା।

## ଅଧାରାସ୍ତାରେ ଗାଡ଼ି ଚଳାଇବାକୁ ମନା କଲେ ଡ୍ରାଇଭର

# ନାକେଦମ ହେଲେ ପଶ୍ଚିମବଙ୍ଗର ଦମ୍ପତି

**କଟକ ଅଫିସ, ୨୬।୮:** ଅଧା ରାସ୍ତାରୁ ଡ୍ରାଇଭର ଗାଡ଼ି ଚଳାଇବାକୁ ମନା କଲେ। ୩ ଘଣ୍ଟା କାଳ ଡ୍ରାଇଭରଙ୍କୁ ବୁଝାଇବାକୁ ଚେଷ୍ଟାକରି ନାକେଦମ ହେଲେ ପଶ୍ଚିମବଙ୍ଗର ଦମ୍ପତି। ରବିବାର ପଶ୍ଚିମବଙ୍ଗ ଦୁର୍ଗାପୁର ଅଞ୍ଚଳର ଜଣେ ଦମ୍ପତି ତାଙ୍କ ପୁଅ, ଝିଅଙ୍କୁ ଭେଟିବାକୁ ଏକ ହୁଣ୍ଡାଇ ଆଇଟ୍ୱେଣ୍ଟି କାର(ଡବ୍ଲୁବି୪୦ଏଏଚ୍୬୨୬୨) ଯୋଗେ ଭୁବନେଶ୍ୱର ଆସିଥିଲେ। ମଧ୍ୟାହ୍ନ ପ୍ରାୟ ଗୋଟାଏ ସମୟରେ ସାଙ୍ଗରେ ପିଲାଙ୍କୁ ନେଇ ସେମାନେ ଫେରିବା ବେଳେ କଟକ ପ୍ରେସ୍ ଛକ ନିକଟରେ ହଠାତ୍ ଗାଡ଼ିଚାଳକ ରଞ୍ଜିତ କୁମାର କାର ଚଳାଇବାକୁ ମନା କରିଥିଲେ। ଗତ ୯ ମାସ ଧରି ସେ ଏହି ଦମ୍ପତିଙ୍କ ପାଖରେ ଡ୍ୟୁଟି କରୁଥିଲେ। ହଠାତ୍ ଏଭଳି ଅଧା ରାସ୍ତାରେ ଗାଡ଼ି ଚଳାଇବାକୁ ମନା କରିବା ଦମ୍ପତିଙ୍କୁ ଚକିତ କରିଥିଲା। ଏହି ଘଟଣା ସମ୍ପର୍କରେ ଆଖପାଖ ଲୋକେ ଜାଣିବା ପରେ ଡ୍ରାଇଭର ଜଣଙ୍କୁ ଯେତେ ବୁଝାଶୁଝା କଲେ ମଧ ସେ ଗାଡ଼ି ଚଳାଇବାକୁ ରାଜି ହୋଇ ନ ଥିଲେ। ସେ ନିଶାସକ୍ତ ମଧ ନ ଥିଲେ। ବାରମ୍ବାର କହୁଥିଲେ ମୋତେ ଥାନାକୁ ନେଇଚାଲ। ନିଜ ପିଲାଙ୍କ ସହ ଗାଡ଼ିରେ ଥିବା ଦମ୍ପତି କିନ୍ତୁ ସହଜରେ ଥାନାକୁ ଯିବାକୁ ରାଜି ହୋଇ ନ ଥିଲେ। ପରେ ପରିସ୍ଥିତି ଜଟିଳ ହେବାରୁ ବାଧହୋଇ ସ୍ଥାନୀୟ ଲୋକେ ଡ୍ରାଇଭର ଏବଂ ଦମ୍ପତିଙ୍କୁ ମଧୁପାଟଣା ଥାନାରେ ନେଇ ଛାଡ଼ିଥିଲେ। ଡ୍ରାଇଭରଙ୍କୁ ପଚରାଉଚରା କରାଯିବା ପରେ ଆଇଆଇସି ତେରୋସ୍କୋଭା ମହାପାତ୍ର କହିଛନ୍ତି ଯେ, ଡ୍ରାଇଭର ଜଣକ ମାନସିକ ସ୍ତରରେ ସାମାନ୍ୟ ଦୁର୍ବଳ ହୋଇପଡ଼ିଛନ୍ତି। କାଳେ ସେହି ଦମ୍ପତି ରାସ୍ତାରେ ତାଙ୍କୁ ଆକ୍ରମଣ କରିବେ ଏହି ଭୟରେ ସେ ଗାଡ଼ି ଚଳାଇବାକୁ ମନା କରିଥିଲେ। ରଞ୍ଜିତଙ୍କ ଘର ପୁରୁଲିଆ ଅଞ୍ଚଳରେ। ଏ ସମ୍ପର୍କରେ ତାଙ୍କ ପରିବାର ଲୋକଙ୍କୁ ଖବର ଦିଆଯାଇଥିବାବେଳେ ଉକ୍ତ ଦମ୍ପତିଙ୍କୁ ବିକଳ୍ପ ବ୍ୟବସ୍ଥା କରି ଗାଡ଼ି ନେଇଯିବାକୁ କୁହାଯାଇଥିଲା।



ଧରିତ୍ରୀ ଓ ଓଡ଼ିଶା ପୋଷ୍ଟର 'ପ୍ଲାଷ୍ଟିକ୍ ଫ୍ରି ଓଡ଼ିଶା' ଅଭିଯାନକୁ ସମର୍ଥନ ଜଣାଉଛନ୍ତି ପୁରୀସ୍ଥିତ ଉତ୍କଳ ବାଳାଶ୍ରମର ଅନ୍ତେବାସୀ ଏବଂ ଅନ୍ୟମାନେ।

# ପ୍ଲାଷ୍ଟିକ ମୁକ୍ତ ଓଡ଼ିଶା ଆହ୍ୱାନ ଦେଲେ ବାଳାଶ୍ରମ ଅନ୍ତେବାସୀ

**ପୁରୀ ଅଫିସ,୨୬।୮**

ଧରିତ୍ରୀ ଓ ଓଡ଼ିଶା ପୋଷ୍ଟ ପକ୍ଷରୁ ଆରମ୍ଭ ହୋଇଥିବା 'ପ୍ଲାଷ୍ଟିକ ଫ୍ରି ଓଡ଼ିଶା' ଅଭିଯାନରେ ସାମିଲ୍ ହୋଇଛନ୍ତି ପୁରୀର ଉତ୍କଳ ବାଳାଶ୍ରମ ଅନ୍ତେବାସୀମାନେ। ରବିବାର ପବିତ୍ର ରାଖୀ ପୂର୍ଣ୍ଣିମା ଅବସରରେ ବାଳାଶ୍ରମର କୁନି ଭାଇଭଉଣୀମାନେ ଏକାଠି ହୋଇ ପ୍ଲାଷ୍ଟିକ ମୁକ୍ତ ଓଡ଼ିଶା ଲାଗି ଆହ୍ୱାନ ଦେଇଥିଲେ। ନିଜେ ସଚେତନ ହେବା ସହ ସ୍ଲୋଗାନ ଦେଇ ଅନ୍ୟମାନଙ୍କୁ ଏହି ବାର୍ତ୍ତା ଦେଇଥିଲେ।

ଏହି ପରିପ୍ରେକ୍ଷୀରେ ବାଳାଶ୍ରମ ପରିସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ବିଭୂତି ଭୂଷଣ ଦାସ ସାମିଲ୍ ହୋଇ କହିଲେ, ପ୍ଲାଷ୍ଟିକ ଓ ପଲିଥିନ ସମାଜ ଲାଗି କ୍ଷତିକାରକ। ଆବଶ୍ୟକତା ପୂରଣ କରିବା ଲାଗି ଏହାକୁ ଆମେ ବହୁଳ ବ୍ୟବହାର କରୁଛୁ। କିନ୍ତୁ ପରେ ଏହାକୁ ଏଣେତେଣେ ପକାଇ ଦେଉଛୁ। ଏଥିଯୋଗୁ ପରିବେଶ ପ୍ରଦୂଷଣ ହେବା ସହ ଆମ ଦୈନନ୍ଦିନ ଜୀବନ ଉପରେ ଏହାର କୁପ୍ରଭାବ ବଢ଼ି ଚାଲିଛି। ପୁରୀରେ ପଲିଥିନ ଯୋଗୁ ବର୍ଷାଜଳ ନିଷ୍କାସନ ହୋଇପାରୁ ନ ଥିବାରୁ ବଡ଼ଦାଣ୍ଡ ସମେତ ସହରର ଅଧିକାଂଶ ସ୍ଥାନ ଜଳାର୍ଣ୍ଣବ ହୋଇ ପଡୁଛି। ଏଣୁ ଆମେ ଆଜିଠାରୁ ସଂକଳ୍ପ ନେବା ପ୍ଲାଷ୍ଟିକ ଓ ପଲିଥିନର ବ୍ୟବହାର ବନ୍ଦ କରିବାକୁ ଚେଷ୍ଟା କରିବା। ନିଜେ ସଚେତନ ହେଲେ, ସମାଜ ସଚେତନ ହେବ। ଏ ଦିଗରେ ପିଲାମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି ବୋଲି ସେ କହିଥିଲେ। ଏହି ଅଭିଯାନରେ ପୂର୍ବତନ ପ୍ରଶାସନିକ ଅଧିକାରୀ ବିନୋଦ ପଣ୍ଡା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ, ବାଳାଶ୍ରମ ତତ୍ତ୍ୱାବଧାରକ ସାରଙ୍ଗ ମହାପାତ୍ର ଏବଂ ରୋଟାରୀ ଜଗନ୍ନାଥ ଧାମ ଇନର ହ୍ୱିଲ୍ କ୍ଲବ ସଭାପତି ବନ୍ଦନା ରାୟ, ସମ୍ପାଦକ ବାସନ୍ତୀ ତ୍ରିପାଠୀ, ମଧୁସ୍ମିତା ମହାପାତ୍ର, ପ୍ରଭାତୀ ମହାପାତ୍ର ଓ ସରୋଜିନୀ ପ୍ରଧାନୀ ପ୍ରମୁଖ ସାମିଲ ହୋଇଥିଲେ। ବାଳାଶ୍ରମକୁ ପ୍ଲାଷ୍ଟିକ ମୁକ୍ତ କରାଯିବ ବୋଲି ଡିସିପିଓ ତ୍ରିପାଠୀ କହିଛନ୍ତି।

**ସାମିଲ ହେଲେ ଅତିରିକ୍ତ ଜିଲାପାଳ, ଅଧିକାରୀ ଓ ସାମାଜିକ କର୍ମୀ**



ପବିତ୍ର ରାଖୀ ପୂର୍ଣ୍ଣିମା ଅବସରରେ ରବିବାର ଭୁବନେଶ୍ୱରସ୍ଥିତ ନବୀନ ନିବାସରେ ଛାତ୍ରୀମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ରାଖୀ ବାନ୍ଧୁଛନ୍ତି।



ରାଜଭବନରେ ରାଜ୍ୟପାଳ ପ୍ରଫେସର ଗଣେଶି ଲାଲ୍‌ଙ୍କୁ ପ୍ରଜାପିତା ବ୍ରହ୍ମାକୁମାରୀମାନେ ରାଖୀ ବାନ୍ଧୁଛନ୍ତି।

## ଡକ୍ୟୁମେଣ୍ଟାରି ଫିଲ୍ମ 'ଦି ଟ୍ରାଇବାଲ ସ୍କୁପ୍' ପ୍ରଦର୍ଶିତ

# ସୁନ୍ଦରଗଡ଼ ଜନଜାତିଙ୍କ ହକିପ୍ରେମ

**ଭୁବନେଶ୍ୱର,୨୬।୮(ବ୍ୟୁରୋ)**

ସୁନ୍ଦରଗଡ଼ ଜନଜାତିମାନଙ୍କର ଜାତୀୟ କ୍ରୀଡ଼ା ହକି ପ୍ରତି ଥିବା ଭଲପାଇବାକୁ ଆଧାର କରି ପ୍ରସ୍ତୁତ ଡକ୍ୟୁମେଣ୍ଟାରି ଫିଲ୍ମ 'ଦି ଟ୍ରାଇବାଲ ସ୍କୁପ୍' ରବିବାର ସୂଚନା ଭବନଠାରେ ପ୍ରଦର୍ଶିତ ହୋଇଯାଇଛି। ହକି ଗ୍ୟାଙ୍ଗ୍‌ପୁର ଓଡ଼ିଶା ପକ୍ଷରୁ ଏହି ସ୍ୱତନ୍ତ୍ର ସ୍କ୍ରିନିଂ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ୫୩ ମିନିଟ୍‌ର ଏହି ଡକ୍ୟୁମେଣ୍ଟାରିରେ ଆଦିବାସୀ ଯୁବକମାନଙ୍କ ମଧ୍ୟରେ ହକି ପାଇଁ ଥିବା ପ୍ୟାଶନ ଏବଂ ଜାତୀୟ ହକି ଟିମ୍‌ରେ ସ୍ଥାନ ପାଇବା ପାଇଁ ସେମାନଙ୍କ କଠିନ ପରିଶ୍ରମ ଓ ସଂଘର୍ଷକୁ ଅତି ଆକର୍ଷଣୀୟ ଭାବେ ଉପସ୍ଥାପନ କରାଯାଇଥିଲା। ସୁନ୍ଦରଗଡ଼ର ଆଭ୍ୟନ୍ତରୀଣ ଓ ଅପହଞ୍ଚ ଅଞ୍ଚଳରେ ବି ହକି କିଭଳି ଏକ ଲୋକପ୍ରିୟ କ୍ରୀଡ଼ା ଏବଂ ଜୀବନ ଜିଇବାର ରାହା ଭାବେ ପରିଗଣିତ ହେଉଛି, ତାହାକୁ ଫିଲ୍ମ ମାଧ୍ୟମରେ ଦେଖାଇଥିଲେ ନିର୍ମାତା। ମୁମ୍ବାଇର କୋଡ୍ ରେଡ୍ ଫିଲ୍ମ ଦ୍ୱାରା ପ୍ରଯୋଜିତ ଏହି ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ଓଡ଼ିଶାର ବିଶ୍ୱରଞ୍ଜନ ପ୍ରଧାନ। ଉତ୍ସବରେ ଅତିଥି ଭାବେ ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ପଦ୍ମଶ୍ରୀ ଦିଲୀପ ତିର୍କୀ ଯୋଗଦେଇଥିଲେ। ସୁନ୍ଦରଗଡ଼ବାସୀଙ୍କ ପାଇଁ ହକି ଏକମାତ୍ର ରାହା। ଏହି କ୍ରୀଡ଼ା ସେମାନଙ୍କୁ ଜୀବନ ଜୀବିକା ଯୋଗାଇବା ସହ ସ୍ୱତନ୍ତ୍ର ପରିଚୟ ଦେଇଥାଏ ବୋଲି ତିର୍କୀ କହିଥିଲେ।

ଫିଲ୍ମରେ ଦିଲୀପ ତିର୍କୀଙ୍କ ସହ ସୁନ୍ଦରଗଡ଼ରୁ ଆସିଥିବା ଭାରତୀୟ ହକି ଦଳର ଏକାଧିକ ସଦସ୍ୟ ଦିପ୍‌ସାନ୍ ତିର୍କୀ, ଅଲିମ୍ପିକ୍ କ୍ରୀଡ଼ାବିତ୍ ଲାଜାରୁସ୍ ବାର୍ଲା, ଜନଜାତି ନେତା ଜର୍ଜ ତିର୍କୀ ଓ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ପ୍ରମୁଖଙ୍କୁ ଦେଖିବାକୁ ମିଳିଛି। ପୂର୍ବରୁ ଏହି ଡକ୍ୟୁମେଣ୍ଟାରି ଭାରତ ସହ ଭାରତ ବାହାରେ ବହୁ ବଡ଼ ବଡ଼ ଫିଲ୍ମ ଫେଷ୍ଟିଭାଲରେ ପ୍ରଦର୍ଶିତ ହୋଇ ପ୍ରଶଂସିତ ହୋଇଛି, ଯେଉଁଥିରେ ମୁମ୍ବାଇ ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲ, ଇଣ୍ଟରନ୍ୟାଶନାଲ ଡକ୍ୟୁମେଣ୍ଟାରି ଆଣ୍ଡ ଶର୍ଟ ଫିଲ୍ମ ଫେଷ୍ଟିଭାଲ, ଜର୍ମାନୀରେ ଅନୁଷ୍ଠିତ ଗୋଲ୍ଡେନ୍ ଟ୍ରି ଇଣ୍ଟରନ୍ୟାଶନାଲ ଡକ୍ୟୁମେଣ୍ଟାରି ଫିଲ୍ମ ଫେଷ୍ଟିଭାଲ ଆଦି ରହିଛି। ଏହି ଫିଲ୍ମ ସ୍କ୍ରିନିଂ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ୱିଲିୟମ୍ ଖାଲ୍‌ଜୋ, ଲାଜାରୁସ୍ ବାର୍ଲା, ଦିପ୍‌ସାନ୍ ତିର୍କୀ, ଫିଲ୍ମ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ଡକ୍ୟୁମେଣ୍ଟାରି ଫିଲ୍ମ 'ଦି ଟ୍ରାଇବାଲ ସ୍କୁପ୍'ର ଏକ ଦୃଶ୍ୟ।

# ଘରୁ ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଜବତ

**ଭୁବନେଶ୍ୱର, ୨୬।୮(ବ୍ୟୁରୋ)**

ଶହୀଦନଗର ଥାନା ଅନ୍ତର୍ଗତ ୟୁନିଟ-୯ ଅଞ୍ଚଳରେ ରହୁଥିବା ରେଖା ପାତ୍ର ନାମ୍ନୀ ମହିଳା(୫୦)ଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ରବିବାର ଭୋରୁ ତାଙ୍କ ଘର ଅଗଣାରୁ ଜବତ ହୋଇଛି। ମହିଳାଙ୍କ ମୁଣ୍ଡରେ ୩ଟି ସ୍ଥାନରେ କ୍ଷତଚିହ୍ନ ଥିବାରୁ ତାଙ୍କୁ ହତ୍ୟା କରି ପୋଡ଼ି ଦିଆଯାଇଥିବା ତାଙ୍କ ସ୍ୱାମୀ ନିରଞ୍ଜନ ପାତ୍ର ଏବଂ ଭାଇ ନିର୍ମଳ ପାତ୍ର ଅଭିଯୋଗ କରିଛନ୍ତି। ହତ୍ୟା ପଛରେ ଘର ମାଲିକଙ୍କ ହାତ ଥିବା ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

ସୂଚନା ମୁତାବକ, ରେଖା ଏବଂ ତାଙ୍କ ସ୍ୱାମୀ ନିରଞ୍ଜନ ଉକ୍ତ ଘରେ ୫ବର୍ଷ ହେଲା ରହିଆସୁଥିଲେ। ସେମାନଙ୍କର ଦୁଇ ପୁଅ ଥିବାବେଳେ ଜଣେ ପୁଣେରେ ଚାକିରି କରିଛନ୍ତି। ଅନ୍ୟ ଜଣେ ବୁର୍ଲାରେ ଏମ୍‌ଟେକ୍ କରୁଛନ୍ତି। ରବିବାର ଭୋର ପ୍ରାୟ ୪ଟା ୪୫ରେ ନିରଞ୍ଜନ ମର୍ନିଂୱାକ୍‌ରେ ଯାଇଥିଲେ। ପ୍ରାୟ ଘଣ୍ଟାଏ ପରେ ରେଖାଙ୍କ ମୃତ୍ୟୁ ଘଟିଥିବା ତାଙ୍କ ନିକଟକୁ ପାଖ ପଡ଼ୋଶୀ ଫୋନ କରି ଜଣାଇଥିଲେ। ନିରଞ୍ଜନ ପହଞ୍ଚିବା ବେଳକୁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସାରିଥିଲା। ଘର ଅଗଣାରେ ରେଖାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ପଡ଼ିଥିଲା। ପୋଲିସ ମୃତଦେହ ଜବତ କରି କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ଖବରପାଇ ରେଖାଙ୍କ ଭାଇ ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଖଡ଼ିଅଙ୍ଗା ଗ୍ରାମର ନିର୍ମଳ ପହଞ୍ଚିଥିଲେ।

ନିରଞ୍ଜନ ଅଭିଯୋଗ କରିଛନ୍ତି, ଘର ମାଲିକ ନିଜ ସରକାରୀ କ୍ୱାର୍ଟର୍ସ ନିକଟରେ ତାଙ୍କୁ କିଛି ଜାଗାରେ ୨ବଖରା ଘର କରିବାକୁ ଅନୁମତି ଦେଇଥିଲେ। ସେ ଘର ତିଆରି କରି ରହୁଥିଲେ। କିନ୍ତୁ ବର୍ଷକ ପରେ ତାଙ୍କୁ ଭଡ଼ା ମାଗିଥିଲେ। ମାତ୍ର ଘର ମାଲିକ ବର୍ଷେ ହେବ ତାଙ୍କୁ ଘର ଛାଡ଼ିବାକୁ କହିବା ସହିତ ତାଙ୍କ ନାମରେ ଥାନାରେ ଏତଲା ଦେଇଥିଲେ। ୩ଦିନ ତଳେ ପୋଲିସ ଥାନାକୁ ଡାକି ଘର ଛାଡିବାକୁ ତାଗିଦ କରିଥିଲା। ଅନେକ ଦିନ ଧରି ଘର ମାଲିକଙ୍କ ସହ ବିବାଦ ଲାଗି ରହିଥିଲା। ସକାଳେ ସେ ମର୍ନିଂୱାକ୍‌ରେ ଯାଇଥିବାବେଳେ ତାଙ୍କ ସ୍ତ୍ରୀଙ୍କୁ ହତ୍ୟା କରାଯାଇ ଆତ୍ମହତ୍ୟାର ରୂପ ଦିଆଯାଉଛି ବୋଲି ନିରଞ୍ଜନ ଅଭିଯୋଗ କରିଛନ୍ତି। ରେଖାଙ୍କ ମୁଣ୍ଡକୁ ଲୁଡା ଛଡ କିମ୍ବା କୌଣସି ଧାରୁଆ ଅସ୍ତ୍ରରେ ଆକ୍ରମଣ କରାଯାଇଛି, ଯାହା ଫଳରେ କ୍ଷତଚିହ୍ନ ସୃଷ୍ଟି ହୋଇଛି। ତାଙ୍କର ମୃତ୍ୟୁ ପରେ ନିଆଁ ଲଗାଇ ପୋଡ଼ି ଦିଆଯାଇଛି। ସେ ଆତ୍ମହତ୍ୟା କରିବାର କୌଣସି କାରଣ ନାହିଁ।

ଥାନା ଅଧିକାରୀ ପଦ୍ମନାଭ ପ୍ରଧାନ କହିଛନ୍ତି, ଘଟଣାର ତଦନ୍ତ ଚାଲିଛି। ମହିଳାଙ୍କ ବଡ଼ ପୁଅଙ୍କୁ ପଚରାଉଚରା ପରେ ଅନେକ ତଥ୍ୟ ହସ୍ତଗତ ହୋଇପାରିବ। ପ୍ରାଥମିକ ସ୍ତରରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମହିଳାଙ୍କୁ ହତ୍ୟା କରାଯାଇଥିବା ନେଇ ଯଦି ବ୍ୟବଚ୍ଛେଦ ରିପୋର୍ଟରୁ ତଥ୍ୟ ମିଳେ ତେବେ ହତ୍ୟା ମାମଲା ରୁଜୁ କରାଯାଇ ତଦନ୍ତ କରାଯିବ।

- **ହତ୍ୟା ଅଭିଯୋଗ ଆଣିଲେ ସ୍ୱାମୀ, ଭାଇ**
- **ମୁଣ୍ଡରେ ୩ ସ୍ଥାନରେ ରହିଛି କ୍ଷତଚିହ୍ନ**
- **ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସର ତଦନ୍ତ**

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ metroselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।








@ ଅମ୍ବିକା



@ ଜିତେନ୍ଦ୍ର



@ ସୋମ୍



@ ସୁଶାନ୍ତ



@ ଶୁଭଶ୍ରୀ



@ ମନୋରଞ୍ଜନ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** metroselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)



ଯାହାର ଚିତ୍ତ ସ୍ଥିର ନୁହେଁ, ତା'ଠାରୁ
କେବେ ବିଜ୍ଞତା ଆଶା କରନାହିଁ।
- ଶିଶେରୋ



## ସଂକ୍ଷେପରେ

### ନାକେଦମ କଲେ ମାନସିକ ବିକାରଗ୍ରସ୍ତ
### ଘରେ ମହିଳାଙ୍କୁ ଅସଦାଚରଣ

ଭୁବନେଶ୍ୱର, ୨୬।୮ (ବ୍ୟୁରୋ): ମଞ୍ଚେଶ୍ୱର ଥାନା ଭୋଟପଡା ଅଞ୍ଚଳରେ ଜଣେ ମାନସିକ ବିକାରଗ୍ରସ୍ତଙ୍କୁ କାବୁ କରିବାକୁ ସ୍ଥାନୀୟ ଲୋକଙ୍କୁ ନାକେଦମ ହେବାକୁ ପଡ଼ିଛି। ଏହି ସମୟରେ ସମ୍ପୃକ୍ତ ମାନସିକ ବିକାରଗ୍ରସ୍ତ ଯୁବକ ଜଣେ ମହିଳାଙ୍କ ଘରେ ପଶି ତାଙ୍କୁ ଅସଦାଚରଣ କରିବାରୁ ଲୋକେ ତାଙ୍କୁ ନିସ୍ତୁକ ମାଡ଼ ମାରି ପୋଲିସ ଜିମା ଦେଇଛନ୍ତି। ପୋଲିସ ତାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଛି। ରବିବାର ରାତି ପ୍ରାୟ ୯ଟା ୩୦ ହେବା ଏହି ସମୟରେ ଭୋଟପଡା ଗ୍ରାମର ଜଣେ ବ୍ୟକ୍ତିଙ୍କ ଘର ସମ୍ମୁଖରେ ଉକ୍ତ ମାନସିକ ବିକାରଗ୍ରସ୍ତ ଯୁବକ ସନ୍ଦେହଜନକ ଅବସ୍ଥାରେ ଛିଡା ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କ ଗତିବିଧି ଦେଖି ସନ୍ଦେହ ହେବାରୁ ତାଙ୍କୁ ଏଠାରେ କାହିଁକି ଛିଡା ହୋଇଥିବା ନେଇ ପଚାରିଥିଲେ। ହେଲେ ସେ ହଠାତ୍ ଜଣେ ବ୍ୟକ୍ତିଙ୍କ ଘର ଆଜବେଷ୍ଟସ୍ ଉପରକୁ ଚଢି ଯାଇଥିଲେ। ଆଜବେଷ୍ଟସ ଉପରେ ନାଚିବା ସହ ଜଣେ ବ୍ୟକ୍ତିଙ୍କ ପାଚେରି ଡେଇଁ ଘର ଭିତରକୁ ପଶି ଯାଇଥିଲେ। ଘର ଭିତରେ ଏକାକୀ ଥିବା ଜଣେ ମହିଳାଙ୍କୁ ଅସଦାଚରଣ କରିଥିଲେ।

### ସ୍ତ୍ରୀଙ୍କ ଆତ୍ମହତ୍ୟା ଘଟଣା
### ହତ୍ୟା ଅଭିଯୋଗରେ ସ୍ୱାମୀ ଗିରଫ

ଭୁବନେଶ୍ୱର, ୨୬।୮ (ବ୍ୟୁରୋ): ମଞ୍ଚେଶ୍ୱର ଥାନା ଅଧୀନ ଜଗନ୍ନାଥନଗରରେ ଅନନ୍ୟା ମହାନ୍ତି ନାମ୍ନୀ ମହିଳାଙ୍କ ଆତ୍ମହତ୍ୟା ଘଟଣାରେ ପୋଲିସ ତାଙ୍କ ସ୍ୱାମୀଙ୍କୁ ଗିରଫ କରିଛି। ସେ ହେଲେ ବାଲେଶ୍ୱର ଜିଲା ସୋର ଅଞ୍ଚଳର ତାପସ କୁମାର ସାହୁ। ଅନନ୍ୟା ଏବଂ ତାପସ ବିବାହ କରିବା ପରେ ଜଗନ୍ନାଥନଗର ଅଞ୍ଚଳରେ ଘର ଭଡ଼ା ନେଇ ରହୁଥିଲେ। ଗତ ୧୮ ତାରିଖରେ ଅନନ୍ୟା ପାରିବାରିକ କଳହକୁ ନେଇ ରସିରେ ଝୁଲି ଆତ୍ମହତ୍ୟା କରିଥିଲେ। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (୭୪/୧୮) ରୁଜୁ କରିଥିଲା। ପରବର୍ତ୍ତୀ ସମୟରେ ଅନନ୍ୟାଙ୍କ ପିତା ଅଶୋକ କୁମାର ମହାନ୍ତି ଝିଅକୁ ହତ୍ୟା କରାଯାଇ ଆତ୍ମହତ୍ୟାର ରୂପ ଦିଆଯାଇଛି ବୋଲି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏ ନେଇ ତଦନ୍ତ କରିବା ପରେ ଅନନ୍ୟାଙ୍କୁ ହତ୍ୟା କରିଥିବା ନେଇ ତାପସଙ୍କ ସମ୍ପୃକ୍ତି ଥିବା ପ୍ରମାଣ ମିଳିଥିଲା। ଏହାପରେ ପୋଲିସ ତାଙ୍କୁ ଗିରଫ କରିଥିଲା। ଏ ନେଇ ଦଫା ୩୦୨, ୩୯୮(ଏ)ରେ ଅପମୃତ୍ୟୁ ମାମଲାକୁ ହତ୍ୟା ମାମଲାରେ ରୂପାନ୍ତରିତ କରାଯାଇଛି।

### ଗୋପୂଜନ ଉତ୍ସବ

ବାରଙ୍ଗ, ୨୬।୮ (ଡି.ଏନ.ଏ): ବାରଙ୍ଗ ପତଞ୍ଜଳି ପରିବାର ତରଫରୁ ବଛିପୁରଠାରେ ଗୋପୂଜନ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଛିପୁର ଗ୍ରାମବାସୀଙ୍କ ସହ ବାରଙ୍ଗ ଆଞ୍ଚଳିକ ଶାନ୍ତି କମିଟିର ସମ୍ପାଦକ ସୁରେଶ ମହାନ୍ତି, ପ୍ରହ୍ଲାଦ ମହାନ୍ତି, ଦୀପକ କୁମାର ସ୍ୱାଇଁ, ବେଣୁଧର ବେହେରା, କିଶୋର ବେହେରା ପ୍ରମୁଖ ଉପସ୍ଥିତ ରହି ଗୋମାତାଙ୍କୁ ପୂଜାର୍ଚ୍ଚନା କରିବା ସହ ରାଖୀ ପିନ୍ଧାଇଥିଲେ।

## ଷ୍ଟେଶନରେ ଡାକ୍ତରଙ୍କୁ ହତ୍ୟା ଘଟଣା
# ଷ୍ଟେଶନ ଆସିବା ପୂର୍ବରୁ ଜଣେ ମହିଳା ଫୋନ କରିଥିଲେ

ଭୁବନେଶ୍ୱର, ୨୬।୮ (ବ୍ୟୁରୋ)

ଶିଶୁରୋଗ ବିଶେଷଜ୍ଞ ଡା. ରବୀନ୍ଦ୍ରନାଥ ରଥଙ୍କ ହତ୍ୟା ଘଟଣା ଏବେ ରହସ୍ୟ ଘେରରେ ଥିବାବେଳେ ରବିବାର କିଛି ନୂଆ ତଥ୍ୟ ପଦାକୁ ଆସିଛି। ରବୀନ୍ଦ୍ର ଶୁକ୍ରବାର ରାତିରେ ସାମନ୍ତରାପୁରସ୍ଥିତ ମନୋରମା କ୍ଲିନିକରେ ରୋଗୀ ଦେଖୁଥିବାବେଳେ ତାଙ୍କୁ ଜଣେ ମହିଳା ଫୋନ କରିଥିଲେ। ସେତେବେଳେ ସମୟ ଥିଲା ରାତି ପ୍ରାୟ ୯ଟା ୧ ମିନିଟ। ଏହା ପରେ ରାତି ୯ଟା ୧୦ରେ ସେ କ୍ଲିନିକରୁ ବାହାରି ଆସିଥିଲେ। ତେବେ ସମ୍ପୃକ୍ତ ମହିଳା ବିଏମ୍‌ସିର ଜଣେ କର୍ମଚାରୀଙ୍କ ସ୍ତ୍ରୀ ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ରବୀନ୍ଦ୍ର ଉକ୍ତ ମହିଳାଙ୍କ ନମ୍ବରକୁ ନିଜ ଫୋନରେ 'ଅନ୍‌ନୋନ୍ ହସ୍ପିଟାଲ' ନାମରେ ସେଭ୍ କରିଥିଲେ। ତେବେ ଏହି ମାମଲାର ତଦନ୍ତ ଏବେ ୩ ବିଭାଗ କରୁଛନ୍ତି। ଜିଆରପି ସହିତ ଗୋଇନ୍ଦା ପୋଲିସ ଏବଂ ଭୁବନେଶ୍ୱର ଡିସିପିଙ୍କ ନେତୃତ୍ୱରେ ଏକ ଟିମ୍ ମଧ୍ୟ ଘଟଣାର ତଦନ୍ତ କରୁଛନ୍ତି।

ଅନ୍ୟପଟେ ରବୀନ୍ଦ୍ର କୌଣସି ଗାଡ଼ି ଚଳାଇବା ଶିଖି ନ ଥିଲେ କିମ୍ବା ଅନ୍ୟ କୌଣସି ଗାଡ଼ିରେ ଏକା ଯାଆନ୍ତି ନାହିଁ। ଏଭଳି ସ୍ଥିତିରେ ସେ ଷ୍ଟେଶନକୁ କିଭଳି ଆସିଲେ ତାହା ପରିବାର ଲୋକଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ତେବେ ସେ ଅନ୍ୟ ଜଣେ ବ୍ୟକ୍ତିଙ୍କ ବାଇକ୍‌ରେ ବସି ଷ୍ଟେଶନକୁ ଆସିଥିବା ସାମନ୍ତରା ଛକ ନିକଟରେ ଲାଗିଥିବା ଏକ ସିସିଟିଭିରୁ ଜଣାପଡିଛି। ଡାକ୍ତର କ୍ଲିନିକରୁ ବାହାରିବା ପରେ ମୁଖ୍ୟରାସ୍ତାକୁ ଚାଲି ଚାଲି ଯାଇଥିଲେ। ପରେ ସେଠାରେ ଛିଡା ହୋଇଥିବା ଜଣେ ବାଇକ ଚାଳକ ତାଙ୍କୁ ବାଇକରେ ବସାଇ ନେଇଯାଇଥିଲେ। ବାଇକ ଚଳାଉଥିବା ବ୍ୟକ୍ତି କିଏ, ତାଙ୍କୁ ଚିହ୍ନଟ ପାଇଁ ପୋଲିସ ଉକ୍ତ ସିସିଟିଭି ଫୁଟେଜକୁ ପରିବାର ଲୋକଙ୍କୁ ଦେଖାଇଥିଲା। ମାତ୍ର ପରିବାର ଲୋକେ ତାଙ୍କୁ ଚିହ୍ନି ନ ଥିବା କହିଛନ୍ତି। କ୍ୟାମେରାରେ କଏଦ ହୋଇଥିବା ଦୃଶ୍ୟରୁ ବାଇକ ନମ୍ବର ସ୍ପଷ୍ଟଭାବେ ଦେଖାଯାଉନାହିଁ। ବାଇକ ଚଳାଇଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରିବା ପୋଲିସ ପାଇଁ କାଠିକର ପାଠ ହୋଇଛି। ଉକ୍ତ ବ୍ୟକ୍ତି ଚିହ୍ନଟ ହେବା ପରେ ହତ୍ୟା ଘଟଣାର ପର୍ଦ୍ଦାଫାଶ ହେବ ବୋଲି କୁହାଯାଉଛି। ଏପରି କି ଷ୍ଟେଶନ ନିକଟରେ ଲାଗିଥିବା ସିସିଟିଭି ଫୁଟେଜରେ ମଧ୍ୟ ସମ୍ପୃକ୍ତ ବ୍ୟକ୍ତି ରବୀନ୍ଦ୍ରଙ୍କୁ ବାଇକରେ ଆଣି ଛାଡିଥିବା ଦେଖିବାକୁ ମିଳିଛି।



- ଅନ୍ୟ ଜଣକ ବାଇକରେ ଆସିଥିଲେ
- ମାମଲାର ତଦନ୍ତ କରୁଛନ୍ତି ୩ ବିଭାଗ

ସେହିପରି ଉକ୍ତ ମହିଳା ଜଣକ କିଏ। ତାଙ୍କ ସହ ଡାକ୍ତରଙ୍କ କି ସମ୍ପର୍କ ରହିଛି ତାକୁ ନେଇ ଏବେ ପ୍ରଶ୍ନ ଉଠୁଛି। ଏତେ ସବୁ ଘଟଣା ପରେ ଉକ୍ତ ବିଏମ୍‌ସି କର୍ମଚାରୀଙ୍କ ସ୍ତ୍ରୀ ବାହାରକୁ କାହିଁକି ଆସୁନାହାନ୍ତି, ରବୀନ୍ଦ୍ର ତାଙ୍କ ନମ୍ବରକୁ ଅନନୋନ୍ ହସ୍ପିଟାଲ ନାଁରେ କ'ଣ ପାଇଁ ସେଭ୍ କରିଥିଲେ ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ବାଇକରେ ବସାଇ ନେଇଥିବା ଯୁବକ ଏବଂ ରବୀନ୍ଦ୍ରଙ୍କୁ ଫୋନ କରିଥିବା ମହିଳା ଜଣକ କିଏ ତାହା ଜାଣିବା ପାଇଁ ପୋଲିସ ଛାନ୍‌ଭିନ୍ ଆରମ୍ଭ କରିଛି। ପୋଲିସ ରବୀନ୍ଦ୍ରଙ୍କ ଫୋନର ସିଡିଆର ମଗାଇଛି। ତାହା ଖୁବ୍‌ଶୀଘ୍ର ମିଳିଯିବ ବୋଲି ପୋଲିସ କହିଛି।

ରବୀନ୍ଦ୍ରଙ୍କ ମୁଣ୍ଡରେ ସୃଷ୍ଟି ହୋଇଥିବା କ୍ଷତ କୌଣସି ଧାରୁଆ ଅସ୍ତ୍ରରେ ଆକ୍ରମଣ ଯୋଗୁ ହୋଇନାହିଁ। ପଥରରେ ମାଡ଼ ହେବାରୁ ଉକ୍ତ କ୍ଷତ ସୃଷ୍ଟି ହୋଇଥିବା ମୃତଦେହ ବ୍ୟବଚ୍ଛେଦ ବେଳେ ଜଣାପଡ଼ିଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ସବୁ କିଛି ସ୍ପଷ୍ଟ ହେବ। ଜିଆରପି ଥାନା ଅଧିକାରୀ ଭରତ ସାହୁ କହିଛନ୍ତି, ରବୀନ୍ଦ୍ର ବାଇକରେ ଆସିଥିବା ସିସିଟିଭି ଫୁଟେଜରୁ ଦେଖିବାକୁ ମିଳୁଛି। ବାଇକରେ ଆଣିଥିବା ବ୍ୟକ୍ତି କିଏ ସେନେଇ ତଦନ୍ତ ଚାଲିଛି। ରବିବାର ହୋଇଥିବାରୁ ଫୋନ ସିଡିଆର ଆସିନାହିଁ। ରିପୋର୍ଟ ଆସିଲେ ତାଙ୍କୁ କଲ୍ କରିଥିବା ବ୍ୟକ୍ତି ଜଣକ କିଏ ତାହା ଜଣାପଡ଼ିବ। ସୂଚନାଯୋଗ୍ୟ, ଶୁକ୍ରବାର ରାତି ପ୍ରାୟ ୧୦ଟା ୫ରେ ରବୀନ୍ଦ୍ରଙ୍କ କ୍ଷତାକ୍ତ ମୃତଦେହ ଷ୍ଟେଶନର ୧ ନଂ. ପ୍ଲାଟଫର୍ମରୁ ମିଳିଥିଲା। ତାଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଥିଲେ।

## 'ବାହୁବଳୀ'କୁ ପୋଷ୍ୟ ଭାବେ ଗ୍ରହଣ କଲେ ଚନ୍ଦନ

ବାରଙ୍ଗ, ୨୬।୮ (ଡି.ଏନ.ଏ.)



ନନ୍ଦନକାନନର ୩୧ ନମ୍ବର ଏନ୍‌କ୍ଲୋଜରରେ ରହୁଥିବା ମହାବଳ ବାଘ 'ବାହୁବଳୀ'କୁ ରବିବାର ପୋଷ୍ୟ ଭାବେ ଗ୍ରହଣ କରିଛନ୍ତି ଚଳଚ୍ଚିତ୍ର ଅଭିନେତା ଚନ୍ଦନ କର। ଏଥିପାଇଁ ଚନ୍ଦନଙ୍କୁ ୧ବର୍ଷ ଲାଗି ନନ୍ଦନକାନନ କର୍ତ୍ତୃପକ୍ଷଙ୍କୁ ୧ଲକ୍ଷ ଟଙ୍କା ଦେବାକୁ ପଡିଥିଲା। ବର୍ଷକ ମଧ୍ୟରେ ବାହୁବଳୀର ଖାଦ୍ୟ, ଏନ୍‌କ୍ଲୋଜରର ରକ୍ଷଣାବେକ୍ଷଣ, ଚିକିତ୍ସା ଆଦି କ୍ଷେତ୍ରରେ ଏହି ଟଙ୍କା ବିନିଯୋଗ ହେବ। ପୋଷ୍ୟ ଭାବେ ଗ୍ରହଣ କରିବା ପରେ ନନ୍ଦନକାନନ ଉପନିର୍ଦ୍ଦେଶକ ଜୟନ୍ତ କୁମାର ଦାସ ଚନ୍ଦନଙ୍କୁ ପ୍ରମାଣପତ୍ର, ମାଗଣା ପ୍ରବେଶ ଟିକେଟ ପ୍ରଦାନ କରିଥିଲେ। ଡିଏଫଓ କମଳ ଲୋଚନ ପୁରୋହିତ, ଏସିଏଫ ଅମୂଲ୍ୟ କୁମାର ପରିଡା, ଅଞ୍ଜନ କୁମାର ମହାନ୍ତି, ରେଞ୍ଜର ଅଶୋକ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ୨୦୧୬ ଏପ୍ରିଲ ୨୦ରେ ମେଘା ଓ ଜଙ୍ଗଲୀ ବାଘ ନନ୍ଦନ ଔରସରୁ ବାହୁବଳୀ ଜନ୍ମଗ୍ରହଣ କରିଥିଲା। ଏବେ ତାକୁ ୨ବର୍ଷ ୪ମାସ। ଏହା ପୂର୍ବରୁ ନିଶାନ ଓ କୁସୁମ ଔରଷରୁ ୨୦୧୧ ଜୁଲାଇ ୧୩ରେ ଜନ୍ମନେଇଥିବା ଧଳା ବାଘୁଣୀ ବିଜୟାକୁ ଚନ୍ଦନ ୨୦୧୨ରେ ପୋଷ୍ୟ ଭାବେ ଗ୍ରହଣ କରିଥିଲେ। ସୂଚନାଯୋଗ୍ୟ, ୨୦୦୮ ଅକ୍ଟୋବର ୨୪ରେ ନନ୍ଦନକାନନରେ ଥିବା ପଶୁପକ୍ଷୀମାନଙ୍କୁ ପୋଷ୍ୟ ଭାବେ ଦେବାର ଯୋଜନା ଆରମ୍ଭ ହୋଇଥିଲା। ଏହାପରେ ପ୍ରଥମ କରି କଟକର ୨ ଛାତ୍ର ୪ହଜାର ଟଙ୍କା ଦେଇ ନୀଳହଳଦିଆ ମାକାଓକୁ ପୋଷ୍ୟଭାବେ ଗ୍ରହଣ କରିଥିଲେ। ଅନ୍ୟପକ୍ଷରେ ରବିବାର ୩୭ନଂ. ଏନକ୍ଲୋଜରରେ ଥିବା ଏକ କୁଜି ହରିଣ ଗୋଟିଏ ଶାବକ ଜନ୍ମଦେଇଛି। ଏହାପରେ ଏମାନଙ୍କ ସଂଖ୍ୟା ବୃଦ୍ଧି ପାଇ ୧୦ରେ ପହଞ୍ଚିଛି।



ସୂଚନାଭବନଠାରେ ଗୀତିକାର ଶିବବ୍ରତ ଦାସଙ୍କ ୮୮ତମ ଜୟନ୍ତୀ ପାଳନ ଅବସରରେ ରବିବାର ଆୟୋଜିତ ଏକ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀମାନେ ସଙ୍ଗୀତ ପରିବେଷଣ କରାଯାଉଛି।

## ସ୍ୱିଡ୍ ପୋଷ୍ଟର ଚାହିଦା ବଢ଼ିଛି: କାମିଲା

- ଆଜି ଉନ୍ମୋଚିତ ହେବ ସ୍ୱତନ୍ତ୍ର ଲଫାପା ମେଘଦୂତ, କ୍ୟୁଆର୍ କୋଡ୍

ପୁରୀ ଅଫିସ, ୨୬।୮

ଭାରତର ସବୁଠାରୁ ଲାଭଦାୟକ ସଂସ୍ଥା ହେଉଛି ଡାକ ବିଭାଗ। ତେବେ ବହୁ ଘରୋଇ ସଂସ୍ଥା ଆସିବା ପରେ ଡାକ ବିଭାଗର ଚାହିଦା କମିବାରେ ଲାଗିଛି। ସାଧାରଣ ଡାକ କ୍ଷେତ୍ରରେ ୨୦ରୁ ୩୦% ଏବଂ ମନିଅର୍ଡର କ୍ଷେତ୍ରରେ ୫୦% ଚାହିଦା ହ୍ରାସ ପାଇଥିବା ଓଡ଼ିଶା ପରିମଣ୍ଡଳ ମହାଡାକପାଳ ସନ୍ତୋଷ କୁମାର କାମିଲା ରବିବାର ହଲିଡେ ରିସର୍ଟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କହିଛନ୍ତି। ସେ କହିଲେ, ସ୍ୱିଡ୍ ପୋଷ୍ଟର ଚାହିଦା ବଢ଼ିଛି। ଗ୍ରାହକଙ୍କୁ ଉନ୍ନତ ସେବା ପ୍ରଦାନ ଲାଗି ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଯାଉଛି। ସୋମବାର ଓଡ଼ିଶା ଡାକ ପରିମଣ୍ଡଳ ଆନୁକୂଲ୍ୟରେ ପୁରୀରେ ଆୟୋଜିତ ହେବାକୁ ଥିବା ୩୩ତମ ସର୍ବଭାରତୀୟ ଚେସ୍ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଉତ୍ସବରେ ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ଲଫାପା ମେଘଦୂତ ଉନ୍ମୋଚିତ ହେବ। ଏଥିସହିତ ସର୍ବଭାରତୀୟ ସ୍ତରରେ ଏକ କ୍ୟୁଆର୍ କୋଡ୍ ବ୍ୟବସ୍ଥା ଉନ୍ମୋଚନ କରାଯିବ। ଇଣ୍ଡିଆନ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ ସେବା ଜରିଆରେ ଲୋକଙ୍କୁ ଦ୍ୱାରରେ ସେବା ପହଞ୍ଚାଇବା ଲକ୍ଷ୍ୟରେ ଏହି ଯୋଜନା ଆରମ୍ଭ କରାଯାଇଛି। ପବିତ୍ର ରକ୍ଷାବନ୍ଧନ ଉତ୍ସବକୁ ଦୃଷ୍ଟିରେ ରଖି ଓଡ଼ିଶା ସମସ୍ତ ଡାକ ଜରିଆରେ ଆସିଥିବା ରାକ୍ଷୀକୁ ଗନ୍ତବ୍ୟସ୍ଥଳରେ ପହଞ୍ଚାଇବାରେ ବ୍ୟବସ୍ଥା କରାଯାଇଛି। ରବିବାର ଛୁଟି ଦିନ ହୋଇଥିଲେ ମଧ୍ୟ ଓଡ଼ିଶାର ସମସ୍ତ ଡାକଘରେ କାର୍ଯ୍ୟରତ ପୋଷ୍ଟ ପିଅନମାନେ ଘର ଘର ବୁଲି ରାକ୍ଷୀ ବାଣ୍ଟିଛନ୍ତି। ଭାଇ ଓ ଭଉଣୀଙ୍କ ସ୍ନେହର ପର୍ବ ରକ୍ଷାବନ୍ଧନକୁ ଡାକ ବିଭାଗ ଗୁରୁତ୍ୱ ଦେଇଛି।

## ଲୁଚକାଳି ଖେଳବେଳେ ନାବାଳିକାଙ୍କୁ ବଳାତ୍କାର

ଭୁବନେଶ୍ୱର, ୨୬।୮ (ବ୍ୟୁରୋ)

ଲୁଚକାଳି ଖେଳବେଳେ ଜଣେ ନାବାଳିକାଙ୍କୁ ବଳାତ୍କାର କରାଯାଇଛି। ଏୟାରଫିଲ୍ଡ ଥାନା କାରଗିଲ ବସ୍ତି ଅଞ୍ଚଳରେ ଏହି ଘଟଣା ଘଟିଛି। ନାବାଳିକାଙ୍କ ମା'ଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରିବା ସହିତ ଅଭିଯୁକ୍ତ ନାବାଳକଙ୍କୁ ଜୁଭେନାଇଲ କୋର୍ଟରେ ହାଜର କରି ସ୍ୱଧାର ଗୃହକୁ ପଠାଇଛି। ସୂଚନା ମୁତାବକ, ଶନିବାର ରାତି ପ୍ରାୟ ୭ଟାରେ ଜଣେ ନାବାଳିକା ଓ ନାବାଳକ ଘର ନିକଟରେ ଲୁଚକାଳି ଖେଳୁଥିଲେ। ଏହି ସମୟରେ ନାବାଳକ ଜଣକ ନାବାଳିକାଙ୍କୁ ଏକାକୀ ଦେଖି ଏକ ନିଛାଟିଆ ସ୍ଥାନକୁ ନେଇ ବଳାତ୍କାର କରିଥିଲେ। ନାବାଳିକା କାନ୍ଦି କାନ୍ଦି ଘରକୁ ଫେରି ପରିବାର ଲୋକଙ୍କୁ ସବୁକଥା କହିବା ପରେ ଥାନାରେ ଅଭିଯୋଗ କରାଯାଇଥିଲା।

## ସ୍ତ୍ରୀଙ୍କୁ ଛାଡ଼ି ପ୍ରେମିକାଙ୍କ ସହ ଅଲଗା ରହୁଥିଲେ

**ପୂର୍ଣ୍ଣଚନ୍ଦ୍ର ହତ୍ୟା ମାମଲା**

ଭୁବନେଶ୍ୱର, ୨୬।୮ (ବ୍ୟୁରୋ)

କଟକ ଜିଲା ନିଆଳି ମାଣିକପୁର ଗ୍ରାମର ପୂର୍ଣ୍ଣଚନ୍ଦ୍ର ନାୟକଙ୍କୁ ହତ୍ୟା ମାମଲା ଏବେ ପୋଲିସ ପାଇଁ ଅଧିକ ଜଟିଳ ହେବାରେ ଲାଗିଛି। ପୂର୍ଣ୍ଣଚନ୍ଦ୍ରଙ୍କୁ କିଏ ହତ୍ୟା କରିଛି ତାହାର କିଛି ସୁରାକ ମିଳି ନ ଥିବାବେଳେ ତାଙ୍କ ପ୍ରେମିକାଙ୍କୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ପୂର୍ଣ୍ଣଚନ୍ଦ୍ର ବିବାହିତ ହୋଇଥିଲେ ହେଁ ଅନ୍ୟ ଜଣେ ଯୁବତୀଙ୍କୁ ନିଜ ପାଖରେ ଆଣି ରଖିଥିଲେ। ସ୍ତ୍ରୀ ଗାଁରେ ରହୁଥିବାବେଳେ ପ୍ରେମିକାଙ୍କ ସହ ସେ ତାରିଣୀନଗରରେ ରହୁଥିଲେ। ହତ୍ୟାକାଣ୍ଡ ପରଠୁ ସମ୍ପୃକ୍ତ ଯୁବତୀ ଫେରାର ରହିଛନ୍ତି। ଘଟଣାର ଦୁଇଦିନ ତଳେ ସମ୍ପୃକ୍ତ ଯୁବତୀ ପୂର୍ଣ୍ଣଚନ୍ଦ୍ରଙ୍କୁ ବିବାହ କରିବାକୁ ଜିଦ୍ ଧରିଥିଲେ। ମାତ୍ର ପୂର୍ଣ୍ଣଚନ୍ଦ୍ର ବିବାହିତ ହୋଇଥିବାରୁ ତାଙ୍କୁ ବିବାହ କରିପାରିବେ ନାହିଁ ବୋଲି ମନା କରିଦେଇଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ତେଣୁ ହତ୍ୟା ପଛରେ ଉକ୍ତ ଯୁବତୀଙ୍କ ହାତ ଥିବା ପୋଲିସ ସନ୍ଦେହ କରୁଛି।

ପୂର୍ଣ୍ଣଚନ୍ଦ୍ର ରାଜଧାନୀ ପଳାଇ ଆସି ତାରିଣୀନଗରରେ ରହି ଟ୍ୟୁଶନ କରୁଥିବାବେଳେ ଜଣେ ଯୁବତୀଙ୍କ ସହ ତାଙ୍କର ପରିଚୟ ହୋଇଥିଲା। ପୂର୍ଣ୍ଣଚନ୍ଦ୍ର ତାଙ୍କୁ ବିବାହ ନ କରି ନିଜ ନିକଟରେ ରଖିଥିଲେ। ପ୍ରେମିକା ଏବଂ ପରିବାରକୁ ଚଳାଇବା କଷ୍ଟକର ହୋଇପଡ଼ିଥିଲା। ତେଣୁ ସେ ଟ୍ୟୁଶନ ବାଦ୍ ମାମୁଙ୍କ ଚାଟ୍ ଦୋକାନରେ ବ୍ୟବସାୟ କରୁଥିଲେ। ସେ ପାଖରେ ଜଣେ ଯୁବତୀଙ୍କୁ ରଖିଥିବା ବିଷୟରେ ମାମୁ ଗାଁରେ ରହୁଥିବା ତାଙ୍କ ସ୍ତ୍ରୀଙ୍କୁ ଜଣାଇଦେଇଥିଲେ। ଏହାକୁ ନେଇ ପ୍ରଥମ ସ୍ତ୍ରୀଙ୍କ ସହ ପୂର୍ଣ୍ଣଚନ୍ଦ୍ରଙ୍କର ଝଗଡା ହେଉଥିଲା। ସେହିପରି ପୂର୍ଣ୍ଣଚନ୍ଦ୍ର ମଝିରେ ମଝିରେ ଗାଁକୁ ଯାଉଥିବାରୁ ପ୍ରେମିକାଙ୍କ ସହ ମଧ୍ୟ ତାଙ୍କର ପାଟିତୁଣ୍ଡ ମଧ୍ୟ ହେଉଥିଲା।

ଅନ୍ୟପଟେ ଆଇଡି ମାର୍କେଟରେ ଲାଗିଥିବା ଏକ ସିସିଟିଭି କ୍ୟାମେରାର ଫୁଟେଜରେ ପୂର୍ଣ୍ଣଚନ୍ଦ୍ର ଘଟଣା ଦିନ ନଜର ଆସିଥିବା ଦେଖିବାକୁ ମିଳିଛି। ସେ ଗାମୁଛା କାନ୍ଧରେ ପକାଇ ଜଣେ ଯୁବକଙ୍କ ବାଇକ ପଛରେ ବସି ରାତି ପ୍ରାୟ ୧୦ଟା ୪୫ରେ ଯାଇଛନ୍ତି। ହେଲେ ଉକ୍ତ ବାଇକ ନମ୍ବର ଓ ବାଇକକୁ ଚଳାଉଥିବା ବ୍ୟକ୍ତିଙ୍କ ମୁହଁ ସ୍ପଷ୍ଟଭାବେ ଦେଖାଯାଉ ନାହିଁ। ସେ ବ୍ୟକ୍ତି ଜଣକ କିଏ ପୋଲିସ ସେନେଇ ଖୋଳତାଡ଼ କରୁଛି। ଥାନା ଅଧିକାରୀ ଉମାକାନ୍ତ ପ୍ରଧାନ କହିଛନ୍ତି, ଉକ୍ତ ମହିଳାଙ୍କର କୌଣସି ପତ୍ତା ମିଳୁନି। ହତ୍ୟାକାଣ୍ଡ ପରଠୁ ସେ ଫେରାର ଅଛନ୍ତି। ତେଣୁ ତାଙ୍କ ଉପରେ ସନ୍ଦେହ କରାଯାଉଛି। ତାଙ୍କୁ ପଚରାଉଚରା କରାଯିବା ପରେ ହତ୍ୟାକାଣ୍ଡର କାରଣ ସ୍ପଷ୍ଟ ହେବ।



ଏସିଆନ ଗେମ୍ସରେ ଧାବିକା ଦୂତୀ ଚାନ୍ଦ ରୌପ୍ୟ ପଦକ ଜିତିବା ପରେ ଉତ୍ସାହିତ କିଟ୍ ଛାତ୍ରୀ।

## ୧୩ ନମ୍ବର ୱାର୍ଡରେ ଡେଙ୍ଗୁ, ପ୍ଲାଷ୍ଟିକମୁକ୍ତ ଓଡ଼ିଶା ସମ୍ପର୍କିତ ସଚେତନତା

ଭୁବନେଶ୍ୱର, ୨୬।୮ (ବ୍ୟୁରୋ)

ହେଲ୍ପମେଟ୍ ପକ୍ଷରୁ ରବିବାର ବିଏମ୍‌ସିର ୧୩ ନମ୍ବର ୱାର୍ଡରେ ଡେଙ୍ଗୁ ନିରାକରଣ ଏବଂ ପ୍ଲାଷ୍ଟିକମୁକ୍ତ ଓଡ଼ିଶା ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା। ହେଲ୍ପମେଟ୍ ପରିବାରର ସମ୍ପାଦିକା ନିବେଦିତା ଭଞ୍ଜ ଏବଂ ସଭାପତି ମଞ୍ଜୁଳା ତ୍ରିପାଠୀଙ୍କ ନେତୃତ୍ୱରେ ସଦସ୍ୟମାନେ ଲୋକଙ୍କ ଘର ଘର ବୁଲି ସଚେତନ କରାଇଥିଲେ। ୱାର୍ଡର କେତେକ ସାହିରେ ପଡିରହିଥିବା ଅଳିଆକୁ ସଫା କରିଥିଲେ। ୱାର୍ଡର କିଛି ଲୋକଙ୍କୁ ମଧ୍ୟ ମଶାରି ବଣ୍ଟନ କରିଥିଲେ। ମଶା ମାରିବା ପାଇଁ ପ୍ରତିଦିନ ଘରେ ଝୁଣା, ନିମ୍ବପତ୍ର, ଏବଂ କରଞ୍ଜପତ୍ର ଧୂଆଁ ଦେବାପାଇଁ ପରାମର୍ଶ ଦେଇଥିଲେ। ଡେଙ୍ଗୁ ରୋଗର କୌଣସି ସଫଳ ଚିକିତ୍ସା ନାହିଁ। ପ୍ରତିଷେଧକ ଟିକା ମଧ୍ୟ ନାହିଁ। ସଚେତନତା ହିଁ ଲୋକଙ୍କୁ ରକ୍ଷା କରିପାରିବ ବୋଲି ସମ୍ପାଦିକା ଭଞ୍ଜ କହିଛନ୍ତି। ହେଲ୍ପମେଟ୍‌ର ଉପସଭାପତି ନୀହାରିକା ପଟ୍ଟନାୟକ, ସହସମ୍ପାଦିକା ନମିତା ରାୟଙ୍କ ସହିତ ସୁଷମା ଦାଶ, ଲିନା ମିଶ୍ର, ମୀନା ମିଶ୍ର, ବିଭୂତି ସାମନ୍ତରାୟ ଏବଂ ସିଟିଜେନ୍ସ କମିଟିର ଅଜିତ୍ ଦାଶ ସଚେତନ କରାଇଥିଲେ। 'ପ୍ଲାଷ୍ଟିକ୍ ଛାଡନ୍ତୁ ଜୀବନ ବଞ୍ଚାନ୍ତୁ' ସ୍ଲୋଗାନ ଦେଇ ଲୋକଙ୍କୁ ବୁଝାଇଥିଲେ।





ବୀଣାପାଣି ନାଟ୍ୟସଂସ୍ଥା ପକ୍ଷରୁ ରବୀନ୍ଦ୍ରମଣ୍ଡପଠାରେ ରବିବାର ଆୟୋଜିତ ମିସ୍ କଳିଙ୍ଗ ଇଣ୍ଟରନ୍ୟାଶନାଲ ଏବଂ କଳିଙ୍ଗ ପ୍ରତିଭା ପ୍ରତିଯୋଗିତାରେ ଅତିଥିଙ୍କ ଗହଣରେ ଭାଗନେଇଥିବା ପ୍ରତିଯୋଗୀ।

## ହୋଟେଲରେ ପ୍ରେମିକାଙ୍କୁ ହତ୍ୟା ଘଟଣା
# ବେଙ୍ଗାଲୁରୁ ଯିବ ପୋଲିସ

ଭୁବନେଶ୍ୱର, ୨୬।୮ (ବ୍ୟୁରୋ)

ମଞ୍ଚେଶ୍ୱର ଥାନା ନିକଟ ହୋଟେଲ ହାଇୱେ ଇନ୍‌ରେ ଘଟିଥିବା ହତ୍ୟାକାଣ୍ଡକୁ ୩ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିପାରିନାହିଁ। ଆଧାରକାର୍ଡରୁ ଅଭିଯୁକ୍ତ ଜଣକ ଆଦିତ୍ୟ ମହାପାତ୍ର ବୋଲି ଯେଉଁ ନାଁ ସାମ୍ନାକୁ ଆସିଛି ତାହା ଜାଲ୍ ବୋଲି ଜଣାପଡ଼ିଛି। ଅଭିଯୁକ୍ତ ଜଣକ ପୋଲିସକୁ ଏକପ୍ରକାର ଚକ୍‌ମା ଦେଇଛନ୍ତି। ସେ ହୋଟେଲରେ ଦେଇଥିବା ଆଧାର କାର୍ଡ ନକଲି ବୋଲି ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି। ପୋଲିସ ଉକ୍ତ ଆଧାରକାର୍ଡ ଅନୁଯାୟୀ ପୁରୀ ଓ ବ୍ରହ୍ମପୁରରେ ଚଢାଉ କରିଥିଲେ ମଧ୍ୟ ଉକ୍ତ ଠିକଣାରେ ସେଭଳି କୌଣସି ଲୋକ ରହୁ ନ ଥିବା ଜଣାଯାଇଛି। ଫଳରେ ପୋଲିସ ଖାଲି ହାତରେ ଫେରିଛି। ଆଧାରକାର୍ଡରେ ଥିବା ଫଟୋ ଅସଲି ହୋଇଥିବା ବେଳେ ନାମ ଓ ଠିକଣା ଜାଲ୍ ରହିଛି। ଅନ୍ୟପଟେ ପୋଲିସ ରବିବାର ରାଜଧାନୀ ଉପକଣ୍ଠ ମଳିପଡା, ଚନ୍ଦକା, ପଟିଆ, ବାରଙ୍ଗ, ଜଟଣୀ ଆଦି ସ୍ଥାନରେ ଚଢାଉ କରିଛି। ହେଲେ ହତ୍ୟାକାରୀ ସମ୍ପର୍କରେ କିଛି ସୁରାକ ମିଳିନାହିଁ। ଅଭିଯୁକ୍ତ ବେଙ୍ଗାଲୁରୁରେ ଚାକିରି କରୁଥିବା ମୃତା ଲକ୍ଷ୍ମୀପ୍ରିୟା ବିଶ୍ୱାଳ(୪୦)ଙ୍କ ମା' କହିଥିଲେ। ତେଣୁ ଲକ୍ଷ୍ମୀପ୍ରିୟାଙ୍କୁ ହତ୍ୟା କରିବା ପରେ ଅଭିଯୁକ୍ତ ବେଙ୍ଗାଲୁରୁ ଫେରାର ହୋଇଯାଇଥିବା ପୋଲିସ ସନ୍ଦେହ କରୁଛି। ତେଣୁ ପୋଲିସ ତାଙ୍କୁ ଧରିବା ପାଇଁ ଖୁବ୍‌ଶୀଘ୍ର ବେଙ୍ଗାଲୁରୁ ଯିବ ବୋଲି ଜଣାପଡିଛି। ପୋଲିସ ଲକ୍ଷ୍ମୀପ୍ରିୟାଙ୍କ ସ୍କୁଟିକୁ ଏପର୍ଯ୍ୟନ୍ତ ଜବତ କରିନାହିଁ। କୁହାଯାଉଛି ଅଭିଯୁକ୍ତ ଲକ୍ଷ୍ମୀପ୍ରିୟାଙ୍କୁ ହତ୍ୟା କରିବା ପରେ ତାଙ୍କ ସ୍କୁଟି ସାହାଯ୍ୟରେ ଫେରାର ହୋଇଯାଇଛନ୍ତି।

ପୋଲିସ ରବିବାର ଲକ୍ଷ୍ମୀପ୍ରିୟାଙ୍କ ସ୍ୱାମୀ ଓ ଅନ୍ୟ ସମ୍ପର୍କୀୟମାନଙ୍କୁ ଆଦିତ୍ୟଙ୍କ ସମ୍ପର୍କରେ ପଚରାଉଚରା କରିଛି। ଲକ୍ଷ୍ମୀପ୍ରିୟା ଆଦିତ୍ୟଙ୍କୁ ଠିକ୍ ଭାବେ ଜାଣି ନ ଥିଲେ। ତାଙ୍କ ପ୍ରକୃତ ନାମ ଏବଂ ଠିକଣା ମଧ୍ୟ ତାଙ୍କୁ ଜଣା ନ ଥିଲା। କେବଳ ସେ ବେଙ୍ଗାଲୁରୁରେ ଇଞ୍ଜିନିୟର ଭାବେ ଚାକିରି କରୁଥିବା ଜାଣିଥିଲେ। ଲକ୍ଷ୍ମୀପ୍ରିୟାଙ୍କ ମା' ଆଦିତ୍ୟଙ୍କୁ ଭେଟିବାକୁ କହିଥିଲେ ମଧ୍ୟ ସେ ତାଙ୍କୁ ଭେଟ କରାଇ ନ ଥିଲେ ବୋଲି ପଚରାଉଚରାରୁ ପୋଲିସକୁ ସୂଚନା ମିଳିଛି।

ଗତ ୨୩ତାରିଖ ରାତିରେ ଲକ୍ଷ୍ମୀପ୍ରିୟାଙ୍କୁ ହୋଟଲ ହାଇୱେ ଇନ୍‌ରେ ହତ୍ୟା କରାଯାଇଥିଲା। ପୋଲିସ ରକ୍ତ ଜୁଡୁବୁଡୁ ମୃତଦେହକୁ ଜବତ କରିଥିଲା। ଲକ୍ଷ୍ମୀପ୍ରିୟା ଯେଉଁ ବ୍ୟକ୍ତିଙ୍କ ସହ ହୋଟେଲରେ ରହୁଥିଲେ ସେ ଦେଇଥିବା ଅଧାରକାର୍ଡରେ ତାଙ୍କ ନାଁ ଆଦିତ୍ୟ ମହାପାତ୍ର ବୋଲି ଉଲ୍ଲେଖ ରହିଥିଲା।

## ସମୟର ପ୍ରାଚୀଧାରା ପକ୍ଷରୁ କବିତା ଆସର

ବାଲିପାଟଣା, ୨୬।୮ (ଡି.ଏନ୍.ଏ.)

ଶିଶୁଅନନ୍ତ ମହାବିଦ୍ୟାଳୟର ନନ୍ଦିନୀଦେବୀ ଛାତ୍ରୀ ବିଶ୍ରାମାଗାରରେ ସାହିତ୍ୟ ପତ୍ରିକା ସମୟର ପ୍ରାଚୀଧାରା ପକ୍ଷରୁ କବିତା ପାଠୋତ୍ସବ 'ଟିପିଟିପି ବରଷା ପାଣି' ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠିତ ସାହିତ୍ୟିକ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ଡ. ଫନୀ ମହାନ୍ତିଙ୍କ ସଭାପତିତ୍ୱରେ ବର୍ଷା ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଗଣଶିକ୍ଷା ବିଭାଗ ଯୁଗ୍ମ ଶାସନ ସଚିବ ତଥା କବି ଧନଞ୍ଜୟ ସ୍ୱାଇଁ, ବରିଷ୍ଠ ଖବରଦାତା ମୁରଲୀଧର ସାମଲ, କବି ବିପିନ ମହାନ୍ତି, ଗବେଷକ ଡ.ଚିତ୍ତରଞ୍ଜନ ଭୋଇ ଓ କବି ସରୋଜ ମହାପାତ୍ର ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ଯୁବ ପିଢ଼ି ସାହିତ୍ୟାନୁରାଗୀ ହେଲେ ଓଡ଼ିଆ ଭାଷା ବଞ୍ଚିରହିବ ବୋଲି ମତବ୍ୟକ୍ତ କରିଥିଲେ।



ପଶ୍ଚିମ ଇରାନର କରମାନାଶାହ ପ୍ରଦେଶରେ ରବିବାର ଭୂକମ୍ପ ଘଟିଛି। ରିକ୍ଟର ସ୍କେଲରେ ଏହାର ତୀବ୍ରତା ୬.୦ ଥିବା ପାଣିପାଗ ବିଭାଗ ପକ୍ଷରୁ ସୂଚିତ କରାଯାଇଛି। ଏହି ଘଟଣାରେ ଜଣେ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ଶତାଧିକ ଆହତ ହୋଇଛନ୍ତି। କେତେକ କୋଠାଘର ଭାଙ୍ଗିରୁଜି ଯାଇଛି। ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଆହତମାନଙ୍କୁ ଚିକିତ୍ସା ଲାଗି ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ସ୍ଥାନୀୟ ପ୍ରଶାସନ କହିଛି।



# ସୋନାକ୍ଷୀଙ୍କ ପ୍ରଶଂସାରେ ଶତମୁଖ ଡାଏନା ପେଣ୍ଟି



**ନୂଆଦିଲ୍ଲୀ:** ଅଭିନେତ୍ରୀ ଡାଏନା ପେଣ୍ଟି 'ହାପି ଫିର୍ ଭାଗ୍ ଜାଏଗି'ରେ ସୋନାକ୍ଷୀଙ୍କ ସହିତ କାମ କରି ଖୁବ୍ ଖୁସି ମନେକରନ୍ତି ଏବଂ ସେ ଖୁବ୍ ସକାରାତ୍ମକ ଏବଂ ବାସ୍ତବବାଦୀ ବୋଲି ବର୍ଣ୍ଣନା କରନ୍ତି। ଏକ ସାକ୍ଷାତ୍କାରରେ ଡାଏନା କହନ୍ତି, ସୋନାକ୍ଷୀଙ୍କ ସହିତ କାମ କରିବା ଖୁବ୍ ମଜାଦାର। କାରଣ ଯେତେ ଜଣଙ୍କୁ ମୁଁ ଭେଟିଛି ସମସ୍ତଙ୍କ ମଧ୍ୟରେ ସୋନାକ୍ଷୀ ଖୁବ୍ ଆନନ୍ଦଦାୟୀ, ଅତ୍ୟନ୍ତ ସକାରାତ୍ମକ ଏବଂ ବାସ୍ତବବାଦୀ। ସେ ସବୁବେଳେ ଉତ୍ଫୁଲ୍ଲିତ ଦେଖାଯାଆନ୍ତି। ତେଣୁ ତାଙ୍କ ଚାରିପାଖର ପ୍ରତ୍ୟେକ ବ୍ୟକ୍ତି ଏହି ଉତ୍ତମ ଗୁଣ ଦ୍ୱାରା ପ୍ରଭାବିତ ହୋଇଥାଆନ୍ତି। 'ହାପି ଭାଗ୍ ଜାଏଗି' ଶୁଟିଂ ବେଳେ ଆମେ ବାସ୍ତବରେ ଭାରି ଖୁସି ଥିଲୁ। କାରଣ ଆମେ ଜାଣୁଥିଲୁ ଆମ ଚାରିପାଖର ଲୋକେ ଆମ ଅଭିନୟ ପାଇଁ ଖୁବ୍ ସନ୍ତୁଷ୍ଟ। 'ହାପି ଫିର୍ ଭାଗ୍ ଜାଏଗି' ହେଉଛି ୨୦୧୬ରେ ନିର୍ମିତ ଫିଲ୍ମ 'ହାପି ଭାଗ୍ ଜାଏଗି'ର ସିକ୍ୱେଲ (ପରିବର୍ତ୍ତିତ ରୂପ)। ଏହାର ନିର୍ଦ୍ଦେଶନା ଦେଇଥିଲେ ମୁଦାସର ଅଜିଜ୍ ଏବଂ ଏଥିରେ ଅଭିନୟ କରିଥିଲେ-ଜିମି ଶେରଗିଲ୍, ପୀୟୂଷ ମିଶ୍ର, ଅଲି ଫାଜଲ୍ ଏବଂ ଜାସି ଗିଲ୍। ଫିଲ୍ମର ପ୍ରଥମ ଭାଗରେ ଡାଏନା ଜଣେ ପଳାତକ କନ୍ୟା ଭୂମିକାରେ ଅଭିନୟ କରିଛନ୍ତି। ଯିଏ ବିବାହକୁ ପ୍ରତ୍ୟାଖ୍ୟାନ କରି ପଳାଇଯାଉଥିବା ଦେଖାଯାଉଛି। ତେବେ ଉକ୍ତ ଫିଲ୍ମର ସିକ୍ୱେଲ୍ ବିଷୟରେ ସେ କହନ୍ତି, 'ହାପି ଭାଗ୍ ଜାଏଗି'କୁ ଦର୍ଶକ ଏତେ ଭଲ ପାଇଥିଲେ ଯେ, ନିର୍ମାତା ଏହାର ସିକ୍ୱେଲ ନିର୍ମାଣ କରିବାକୁ ସ୍ଥିର କଲେ। ସେଥିପାଇଁ ମୁଁ ଗର୍ବ ଅନୁଭବ କରୁଛି। ଫିଲ୍ମର ପ୍ରଥମ ଭାଗ ଏକ ଦଙ୍ଗା ଉପରେ ଆଧାରିତ ହୋଇଥିବାରୁ ନିର୍ଦ୍ଦେଶକ ଏଥିରେ କୌଣସି ପରିବର୍ତ୍ତନ କରିବାକୁ ଚାହାନ୍ତି ନାହିଁ।

### ■ ଚିକିତ୍ସା ଅବହେଳା ଅଭିଯୋଗ

# ଗର୍ଭବତୀଙ୍କ ମୃତ୍ୟୁ, ଆର୍‌ଜିଏଚ୍‌ରେ ଉତ୍ତେଜନା

**ରାଉରକେଲା ଅଫିସ,୨୬।୮**

ଚିକିତ୍ସାରେ ଅବହେଳା ଯୋଗୁ ଶନିବାର ବିଳମ୍ବିତ ରାତିରେ ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ୍‌)କୁ ଆସିଥିବା ଜଣେ ଗର୍ଭବତୀଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ତାଙ୍କ ନାଁ ବାମା କିଷାନ (୨୭)। ସେ ଆର୍‌ଏମ୍‌ସି ୧୦ନଂ ୱାର୍ଡ ମାଲଗୋଦାମ ଅଞ୍ଚଳ ବାସିନ୍ଦା। ଏଥିସହ ବାମାଙ୍କ ଗର୍ଭସ୍ଥ ସନ୍ତାନର ମଧ୍ୟ ମୃତ୍ୟୁ ହୋଇଛି। ଏନେଇ ରବିବାର ସକାଳ ୧୦ଟାରେ ମେଡିକାଲ ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ବସ୍ତିବାସିନ୍ଦା ଡାକ୍ତରଖାନାରେ ପହଞ୍ଚି ପାଟିତୁଣ୍ଡ କରିବା ସହ ଚିକିତ୍ସାରେ ଅବହେଳା କରିଥିବା ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଉତ୍ତ୍ୟକ୍ତ ବସ୍ତିବାସିନ୍ଦାଙ୍କୁ ଡାକ୍ତରଖାନା ଉପମୁଖ୍ୟ ଚିକିତ୍ସାଧିକାରୀ ଡା. ଏସ୍. କବିଶତପଥୀ ବୁଝାଶୁଝା କରିବା ସହ ଦିନେ ଦୁଇଦିନ ମଧ୍ୟରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଉତ୍ତେଜନା ପ୍ରଶମିତ ହୋଇଥିଲା।

# ବାଘୀ ତୋଟା ଓ 'ଫାଶୀବର'ର ଐତିହ୍ୟସ୍ଥଳ ଚିହ୍ନଟ



ଜୟୀ ରାଜଗୁରୁଙ୍କୁ ଫାଶୀ ଦିଆଯାଇଥିବା ଅନନ୍ତପୁର ଗ୍ରାମସ୍ଥିତ ସେହି ବରଗଛ।






ଜୟୀ ରାଜଗୁରୁଙ୍କ ସ୍ମୃତି ମଣ୍ଡପ। (ଫଟୋ: ମାନସ ବିଶ୍ୱାଳ)

**ଡ. ସୁରେନ୍ଦ୍ର କୁମାର ମିଶ୍ର**

୧୮୧୭ ମସିହାରେ ଓଡ଼ିଶାରେ ହୋଇଥିବା ପାଇକ ବିଦ୍ରୋହରେ ଜୟୀ ରାଜଗୁରୁଙ୍କ ଦ୍ୱାରା ସଙ୍ଗଠିତ ୧୮୦୪ ମସିହା ଯୁଦ୍ଧର କିପରି ପ୍ରଭାବ ଥିଲା, ତାହା ଆମେ ଆଲୋଚନା କରୁଛେ। ୧୮୦୪ ମସିହାରେ ହୋଇଥିବା ପ୍ରଥମ ଯୁଦ୍ଧର ଅସନ୍ତୋଷର ପରିଣତି ହିଁ ୧୮୧୭ ମସିହା ବିଦ୍ରୋହର କାରଣ। ସେ ବିଷୟରେ ଆମେ ଚାରୋଟି ବିନ୍ଦୁ ଆଲୋଚନା କରିସାରିଛୁ। ଉକ୍ତ ଆଲୋଚନାଟି ପଠିତ ହୋଇଥିଲା ତା୫.୪.୧୮ରିଖରେ ପୁରୀରେ ଅନୁଷ୍ଠିତ ହୋଇଥିବା ଆଲୋଚନାଚକ୍ରରେ। ଏହି ଆଲୋଚନାଚକ୍ରକୁ ଆୟୋଜନ କରିଥିଲେ ଶହୀଦ ରାଜଗୁରୁ ସ୍ମୃତି ପରିଷଦ। ଏଥିରେ ସଭାପତିତ୍ୱ କରିଥିଲେ ପରିଷଦର ସଭାପତି ଦିଗମ୍ବର ମହାନ୍ତି (ଆଇଏଏସ୍)। ସେ ୩୨ ବର୍ଷ ଧରି ପରିଷଦ ସଙ୍ଗରେ ଅଛନ୍ତି। ପୁରୀର ଜିଲାପାଳ ନ ହେବା ପୂର୍ବରୁ ପରିଷଦର ଅନୁସନ୍ଧାନ କାର୍ଯ୍ୟରେ ତାଙ୍କର ଅବଦାନ ସ୍ୱୀକାର କରିବାକୁ ହେବ।

ଜୟୀ ରାଜଗୁରୁଙ୍କ ଫାଶୀ ବରଗଛ କେଉଁଠି ଥିଲା ତାହା ଆମେ ଖୋଜାଲୋଡ଼ା କରିଥିଲୁ। ତିନୋଟି ସ୍ଥାନ ପ୍ରଥମେ ଗ୍ରହଣ କରାଯାଇଥିଲା। ପ୍ରଥମଟି ହେଲା ବର୍ତ୍ତମାନ ପଶ୍ଚିମବଙ୍ଗରେ ସାମିଲ ହୋଇଥିବା ମେଦିନୀପୁର ଅଞ୍ଚଳ। ଇତିହାସ ଅନୁଶୀଳନ କଲେ ଜଣାପଡୁଛି ମେଦିନୀପୁର ତାଲୁକ ଶହ ଶହ ବର୍ଷ ଧରି ଓଡ଼ିଶାର ଅବିଚ୍ଛେଦ୍ୟ ଅଙ୍ଗ ଥିଲା। ୧୮୦୬ ମସିହା ବେଳକୁ ତାହା ବି ଓଡ଼ିଶାରୁ ସମ୍ପୂର୍ଣ୍ଣ ଅଲଗା ହୋଇ ନଥିଲା ବୋଲି କେତେକ ଇତିହାସକାର ମତବ୍ୟକ୍ତ କରିଛନ୍ତି। ତେଣୁ ଏହା ଓଡ଼ିଶାର ଉପାନ୍ତ ଅଞ୍ଚଳ ଥିବାରୁ ସେଠାରେ କୌଣସି ବରଗଛରେ ଫାଶୀ ଦିଆଯାଇଥିଲା ବୋଲି ପ୍ରଥମେ କେତେକାଂଶରେ ବିଶ୍ୱାସ ଆସିବା ସ୍ୱାଭାବିକ। ମାତ୍ର ଦିଗମ୍ବର ମହାନ୍ତି ମହୋଦୟ ପୁରୀର ଜିଲାପାଳ ହେବା ପରେ ମେଦିନୀପୁର ପ୍ରଶାସନ ସହିତ ଚିଠି ମାଧ୍ୟମରେ ଯୋଗାଯୋଗ ଆରମ୍ଭ କରିଥିଲେ। କାଳେ ମେଦିନୀପୁର ବନ୍ଦୀଶାଳାରେ କୌଣସି ଦସ୍ତାବିଜ ଥିବ, ସେଥିପାଇଁ ପରିଷଦର ସମ୍ପାଦକ ଜଟାଧାରୀ ମିଶ୍ର ତିନି/ଚାରିଜଣ ଅନୁସନ୍ଧାନକାରୀଙ୍କୁ ନେଇ ମେଦିନୀପୁର ଯାଇ ସମସ୍ତ ସ୍ଥାନ ଓ କାଗଜାତ ଖୋଜାଖୋଜି କରିଥିଲେ। କୌଣସି ପ୍ରମାଣ ମିଳି ନ ଥିଲା। ମେଦିନୀପୁର ଜିଲା ପ୍ରଶାସନ ପୂର୍ବରୁ ଜଣାଇଥିଲେ ଯେ ମେଦିନୀପୁର ବନ୍ଦୀଶାଳା ୧୮୦୬ ମସିହା ପରେ ସ୍ଥାପିତ ହୋଇଥିଲା। ଏମିତି କୌଣସି ବ୍ୟକ୍ତିଙ୍କୁ ଏଠାରେ ଫାଶୀ ଦିଆଯାଇଥିବାର କୌଣସି ପ୍ରମାଣ ମିଳୁନାହିଁ। ମେଦିନୀପୁର ପ୍ରଶାସନର ଉକ୍ତ ଚିଠି ସତ୍ୟରେ ପରିଣତ ହେଲା। ଅନୁସନ୍ଧାନକାରୀମାନେ କୌଣସି ସୁରାକ ପାଇ ନ ଥିଲେ।

ଦ୍ୱିତୀୟ ଫାଶୀବର ସମ୍ବନ୍ଧରେ ଏହି ଲେଖକ ଗଞ୍ଜାମ ଜିଲାର କୋଦଳା ନିକଟରେ ଥିବା 'ଫାଶୀ' ଗ୍ରାମକୁ ଯାଇଥିଲେ। ଏହି ଗ୍ରାମକୁ ଲାଗି ରହିଛି ବହୁ ପ୍ରସିଦ୍ଧ ମେଦିନୀପୁର ଶାସନ। ଫାଶୀ ଗ୍ରାମର ଦକ୍ଷିଣ-ପଶ୍ଚିମ ଦିଗକୁ ରହିଥିବା ପାହାଡ଼ ଉପତ୍ୟକାରେ ବିରାଟ ଅଞ୍ଚଳକୁ ବ୍ୟାପୀ ରହିଛି ଫାଶୀବର। ଏଠାରେ ଇଂରେଜ ସରକାର ବିଦ୍ରୋହୀମାନଙ୍କୁ ଫାଶୀ ଦେଉଥିଲେ ବୋଲି ଆଜି ବି ସେହି ଅଞ୍ଚଳରେ ଲୋକକଥା ଓ ଲୋକଗୀତର ଐତିହ୍ୟ ରହିଛି। ନିଜେ ସେ ଅଞ୍ଚଳ ବୁଲାବୁଲି କରି ବହୁତଥ୍ୟ ସଂଗ୍ରହ କଲା ପରେ ଜଣାପଡ଼ିଲା ପ୍ରାଚୀନ ଜଗନ୍ନାଥ ସଡ଼କଟିଏ ପାହାଡ଼ ତଳ ଦେଇ ଯାଇଥିଲା। ନିକାଞ୍ଚନିଆ ସ୍ଥାନ ଦେଖି ବିଦ୍ରୋହୀ ଦେଶଭକ୍ତମାନଙ୍କୁ ଫାଶୀ ଦିଆଯାଉଥିଲା। ମାତ୍ର ଜୟୀ ରାଜଗୁରୁଙ୍କୁ ସେଠାରେ ଫାଶୀ ଦିଆଯିବାର ପ୍ରାମାଣିକ କାଗଜାତ ଆମେ ପାଇଲୁ ନାହିଁ।

ସମ୍ଭାବନାରେ ତୃତୀୟ ସ୍ଥାନଟି ଥିଲା ବାଲେଶ୍ୱର ଜିଲା ରେମୁଣା ବ୍ଲକ ଅନନ୍ତପୁର ଗାଁ। ନିଜେ ଦିଗମ୍ବର ମହାନ୍ତି ପ୍ରଥମେ ଏହି ଗାଁକୁ ଫାଶୀବର ସମ୍ବନ୍ଧରେ ବୁଝାବୁଝି କରିବାକୁ ଯାଇଥିଲେ। ତାଙ୍କର ପ୍ରଥମ ଅନନ୍ତପୁର ଗାଁ ଗସ୍ତ ବିଷୟରେ ଉକ୍ତ ଆଲୋଚନାଚକ୍ରରେ ପ୍ରକାଶ କରି ସମସ୍ତଙ୍କୁ ବିସ୍ମିତ କରି ଦେଇଥିଲେ। ବାଲେଶ୍ୱରର ଅନନ୍ତପୁର ଗାଁରେ ରହିଛି ଫାଶୀବର। ଏହି ଫାଶୀବରର ଚାରିପଟେ ପାଇକ ବସ୍ତି ଅଛି। ଜୟୀ ରାଜଗୁରୁଙ୍କୁ ଏପଟେ ଫାଶୀ ଦିଆଯିବା କଥା ଶୁଣି ଖୋର୍ଦ୍ଧା ଜିଲାର ସେହି ପାଇକମାନେ ଉଦ୍‌ବୁଦ୍ଧ ହୋଇ ଖୋଜି ଖୋଜି ସେହି ବରଗଛ ପାଖରେ ପହଞ୍ଚିଥିଲେ। ସେବେଠାରୁ ସେହି ସ୍ମୃତିର ଫାଶୀବର ନିକଟରେ ସେମାନେ ବସ୍ତି କରି ରହିଯାଇଥିଲେ। ପ୍ରଥମେ ରାଜସ୍ୱ ମୌଜା ଥିଲା ମେଦିନୀପୁର। ପରବର୍ତ୍ତୀ ସମୟରେ ଅନନ୍ତପୁର ଗାଁ ଅଲଗା ହୋଇଯିବା ପରେ ଅନନ୍ତପୁର ଗାଁ ମୌଜାରେ ବର୍ତ୍ତମାନ ଫାଶୀବର ଗଛଟି ଅଛି। ବରଗଛମୂଳେ ସେହି ଗାଁ ଲୋକେ ଜୟୀ ରାଜଗୁରୁଙ୍କ ଫଟୋ ରଖି ପ୍ରତିବର୍ଷ ଉତ୍ସବ ପାଳନ କରୁଛନ୍ତି। ସେଠାକାର ଜଣେ ସ୍ୱାଧୀନତା ସଂଗ୍ରାମୀ, ଯାହାଙ୍କର ବୟସ ସେତେବେଳେ ୮୫ ବର୍ଷ ଥିଲା ଦିଗମ୍ବରଙ୍କ ଆଗରେ ପ୍ରକାଶ କରିଥିଲେ ଯେ ମୋ ପିଲାଦିନରୁ ଜୟୀ ରାଜଗୁରୁଙ୍କର ସ୍ମୃତି ଉତ୍ସବ ଏଠାରେ ହେଉଥିବା ଦେଖିଆସୁଛି। ବାପା-ଜେଜେବାପାଙ୍କଠାରୁ ଶୁଣିଛୁ ସେମାନେ ମଧ୍ୟ ଏହି ଫାଶୀବର ନିକଟରେ ସ୍ମୃତି ଉତ୍ସବ କରୁଥିଲେ। ପରବର୍ତ୍ତୀ କାଳରେ ଦିଗମ୍ବର ମହାନ୍ତି ସେ ସ୍ଥାନକୁ ତିନି/ଚାରି ଥର ଅନୁସନ୍ଧାନ ଉଦ୍ଦେଶ୍ୟ ନେଇ ଯାଇଥିଲେ। ଦ୍ୱିତୀୟଥର ମଧ୍ୟ ସେହି ସ୍ୱାଧୀନତା ସଂଗ୍ରାମୀଙ୍କୁ ଭେଟିଥିଲେ। ତାଙ୍କ ମତଟି ରେକର୍ଡ଼ କରି ଆଣି ନ ହେବାରୁ ଅବସୋସ ରହିଗଲା ବୋଲି ସେ ଆଲୋଚନାଚକ୍ରରେ ମଧ୍ୟ ପ୍ରକାଶ କରିଥିଲେ। ପରେ ସ୍ମୃତି ପରିଷଦ ପକ୍ଷରୁ ଏକ ଅନୁସନ୍ଧାନ ଦଳ ବାଲେଶ୍ୱର ସହରଠାରୁ ପ୍ରାୟ ୧୫ କି.ମି. ଦୂରରେ ରହିଥିବା ଉକ୍ତ ଗ୍ରାମକୁ ଗସ୍ତ କରିଥିଲେ। ସେଠାରେ ପ୍ରାଚୀନ କାଳରୁ ରହିଥିବା 'ବାଘୀନଳା' ସ୍ଥାନକୁ ଚିହ୍ନଟ କରିଥିଲେ। ବର୍ତ୍ତମାନ ଏହି ଗ୍ରାମ ଚାରୋଟି ପଡ଼ାରେ ବିଭକ୍ତ ହୋଇ ଯାଇଛି। ବାଘୀନଳା ସଂଲଗ୍ନ ହୋଇ ଯେଉଁ ତୋଟାଟି ଥିଲା, ତାହା ବାଘୀ ତୋଟା ନାମରେ ପ୍ରସିଦ୍ଧ ଥିଲା। ଏହି ବାଘୀ ତୋଟାରେ ହିଁ ଜୟୀ ରାଜଗୁରୁଙ୍କର ବିଚାର ହୋଇଥିଲା ବୋଲି ଅନେକ ସ୍ଥାନୀୟ ଲୋକ ପୁରୁଣା କଥାକୁ ଦୋହରାଇଥିଲେ। ସେତିକିବେଳେ ସେମାନେ ପ୍ରକାଶ କରିଥିଲେ ଯେ, ଆମେ ସବୁ ଖୋର୍ଦ୍ଧା ଜିଲାର ବାଲିଅନ୍ତା ଅଞ୍ଚଳରୁ ଆସିଅଛୁ। ହୁଏତ ଜୟୀ ରାଜଗୁରୁଙ୍କୁ ଖୋଜି ଖୋଜି ଯାଇଥିବା ସେହି ପାଇକମାନଙ୍କୁ ଫିରିଙ୍ଗି ପ୍ରଶାସନ ଫେରିବାକୁ ଆଉ ଦେଇ ନ ଥିଲେ।

ବାଲେଶ୍ୱରର ଅନନ୍ତପୁର ଗାଁ ପରିଦର୍ଶନ ପରେ ଗବେଷଣା ଦୃଷ୍ଟିରୁ ବର୍ତ୍ତମାନ ସୁଦ୍ଧା ସ୍ଥିର ହୋଇଅଛି ଯେ, ସେହି ସ୍ଥାନରେ ହିଁ ଜୟୀ ରାଜଗୁରୁଙ୍କୁ ଫାଶୀ ଦିଆଯାଇଥିଲା। ଭବିଷ୍ୟତ ଗବେଷଣାର ଦ୍ୱାର ଏବେ ବି ଉନ୍ମୁକ୍ତ ଅଛି। ଆଉ ଗୋଟିଏ ସମ୍ଭାବନା ହୁଏ ବାଲେଶ୍ୱରର ସେହି ଅଞ୍ଚଳ ପୂର୍ବେ ମେଦିନୀପୁର ତାଲୁକ ଅନ୍ତର୍ଭୁକ୍ତ ଥିଲା।


**idco** Your power to grow — ISO 9001 & 14001 CORPORATION | ODISHA NEW OPPORTUNITIES

**ODISHA INDUSTRIAL INFRASTRUCTURE DEVELOPMENT CORPORATION**
*(A Government of Odisha Undertaking)*
IDCO Towers, Janpath, Bhubaneswar - 751022

OFFICE OF THE CHIEF GENERAL MANAGER (P&C) IDCO, IDCO TOWER, BHUBANESWAR
Tender Call Notice No. IDCO/HO/P&C/EST-E/1327/04/2018-17513 Dated:23.08.2018

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

1. **Name of the Work** : Construction of Primary Processing Centre for Sea Food Park at Kimilo, Jagatsinghpur including Design, Installation & Commissioning of Machineries of Cold Storage & Flake Ice Unit and weigh bridge etc,
2. **Estimated Cost** : **Rs. 371.45 Lakh (apprx.)**
3. **Period of completion** : **4(Four) calendar months**
4. **Other details**

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, IDCO Tower, Bhubaneswar | Bid Id.No.-PC-EST-E-57/2018-19 | 01.09. 2018 at 16.00 Hrs. | 22.09.2018 up to 17.00 Hrs |

**Further details can be seen from the e-Procurement Portal. www.tendersorissa.gov.in** and Corrigendum if any will not be published in news papers and can only be seen **in the e-procurement portal www.tenderorissa.gov.in**

**Sd/-**
**Chief General Manager (P&C)**
**IDCO, Bhubaneswar**



**GOVERNMENT OF ODISHA**
**OFFICE OF THE EXECUTIVE ENGINEER, RWS&S DIVISION, JHARSUGUDA**
At- Collectorate Campus, PO- OMP Line, Dist: Jharsuguda
Ph/Fax: (06645) 270219 (Off.), Email: eerwss_jha@nic.in

**Govt. of Odisha e-Procurement Notice**
**Bid Identification No. 13/2018-19**

**No. 617-O:-** The Executive Engineer, RWS&S Division, Jharsuguda on behalf of Governor of Odisha invites Percentage bid through e-Procurement in Single cover system according to norm of e-Procurement system in online mode for Execution of PWS to Village in Jharsuguda District detailed in the table below from eligible contractors. The successful bidder who has quoted less bid price / rates than the estimated cost put to tender minus the quoted amount as Additional Performance Security in shape of Demand Draft / Term Deposit Receipt pledged in favour of the Executive Engineer, RWS&S Division, Jharsuguda within 7 (Seven) days along with ISD after finalisation of the tender.

1. Name of work : Execution of RPWS Scheme in Kirmira Block, Under Jharsuguda District.
2. No. of tenders : 1 No.
3. Tender paper cost : Rs. 6,000.00 (Online)
4. Value of work : Rs. 21.67 lakhs
5. Class of Contractor : "C" "B"
6. Date and time of availability of bid document in portal : Dt.29.08.2018 to Dt.12.09.2018 upto 5.00PM
7. Date & time of seeking tender clarification : Dt.05.09.2018 upto 5.00PM
8. Mode of Submission of tender : Tender should be submitted online. In website http://www.tendersodisha.gov.in
9. Date & time of opening of tender : Dt.17.09.2018 at 11.30AM hour in the office of the Executive Engineer, RWS&S Division, Jharsuguda
10. Time of Completion : 8 months
11. The amount put to tender is exclusive of GST. The intending Bidders should offer their rates which shall be exclusive of GST applicable as per norms. GST as applicable on works contract shall be paid over the bill amount at the time of payment of Bill.
12. The bidders have to participate in online bidding only. Further details can be seen from the Govt. website http://www.tendersodisha.gov.in.

*Sd./- Executive Engineer*
*RWS&S Division, Jharsuguda*

25008/11/0007/1819



**CUTTACK DEVELOPMENT AUTHORITY**
C.D.A.
Arunodaya Bhawan, Link Road, Cuttack - 12
Fax No : 0671 - 2312299, email : cda.cuttack@ori.nic.in

**No.13373 / CDA / Dt. 25.08.18**

**AUCTION TO RENT OUT AVAILABLE SPACE FOR OFFICE / COMMERCIAL PURPOSE ON "AS IS WHERE IS BASIS" AT SOUTHERN BLOCK, ARUNODAYA MARKET COMPLEX, CUTTACK, ODISHA**

Cuttack Development Authority (CDA) invites applications for renting out the available space in its own premises at Arunodaya Market Complex on "as is where is basis" exclusively for Office / Commercial purposes. The available space is approximately **24,797** square feet consisting of 3 (three) floors. Details of the available space to be auctioned is mentioned below.

| Details of Location | Area in Sq.ft. (Approx.) | Upset Price Per Square Feet (in Rs) | Bid Security (in Rs) |
|---|---|---|---|
| Southern Block | 24,797 | 20 | 1,00,000 |

Interested parties may apply in the following proforma through registered post / speed post only to the **Secretary ,CDA, Arunodaya Bhawan, Link Road, Cuttack - 12,** superscribing the envelop in bold letters **"Application for renting out available space for Office / Commercial purpose in Southern Block at Arunodaya Market Building"** along with Demand Draft / Banker's cheque drawn in favour of **"Finance & Accounts Member, Cuttack Development Authority"** towards non-refundable processing fee of Rs.11,800/- and bid security of Rs.1,00,000 (one lakh) on or before **25/09/2018** by 5.00 P.M. The bid will be opened on **26/09/2018** at 11.30 AM in the Conference Hall of CDA in presence of the bidders or their authorized representatives. Applications without processing fee and bid security will be out rightly rejected. The bidder quoting the highest price per square feet will be selected as the "successful bidder". Multiple bids / proposals shall not be accepted from single bidder. The successful / highest bidder will be awarded contract initially for a period of 9 years with 15 percent escalation in every 3 years. The contract may be renewed further on mutually agreed terms and conditions. The successful/ highest bidder shall be required to deposit one month advance rental fee and security deposit equal to 6 (Six) months Rental Fee in advance in shape of Demand Draft payable at Cuttack within 15 (fifteen) days from the date of receipt of provisional allotment letter. In case of successful bidder bid security shall be adjusted towards security deposit. Failure to deposit the amount within the prescribed time shall render the bid invalid and security deposit will be forfeited. Incomplete or conditional applications and applications received beyond the stipulated date and time shall be summarily rejected. Cuttack Development Authority reserves right to accept or reject any application and to annul the selection process at any time, without incurring any liability and without assigning any reason thereof. For any assistance with respect to site inspection and other details, **Executive Engineer, CDA** may be contacted ( +91 9438431370, 0671-2321452) during office hours.

**By Order of Vice-Chairman**
**Sd/- Secretary**

**APPLICATION FORM**

Recent Photograph with Signature

1. Name :
2. Father's / Husband's Name :
3. Date of birth :
4. Present Address :
5. Permanent Address :
6. Phone No : ......Mobile No......
7. Email Id :
8. Permanent Account Number / Tan (Company / Firm etc) :
(Copy of PAN / TAN of the applicant is to be enclosed)
9. Aadhar Number :
10. Nominee's name with address :
11. Details of processing fee paid :
12. Price per Square Fee Quoted :
(In both figures & words respectively)

I do hereby undertake to abide by all the terms & conditions of the advertisement prescribed by CDA for this scheme.

Date ..........................
Place..........................

**Full Signature of the Applicant**



**CUTTACK DEVELOPMENT AUTHORITY**
C.D.A.
Arunodaya Bhawan, Link Road, Cuttack - 12
Fax No : 0671 - 2312299, email : cda.cuttack@ori.nic.in

**No.13369 / CDA / Dt. 25.08.18**

**AUCTION TO RENT OUT AVAILABLE SPACE FOR Banks / Financial Institutions / PSUs/ Educational Institutions / Kalyan Mandap / Convention Centre on "AS IS WHERE IS BASIS" ON 1ST FLOOR OF MAHANADI VIHAR (PHASE - 2) MARKET COMPLEX, MAHANADI VIHAR, CUTTACK, ODISHA**

Cuttack Development Authority (CDA) invites applications for renting out the 1st floor on "as is where is basis" for above mentioned purposes of Mahanadi Vihar (Phase - 2) Market Complex at Mahanadi Vihar. The available space is approximately **9,759** square feet. Details of the available space to be auctioned is mentioned below.

| Plot No. | Details of Location | Floor No. | Area in Sq.Ft (approx.) | Upset price per Square Feet (in Rs) | Bid Security |
|---|---|---|---|---|---|
| 1341/17 | CDA (PHASE - 2) Market Complex | First Floor | 9,759 | 17.00 | 30,000 |

Interested parties may apply in the following proforma through registered post / speed post only to the **Secretary ,CDA, Arunodaya Bhawan, Link Road, Cuttack - 12**, superscribing the envelop in bold letters **"Application for renting out available space for Banks / Financial Institutions / PSUs / Educational Institutions / Kalyan Mandap / Convention Centre on 1st floor of Mahanadi Vihar (Phase - 2) Market Complex, Mahanadi Vihar, Cuttack"** along with Demand Draft / Banker's cheque drawn in favour of **"Finance & Accounts Member, Cuttack Development Authority"** towards non-refundable processing fee of Rs.11,800/- and bid security of Rs.30,000 (thirty thousand) on or before **26/09/2018** by 5.00 P.M. The bid will be opened on **27/09/2018** at 11.30 AM in the Conference Hall of CDA in presence of the bidders or their authorized representatives. Applications without processing fee and bid security will be out rightly rejected. The bidder quoting the highest price per square feet will be selected as the "successful bidder". Multiple bids / proposals shall not be accepted from single bidder. The successful / highest bidder will be awarded contract initially for a period of 6 years with 15 percent escalation in every 3 years. The contract may be renewed further on mutually agreed terms and conditions. The successful/ highest bidder shall be required to deposit one month advance rental fee and security deposit of 6 (Six) months Rental Fee in advance in shape of Demand Draft payable at Cuttack within 7 (seven) days from the date of issue of provisional allotment letter. In case of successful bidder bid security shall be adjusted towards security deposit. Failure to deposit the amount within the prescribed time shall render the bid invalid and security deposit will be forfeited. Incomplete or conditional applications and applications received beyond the stipulated date and time shall be summarily rejected. Cuttack Development Authority reserves right to accept or reject any application and to annul the selection process at any time, without incurring any liability and without assigning any reason thereof. For any assistance with respect to site inspection and other details, **Executive Engineer, CDA** may be contacted ( +91 9438431370, 0671-2321452) during office hours.

**Sd/-**
**Secretary, CDA**

**APPLICATION FORM**

Recent Photograph with Signature

1. Name :
2. Father's / Husband's Name :
3. Date of birth :
4. Present Address :
5. Permanent Address :
6. Phone No : ......Mobile No......
7. Email Id :
8. Permanent Account Number / Tan (Company / Firm) :
(Copy of PAN of the applicant is to be enclosed)
9. Aadhar Number :
10. Nominee's name with address :
11. Details of processing fee paid :
12. Price per Square Feet Quoted :
(In figures & words)

I do hereby undertake to abide by all the terms & conditions of the advertisement prescribed by CDA for this scheme.

Date ..........................
Place..........................

**Full Signature of the Applicant**

# ଫିଲ୍ଡସ୍ ପଦକ



ଇଂ. ମାୟାଧର ସ୍ୱାଇଁ

"ଭାରତରୁ କେହି ଏପର୍ଯ୍ୟନ୍ତ ଫିଲ୍ଡସ୍ ପଦକ ପାଇନାହାନ୍ତି। କିନ୍ତୁ ଭାରତୀୟ ବଂଶୋଦ୍ଭବ ଦୁଇଜଣ ଗଣିତଜ୍ଞ ଏହା ପାଇଛନ୍ତି। ସେମାନେ ହେଉଛନ୍ତି ୨୦୧୪ ମସିହାରେ ପଦକ ବିଜେତା ଓ କାନାଡ଼ାରେ ରହୁଥିବା ମଞ୍ଜୁଳ ଭାର୍ଗବ ଏବଂ ୨୦୧୮ ମସିହାରେ ପଦକ ପାଇଥିବା ଅକ୍ଷୟ ଭେଙ୍କଟେଶ। ଗଣିତର ବିଭିନ୍ନ କ୍ଷେତ୍ର ଯଥା ସଂଖ୍ୟାତତ୍ତ୍ୱ, ଜ୍ୟାମିତି, ଟପୋଲୋଜି, ଅଟୋମୋର୍ଫିକ୍ ଫର୍ମ ଆଦିରେ କୃତିତ୍ୱ ଯୋଗୁ ଭେଙ୍କଟେଶଙ୍କୁ ଏହି ପଦକ ପ୍ରଦାନ କରାଯାଇଛି। ଭେଙ୍କଟେଶ ୧୯୮୧ ମସିହା ନଭେମ୍ବର ୨୧ ତାରିଖରେ ଦିଲ୍ଲୀଠାରେ ଜନ୍ମଗ୍ରହଣ କରିଥିଲେ।"

ବିଜ୍ଞାନ ପାଇଁ ଅନ୍ତର୍ଜାତୀୟ ସ୍ତରରେ ଶ୍ରେଷ୍ଠ ପୁରସ୍କାର ହେଉଛି ନୋବେଲ ପୁରସ୍କାର। ସୁଇଜରଲାଣ୍ଡର ଶିଳ୍ପପତି ଆଲଫ୍ରେଡ୍ ନୋବେଲଙ୍କ ଉଇଲ୍ ଅନୁସାରେ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ ଓ ଭେଷଜ ବିଜ୍ଞାନରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପ୍ରତିବର୍ଷ ଏହି ପୁରସ୍କାର ପ୍ରଦାନ କରାଯାଉଛି। ଗଣିତ ବିଜ୍ଞାନକୁ ଏଥିରୁ ବାଦ୍ ଦିଆଯାଇଥିବାରୁ ଗଣିତରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିଙ୍କୁ ନୋବେଲ ପୁରସ୍କାର ଭଳି ଗୋଟିଏ ପୁରସ୍କାରର ବ୍ୟବସ୍ଥା କରାଯାଇଛି। ତାହା ହେଉଛି ଫିଲ୍ଡସ୍ ପଦକ। କାନାଡ଼ାର ଗଣିତଜ୍ଞ ଜନ୍ ଚାର୍ଲସ୍ ଫିଲ୍ଡ଼ସ୍‌ଙ୍କ ପ୍ରସ୍ତାବ ଓ ଅର୍ଥରେ ଅନ୍ତର୍ଜାତୀୟ ଗାଣିତିକ ସଂଘ ଏହାକୁ ସ୍ଥାପନ କରିଛି। ଗଣିତରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଯୁବ ଗଣିତଜ୍ଞମାନଙ୍କୁ ସ୍ୱୀକୃତି ଓ ପ୍ରୋତ୍ସାହନ ଦେବା ହେଉଛି ଏହାର ଲକ୍ଷ୍ୟ। ଏହାକୁ ପ୍ରଥମେ ୧୯୩୬ ମସିହାରେ ଫିନଲାଣ୍ଡର ଲାର୍ସ ଆଲ୍‌ଫରସ୍ ଏବଂ ଯୁକ୍ତରାଷ୍ଟ୍ର ଆମେରିକାର ଜେସେ ଡୋଗଲାସ୍‌ଙ୍କୁ ପ୍ରଦାନ କରାଯାଇଥିଲା। ଏହାପରେ ୧୯୫୦ ମସିହାରୁ ପ୍ରତି ଚାରି ବର୍ଷରେ ଥରେ ନିୟମିତ ଭାବେ ଏହାକୁ ପ୍ରଦାନ କରାଯାଉଛି।



ଜନ୍ ଚାର୍ଲସ୍ ଫିଲ୍ଡ଼ସ୍

ପ୍ରତି ଚାରି ବର୍ଷରେ ଥରେ ୪୦ ବର୍ଷରୁ କମ୍ ବୟସର ପ୍ରତିଭାବାନ୍ ଯୁବ ଗଣିତଜ୍ଞଙ୍କୁ ଫିଲ୍ଡସ୍ ପଦକ ପ୍ରଦାନ କରାଯାଉଛି। ୧୪ କ୍ୟାରେଟ୍ ସୁନାରେ ତିଆରି ପଦକ ବ୍ୟତୀତ ବିଜୟୀଙ୍କୁ ୧୫୦୦୦ କାନାଡ଼ା ଡଲାର (ଭାରତୀୟ ମୁଦ୍ରାରେ ୭.୮ ଲକ୍ଷ ଟଙ୍କା) ପୁରସ୍କାର ରାଶି ପ୍ରଦାନ କରାଯାଉଛି। ପ୍ରତ୍ୟେକ ଥର ଅତି କମ୍‌ରେ ଦୁଇଜଣ ଗଣିତଜ୍ଞଙ୍କୁ ଏହା ପ୍ରଦାନ କରିବାର ନିୟମ ଅଛି। କିନ୍ତୁ ୧୯୬୬ ମସିହାଠାରୁ ପ୍ରତ୍ୟେକ ଥର ଚାରି ଜଣଙ୍କୁ ପୁରସ୍କୃତ କରାଯାଉଛି। ଏପର୍ଯ୍ୟନ୍ତ ମୋଟ ୬୦ ଜଣ ବ୍ୟକ୍ତିଙ୍କୁ ଏହି ପଦକ ପ୍ରଦାନ କରାଯାଇଛି। ସେମାନଙ୍କ ମଧ୍ୟରେ ମାତ୍ର ଜଣେ ମହିଳା ଅଛନ୍ତି, ସେ ହେଲେ ଯୁକ୍ତରାଷ୍ଟ୍ର ଆମେରିକାର ଷ୍ଟାନଫୋର୍ଡ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟ କରୁଥିବା ଇରାନର ଗଣିତଜ୍ଞ ମେରିଆମ୍ ମିର୍ଜାଖାନି। ସେ ୨୦୧୪ ମସିହାରେ ଏହା ପାଇଥିଲେ। ୨୦୧୭ ମସିହାରେ କର୍କଟ ରୋଗରେ ଆକ୍ରାନ୍ତ ହୋଇ ତାଙ୍କର ଅକାଳ ବିୟୋଗ ହୋଇଥିଲା।

୨୦୧୮ ମସିହା ପାଇଁ ଅନ୍ତର୍ଜାତୀୟ ଗଣିତ କଂଗ୍ରେସ ଅଗଷ୍ଟ ୧ ତାରିଖରେ ବ୍ରାଜିଲର ରିଓ ଡି' ଜେନେରିଓଠାରେ ଚାରି ଜଣ ଯୁବଗଣିତଜ୍ଞଙ୍କୁ ଏହି ପୁରସ୍କାର ଦେବା ପାଇଁ ଘୋଷଣା କରିଛି। ସେମାନେ ହେଉଛନ୍ତି ଇଂଲଣ୍ଡର କେମ୍ବ୍ରିଜ ବିଶ୍ୱବିଦ୍ୟାଳୟର କଚର୍ ବିର୍‌କାର, ସୁଇଜରଲାଣ୍ଡର ଜୁରିକ୍‌ସ୍ଥିତ ସୁଇସ୍ ଫେଡେରାଲ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍‌ନୋଲୋଜିର ଆଲେସିଓ ଫିଗାଲ୍ଲି, ଜର୍ମାନୀର ବନ୍ ବିଶ୍ୱବିଦ୍ୟାଳୟର ପିଟର ସ୍କୋଲ୍‌ଜ ଏବଂ ଯୁକ୍ତରାଷ୍ଟ୍ର ଆମେରିକାର ଷ୍ଟାନଫୋର୍ଡ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟ କରୁଥିବା ଅଷ୍ଟ୍ରେଲିଆର ଗଣିତଜ୍ଞ ଅକ୍ଷୟ ଭେଙ୍କଟେଶ।

କଚର୍ ବିର୍‌କାର ଇରାନ ଓ ଇରାକର ସୀମାରେ ଥିବା କୁର୍ଦ୍ଦିସ୍ତାନ ରାଜ୍ୟରେ ଜନ୍ମଗ୍ରହଣ କରିଥିଲେ। ତେହେରାନ ବିଶ୍ୱବିଦ୍ୟାଳୟରେ ଗଣିତ ଅଧ୍ୟୟନ ପରେ ସେ ୨୦୦୦ ମସିହାରେ ଇଂଲଣ୍ଡ ଯାଇ ପିଏଚ୍.ଡି. କଲେ। ସେତେବେଳେ ତାଙ୍କୁ ଶରଣାର୍ଥୀ ଭାବେ ରଖାଯାଇଥିଲା ଏବଂ ପରେ ତାଙ୍କୁ ଇଂଲଣ୍ଡର ନାଗରିକତା ପ୍ରଦାନ କରାଯାଇଥିଲା। ପଲିନୋମିଆଲ୍ ସମୀକରଣରେ ତାଙ୍କର କାର୍ଯ୍ୟ ପାଇଁ ତାଙ୍କୁ ଫିଲ୍ଡସ୍ ପଦକ ପ୍ରଦାନ କରାଯାଇଛି। କୌତୂହଳର କଥା ଯେ ସେ ଏହି ପଦକ ଗ୍ରହଣ କରିବା ପରେ ପରେ ପଦକ ଥିବା ସୁଟକେସ୍‌ଟି ଚୋରି ହୋଇଗଲା। ଖୋଜାଖୋଜି କରିବା ପରେ ସୁଟକେସ୍ ମିଳିଲା, କିନ୍ତୁ ସେଥିରେ ପଦକଟି ନ ଥିଲା।





ସ୍କୋଲ୍‌ଜ ପଲିନୋମିଆଲ୍ ସମୀକରଣର ସମାଧାନ ପାଇଁ ବିଭିନ୍ନ ଜ୍ୟାମିତିକ ଆକୃତି ବ୍ୟବହାର କରିଥିବାରୁ ଏହି ପଦକ ପାଇଛନ୍ତି। ସେ ଅନେକ ଦିନ ଅସମାହିତ ହୋଇରହିଥିବା ଗଣିତର କେତୋଟି ଅଙ୍କର ସମାଧାନ କରିଛନ୍ତି।

ଆଲେସିଓ ଫିଗାଲ୍ଲି ହେଉଛନ୍ତି ଇଟାଲିର ନାଗରିକ। ସେ 'ସର୍ବନିମ୍ନ ପରିବହନ ଖର୍ଚ୍ଚ' କ୍ଷେତ୍ରରେ କାର୍ଯ୍ୟ କରି ଏହି ପଦକ ପାଇଛନ୍ତି। ତାଙ୍କର କାର୍ଯ୍ୟ ହେଉଛି, "ମନେକର କୌଣସି ବସ୍ତୁ ପରିବହନ ପାଇଁ କିଛି ଅର୍ଥ ଅଛି। କେଉଁ ଉପାୟରେ ଏହାକୁ ପରିବହନ କଲେ ଖର୍ଚ୍ଚ ସବୁଠାରୁ କମ୍ ହେବ?" ଅର୍ଥନୀତି ବ୍ୟତୀତ ପାଣିପାଗ ବିଜ୍ଞାନରେ ମଧ୍ୟ ଏହାର ବ୍ୟବହାର ଅଛି।

ଭାରତରୁ କେହି ଏପର୍ଯ୍ୟନ୍ତ ଫିଲ୍ଡସ୍ ପଦକ ପାଇନାହାନ୍ତି। କିନ୍ତୁ ଭାରତୀୟ ବଂଶୋଦ୍ଭବ ଦୁଇଜଣ ଗଣିତଜ୍ଞ ଏହା ପାଇଛନ୍ତି। ସେମାନେ ହେଉଛନ୍ତି ୨୦୧୪ ମସିହାରେ ପଦକ ବିଜେତା ଓ କାନାଡ଼ାରେ ରହୁଥିବା ମଞ୍ଜୁଳ ଭାର୍ଗବ ଏବଂ ୨୦୧୮ ମସିହାରେ ପଦକ ପାଇଥିବା ଅକ୍ଷୟ ଭେଙ୍କଟେଶ। ଗଣିତର ବିଭିନ୍ନ କ୍ଷେତ୍ର ଯଥା ସଂଖ୍ୟାତତ୍ତ୍ୱ, ଜ୍ୟାମିତି, ଟପୋଲୋଜି, ଅଟୋମୋର୍ଫିକ୍ ଫର୍ମ ଆଦିରେ କୃତିତ୍ୱ ଯୋଗୁ ଭେଙ୍କଟେଶଙ୍କୁ ଏହି ପଦକ ପ୍ରଦାନ କରାଯାଇଛି। ଭେଙ୍କଟେଶ ୧୯୮୧ ମସିହା ନଭେମ୍ବର ୨୧ ତାରିଖରେ ଦିଲ୍ଲୀଠାରେ ଜନ୍ମଗ୍ରହଣ କରିଥିଲେ। ତାଙ୍କୁ ଦୁଇବର୍ଷ ହୋଇଥିବାବେଳେ ତାଙ୍କ ପରିବାର ଅଷ୍ଟ୍ରେଲିଆର ପର୍ଥକୁ ଚାଲିଗଲେ। ସେ ୱେଷ୍ଟର୍ନ ଅଷ୍ଟ୍ରେଲିଆ ବିଶ୍ୱବିଦ୍ୟାଳୟରୁ ୧୬ ବର୍ଷ ବୟସରେ ଗଣିତରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ସେ ଚାରି ବର୍ଷର ପାଠ୍ୟକ୍ରମକୁ ତିନି ବର୍ଷରେ ଶେଷ କରିଥିଲେ ଏବଂ ବିଶ୍ୱବିଦ୍ୟାଳୟରୁ ଡିଗ୍ରୀ ପାଇବାରେ କନିଷ୍ଠ ଛାତ୍ର ଥିଲେ। ସେ ଏହାପରେ ଯୁକ୍ତରାଷ୍ଟ୍ର ଆମେରିକାର ପ୍ରିନ୍‌ସଟନ୍ ବିଶ୍ୱବିଦ୍ୟାଳୟରୁ ୨୦୦୨ ମସିହାରେ ଗଣିତରେ ପିଏଚ୍.ଡି. ଡିଗ୍ରୀ ଲାଭ କଲେ। ଏହାପରେ ସେ ମାସାଚୁସେଟ୍‌ସ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍‌ନୋଲୋଜିରେ ଗବେଷଣା କରିଥିଲେ। ଫିଲ୍ଡ଼ସ୍ ପଦକ ପୂର୍ବରୁ ସେ ସାଲେମ୍ ପୁରସ୍କାର (୨୦୦୭), ଶସ୍ତ୍ର ରାମାନୁଜନ୍ ପୁରସ୍କାର (୨୦୦୮), ଇନ୍‌ଫୋସିସ୍ ପୁରସ୍କାର (୨୦୧୬) ଏବଂ ଓଷ୍ଟ୍ରୋଓସ୍କି ପୁରସ୍କାର (୨୦୧୭) ଲାଭ କରିଥିଲେ।

– ଡାଇରେକ୍ଟର, କିଟ୍ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ମୋ: ୯୪୩୮୬୯୩୭୨୪

# ପୁରୁଷ ବନ୍ଧ୍ୟା



ଡା. ଦ୍ୱିଜେଶ କୁମାର ପଣ୍ଡା



"ଶୁକ୍ର ଦୋଷ ନ ଥାଇ ନିଃସନ୍ତାନ ହେବାର ସମ୍ଭାବନା ଥାଏ। ପୁରୁଷ ବନ୍ଧ୍ୟାରେ କାରଣ ବହୁତ କମ୍ କ୍ଷେତ୍ରରେ ଉନ୍ମୋଚନ ହୋଇପାରିବ। ଏହି ପରିସ୍ଥିତିରେ ସହାୟତା ପ୍ରଜନନ ପ୍ରକ୍ରିୟାରେ ସନ୍ତାନ ଜନ୍ମ ହୋଇ ପାରିବ। ପୁରୁଷର ଶୁକ୍ରରେ ଶୁକ୍ରାଣୁ ସଂଖ୍ୟା କମ୍ ଥିଲେ, ଏହା କ୍ଷିପ୍ର ଗତିଶୀଳ ହୋଇ ନ ଥିଲେ ଏବଂ ଡିମ୍ବାଣୁ ଭିତରେ ପ୍ରବେଶ କରି ସଂଯୋଗ ହୋଇ ନ ପାରିଲେ ଗର୍ଭଧାରଣ ହୋଇପାରିବ ନାହିଁ। ଅଣ୍ଡକୋଷର ମାଂସ ପରୀକ୍ଷା ଦ୍ୱାରା ନିଃସନ୍ତାନର କାରଣ ଜାଣି ହୁଏ ନାହିଁ।"

ଗୋଟିଏ ଦମ୍ପତି ବିବାହର ଏକ କିମ୍ବା ଦୁଇ ବର୍ଷ ମଧ୍ୟରେ ଗର୍ଭଧାରଣ ନ କଲେ ବନ୍ଧ୍ୟା କୁହାଯାଏ। ଏହି ସମୟରେ ଗର୍ଭ ନିରୋଧକ ବ୍ୟବହାର ନ କରି ବାରମ୍ବାର ସହବାସ କରିବା ଆବଶ୍ୟକ। ୩୫ ପ୍ରତିଶତ ବନ୍ଧ୍ୟା ଦମ୍ପତି ମଧ୍ୟରୁ କେବଳ ଶତକଡ଼ା ୧୦ ପୁରୁଷ ବନ୍ଧ୍ୟା ଥାଆନ୍ତି। ଏମାନଙ୍କ ଭିତରୁ ୮୦ ପ୍ରତିଶତଙ୍କର ଶୁକ୍ରରେ କମ୍ ସଂଖ୍ୟାରେ ଗତିହୀନ ଓ ଅସ୍ୱାଭାବିକ ଶୁକ୍ରାଣୁ ଥାଆନ୍ତି କିମ୍ବା ସମ୍ପୂର୍ଣ୍ଣ ଭାବରେ ନଥାନ୍ତି। କ୍ୱଚିତ ବ୍ୟକ୍ତିଙ୍କର ଶୁକ୍ର ସ୍ୱାଭାବିକ ଥାଏ।

ପୁରୁଷ ବନ୍ଧ୍ୟାର କାରଣ ଚାରିପ୍ରକାର। ସେଗୁଡ଼ିକ ହେଉଛି–

- ଯୌନ ହରମୋନ ଅଭାବ–୨ରୁ୫%
- ଅଣ୍ଡକୋଷରେ ଶୁକ୍ରାଣୁ ତିଆରି ନ ହେବା–୬୫–୮୦%
- ଅଣ୍ଡକୋଷରୁ ଶୁକ୍ର ପରିବହନ ହୋଇ ଯୋନିରେ ସ୍ଥାପିତ ନହେବା ୫%
- କାରଣ ନଥାଇ ପୁରୁଷ ବନ୍ଧ୍ୟା– ୧୦–୨୦%

ଶୁକ୍ର ଦୋଷ ନଥାଇ ନିଃସନ୍ତାନ ହେବାର ସମ୍ଭାବନା ଥାଏ। ପୁରୁଷ ବନ୍ଧ୍ୟାରେ କାରଣ ବହୁତ କମ୍ କ୍ଷେତ୍ରରେ ଉନ୍ମୋଚନ ହୋଇପାରିବ। ଏହି ପରିସ୍ଥିତିରେ ସହାୟତା ପ୍ରଜନନ ପ୍ରକ୍ରିୟାରେ ସନ୍ତାନ ଜନ୍ମ ହୋଇ ପାରିବ। ପୁରୁଷର ଶୁକ୍ରରେ ଶୁକ୍ରାଣୁ ସଂଖ୍ୟା କମ ଥିଲେ, ଏହା କ୍ଷିପ୍ର ଗତିଶୀଳ ହୋଇ ନଥିଲେ ଏବଂ ଡିମ୍ବାଣୁ ଭିତରେ ପ୍ରବେଶ କରି ସଂଯୋଗ ହୋଇ ନ ପାରିଲେ ଗର୍ଭଧାରଣ ହୋଇପାରିବ ନାହିଁ। ଅଣ୍ଡକୋଷର ମାଂସ ପରୀକ୍ଷା ଦ୍ୱାରା ନିଃସନ୍ତାନର କାରଣ ଜାଣି ହୁଏ ନାହିଁ। ଏହା କେବଳ ଶୁକ୍ରାଣୁ ସୃଷ୍ଟି ହେଉଛି କି ନାହିଁ ତା'ର ସଙ୍କେତ ଦେବ।



ପୁରୁଷ ବନ୍ଧ୍ୟାର କାରଣ ଜାଣିବା ପାଇଁ କେତେକ ପରୀକ୍ଷା ସହିତ ଇତିବୃତ୍ତି ସଂଗ୍ରହ କରିବା ଆବଶ୍ୟକ। ସେଗୁଡ଼ିକ ହେଉଛି: ଅଣ୍ଡକୋଷ କେବେ ପେଟ ଭିତରୁ ବାହାର ଥଳିକୁ ଆସିଲା। ଯୌନାଙ୍ଗର ଅଭିବୃଦ୍ଧି ଏବଂ ଦାଢି କ୍ଷର ହେବାର ପୁନରାବୃତ୍ତି କେତେ ବ୍ୟବଧାନରେ।

- ଗାଲୁଆ, ଅଣ୍ଡକୋଷ ପ୍ରଦାହ, ଯୌନଗତ ରୋଗ ଯଥା ସିଫଲିସ, ଗନେରିଆ, ଏଡ୍‌ସ ଏବଂ ପ୍ରୋଷ୍ଟେଟ୍ ପ୍ରଦାହ।
- ଭାସେକ୍ଟୋମି (ପରିବାର ନିୟନ୍ତ୍ରଣ ନସବନ୍ଦି) ଓ ଅଣ୍ଡକୋଷ ଅପରେଶନ।
- ଫାଇଲେରିଆ ରୋଗରୁ ଅଣ୍ଡକୋଷ ପ୍ରଦାହ ଓ ଶୁକ୍ରବାହି ନଳୀ ଅବରୋଧ।
- ମଦ, ସିଗାରେଟ୍, ଗଞ୍ଜେଇ, ଅଫିମ, ଷ୍ଟିରଏଡ୍ ଔଷଧ ଓ ବିଷାକ୍ତ ରସାୟନ ବ୍ୟବହାର।
- କେତେ ବ୍ୟବଧାନରେ ସହବାସ ଓ ଯୌନଇଚ୍ଛା।

କେତେକ ପୁରୁଷ ବନ୍ଧ୍ୟା ବ୍ୟକ୍ତିଙ୍କର ପୁରୁଷ ହରମୋନ ଟେଷ୍ଟୋଷ୍ଟେରନ ଅଭାବ ଥାଏ। ଫଳରେ ଶୁକ୍ରାଣୁ ସଂଖ୍ୟା କମ ରହେ। ଅଣ୍ଡକୋଷ ଓ ଲିଙ୍ଗର ଆକାର ଛୋଟ ହେଇଥାଏ। ଯୌନ ପରିପକ୍ୱତା ଡେରି ହୁଏ। ପ୍ରୀଡାର ମିଟରରେ ଅଣ୍ଡକୋଷ ଆୟତନ ମପାଯାଏ। ଅଲଟ୍ରାସାଉଣ୍ଡ ଦ୍ୱାରା ମଧ୍ୟ ଠିକ୍ ଆକାର ଜଣାପଡେ।





ଶୁକ୍ର ପରୀକ୍ଷା ପୁରୁଷ ବନ୍ଧ୍ୟା ନିରୁପଣର ମୁଖ୍ୟ ନିଦାନ।

୫ ରୁ ୬ ଦିନ ସହବାସ ନ କରି ପରୀକ୍ଷା ପାଇଁ ଶୁକ୍ର ସଂଗ୍ରହ କରିବା ଉଚିତ। ନିଦାନ କ୍ଲିନିକରେ ହସ୍ତମୈଥୁନ ଦ୍ୱାରା ଏହା ସଂଗ୍ରହ କରାଯାଇପାରେ। ଘରେ ମଧ୍ୟ ସଂଗ୍ରହ କରି ଏକ ଘଣ୍ଟା ମଧ୍ୟରେ ପରୀକ୍ଷାଗାରରେ ପହଞ୍ଚାଇବା ଉଚିତ। ଗୋଟିଏ ସପ୍ତାହ ବ୍ୟବଧାନରେ ଦୁଇଥର ଶୁକ୍ର ପରୀକ୍ଷା କରି ତାହାର ଫଳ ବିଶ୍ଳେଷଣ କରିବା ଆବଶ୍ୟକ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପରାମର୍ଶ ଅନୁଯାୟୀ ଶୁକ୍ରର ମାନ ନିମ୍ନମତେ ସ୍ଥିର କରାଯାଏ।

- ପରିମାଣ – ଦେଢ ସି.ସି.
- ଶୁକ୍ର ସଂଖ୍ୟା– ୧୫ ନିୟୁତ ପ୍ରତି ସି.ସିରେ
- ସମ୍ପୂର୍ଣ୍ଣ ଶୁକ୍ର ସଂଖ୍ୟା ପ୍ରତି ସ୍କନ୍ଦଳରେ– ୩୯ ନିୟୁତ
- ଜୀବିତ ଶୁକ୍ର– ୯୫%
- କ୍ଷିପ୍ର ଗତିର ଶୁକ୍ର– ୩୨ ପ୍ରତିଶତ
- କ୍ଷିପ୍ର ଓ ଧିର ଗତିର ଶୁକ୍ର ମିଶି– ୪୦ ପ୍ରତିଶତ

ପୁରୁଷର ଶୁକ୍ର ପରିମାଣ ଠିକ ଥିଲେ, କିନ୍ତୁ ଶୁକ୍ରାଣୁର ଆକାର ଓ ଗତି ଅସ୍ୱାଭାବିକ ହୋଇଥିଲେ, ଶୁକ୍ରାଣୁକୁ ନେଇ ଡିମ୍ବାଣୁ ଭିତରେ ପ୍ରବେଶ କରାଇଲେ ଗର୍ଭାଧାନ ହେବାର ସମ୍ଭାବନା ସୃଷ୍ଟି ହୁଏ। ଏହି ଭ୍ରୂଣକୁ ଗର୍ଭାଶୟରେ ସ୍ଥାପନ କଲେ ଗର୍ଭ ସଞ୍ଚାର ହୁଏ। ଉକ୍ତ ପଦ୍ଧତିକୁ ଜରାୟୁ ବାହାରେ ଭ୍ରୂଣ ସୃଷ୍ଟି କିମ୍ବା ଟେଷ୍ଟ ଟ୍ୟୁବ୍ ଭ୍ରୂଣ କୁହାଯାଏ।

ଶୁକ୍ରାଣୁ ପ୍ରତି ସି.ସି. ଶୁକ୍ରରେ ୧୦ ନିୟୁତରୁ କମ ଥିଲେ ଯୌନ ହରମୋନର (ଏଫ୍.ଏସ୍.ଏଚ୍. + ଏଲ. ଏଚ୍. ଓ ଟେଷ୍ଟୋଷ୍ଟେରନ) ପରୀକ୍ଷା ଆବଶ୍ୟକ ପଡେ। ଏହି ପରୀକ୍ଷା କରିବା ପାଇଁ ସକାଳ ୮ ରୁ ୧୦ଟା ମଧ୍ୟରେ ରକ୍ତ ଦେବାକୁ ପଡେ। ଶୁକ୍ରରେ ଶୁକ୍ରାଣୁ କମ ଥିଲେ କିମ୍ବା ମୋଟେ ନଥିଲେ ହରମୋନ ପରୀକ୍ଷା ସହିତ ଜିନ ପରୀକ୍ଷା କରିବା ଉଚିତ। ଏହାର ବ୍ୟାଖ୍ୟା ହେଉଛି–

- କମ୍ ଟେଷ୍ଟୋଷ୍ଟୋରନ ଓ ଅଧିକ ଏଫ.ଏସ୍.ଏଚ୍. + ଏଲ. ଏଚ୍ = ଅଣ୍ଡକୋଷ ଭିତରେ ଥିବା ଲିଡିଂଗ କୋଷ ନଷ୍ଟ।
- ଟେଷ୍ଟୋଷ୍ଟେରନ ଓ ଏଲ.ଏଚ୍– ସ୍ୱାଭାବିକ, କିନ୍ତୁ ଶୁକ୍ରାଣୁ ପରିମାଣ କମ୍ ଥାଏ= ଶୁକ୍ର ପରିବହନରେ ବାଧା ସୃଷ୍ଟି।

### ଶୁକ୍ର ପରୀକ୍ଷାର ବ୍ୟାଖ୍ୟା

- ଶୁକ୍ର ପରିମାଣ କମ କିନ୍ତୁ ଶୁକ୍ରାଣୁ ସ୍ୱାଭାବିକ– ଶୁକ୍ର ସଂଗ୍ରହରେ ଦୋଷ କିମ୍ବା ବାହାରକୁ ନିର୍ଗତ ନହୋଇ ପରିସ୍ରା ଥଳିରେ ପ୍ରବେଶ କରେ।
- ଶୁକ୍ର କମ୍ ଓ ଶୁକ୍ରାଣୁ କମ୍ – ଟେଷ୍ଟୋଷ୍ଟେରନ ହରମୋନ ଅଭାବ
- ଶୁକ୍ର ପରିମାଣ କମ ଓ ଶୁକ୍ରାଣୁ ନ ଥିବ– ଶୁକ୍ର ପରିବହନ ରାସ୍ତା ବନ୍ଦ

ଦଶ ପନ୍ଦର ନିୟୁତ ଶୁକ୍ରାଣୁ ପ୍ରତି ସି.ସି. ଶୁକ୍ରରେ ଥିଲେ ଗର୍ଭାଶୟ ବାହାରେ ଭ୍ରୂଣ ସୃଷ୍ଟି କରି ଗର୍ଭାଶୟରେ ସ୍ଥାପନ କଲେ ଗର୍ଭଧାରଣ ହୋଇପାରିବ। ଶୁକ୍ରାଣୁ ଗତିଶୀଳ ନ ଥିଲେ ମଧ୍ୟ ସ୍ୱାଭାବିକ ଭାବରେ ଗର୍ଭଧାନ ହୋଇପାରେ। ଯାହାର ୩ଟି ଦୋଷ ମିଶିକରି ଥିବ ଯଥା: ଶୁକ୍ରାଣୁ ପରିମାଣ କମ, ଆକାର ଅସ୍ୱାଭାବିକ ଓ ଗତିଶୀଳ ନୁହେଁ ସେ ବ୍ୟକ୍ତିର ବନ୍ଧ୍ୟା ହେବାର ସମ୍ଭାବନା ଅଧିକ। ଶୁକ୍ରାଣୁମାନେ ଅଲଗା ନ ହୋଇ ଜମାଟ ବାନ୍ଧିଲେ ସ୍ୱୟଂ ଆଣ୍ଟିବଡି (ପ୍ରତିପିଣ୍ଡ) ଦ୍ୱାରା ନଷ୍ଟ ହୋଇଯାଆନ୍ତି। ଶୁକ୍ରରେ ପ୍ରବାହ କୋଷ ଥିଲେ ଆଣ୍ଟିବାୟୋଟିକ ଚିକିତ୍ସା ଆବଶ୍ୟକ ହୁଏ।

ନିଃସନ୍ତାନ ଦମ୍ପତିଙ୍କର ଏକ ସହିତ ପରୀକ୍ଷା କରି କାରଣ ନିର୍ଦ୍ଧାରଣ ହୁଏ। ମହିଳାମାନଙ୍କର ପରୀକ୍ଷା ଅଧିକ ଯତ୍ନରେ କରିବା ଉଚିତ। ପୁରୁଷ ବନ୍ଧ୍ୟା ନିରୂପଣ କରିବାକୁ ହେଲେ ଶୁକ୍ର ପରୀକ୍ଷା ହେଉଛି ମୌଳିକ ଓ ମୁଖ୍ୟ। ଶୁକ୍ର ପରୀକ୍ଷାରେ ଦୋଷ ଥିଲେ ଏହା ପୁନର୍ବାର କରିବା ଉଚିତ। ଶୁକ୍ରାଣୁ ସଂଖ୍ୟା ପ୍ରତି ସି.ସି.ରେ ୧୫ ନିୟୁତରୁ କମ ଥିଲେ ହରମୋନ ପରୀକ୍ଷା କରିବା ଆବଶ୍ୟକ। ଶୁକ୍ରବାହୀ ନଳୀ ତିଆରି ହୋଇ ନଥିଲେ ଜିନ ପରୀକ୍ଷା କରାଯାଏ। ଏଥିରେ ଦୋଷ ଥିଲେ ବାହାରେ ଭ୍ରୂଣ ସୃଷ୍ଟି କରି ଗର୍ଭାଶୟରେ ସ୍ଥାପନ କଲେ ମଧ୍ୟ ସୁଫଳ ମିଳେ ନାହିଁ। ଏହି କ୍ଷେତ୍ରରେ ଅନ୍ୟ ପୁରୁଷର ଶୁକ୍ର ସହିତ ସ୍ତ୍ରୀର ଡିମ୍ବାଣୁ ସଂଯୋଗ କରିଲେ ଭ୍ରୂଣ ସୃଷ୍ଟି ହେବ ଏବଂ ତାହାକୁ ଗର୍ଭାଶୟରେ ସ୍ଥାପନ କଲେ ଗର୍ଭୋଦୟ ହୋଇପାରେ। ପ୍ରତି ସି.ସି. ଶୁକ୍ରରେ ଶୁକ୍ରାଣୁ ପରିମାଣ ୫ ନିୟୁତରୁ କମ୍ ଥିଲେ ଓ ହରମୋନ ସ୍ୱାଭାବିକ ଥିଲେ ୱାଇ କ୍ରୋମୋଜୋମ ପରୀକ୍ଷା କରିବା ଅନିବାର୍ଯ୍ୟ। ଗବେଷଣାତ୍ମକ ପରୀକ୍ଷାରେ ସମୟ ନଷ୍ଟ ନକରି ଯେଉଁ ଦୋଷଗୁଡ଼ିକର ଚିକିତ୍ସା ସମ୍ଭବ ତାହା କରିଲେ ନିଃସନ୍ତାନ ଦମ୍ପତି ସନ୍ତାନ ଲାଭ କରିବେ।

**ସୂଚନା :** ଅପ୍ ଟୁ ଡେଟ୍, ଡକ୍ଟର ରୋନାଲ୍ଡ ସ୍ୱେଡର.ଏମ୍.ଡି, ଡକ୍ଟର କ୍ରିଷ୍ଟିନା ୱାଙ୍ଗ, ଏମ୍.ଡି.।

ନିଦାନ ଓ ଫାଇଲେରିଆ ବିଶେଷଜ୍ଞ,
୧୨, ଆଚାର୍ଯ୍ୟ ବିହାର, ଭୁବନେଶ୍ୱର
ମୋ: ୯୪୩୮୪୭୦୭୭୭

# ସ୍ୱାସ୍ଥ୍ୟୋପକାରୀ କ୍ଷୀର

କ୍ଷୀରରେ ଭରି ରହିଛି ପୋଷକ ତତ୍ତ୍ୱ। ଏହାକୁ ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କଲେ ଏ ସମ୍ପର୍କରେ ଆପେ ଆପେ ଜାଣିପାରିବେ। ଜାଣନ୍ତୁ ଏହାର ସ୍ୱାସ୍ଥ୍ୟୋପକାରୀ ଗୁଣ ସମ୍ପର୍କରେ...





- ପ୍ରତିଦିନ କ୍ଷୀର ପିଇଲେ ତାହା ଅସ୍ଥିକୁ ମଜଭୁତ କରିଥାଏ। ଏଥିରେ ମ୍ୟାଗ୍ନେସିୟମ, ପୋଟାସିୟମ ଭରି ରହିଛି, ଯାହା ବ୍ଲଡପ୍ରେସର ରୋଗୀଙ୍କ ପାଇଁ ଉପକାରୀ।
- ନିୟମିତ କ୍ଷୀର ପିଇଲେ ତାହା ଦାନ୍ତ ପାଇଁ ଉପକାରୀ ସାବ୍ୟସ୍ତ ହୋଇଥାଏ।
- ଶରୀରରେ ଜଳୀୟ ଅଂଶକୁ କ୍ଷୀର ସନ୍ତୁଳିତ ରଖିଥାଏ।
- ଦୈନନ୍ଦିନ କ୍ଷୀର ପିଇଲେ ତାହା ଚର୍ମରେ ଚମକ ଆଣିଥାଏ ଏବଂ ଚର୍ମ ଶୁଷ୍କତା ଆଶଙ୍କା ଅନେକାଂଶରେ ଦୂର କରିଥାଏ।
- କ୍ଷୀର ପିଇବା ଦ୍ୱାରା ପେଟରେ ଏସିଡିଟି ଆଶଙ୍କା କମ୍ ରହିଥାଏ।
- ସଦ୍ୟତମ ଗବେଷଣାରୁ ଜଣାପଡିଛି ଯେ ପ୍ରତିଦିନ କ୍ଷୀର ପିଇବା ଦ୍ୱାରା କଲୋନ୍ କ୍ୟାନସର ଆଶଙ୍କା କେତେକାଂଶରେ ଦୂର ହୋଇଥାଏ।
- ଓଜନ କମାଇବାକୁ ଚାହୁଁଛନ୍ତି କି ? ଯଦି ହଁ, ତେବେ ନିୟମିତ କ୍ଷୀର ପିଅନ୍ତୁ।
- ଶରୀରରେ ରୋଗ ପ୍ରତିରୋଧକ ଶକ୍ତିକୁ ବଢ଼ାଇବା ଗୁଣ କ୍ଷୀରରେ ରହିଛି।

# ଲିଭର ସମସ୍ୟାର କାରଣ

ଆମ ଶରୀରର ପ୍ରମୁଖ ଅଙ୍ଗ ମଧ୍ୟରୁ ଲିଭର ଅନ୍ୟତମ। ଏଥିରେ ଯଦି କିଛି ସମସ୍ୟା ଦେଖାଦିଏ ତାହାର ତୁରନ୍ତ ଚିକିତ୍ସା କରାଇନେବା ଆବଶ୍ୟକ। ହେଲେ ଏହାର କାରଣ ସମ୍ପର୍କରେ ଅବଗତ ହେବା ଦରକାର। ପ୍ରଥମେ ଲଗାତର ମୁଣ୍ଡ ବିନ୍ଧିଥାଏ। ବାନ୍ତି ଲାଗେ, ବେଳେବେଳେ ବାନ୍ତି ମଧ୍ୟ ହୁଏ। ସବୁଠାରୁ ଅସଲ କଥା ହେଲା, ଲିଭର ଖରାପ ହେବାର ପ୍ରାରମ୍ଭିକ ସ୍ତରରେ ଜଣ୍ଡିସ୍‌ର ଲକ୍ଷଣ ପ୍ରକାଶ ପାଏ। ଲିଭରରେ କିଛି ସମସ୍ୟା ଦେଖାଦେଲେ ରକ୍ତ ସଞ୍ଚାଳନ ବାଧା ସୃଷ୍ଟି ହୁଏ। ତେବେ ଯଦି ଏଭଳି କିଛି ଲକ୍ଷଣ ଜଣାପଡେ ତେବେ ଡେରି ନ କରି ତୁରନ୍ତ ଅଭିଜ୍ଞ ଲିଭର ବିଶେଷଜ୍ଞଙ୍କ ସହ ପରାମର୍ଶ କରନ୍ତୁ। ଲିଭର ଶରୀର ପାଇଁ ଅନେକ କାମ କରିଥାଏ। ଏହା ଖାଦ୍ୟରୁ କାର୍ବୋହାଇଡ୍ରେଟ, ଭିଟାମିନ୍ ସଂଗ୍ରହ କରି ମସ୍ତିଷ୍କକୁ ଯୋଗାଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଶରୀର ଭିତରେ ନିର୍ଗତ ହେଉଥିବା ବିଷାକ୍ତ ତତ୍ତ୍ୱକୁ ଲିଭର ନଷ୍ଟ କରିଦିଏ। ଅନ୍ୟପକ୍ଷରେ ଲିଭର ପ୍ରସ୍ତୁତ କରୁଥିବା ପ୍ରୋଟିନ୍ ରକ୍ତକୁ ପରିଷ୍କାର ରଖିବାରେ ସାହାଯ୍ୟ କରିଥାଏ।



# କ୍ୟାଲୋରି ନିୟନ୍ତ୍ରଣ କରିବାର ସହଜ ଉପାୟ

ଶରୀରରେ କ୍ୟାଲୋରି ଅସନ୍ତୁଳିତ ହେଲେ ବିଭିନ୍ନ ସ୍ୱାସ୍ଥ୍ୟଜନିତ ସମସ୍ୟା ଦେଖାଦେଇଥାଏ। ହେଲେ ଏହାକୁ ସନ୍ତୁଳିତ ରଖିବାର ଏକ ସରଳ ଉପାୟ ରହିଛି। ତାହା କ'ଣ ଜାଣନ୍ତି ? ରକ୍ତଦାନ। ଯଦି ଜଣେ ବ୍ୟକ୍ତି ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ରକ୍ତଦାନ କରନ୍ତି ତେବେ ତାଙ୍କ ଶରୀରରେ କ୍ୟାଲୋରି ସନ୍ତୁଳିତ ରହିଥାଏ। କେତେକଙ୍କ ମନରେ ଧାରଣା ଅଛି ଯେ ବାରମ୍ବାର ରକ୍ତଦାନ କଲେ ବିଭିନ୍ନ ଶାରୀରିକ ସମସ୍ୟା ସୃଷ୍ଟି ହୋଇଥାଏ। ରକ୍ତଦାନ କରିବା ଦ୍ୱାରା କୌଣସି ଶାରୀରିକ ସମସ୍ୟା ଦେଖାଦେଇ ନ ଥାଏ। କେତେକଙ୍କର ଧାରଣା ରହିଛି ଯେ ଏହାଦ୍ୱାରା ବ୍ରେନ୍ ଷ୍ଟ୍ରୋକ୍ କିମ୍ବା ହାର୍ଟ ଆଟାକ ହେବାର ଆଶଙ୍କା ରହିଛି, ହେଲେ ତାହା ଭୁଲ। ଯେଉଁମାନେ ରକ୍ତଦାନ କରୁଛନ୍ତି ସେମାନେ ଅତିକମ୍‌ରେ ୬ ମାସ ବ୍ୟବଧାନରେ ଏଭଳି ପୁଣ୍ୟ କାମ କଲେ କିଛି କ୍ଷତି ନାହିଁ।



# ଅଣ୍ଟା ବିନ୍ଧାର ଘରୋଇ ଉପଚାର

ଅଣ୍ଟାବିନ୍ଧା ଆଜିକାଲି ଏକ ସାଧାରଣ ସମସ୍ୟା ପାଲଟି ଗଲାଣି। ଗୋଟିଏ ସ୍ଥାନରେ ଅଧିକାଂଶ ସମୟ ବସି ରହିବା, ମାଂସପେଶୀ ଟାଇଟ୍ ହୋଇଯିବା, ଅଧିକାଂଶ ସମୟ ନଇଁ କରି ବସିବା, ହଠାତ୍ ଅଧିକ ଓଜନ ଜିନିଷ ଉଠାଇବା ଯୋଗୁ ଅଣ୍ଟାବିନ୍ଧା ହୋଇଥାଏ। ବିଶେଷଭାବରେ ସକାଳୁ ବିଛଣାରୁ ଉଠିଲେ ଅଣ୍ଟା ଦରଜ ଅଧିକ ଲାଗେ। ଅଣ୍ଟା ଦରଜରୁ ରକ୍ଷା ପାଇବା ପାଇଁ ଦୀର୍ଘ ସମୟ ଧରି କରୁଥିବା କାମରେ ମଝିରେ ମଝିରେ ବିଶ୍ରାମ ନିଅନ୍ତୁ। ଅଧିକାଂଶ ସମୟ ନଇଁକରି ବସନ୍ତୁ ନାହିଁ। ଅଦାରେ ପ୍ରସ୍ତୁତ ଚା' ପିଅନ୍ତୁ। ପ୍ରୋଟିନଯୁକ୍ତ ଖାଦ୍ୟ ଖାଆନ୍ତୁ। ଡ୍ରାଏ ଫ୍ରୁଟସ ଖାଆନ୍ତୁ। ତୁଳସୀ ପତ୍ରକୁ ଭଲ ଭାବରେ ସିଝାନ୍ତୁ। ଏହାକୁ ଛାଣି ଅଳ୍ପ ଲୁଣ ମିଶାଇ ପିଇଲେ ଅଣ୍ଟା ଦରଜରୁ ଉପଶମ ମିଳିଥାଏ।



# କଥା କହିବା ଶୈଳୀ ଓ ଜୀବନଧାରା

କଥା କହିବା ଶୈଳୀ ଦ୍ୱାରା ଆମର ଜୀବନଧାରା ପ୍ରଭାବିତ ହୋଇଥାଏ। ସମୟକ୍ରମେ ଏହା ସେମାନଙ୍କ ପାଇଁ ଏକ ପ୍ରମୁଖ ସମସ୍ୟା ହୋଇ ଉଭା ହୋଇଥାଏ। କେବଳ ସେତିକି ନୁହେଁ, ଏହାଦ୍ୱାରା ସେମାନଙ୍କ କାର୍ଯ୍ୟଦକ୍ଷତା ଏବଂ କାର୍ଯ୍ୟ କରିବା ଶୈଳୀରେ ଭିନ୍ନତା ଦେଖିବାକୁ ମିଳେ। ଜଣେ ବ୍ୟକ୍ତିଙ୍କର କଥା କହିବା ଶୈଳୀ ତାଙ୍କର ଜୀବନଧାରାକୁ କିପରି ପ୍ରଭାବିତ କରୁଛି, ସେ ନେଇ ଓହିଓ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏକ ସର୍ଭେ କରାଯାଇଥିଲା। ଏଭଳି କାରଣରୁ ସେମାନଙ୍କ କେବଳ ଜୀବନଧାରା ନୁହେଁ, କାର୍ଯ୍ୟକରିବା କ୍ଷମତା ପ୍ରଭାବିତ ହେଉଥିବାର ଦେଖିବାକୁ ମିଳିଥିଲା।



> ଟେଲିକମ ଗ୍ରାହକ ଓ ଅପରେଟରଙ୍କ ସ୍ୱାର୍ଥରକ୍ଷା ଲାଗି ଟ୍ରାଇ କାର୍ଯ୍ୟ କରୁଛି। ଏହା ପି.ଆର୍ ଭୂମିକାରେ ନାହିଁ। ନିଜ କାର୍ଯ୍ୟକୁ ସ୍ୱଚ୍ଛତାର ସହ କରୁଛି।
> – ଆର.ଏସ୍.ଶର୍ମା, ଅଧ୍ୟକ୍ଷ, ଟ୍ରାଇ



> ଟଙ୍କାର ମୂଲ୍ୟ ହ୍ରାସ ନେଇ ଏବେ ଚିନ୍ତା କରିବାର ଆବଶ୍ୟକତା ନାହିଁ। ଏହା ବହୁ ପୂର୍ବରୁ ହେବାର ଥିଲା।
> – ଅରବିନ୍ଦ ପାନଗାରିଆ, ପୂର୍ବତନ ଉପାଧ୍ୟକ୍ଷ, ନୀତି ଆୟୋଗ



## ସଂକ୍ଷେପରେ

### ଡିଜେଲ ଦର ରେକର୍ଡ ଛୁଇଁଲା

ନୂଆଦିଲ୍ଲୀ,୨୬-୮:ରାଜଧାନୀ ଦିଲ୍ଲୀ ସମେତ ଦେଶର ବହୁ ସହରରେ ରବିବାର ଡିଜେଲ ଦର ରେକର୍ଡ ସ୍ତର ଛୁଇଁଛି। ଇଣ୍ଡିଆନ ଅଏଲ ତଥ୍ୟ ଅନୁଯାୟୀ ଦିଲ୍ଲୀରେ ଡିଜେଲ ଦର ଲିଟର ପିଛା ୬୯.୩୨ ଟଙ୍କା ରହିଛି ଯାହାକି ଅଦ୍ୟାବଧି ସର୍ବୋଚ୍ଚ ସ୍ତର କୁହାଯାଉଛି। ଏଥିପୂର୍ବରୁ ଚଳିତ ବର୍ଷ ମେ ୨୯ରେ ଡିଜେଲ ଦର ଲିଟର ପିଛା ୬୯.୩୧ ଟଙ୍କା ଥିଲା। ମୁମ୍ବାଇରେ ଏହା ୭୩.୫୯ଟଙ୍କା, ଚେନ୍ନାଇରେ ୭୩.୨୩ଟଙ୍କା ଏବଂ କୋଲକାତାରେ ୭୨.୧୬ ଟଙ୍କା ରହିଛି। ଅନୁରୂପ ଭାବେ ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୭୭.୭୮ଟଙ୍କା, ମୁମ୍ବାଇରେ ୮୫.୨୦ଟଙ୍କା, ଚେନ୍ନାଇରେ ୮୦.୮୦ଟଙ୍କା ଓ କୋଲାତାରେ ୮୦.୭୧ଟଙ୍କା ରହିଛି।

### ଯୌଥ ଉଦ୍ୟୋଗରୁ ଓହରିବ ସେଲ୍

ନୂଆଦିଲ୍ଲୀ,୨୬-୮: ପ୍ରଦର୍ଶନର ଲକ୍ଷ୍ୟ ପୂରଣ କରୁ ନ ଥିବା ଅଥବା ବନ୍ଦ ହୋଇ ପଡିଥିବା ଯୌଥ ଉଦ୍ୟୋଗରୁ ଓହରିଯିବା ଲାଗି ଷ୍ଟିଲ ଅଥରିଟି ଅଫ ଇଣ୍ଡିଆ(ସେଲ୍) ନିଷ୍ପତ୍ତି ନେଇ କାର୍ଯ୍ୟାରମ୍ଭ କରିଛି। କମ୍ପାନୀର ୨୦୧୭-୧୮ର ବାର୍ଷିକ ରିପୋର୍ଟ ଅନୁଯାୟୀ ସେଲ୍ ଶକ୍ତି ଉତ୍ପାଦନ, ରେଳ ୱାଗନ ନିର୍ମାଣ, ସ୍ଲାଗ ସିମେଣ୍ଟ ଉତ୍ପାଦନ ଓ ବିଦେଶରୁ କୋଇଲା ଉତ୍ପାଦନ କ୍ଷେତ୍ରରେ ଯୌଥ ଉଦ୍ୟୋଗ ପ୍ରତିଷ୍ଠା କରିଛି। ଏହାଛଡା ଅଟୋମୋଟିଭ ଷ୍ଟିଲ ଉତ୍ପାଦନ କ୍ଷେତ୍ରରେ ଯୌଥ ଉଦ୍ୟୋଗ ପ୍ରତିଷ୍ଠା ଲାଗି ଏହା ୨୦୧୫ରେ ବିଶ୍ୱର ସର୍ବବୃହତ ଷ୍ଟିଲ ନିର୍ମାତା ଆର୍ସେଲର ମିତ୍ତଲ ସହ ଚୁକ୍ତି କରିଛି।

### କମ୍ପାନୀ ଆଇନରେ ଦଣ୍ଡବିଧାନ ବ୍ୟବସ୍ଥା ନେଇ ଆଜି ଆସିବ ରିପୋର୍ଟ

ନୂଆଦିଲ୍ଲୀ,୨୬-୮: କମ୍ପାନୀ ଆଇନରେ ଥିବା ଦଣ୍ଡବିଧାନ ବ୍ୟବସ୍ଥାର ସମୀକ୍ଷା ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ଗଠିତ କମିଟି ସୋମବାର ତାଙ୍କର ରିପୋର୍ଟ କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟଲୀଙ୍କୁ ପ୍ରଦାନ କରିବେ। ଏ ନେଇ ଜଣେ ଅଧିକାରୀ ପ୍ରକାଶ କରିଛନ୍ତି। କମ୍ପାନୀ ଆଇନ ଅଧୀନରେ ବଡ଼ ବଡ଼ ଘୋଟାଲାର ଅଧିକ ତର୍ଜମା ଲାଗି ଅଦାଲତଙ୍କୁ ଅଧିକ ସମୟ ଦେବା ଉଦ୍ଦେଶ୍ୟରେ କେତେକ ଧାରାର ସମୀକ୍ଷା ପାଇଁ କର୍ପୋରେଟ ବ୍ୟାପାର ସଚିବ ଇଞ୍ଜେଟି ଶ୍ରୀନିବାସଙ୍କ ଅଧକ୍ଷତାରେ ଏକ ୧୦ ଜଣିଆ କମିଟି ଗଠନ କରାଯାଇଥିଲା। ଦଣ୍ଡ ଦେବାର ବ୍ୟବସ୍ଥା ଥିବା ଏହି ସମସ୍ତ ଧାରାର ସମୀକ୍ଷା କରାଯାଇ ଏଥିରେ ସଂଶୋଧନ ଲାଗି କମିଟି ସରକାରଙ୍କୁ ସୁପାରିସ କରିବ।

### ଶୁଭାରମ୍ଭ ହେବ ଫେମ୍ ଇଣ୍ଡିଆର ଦ୍ୱିତୀୟ ସଂସ୍କରଣ

ନୂଆଦିଲ୍ଲୀ,୨୬-୮(ପି.ଟି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସେପ୍ଟେମ୍ବର ୭ରେ ଫାଷ୍ଟର ଆଡପ୍ସନ ଆଣ୍ଡ ମାନୁଫାକ୍ଚରିଂ ଅଫ୍ (ହାଇବ୍ରିଡ ଆଣ୍ଡ) ଇଲେକ୍ଟ୍ରିକ ଭେଇକିଲ (ଫେମ୍) ଇଣ୍ଡିଆ ଯୋଜନାର ଦ୍ୱିତୀୟ ସଂସ୍କରଣକୁ ଶୁଭାରମ୍ଭ କରିବେ। ଯୋଜନା ମୁତାବକ ଇ-ଯାନ ଗ୍ରହଣ କ୍ଷେତ୍ରରେ ସରକାର ଗ୍ରାହକଙ୍କୁ ସବ୍ସିଡି ବ୍ୟବସ୍ଥା କରିବେ। ଦ୍ୱିତୀୟ ପର୍ଯ୍ୟାୟ ଲାଗି ୫,୫୦୦ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଥିବା ପ୍ରକ୍ରିୟା ସହ ଜଡିତ ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

### ପିଏନ୍‌ବି ଇଚ୍ଛାକୃତ ଖିଲାପକାରୀଙ୍କ ଋଣରେ ୧.୮% ହ୍ରାସ

ନୂଆଦିଲ୍ଲୀ,୨୬-୮(ପି.ଟି): ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି)ର ଇଚ୍ଛାକୃତ ଖିଲାପକାରୀଙ୍କ ମୋଟ ଋଣ ମଧ୍ୟରୁ ଜୁଲାଇରେ ୧.୮% ହ୍ରାସ ଘଟି ୧୫,୧୭୫ କୋଟି ଟଙ୍କାକୁ ଖସିଛି। ପିଏନ୍‌ବିରୁ ୨୫ ଲକ୍ଷ ଟଙ୍କାରୁ ଉର୍ଦ୍ଧ ଋଣ ତଦୂର୍ଦ୍ଧ ନେଇ ଥିବା ବ୍ୟକ୍ତିଙ୍କୁ ଏହି ଖିଲାପକାରୀଙ୍କ ମଧ୍ୟରେ ସାମିଲ କରାଯାଇଛି। ଜୁନ୍ ଶେଷ ସୁଦ୍ଧା ଖିଲାପକାରୀଙ୍କ ଉପରେ ବ୍ୟାଙ୍କର ୧୫,୩୫୫ କୋଟି ଟଙ୍କା ରହିଥିଲା।

### ପୁଞ୍ଜି ପ୍ରତ୍ୟାହାର ଧାର୍ଯ୍ୟ ଲକ୍ଷ୍ୟ ହାସଲ ନେଇ ସରକାରଙ୍କ ଗୁରୁତ୍ୱ

ନୂଆଦିଲ୍ଲୀ,୨୬-୮:ଚଳିତ ଆର୍ଥିକ ବର୍ଷରେ ସରକାର ଧାର୍ଯ୍ୟ କରିଥିବା ତିନି ଚତୁର୍ଥାଂଶ ପୁଞ୍ଜି ପ୍ରତ୍ୟାହାର ଲକ୍ଷ୍ୟ ହାସଲ ଦିଗରେ ଗୁରୁତ୍ୱାରୋପ କରିଛନ୍ତି। ଡିସେମ୍ବର ସୁଦ୍ଧା ଲକ୍ଷ୍ୟ ହାସଲ ନେଇ ସରକାର କାର୍ଯ୍ୟ କରୁଛନ୍ତି। ଏହି ଧାରାକୁ ଧ୍ୟାନରେ ରଖି ୧୫ କମ୍ପାନୀର ଅଂଶଧନ ବିକ୍ରି ହେବ ବୋଲି ଜଣାଯାଇଛି। ୨୦୧୮-୧୯ ଆର୍ଥିକ ବର୍ଷରେ ଅଂଶଧନ ବିକ୍ରିରୁ ସରକାର ୮୦,୦୦୦ କୋଟି ଟଙ୍କା ସଂଗ୍ରହ କରିବାକୁ ଲକ୍ଷ୍ୟ ରଖିଥିବା ବେଳେ ବର୍ତ୍ତମାନ ସୁଦ୍ଧା ୯,୨୦୦ କୋଟି ସଂଗ୍ରହ କରିଥିବା ଜଣାଯାଇଛି।

## ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ନିଷ୍ପତ୍ତି

# ବନ୍ଦ ହେବ ୭୦ ବିଦେଶୀ ଶାଖା

ନୂଆଦିଲ୍ଲୀ,୨୬-୮(ପି.ଟି.)

**ବିଦେଶରେ ବ୍ୟାଙ୍କ ଶାଖା**

- ଏସ୍‌ବିଆଇର ୫୨, ବିଓବିର ୫୦ ଏବଂ ବିଓଆଇର ୨୯ଟି
- ୟୁକେରେ ୩୨, ହଂକଂ ଓ ୟୁଏଇରେ ୧୩ ଏବଂ ସିଙ୍ଗାପୁର୍‌ରେ ୧୨ ଟି
- ୧୬୫ରୁ ୪୧ଟି ଶାଖା କ୍ଷତିରେ ପରିଚାଳିତ




ବିଦେଶରେ ଥିବା ଭାରତର ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଶାଖାଗୁଡିକ ଉତ୍ତମ ପ୍ରଦର୍ଶନ କରୁନାହାନ୍ତି। ଏଗୁଡ଼ିକର ପରିଚାଳନା ପାଇଁ ବ୍ୟାଙ୍କଗୁଡ଼ିକ ଖର୍ଚ୍ଚ କରୁଥିଲେ ମଧ୍ୟ ଉକ୍ତ ଶାଖାଗୁଡ଼ିକ ଆଶାନୁରୂପ ଲାଭ ଅର୍ଜନ କରୁନାହାନ୍ତି। ଏହି କାରଣରୁ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ପ୍ରାୟ ୭୦ଟି ବିଦେଶୀ ଶାଖା ବନ୍ଦକରିବା ପାଇଁ ନିଷ୍ପତ୍ତି ନେଇଛନ୍ତି।

ସୂତ୍ରରୁ ମିଳିଥିବା ଖବର ଅନୁସାରେ କମ୍ ଦୂରତା ବ୍ୟବଧାନରେ ରହିଥିବା ଶାଖାଗୁଡିକୁ ଏକତ୍ର କରାଯିବ। ସେହିପରି ଗୋଟିଏ ସହରରେ ରହିଥିବା ଏକାଧିକ ଶାଖାକୁ ଆବଶ୍ୟକ ମୁତାବକ ମିଶ୍ରଣ କରାଯିବ। ଫଳରେ ଏଗୁଡିକର ପରିଚାଳନା ପାଇଁ ଆବଶ୍ୟକ ପୁଞ୍ଜିକୁ ସୀମିତ କରାଯାଇ ପାରିବ ବୋଲି ରାଷ୍ଟ୍ରାୟତ୍ତ ବ୍ୟାଙ୍କର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଅତି କମ୍‌ରେ ଏହିଭଳି ୭୦ଟି ବିଦେଶୀ ଶାଖା ବନ୍ଦ ହେବ ବୋଲି ସେ କହିଛନ୍ତି। ଆଲ୍ଲାହାବାଦ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ବରୋଦା(ବିଓବି), ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି), ଭାରତୀୟ ଷ୍ଟେଟ୍ ବ୍ୟାଙ୍କ(ଏସ୍‌ବିଆଇ), ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ(ୟୁବିଆଇ) ଆଦି ପ୍ରମୁଖ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ମିଳିତଭାବେ ଏହି ନିଷ୍ପତ୍ତି ନେଇଛନ୍ତି ବୋଲି ସୂତ୍ରରୁ ପ୍ରକାଶ।

ସରକାରୀ ତଥ୍ୟ ଅନୁସାରେ ୨୦୧୬-୧୭ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଭାରତୀୟ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକର ମୋଟ ୧୫୯ଟି ବିଦେଶୀ ଶାଖା ଥିବା ବେଳେ ସେଥି ମଧ୍ୟରୁ ମୋଟ ୪୧ ଟି ଶାଖା କ୍ଷତିରେ ପରିଚାଳିତ ହେଉଥିଲା। ସଦ୍ୟତମ ସୂଚନା ଅନୁସାରେ ୨୦୧୮ ଜାନୁୟାରୀ ୩୧ ସୁଦ୍ଧା ମୋଟ ୧୬୫ଟି ବିଦେଶୀ ଶାଖା ରହିଛି। ସେଥିମଧ୍ୟରୁ ଏସ୍‌ବିଆଇର ମୋଟ ୫୨ଟି, ବିଓବିର ୫୦ ଟି ଏବଂ ବିଓଆଇର ସର୍ବାଧିକ ୨୯ ଟି ବିଦେଶୀ ଶାଖା ରହିଛି। ଅନ୍ୟ ଏକ ହିସାବ ଅନୁସାରେ ୟୁନାଇଟେଡ୍ କିଙ୍ଗଡମ୍‌ରେ ସର୍ବାଧିକ ୩୨ଟି ବିଦେଶୀ ଶାଖା ରହିଥିବା ବେଳେ ହଂକଂ ଓ ୟୁଏଇରେ ୧୩ ଟି ଲେଖାଏଁ ଏବଂ ସିଙ୍ଗାପୁର୍‌ରେ ମୋଟ ୧୨ ଟି ବିଦେଶୀ ଶାଖା ରହିଛି।

## ରିୟଲ ଇଷ୍ଟେଟରେ ଚାହିଦା ବଢୁଛି

ନୂଆଦିଲ୍ଲୀ,୨୬-୮



ବିମୁଦ୍ରୀକରଣ ଯୋଗୁ ସବୁଠାରୁ କ୍ଷତିଗ୍ରସ୍ତ ହୋଇଥିବା ରିୟଲ ଇଷ୍ଟେଟ ସେକ୍ଟରରେ ଏବେ ଚାହିଦା ବଢ଼ିବା ଆରମ୍ଭ କରିଛି ବୋଲି ଏକ ଅନୁଧ୍ୟାନରୁ ଜଣାପଡିଛି। ୨୦୦୭ରେ ବିଶ୍ୱ ଆର୍ଥିକ ସଙ୍କଟ ଦେଖାଦେବା ପରଠାରୁ ରିୟଲ ଇଷ୍ଟେଟ ସେକ୍ଟର ଆଜି ଯାଏ ବହୁ ଉତ୍ଥାନ ପତନ ଦେଖିଆସିଛି। ଏହି ସେକ୍ଟର ଉତ୍ଥାନ ଆଡକୁ ଅଗ୍ରସର ହେଉଥିଲା ବେଳେ ବିମୁଦ୍ରୀକରଣ ଏହାର ଅଣ୍ଟା ଭାଙ୍ଗି ଦେଇଥିଲା। ଏହାପରେ ରେରା ଆଇନକୁ ଆହୁରି କଡ଼ାକଡ଼ି କରାଯିବା ଏବଂ ଦେଶରେ ଜିଏସ୍‌ଟି ଲାଗୁ କରାଯିବା ପରେ ଏହି ସେକ୍ଟର ଅବସ୍ଥା ସାଂଘାତିକ ହୋଇଥିଲା। କେନ୍ଦ୍ର ସରକାର ଏହି ସେକ୍ଟରର ଉନ୍ନତି ସହ ଘର କ୍ରେତାଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ପଦକ୍ଷେପ ନେବା ପରେ ଏବେ ଧୀରେ ଧୀରେ ଲୋକଙ୍କ ବିଶ୍ୱାସ ଜନ୍ମିବାରେ ଲାଗିଛି ବୋଲି ଅନୁଧ୍ୟାନରୁ ଜଣାପଡିଛି। ରେରା ଆଇନ ସବୁ ରାଜ୍ୟରେ ସମ୍ପୂର୍ଣ୍ଣ ଭାବେ ଲାଗୁ ହୋଇ ନ ଥିଲେ ହେଁ ଘର କ୍ରେତା ଏବେ ରିୟଲ ଇଷ୍ଟେଟ ପ୍ରତି ବିମୁଖ ହେବା ପରିବର୍ତ୍ତେ ଆଗ୍ରହ ଦେଖାଉଛନ୍ତି। ଆନାରକ ପ୍ରପର୍ଟି କନ୍‌ସଲଟାଣ୍ଟଙ୍କ ପକ୍ଷରୁ କରାଯାଇଥିବା ଅନୁଧ୍ୟାନରୁ ଜଣାପଡିଛି ଯେ, ଚଳିତ ବର୍ଷର ଦ୍ୱିତୀୟ କ୍ୱାର୍ଟର ସୁଦ୍ଧା ୫୦% ନୂଆ ହାଉସିଂ ପ୍ରକଳ୍ପ ଲଞ୍ଚ ହୋଇଛି। ୭ଟି ବଡ଼ ସହରରେ ପ୍ରାୟ ୨୪% ଘର ବିକ୍ରି ବଢ଼ିଛି। ରେସିଡେନ୍ସିଆଲ ସେକ୍ଟରରେ ସୁଲଭ ହାଉସିଂ ସେଗ୍‌ମେଣ୍ଟ ସହିତ କମର୍ସିଆଲ ସେଗମେଣ୍ଟରେ ବେଶ୍ ଚାହିଦା ପରିଲକ୍ଷିତ ହେଉଛି।

## କଷ୍ଟମରଙ୍କୁ ଏସ୍‌ବିଆଇର ସୂଚନା

# ଡିସେମ୍ବର ୩୧ ସୁଦ୍ଧା ନୂଆ ଡେବିଟ୍ କାର୍ଡ ନିଅ

ନୂଆଦିଲ୍ଲୀ,୨୬-୮(ପି.ଟି.)




ଚଳିତବର୍ଷ ଶେଷ ସୁଦ୍ଧା ଭାରତୀୟ ଷ୍ଟେଟ୍ ବ୍ୟାଙ୍କ(ଏସ୍‌ବିଆଇ)ର ଗ୍ରାହକମାନଙ୍କୁ ନୂତନ ଇଏମ୍‌ଭି ଚିପ୍‌ଭିତ୍ତିକ୍ ଡେବିଟ୍ କାର୍ଡ ହାସଲ କରିବାକୁ ପଡ଼ିବ। ଅର୍ଥାତ୍ ପୂର୍ବରୁ ପ୍ରଚଳିତ ମ୍ୟାଗ୍ନେଟିକ୍ ଷ୍ଟ୍ରିପ୍ ଆଧାରିତ ଡେବିଟ୍ କାର୍ଡ ଆଉ ଚଳିବ ନାହିଁ। ଏହା ବଦଳରେ ୟୁରୋପେ ମାଷ୍ଟରକାର୍ଡ ଭିଜା(ଇଏମ୍‌ଭି) ଆଧାରିତ ଡେବିଟ୍ କାର୍ଡ ବ୍ୟବହାର କରିବାକୁ ପଡ଼ିବ। ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଜାରି କରିଥିବା ନିର୍ଦ୍ଦେଶନାମା ଅନୁସାରେ ଏହି ନୂତନ ତଥା ଅଧିକ ସୁରକ୍ଷା ବୈଶିଷ୍ଟ୍ୟଭିତ୍ତିକ କାର୍ଡ ଗ୍ରହଣ କରିବାକୁ ହେବ ବୋଲି ଏସ୍‌ବିଆଇ ସୂଚନା ଦେଇଛି।

ଏହି କାର୍ଡରେ ତଥ୍ୟ ଚୋରି ହେବାର ଆଶଙ୍କା କମ୍ ରହିଥିବା ବେଳେ ଖୁବ୍ କମ ସମୟ ମଧ୍ୟରେ କାରବାର ସମ୍ଭବ ହେବ। ଏଥିପାଇଁ କଷ୍ଟମରଙ୍କୁ କୌଣସି ଅତିରିକ୍ତ ଦେୟ ବହନ କରିବାକୁ ପଡ଼ିବ ନାହିଁ। ସୂଚନା ଅନୁସାରେ ଚଳିତ ବର୍ଷ ଜୁନ ଶେଷ ସୁଦ୍ଧା ଏସ୍‌ବିଆଇ ମୋଟ ୨୮ କୋଟି ୯ ଲକ୍ଷ ଡେବିଟ୍ କାର୍ଡ ଜାରି କରିଥିଲା। ସେଥିମଧ୍ୟରୁ ସିଂହଭାଗ ପୁରୁଣା ମ୍ୟାଗ୍ନେଟିକ୍ ଷ୍ଟ୍ରିପ୍ ଆଧାରିତ ଡେବିଟ୍ କାର୍ଡ ବୋଲି ବ୍ୟାଙ୍କ ପ୍ରକାଶ କରିଛି। ଇଏମ୍‌ଭି କାର୍ଡ ଚିହ୍ନଟ ପାଇଁ ଏଥିରେ ଏକ ସୁନେଲି ରଙ୍ଗର ଚିପ୍ ସଂଯୋଗ କରାଯାଇଛି। ଯେଉଁ ବ୍ୟାଙ୍କ ଶାଖାରେ ଗ୍ରାହକ ଆକାଉଣ୍ଟ ଖୋଲିଛନ୍ତି ଉକ୍ତ ଶାଖାରେ ଜଣେ ଗ୍ରାହକ ଏହି ନୂତନ ଅତ୍ୟାଧୁନିକ କାର୍ଡ ପାଇଁ ଆବେଦନ କରିପାରିବେ। ସେହିପରି ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ୍ ମାଧ୍ୟମରେ ମଧ୍ୟ ଏହି ସୁବିଧା ମିଳିବ ବୋଲି ଏସ୍‌ବିଆଇ ସୂଚନା ଦେଇଛି।

## ‘ସୁନା ଆମଦାନୀରେ ସକ୍ରିୟ ନୁହନ୍ତି ସବୁ ବ୍ୟାଙ୍କ’

ନୂଆଦିଲ୍ଲୀ, ୨୬-୮(ପି.ଟି.)

ବିଦେଶରୁ ଭାରତକୁ ସୁନା ଆମଦାନୀ ପାଇଁ ବ୍ୟାଙ୍କଗୁଡିକ ନୋମିନେଟେଡ୍ ଏଜେନ୍ସି ଭାବେ ଦାୟିତ୍ୱ ନେଇଛନ୍ତି। କିନ୍ତୁ ଅଳ୍ପ କେତୋଟି ନିର୍ଦ୍ଦିଷ୍ଟ ବ୍ୟାଙ୍କକୁ ଛାଡ଼ିଦେଲେ ସବୁ ବ୍ୟାଙ୍କ ଏହି ଦାୟିତ୍ୱକୁ ଠିକ୍ ଭାବେ ପାଳନ କରୁନାହାନ୍ତି। ଭାରତ ସରକାରଙ୍କ ଥିଙ୍କ ଟ୍ୟାଙ୍କ ନୀତି ଆୟୋଗ ଏଭଳି କହିଛି। ଏଥିପାଇଁ ନୀତି ଆୟୋଗ ପରାମର୍ଶ ଦେଇଛି ଯେ, ବିଦେଶରୁ ସୁନା ଆମଦାନୀ କ୍ଷେତ୍ରରେ ବ୍ୟାଙ୍କଗୁଡିକ ସକ୍ରିୟ ଅଂଶଗ୍ରହଣ କରିବା ଆବଶ୍ୟକ। ଏହାକୁ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ପ୍ରୋତ୍ସାହିତ କରିବା ଉଚିତ। ଏହି ମୂଲ୍ୟବାନ ଧାତୁ ରପ୍ତାନି କରୁଥିବା ଭାରତୀୟ ଅଳଙ୍କାର ବ୍ୟବସାୟୀମାନଙ୍କୁ ପ୍ରୋତ୍ସାହିତ କରିବାକୁ ହେଲେ ବ୍ୟାଙ୍କଗୁଡିକୁ ନିଜ ଦାୟିତ୍ୱ ତୁଲାଇବାକୁ ପଡିବ ବୋଲି ନୀତି ଆୟୋଗ କହିଛି। ନୀତି ଆୟୋଗର ମୁଖ୍ୟ ଉପଦେଷ୍ଟା ରତନ ପି. ୱାଟାଲଙ୍କ ଅଧ୍ୟକ୍ଷତାରେ ଗଠିତ ଏକ କମିଟି ଏହି ସୁପାରିସ କରିଛି। କମିଟି କହିଛି, ସୁନା ଆମଦାନୀ କ୍ଷେତ୍ରରେ ରହିଥିବା ‘ଡ୍ୟୁଟି ଡ୍ରବ୍ୟାକ୍ ସ୍କିମ୍’ରେ ମଧ୍ୟ ପରିବର୍ତ୍ତନ ହେବା ଉଚିତ।

## ମେଟ୍ରୋ ରେଳ ପ୍ରକଳ୍ପର ସମୀକ୍ଷା କରିବ ନୀତି ଆୟୋଗ



ମୁମ୍ବାଇ,୨୬-୮(ପି.ଟି.)

ଦେଶରେ ମେଟ୍ରୋ ରେଳ ପ୍ରକଳ୍ପ କାର୍ଯ୍ୟକାରିତା ସମ୍ପର୍କରେ ନୀତି ଆୟୋଗ ସମୀକ୍ଷା କରିବ। ଏହା କେତେଦୂର ସମ୍ଭବ ହୋଇଛି ଏବଂ ଲୋକମାନଙ୍କ ପାଖରେ ପହଞ୍ଚିପାରିଛି ତାହାକୁ ତର୍ଜମା କରାଯିବ। ଗୃହ ଓ ନଗର ଉନ୍ନୟନ ବ୍ୟାପାର ମନ୍ତ୍ରଣାଳୟ ଅଧୀନରେ ଏହି ମେଟ୍ରୋ ରେଳପ୍ରକଳ୍ପ ରହିଥିବା ବେଳେ ଏହାର ସମୀକ୍ଷା ପାଇଁ ମନ୍ତ୍ରଣାଳୟ ନୀତିଆୟୋଗର ସାହାଯ୍ୟ ଲୋଡିଛି। ଏ ସମ୍ପର୍କରେ ଖବର ରଖିଥିବା ଜଣେ ବରିଷ୍ଠ ଅଧିକାରୀଙ୍କ ସୂଚନା ଅନୁସାରେ, ନୀତି ଆୟୋଗ ବିଜ୍ଞାନ ବିଭାଗ ସଦସ୍ୟ ଏହି ସମୀକ୍ଷା କରିବେ। ସଦ୍ୟତମ ସୂଚନା ଅନୁସାରେ ଏବେ ଦେଶର ମୋଟ ୨୨ଟି ସହରରେ ପ୍ରକଳ୍ପ ନିର୍ମାଣାଧୀନ ରହିଛି। ଏହି ସହର ମଧ୍ୟରେ ଦିଲ୍ଲୀ, ବାଙ୍ଗାଲୋର, ବମ୍ବେ, ଲକ୍ଷ୍ନୌ, ଚେନ୍ନାଇ, ନାଗପୁର, ପୁଣେ, କୋଚି, ଅହମ୍ମଦାବାଦ, ହାଇଦ୍ରାବାଦ, ଜୟପୁର, କଲିକତା, ଗୁରୁଗ୍ରାମ ଆଦି ସହର ରହିଛି।

# ଡିମାଟ୍‌ରେ ଶେୟାର ଜାରି ବାଧ୍ୟତାମୂଳକ ହେବ

ନୂଆଦିଲ୍ଲୀ,୨୬-୮

**ଅଣପଞ୍ଜୀକୃତ କମ୍ପାନୀ**

କେନ୍ଦ୍ର ସରକାର କଳାଧନ ସୃଷ୍ଟି ବିରୋଧରେ ଅଭିଯାନ ଚଳାଇଥିବା ବେଳେ ଷ୍ଟକ ମାର୍କେଟରେ ଏହାର ପ୍ରସାରକୁ ରୋକିବା ଲାଗି ନୂଆ ନିୟମ ପ୍ରଣୟନ କରିବାକୁ ଯାଉଛନ୍ତି। ଏହି ନୂଆ ନିୟମ ଅନୁଯାୟୀ ଷ୍ଟକ ମାର୍କେଟରେ ତାଲିକାଭୁକ୍ତ ହୋଇ ନ ଥିବା କମ୍ପାନୀମାନେ ଭବିଷ୍ୟତରେ ଡିମାଟ୍‌ରେ ନୂଆ ଶେୟାର ଜାରି କରିବାକୁ ବାଧ୍ୟ ରହିବେ। ପ୍ରାୟ ୭୦ ହଜାର କମ୍ପାନୀ ଅକ୍ଟୋବର ପ୍ରଥମ ସପ୍ତାହରୁ ଲାଗୁ ହେବାକୁ ଥିବା ଏହି ନୂଆ ନିୟମ ଅନୁଯାୟୀ ଡିମାଟ୍‌ରେ ଶେୟାର ଜାରି କରିବେ। ଏଭଳି ବ୍ୟବସ୍ଥା ଦ୍ୱାରା ନୋ ଇଓର କ୍ଲାଏଣ୍ଟ (କେୱାଇସି) ଅଧୀନରେ ଅଣପଞ୍ଜୀକୃତ କମ୍ପାନୀଙ୍କ ସମ୍ପର୍କରେ ତଥ୍ୟ ସରକାରଙ୍କ ନିକଟରେ ଉପଲବ୍ଧ ହୋଇପାରିବ।

# ଜେଟ୍ ଏୟାର୍‌ୱେଜଠାରୁ ତଥ୍ୟ ମାଗିଲେ ଏମ୍‌ସିଏ

ନୂଆଦିଲ୍ଲୀ,୨୬-୮

**ଆଜି ଜୁନ କ୍ୱାର୍ଟର ରିପୋର୍ଟ ଘୋଷଣା**




ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ଜେଟ୍ ଏୟାରୱେଜ ସୋମବାର ଜୁନ କ୍ୱାର୍ଟର ଆର୍ଥିକ ରିପୋର୍ଟ ପ୍ରକାଶ କରିବ। ତେବେ ଏହି ବିମାନ କମ୍ପାନୀ କେଉଁ କାରଣରୁ ଫଳାଫଳ ଘୋଷଣା କରିବାରେ ବିଳମ୍ବ କଲା ତାହା ଜାଣିବା ଲାଗି ଏହି ବିମାନ କମ୍ପାନୀ ଓ ଏହାର ଅଡିଟରଙ୍କଠାରୁ କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟ (ଏମ୍‌ସିଏ) ବିସ୍ତାରିତ ତଥ୍ୟ ମାଗିଛନ୍ତି।

କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ଜେଟ୍ ଏୟାରୱେଜର ଆର୍ଥିକ ସ୍ଥିତି ସମ୍ପର୍କରେ ଜାଣିବା ଲାଗି ରେଜିଷ୍ଟ୍ରାର ଅଫ କମ୍ପାନିଜ୍(ଆର୍‌ଓସି) କେତେକ ବିଷୟ ଉପରେ ପ୍ରଶ୍ନ ପଚାରିଛନ୍ତି। ତେବେ ମନ୍ତ୍ରଣାଳୟ ପକ୍ଷରୁ ପଚରାଯାଇଥିବା ପ୍ରଶ୍ନ ସମ୍ପର୍କରେ କମ୍ପାନୀ ମୁଖପାତ୍ର କିଛି କହିବାକୁ ମନା କରିଦେଇଛନ୍ତି। ଜୁନରେ ଶେଷ ହେଉଥିବା କ୍ୱାର୍ଟର ଫଳାଫଳ ଘୋଷଣାରେ କମ୍ପାନୀ କାହିଁକି ବିଳମ୍ବ କଲା ସେସମ୍ପର୍କରେ ଜଣାଇବାକୁ ମନ୍ତ୍ରଣାଳୟ ପକ୍ଷରୁ ଏହାର ଅଡିଟରଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ମୁଖପାତ୍ର ସ୍ୱୀକାର କରିଛନ୍ତି। ଉଲ୍ଲେଖଥାଉକି, ଚଳିତ ମାସ ଆରମ୍ଭରେ ଅଡିଟର ଟିମ୍ ଜେଟ୍ ଏୟାରୱେଜର ଜୁନ କ୍ୱାର୍ଟର ଫଳାଫଳକୁ ନେଇ ଆପତ୍ତି ଉଠାଇବା ପରେ ଏହାର ଘୋଷଣାକୁ ବିଳମ୍ବିତ କରାଯାଇଥିଲା। ସୋମବାର ହେବାକୁ ଥିବା ବୋର୍ଡ ବୈଠକରେ ଖର୍ଚ୍ଚ କାଟ୍ ଲାଗି ଉଡାଣ ସଂଖ୍ୟା ହ୍ରାସ କରିବା ଏବଂ ଆର୍ଥିକ ସ୍ଥିତିକୁ ପୂର୍ବାବସ୍ଥାକୁ ଫେରାଇ ଆଣିବା ଉଦ୍ଦେଶ୍ୟରେ ପ୍ରସ୍ତୁତ ଯୋଜନା ଉପରେ ବିଚାର କରାଯିବ।

# ପିଏମ୍‌ଏଲ୍‌ଏ କୋର୍ଟରେ ମାଲ୍ୟାଙ୍କ ଶୁଣାଣି ଆଜି

ମୁମ୍ବାଇ,୨୬-୮



ଦେଶର ବିଭିନ୍ନ ବ୍ୟାଙ୍କରୁ ପ୍ରାୟ ୯ ହଜାର କୋଟି ଟଙ୍କାର ଋଣ ନେଇ ଇଂଲଣ୍ଡ ପଳାଇଥିବା ବିଶିଷ୍ଟ ବ୍ୟବସାୟୀ ବିଜୟ ମାଲ୍ୟାଙ୍କୁ ସୋମବାର ଏଠାରେ ପିଏମ୍‌ଏଲ୍‌ଏର ସ୍ୱତନ୍ତ୍ର କୋର୍ଟରେ ହାଜର ହେବାକୁ ପୂର୍ବରୁ ନୋଟିସ ଜାରି କରାଯାଇଛି। ଦେଶରେ ପଳାତକ ଅପରାଧୀ ଆଇନ ଲାଗୁ ହେବା ପରେ ମାଲ୍ୟାଙ୍କ ବିରୋଧରେ ଏହି ଆଇନ ଅଧୀନରେ ମାମଲା ଆରମ୍ଭ ହୋଇଛି।

ସରକାରୀ ସୂତ୍ରରୁ ପ୍ରକାଶ ଯେ, ଏନଫୋର୍ସମେଣ୍ଟ ଡାଇରେକ୍ଟୋରେଟ(ଇଡି) ପକ୍ଷରୁ ମାଲ୍ୟାଙ୍କ ବିରୋଧରେ ୯ ହଜାର କୋଟି ଟଙ୍କାର ଠକେଇ ଅଭିଯୋଗ ଅଣାଯିବା ପରେ ପିଏମ୍‌ଏଲ୍‌ଏ ବିଚାରପତି ଏମ୍.ଏସ୍.ଆଜମୀ ଜୁନ ୩୦ରେ ମାମଲାର ଶୁଣାଣି କରି ଅଗଷ୍ଟ ୨୭ରେ କୋର୍ଟରେ ବ୍ୟକ୍ତିଗତ ଭାବେ ହାଜର ହେବାକୁ ତାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ସେ ଲଣ୍ଡନରେ ପ୍ରତ୍ୟର୍ପଣ ସମ୍ପର୍କିତ ମାମଲାର ସାମ୍ନା କରୁଥିବାରୁ ତାଙ୍କ ସ୍ଥାନରେ ତାଙ୍କର ଓକିଲ ଅଦାଲତରେ ହାଜର ହୋଇ ଜବାବ ଉପସ୍ଥାପନ କରିପାରନ୍ତି। ଏହି ମାମଲାରେ ମାଲ୍ୟାଙ୍କ ୧୨,୫୦୦ କୋଟି ଟଙ୍କାର ସମ୍ପତ୍ତି ଜବତ କରିବା ଲାଗି ଇଡି ପକ୍ଷରୁ ଅଦାଲତର ଅନୁମୋଦନ ଲୋଡାଯାଇଛି। ଉଲ୍ଲେଖଥାଉକି, ପଳାତକ ଅପରାଧୀ ଆଇନ ଅନୁଯାୟୀ ଋଣ ନେଇ ଅଥବା ଠକେଇ କରିବା ପରେ ପଳାତକ ହେବା କ୍ଷେତ୍ରରେ ତାଙ୍କର ସମ୍ପତ୍ତିକୁ ଜବତ କରାଯାଇପାରିବ। ତେବେ ବିଚାରପତି ଏଦିଗରେ ନିଷ୍ପତ୍ତି ନେବେ। ଏକ୍ଷେତ୍ରରେ ବିଚାରପତି ଆଜମୀଙ୍କ ଉପରେ ମାଲ୍ୟାଙ୍କ ସମ୍ପତ୍ତି ଜବତ ନିର୍ଭର କରିବ। ଅନ୍ୟପକ୍ଷରେ ଇଡି ପକ୍ଷରୁ ମାଲ୍ୟାଙ୍କୁ ପଳାତକ ଘୋଷଣା କରିବା ନେଇ ଦୁଇଟି ଚାର୍ଜଶିଟ୍ ଦାଖଲ କରାଯାଇଛି।

No. 08-W:-

न्याय सब के लिए
ACCESS TO JUSTICE FOR ALL

# ରାଷ୍ଟ୍ରୀୟ ଲୋକ ଅଦାଲତ

ତା୦୮।୦୯।୨୦୧୮ରିଖ (ଶନିବାର)

**ବିଶେଷ ସୂଚନା**

୧. ଆଜ୍ଞା, କୌଣସି କଚେରୀରେ ଆପଣଙ୍କର କୌଣସି ମକଦ୍ଦମା ବିଚାରାଧୀନ ରହିଛି କି, ବା ଆପଣଙ୍କର କାହାସହିତ କୌଣସି ବିବାଦ ରହିଛି କି ?
୨. ତେବେ ଆପଣ ସେ ମକଦ୍ଦମା / ବିବାଦର ସହଜ ଏବଂ ଆପୋସ ସହମତିରେ ସମାଧାନ ପାଇଁ ଲୋକ ଅଦାଲତଙ୍କ ସହାୟତା ନିଅନ୍ତୁ।
୩. ତା୦୮।୦୯।୨୦୧୮ରିଖ (ଶନିବାର)ରେ ଉଚ୍ଚନ୍ୟାୟାଳୟ ପରିସରରେ ଏବଂ ପ୍ରତ୍ୟେକ ଜିଲ୍ଲାସ୍ତରୀୟ ଏବଂ ତାଲୁକ୍‌ସ୍ତରୀୟ ବିଚାର ବିଭାଗୀୟ କୋର୍ଟ ପରିସରରେ ଏକ ରାଷ୍ଟ୍ରସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ ହେଉଛି।
୪. ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧୀନ ମକଦ୍ଦମା ଯଥା ଦେଓ୍ୱାନୀ, ଫୌଜଦାରୀ (ସାଲିସ୍ ଯୋଗ୍ୟ), ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ, ବ୍ୟାଙ୍କଋଣ, ବିଦ୍ୟୁତ୍ ଓ ଜଳଯୋଗାଣ, ପାରିବାରିକ, ଜମି ଅଧିଗ୍ରହଣ, ଶ୍ରମ ବିବାଦ, ଚେକ୍ ବାଉନ୍ସ ମାମଲା ଇତ୍ୟାଦିର ଆପୋସ ସହମତିରେ ସମାଧାନ କରାଯାଇପାରିବ।
୫. କେବଳ ବିଚାରାଧୀନ ମକଦ୍ଦମା ନୁହେଁ, ପ୍ରାକ୍-ମକଦ୍ଦମା ସ୍ତରୀୟ (କଚେରୀରେ ଦାଏର ହୋଇନଥିବା) ବ୍ୟାଙ୍କଋଣ ବିବାଦ, ଶ୍ରମବିବାଦ, ପାରିବାରିକ ବିବାଦ ଇତ୍ୟାଦିର ମଧ୍ୟ ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ।
୬. ଲୋକ ଅଦାଲତରେ ମକଦ୍ଦମା / ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡ଼େ ନାହିଁ ଏବଂ ଲୋକ ଅଦାଲତଙ୍କ ରାୟ ବୈଧ, ଚୂଡ଼ାନ୍ତ ଏବଂ ଅମଳଯୋଗ୍ୟ।
୭. ଯଦି କୌଣସି ବିଚାରାଧୀନ ମକଦ୍ଦମାର ସମାଧାନ ଲୋକ ଅଦାଲତ ମାଧ୍ୟମରେ ହୁଏ, ଆଗରୁ ପୈଠ ହୋଇଥିବା କୋର୍ଟ ଫି’ ଫେରସ୍ତ ହୋଇପାରିବ।
୮. ଦୀର୍ଘଦିନ ଧରି ଚାଲୁ ରହିଥିବା ମକଦ୍ଦମାର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇଁ ଏହି ସୁଯୋଗର ସଦୁପଯୋଗ କରନ୍ତୁ।
୯. ସବିଶେଷ ବିବରଣୀ ନିମନ୍ତେ ଆପଣଙ୍କ ନିକଟସ୍ଥ ଅଦାଲତରେ କାର୍ଯ୍ୟରତ ଥିବା ଜିଲ୍ଲା ବା ତାଲୁକ୍ ଆଇନ ସେବା କାର୍ଯ୍ୟାଳୟ ସହ ତୁରନ୍ତ ଯୋଗାଯୋଗ କରନ୍ତୁ।

ସଦସ୍ୟ ସଚିବ
ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ
କଟକ
ଯୋଗାଯୋଗ: (୦୬୭୧) ୨୩୦୭୦୭୧

18008/11/0008/1819

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ସୋମବାର, ଅଗଷ୍ଟ ୨୭/୨୦୧୮ Bhubaneswar, Monday, August 27/ 2018

## ସଂକ୍ଷେପରେ

### ଚିଲିକାରେ ଖୋଲିବ ବିଏନ୍ଏଚ୍ଏସ୍‌ର ପ୍ରଥମ ଆଞ୍ଚଳିକ ଶାଖା

ଭୁବନେଶ୍ୱର,୨୬।୮(ବ୍ୟୁରୋ): ପକ୍ଷୀ ଗବେଷଣା ଏବଂ ସଂରକ୍ଷଣ ଦିଗରେ କାମ କରୁଥିବା ବମ୍ବେ ନ୍ୟାଚୁରାଲ ହିଷ୍ଟ୍ରି ସୋସାଇଟି(ବିଏନ୍ଏଚ୍ଏସ୍) ଏହାର ପ୍ରଥମ ଆଞ୍ଚଳିକ ଶାଖା ଚିଲିକାରେ ଖୋଲିବାକୁ ଯାଉଛି। ପକ୍ଷୀଗଣନା ଏବଂ ପକ୍ଷୀ ଚିହ୍ନଟ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ଏହି ସଂସ୍ଥା ଭାରତରେ ପ୍ରଥମଥର ପାଇଁ ଏହାର ଏକ ଆଞ୍ଚଳିକ ଶାଖା ଖୋଲିବ। ବରକୁଳର ଚନ୍ଦ୍ରପୁଟଠାରେ ଥିବା ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ)ଙ୍କ ୱେଟ୍‌ଲ୍ୟାଣ୍ଡ ରିସର୍ଚ୍ଚ ଆଣ୍ଡ ଟ୍ରେନିଂ ସେଣ୍ଟର ପରିସରରେ ଅଗଷ୍ଟ ୨୭ ସୋମବାରଠାରୁ ଏହା କାର୍ଯ୍ୟକ୍ଷମ ହେବ। ବିଏନ୍ଏଚ୍ଏସ୍ ନିର୍ଦ୍ଦେଶକ ଦୀପକ ଆପ୍ଟେ ଏବଂ ଓଡ଼ିଶା ଜଙ୍ଗଲ ଓ ପରିବେଶ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଏହାକୁ ଉଦ୍‌ଘାଟନ କରିବେ। ୧୯୬୭ରୁ ବିଏନ୍ଏଚ୍ଏସ୍ ଚିଲିକା ପାଇଁ କାମ କରିଆସୁଥିବା ବେଳେ ଏହାଦ୍ୱାରା ୭୯ ପ୍ରଜାତିର ୧୮୦୦୦ ବିରଳ ପକ୍ଷୀ ଚିହ୍ନଟ ହୋଇଛନ୍ତି। ବହୁ ଗୁରୁତ୍ୱପୂର୍ଣ୍ଣ ଗବେଷଣା କରି ଏହା ଚିଲିକାକୁ ବିଶ୍ୱସ୍ତରରେ ପରିଚିତ କରାଇଛି। ସିଡିଏ ବ୍ୟତୀତ ବିଏନ୍ଏଚ୍ଏସ୍ ଗତ ଦୁଇଦଶନ୍ଧି ଧରି ଓଡ଼ିଶା ଜଙ୍ଗଲ ଓ ପରିବେଶ ବିଭାଗ ସହ କାର୍ଯ୍ୟ କରୁଛି। ଓଡ଼ିଶାରେ ପକ୍ଷୀ ଗଣନା, ସେମାନଙ୍କ ସଂଖ୍ୟା, ପ୍ରଜାତି ଏବଂ ବିଦେଶୀ ପକ୍ଷୀଙ୍କ ଆଗମନ ଉପରେ ଏହି ସଂସ୍ଥା ବିଭିନ୍ନ ସମୟରେ ଦରକାରୀ ତଥ୍ୟ ଦେଇଛି। ନୂଆ କେନ୍ଦ୍ର ପ୍ରତିଷ୍ଠା ପରେ ବିଏନ୍ଏଚ୍ଏସ୍ ଚିଲିକାର ବିଭିନ୍ନ ଅଞ୍ଚଳକୁ ଆସୁଥିବା ପକ୍ଷୀଙ୍କ ପରେ ଏକ ସ୍ୱତନ୍ତ୍ର ଡକ୍ୟୁମେଣ୍ଟାରି ପ୍ରସ୍ତୁତ କରିବାକୁ ଯୋଜନା କରିଛି। ସେହିଭଳି ବାର୍ଡ ରିଙ୍ଗିଂ, କଲର ଫ୍ଲାଗିଂ ଏବଂ ନେକ୍ କୋଲାର୍ ଷ୍ଟଡିଜ୍ ଉପରେ ଅଧିକ ଗବେଷଣା ସହ ନଳବଣ ବିଦେଶାଗତ ପକ୍ଷୀଙ୍କ ପାଇଁ କେତେ ସୁରକ୍ଷିତ, ତାହା ଉପରେ ଗବେଷଣା କରିବ। ସିଡିଏ, ବନ୍ୟଜନ୍ତୁ କର୍ମଚାରୀ ଏବଂ ଏ କ୍ଷେତ୍ରରେ କାର୍ଯ୍ୟ କରୁଥିବା ସ୍ୱେଚ୍ଛାସେବୀମାନଙ୍କୁ ଜଳରେ ପକ୍ଷୀଗଣନା ସମ୍ପର୍କରେ ପ୍ରଶିକ୍ଷଣ ଦେବ। ଏହାବ୍ୟତୀତ ପକ୍ଷୀଙ୍କ ପୁରାତନ ରହଣି ଓ ନୂତନ ରହଣି ସ୍ଥାନ ଉପରେ ମଧ ଏହା ଅନୁସନ୍ଧାନ କରିବ।

### ସରିଲା ଓଡ଼ିଶା ବିକାଶ କନ୍‌କ୍ଲେଭ

# ୧୯ ପ୍ରସଙ୍ଗରେ ଓଡ଼ିଶା ବିକାଶର ରୋଡ୍‌ମ୍ୟାପ୍

ଭୁବନେଶ୍ୱର,୨୬।୮(ବ୍ୟୁରୋ)

ଚିରସ୍ଥାୟୀ ଓ ନିରନ୍ତର ବିକାଶ ପ୍ରକ୍ରିୟା ବଜାୟ ରଖିବାକୁ ହେଲେ ପ୍ରତ୍ୟେକ କ୍ଷେତ୍ରରେ ପରିବର୍ତ୍ତନକାରୀଙ୍କର ଆବଶ୍ୟକତା ରହିଛି। ରାଜ୍ୟରେ ଆଖିଦୃଶିଆ ପରିବର୍ତ୍ତନ ଆଣିବାକୁ ହେଲେ ବ୍ୟକ୍ତିଗତ ସ୍ତରରେ ପ୍ରଚେଷ୍ଟା କରାଯିବା ଉଚିତ। ଦେଶ ଏବଂ ରାଜ୍ୟର ପ୍ରଗତିରେ ସମସ୍ତଙ୍କ ଅନ୍ତର୍ଭୁକ୍ତୀକରଣ ଦ୍ୱାରା ଭବିଷ୍ୟତର ଏକ ନିରନ୍ତର ବିକାଶ ଖସଡ଼ା ପ୍ରସ୍ତୁତିରେ ସହାୟକ ହୋଇଥାଏ। ବିକାଶ ପଦକ୍ଷେପକୁ ତ୍ୱରାନ୍ୱିତ କରିବାକୁ ସାମାଜିକ କ୍ଷେତ୍ରରେ ଯୋଜନା ଓ କାର୍ଯ୍ୟକ୍ରମର ସଞ୍ଚାଳନ ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ଏଥିସକାଶେ ତୃଣମୂଳ ସ୍ତରରେ ସ୍ୱାୟତ୍ତଶାସନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ଜନ ତଦାରଖ ପ୍ରକ୍ରିୟା ମାଧ୍ୟମରେ ବିକେନ୍ଦ୍ରୀକରଣ ଉତ୍ତରଦାୟିତ୍ୱ ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ନିହାତି ଜରୁରୀ। ଦୃଷ୍ଟିଭଙ୍ଗୀ ବଦଳିଲେ ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହେବ ବୋଲି ଓଡ଼ିଶା ଦକ୍ଷତା ବିକାଶ ପରିଷଦ ଅଧ୍ୟକ୍ଷ ଡ. ସୁବ୍ରତ ବାଗ୍‌ଚୀ କହିଛନ୍ତି।

ତିନିଦିନ ବ୍ୟାପୀ ଭୁବନେଶ୍ୱରରେ ଆୟୋଜିତ ଓଡ଼ିଶା ବିକାଶ କନ୍‌କ୍ଲେଭର ରବିବାର ଉଦ୍‌ଯାପନୀ ସମାରୋହରେ ଯୋଗଦେଇ ବାଗ୍‌ଚୀ ଓଡ଼ିଶାରେ କିଛିନାହିଁ ବୋଲି କହିବା ଅପେକ୍ଷା ସବୁଅଛି ବୋଲି କହିବାକୁ ପରାମର୍ଶ ଦେଇଥିଲେ। ଓଡ଼ିଶା ସମେତ ୯ଟି ରାଜ୍ୟର ୨୬୭୦ରୁ ଊର୍ଦ୍ଧ୍ୱ ପ୍ରତିନିଧି ଏହି ଅବସରରେ ୧୯ଟି ପ୍ରସଙ୍ଗ ଉପରେ ମାରାଥନ ଚର୍ଚ୍ଚା କରି ଓଡ଼ିଶା ବିକାଶର ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରିଥିଲେ। ବାହାରିଥିବା ନିଷ୍କର୍ଷଗୁଡ଼ିକୁ ରାଜ୍ୟ ସରକାର ଅନୁଧାନ କରିବେ ବୋଲି ଉଦ୍‌ଯାପନୀ ସମାରୋହରେ ଯୋଗଦେଇ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ସମବାୟ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର କହିଥିଲେ। ୧୯ଟି ପ୍ରସଙ୍ଗରେ ବାହାରିଥିବା ରୋଡ୍‌ମ୍ୟାପ୍ ରାଜ୍ୟ ସରକାରଙ୍କ ପାଇଁ ଏକ ଚେକ୍‌ଲିଷ୍ଟ ବୋଲି ସେ ମତ ଦେଇଥିଲେ। ଭାରତ ସରକାରଙ୍କ ଶ୍ରମ ଓ ସଂସଦୀୟ ମନ୍ତ୍ରଣାଳୟର ପୂର୍ବତନ ସଚିବ ଡ. ଲକ୍ଷ୍ମୀଧର ମିଶ୍ର ଓଡ଼ିଶା ବିକାଶ କନ୍‌କ୍ଲେଭ ରାଜ୍ୟର ବିକାଶରେ ଏକ ନୂଆ ଅଧ୍ୟାୟ ଯୋଡ଼ିଥିବା କହିଥିଲେ। ଆଗାମୀ ଦିନରେ ବିକାଶ ସଂକ୍ରାନ୍ତ ଏକ ସ୍ୱତନ୍ତ୍ର ପାଠ୍ୟକ୍ରମ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟରେ ଖୋଲିବାକୁ ବିଶ୍ୱବିଦ୍ୟାଳୟ କୁଳପତି ଡ. ଶ୍ରୀକାନ୍ତ ମହାପାତ୍ର ପ୍ରତିଶ୍ରୁତି ଦେବା ସହ ଏହି ପାଠ୍ୟକ୍ରମର ପାଠ୍ୟଖସଡ଼ା ସାମାଜିକ ଅନୁଷ୍ଠାନଗୁଡ଼ିକ ପ୍ରସ୍ତୁତ କରିବାକୁ ପ୍ରସ୍ତାବ ଦେଇଥିଲେ। ରାଜ୍ୟରେ ଶିକ୍ଷା ବ୍ୟବସ୍ଥାରେ ଗୁଣାତ୍ମକ ମାନ ବୃଦ୍ଧି ପାଇଁ ପାଠ୍ୟପୁସ୍ତକର ବିଷୟବସ୍ତୁ ଅପେକ୍ଷା ଦକ୍ଷତା ଏବଂ ଯୋଗ୍ୟତାଭିତ୍ତିକ ମାନକ ନିର୍ଦ୍ଧାରଣ ଅଧିକ ଗୁରୁତ୍ୱ ବୋଲି ରାଷ୍ଟ୍ରୀୟ ଶୈକ୍ଷିକ ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ନିର୍ଦ୍ଦେଶକ ଡ. ହୃଷୀକେଶ ସେନାପତି କହିଥିଲେ। ସମ୍ମିଳନୀରେ ୧୯ଟି ପ୍ରସଙ୍ଗରେ ଯେଉଁ ପରାମର୍ଶ ଆସିଛି, ତାହାର ଏକ ସବିଶେଷ ଦସ୍ତାବିଜ୍ ପ୍ରସ୍ତୁତ କରାଯାଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ନିକଟରେ ଉପସ୍ଥାପନ କରାଯିବ ବୋଲି କାର୍ଯ୍ୟକ୍ରମ ଆବାହକ ଜଗଦାନନ୍ଦ କହିଥିଲେ। ଏହି ଅବସରରେ ସିଓ୍ୱାଇଏସ୍‌ଡି ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

**ବାହାରିଥିବା ନିଷ୍କର୍ଷ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଦିଆଯିବ**

# ‘ଗୋମାତା ହେଉଛନ୍ତି ଆମ ସଂସ୍କୃତିର ମୂଳପିଣ୍ଡ’

ପିପିଲି, ୨୬।୮(ଡି.ଏନ୍.ଏ.)

ଆମ ସଭ୍ୟତା ଓ ସଂସ୍କୃତି ସହିତ ଗୋମାତା ଓତପ୍ରୋତ ଭାବେ ଜଡ଼ିତ। ଗୋମାତା ହେଉଛନ୍ତି ଆମ ସଂସ୍କୃତିର ମୂଳପିଣ୍ଡ। ଗୋ-ସମ୍ପଦର ବିକାଶ ଘଟିଲେ ସମାଜରେ କଲ୍ୟାଣ ସାଧିତ ହୋଇପାରିବ। ରବିବାର ପୁରୀ ଜିଲା ପିପିଲି ବ୍ଲକ ଅନ୍ତର୍ଗତ ପୋଡ଼ଙ୍ଗ ଗ୍ରାମରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଗହ୍ମାପୂର୍ଣ୍ଣିମା ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃଷି ମନ୍ତ୍ରୀ ପ୍ରଦୀପ ମହରଥୀ ଏହା କହିଛନ୍ତି।

ସେ କହିଲେ, ସୁସ୍ଥ ସମାଜ ଗଠନ ପାଇଁ ଗୋମାତାଙ୍କ ଦାନ ଅତୁଳନୀୟ। ଗୋମାତା ଆମ ସ୍ୱାସ୍ଥ୍ୟର ଆଧାର ଓ ଆର୍ଥିକ ବିକାଶର ମୂଳ ସ୍ରୋତ। ଗୋସମ୍ପଦର ବିକାଶ ସହିତ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ ରାଜ୍ୟ ସରକାର ଅନେକ ଯୋଜନା ପ୍ରଣୟନ କରିଛନ୍ତି। ଆପିକଲ ସହାୟତାରେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଆରମ୍ଭ କରାଯାଇଛି। ସେଥିପାଇଁ ଦରଖାସ୍ତକାରୀଙ୍କୁ ଅନ୍‌ଲାଇନ ମଧ୍ୟରେ ଆବେଦନ କରିବାକୁ ଯୁବ ଉଦ୍ୟୋଗୀମାନଙ୍କୁ ମନ୍ତ୍ରୀ ମହାରଥୀ ପରାମର୍ଶ ଦେଇଥିଲେ।

ଅନ୍ୟତମ ଅତିଥି ଭାବେ ଜିଲାପାଳ ଜ୍ୟୋତିପ୍ରକାଶ ଦାସ, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡ.ଗିରିଜା ପ୍ରସାଦ ପଟ୍ଟନାୟକ, ଜିଲାପରିଷଦ ଅଧ୍ୟକ୍ଷ ଜ୍ୟୋତିର୍ମୟ ଦଲାଇ, ତେଇଶପୁର ପଞ୍ଚାୟତ ସମିତି ସଭ୍ୟ ଧରଣୀଧର ସାହୁ, ପିପିଲି ବ୍ଲକ ଅଧ୍ୟକ୍ଷ କଳ୍ପନା ସାମନ୍ତରାୟ, ଉପାଧ୍ୟକ୍ଷ ଯୁଧିଷ୍ଠିର ସ୍ୱାଇଁ, ଏମ୍‌ପିଙ୍କ ପ୍ରତିନିଧି ପ୍ରଫୁଲ୍ଲ କୁମାର ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ବିଭାଗ ତରଫରୁ ଯୁଗ୍ମ ନିର୍ଦ୍ଦେଶକ ଡା.ରାଧାମୋହନ ନରେନ୍ଦ୍ର, ଡା.ଦେବୀ କଲ୍ୟାଣ ପଟ୍ଟନାୟକ, ଏଡିଭିଓ ଡା.ଅନନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ୫ଶହରୁ ଊର୍ଦ୍ଧ୍ୱ ଗୋପାଳକ ଓ ମହିଳା ଚାଷୀ ଯୋଗଦାନ କରିଥିଲେ।




**ରାଜ୍ୟସ୍ତରୀୟ ଗହ୍ମାପୂର୍ଣ୍ଣିମା ଉତ୍ସବ**

### ଗୋଚାଲାଣ ବ୍ୟବସାୟ

# ଟିଟୋଙ୍କ କଟକ ସହଯୋଗୀ ଚିହ୍ନଟ

କଟକ ଅଫିସ,୨୬।୮

କମିଶନରେଟ୍ ପୋଲିସର ଦୁଇଦିନିଆ ରିମାଣ୍ଡରେ ରହିଛନ୍ତି ଗ୍ୟାଙ୍ଗଷ୍ଟର ଟିଟୋ ଓରଫ ସୟଦ ଉସମାନ ଅଲି। ରବିବାର ଦ୍ୱିତୀୟ ଦିନ ରିମାଣ୍ଡରେ ଟିଟୋଙ୍କୁ କଟକ ମର୍କତନଗର ଫେଜ୍-୨ ଥାନାରେ ଡିସିପି ଅଖିଳେଶ୍ୱର ସିଂ ୪ ଘଣ୍ଟା ଜେରା କରିଥିଲେ। ଟେଣ୍ଡର ଫିକ୍ସିଂ ଓ ଦାଦାବଟି ବ୍ୟତୀତ ଗୋଚାଲାଣ ବ୍ୟବସାୟରେ ମଧ ଟିଟୋଙ୍କ କଟକ ସହ ଲିଙ୍କ୍ ଥିବା ପୋଲିସ ପ୍ରାଥମିକ ପ୍ରମାଣ ପାଇଛି। କଟକରେ ତାଙ୍କ କାରବାରର ସହଯୋଗୀ ପାଲଟିଥିବା କେତେଜଣ ଅପରାଧୀଙ୍କୁ ପୋଲିସ ଚିହ୍ନଟ କରିଛି। ଆଗାମୀ ଦିନରେ ସେମାନେ ଗିରଫ ହେବା ସ୍ପଷ୍ଟ ହେଉଛି। ଟେଣ୍ଡର ଫିକ୍ସିଂ ଘଟଣାରେ ଟିଟୋ ଏଭଳି କିଛି ନାଁ କହିଛନ୍ତି, ଯାହା ପ୍ରମାଣ କରୁଛି ଯେ ପୂର୍ତ୍ତ ବିଭାଗର କେତେଜଣ ବରିଷ୍ଠ ଅଧିକାରୀ ଅଳ୍ପ ବହୁତେ ଟିଟୋଙ୍କ ପ୍ରଭାବ ନେଇ ଅବଗତ ଥିଲେ। ଜଗତପୁର ତାହିର ଅଲ୍ଲୀ ଗୁଳିକାଣ୍ଡର ପୂରା ପ୍ଲାନ ସଂକ୍ରାନ୍ତରେ ପୋଲିସକୁ ଟିଟୋ ବିସ୍ତୃତ ତଥ୍ୟ ଦେଇଥିବା ଜଣାପଡ଼ିଛି। ଆହୁରି ମଧ, କଟକରେ ଆପରାଧିକ ସାମ୍ରାଜ୍ୟ ବିସ୍ତାର କରିବାକୁ ଟିଟୋ ଲକ୍ଷ୍ୟ ରଖିଥିଲେ। ସହରର କିଛି ଛୋଟ ମୋଟ ଅପରାଧୀଙ୍କୁ ନେଇ ସେ ଚେଷ୍ଟା ଆରମ୍ଭ କରିଥିଲେ। ପୂର୍ବରୁ ଗିରଫ ହୋଇଥିବା ଡି ବ୍ରଦର୍ସ ଗ୍ୟାଙ୍ଗ ସହ ଟିଟୋଙ୍କ ବିବାଦ ରହିଥିଲା।

ତେବେ ଦୁଇଦିନିଆ ରିମାଣ୍ଡ ଶେଷ ହୋଇଥିବାରୁ ଟିଟୋଙ୍କୁ ସୋମବାର ସାଲେପୁର ଜେଏମ୍ଏଫ୍‌ସି କୋର୍ଟରେ ହାଜର କରାଯିବ। ରିମାଣ୍ଡ ଅବଧି ବୃଦ୍ଧି ପାଇଁ ଆବେଦନ କରାଯିବ ନାହିଁ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।

**ଦ୍ୱିତୀୟ ଦିନର ଜେରା**

- ଗୋଚାଲାଣ ବ୍ୟବସାୟରେ କଟକ ସହ କ’ଣ ଲିଙ୍କ
- କଟକର କେଉଁ ଆପରାଧିକ ଗ୍ୟାଙ୍ଗ ସହ ସମ୍ପର୍କ କିମ୍ବା ବିବାଦ ଥିଲା

# ପ୍ରେମିକାକୁ ରେଷ୍ଟୁରାଣ୍ଟ ଡକାଇ ପିଟିଲେ ପ୍ରେମିକ

ଭୁବନେଶ୍ୱର, ୨୬।୮(ବ୍ୟୁରୋ)

ପ୍ରେମିକାଙ୍କୁ ରେଷ୍ଟୁରାଣ୍ଟ ଡକାଇ ଜଣେ ପ୍ରେମିକ ସର୍ବ ସମ୍ମୁଖରେ ନିର୍ଘାତ ମାଡ଼ ମାରିଛନ୍ତି। ଯୁବତୀଙ୍କୁ ପୋଲିସ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଛି। ଚନ୍ଦ୍ରଶେଖରପୁର ଥାନା ପଟିଆ ଛକରେ ରବିବାର ଏଭଳି ଘଟଣା ଘଟିଛି।

ଶାସ୍ତ୍ରୀନଗର ଅଞ୍ଚଳର ଜଣେ ଯୁବତୀଙ୍କୁ ପଟିଆ ଅଞ୍ଚଳର ଜଣେ ଯୁବକ ୬ବର୍ଷ ହେବ ଭଲପାଉଥିଲେ। ତାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଯୁବକ ଜଣକ ବିଭିନ୍ନ ହୋଟେଲକୁ ଡକାଇ ମଉଜମସ୍ତି କରୁଥିଲେ। ଯୁବକ ଜଣକ ଏଭଳି ବାରମ୍ବାର କରୁଥିବାରୁ ପ୍ରେମିକା ତାଙ୍କୁ ବିବାହ କରିବା ପାଇଁ ଜିଦ୍ ଧରିଥିଲେ। ରବିବାର ଯୁବତୀ ଜଣକ ବିବାହ ପାଇଁ ଜିଦ କରିବାରୁ ପ୍ରେମିକ ତାଙ୍କୁ ପଟିଆରେ ଥିବା ଏକ ରେଷ୍ଟୁରାଣ୍ଟକୁ ରବିବାର ଅପରାହ୍ନ ପ୍ରାୟ ୪ଟାରେ ଡାକି ମାଡ଼ ମାରିଥିଲେ। ଯୁବତୀଙ୍କ ଗୋଡ଼ ଭାଙ୍ଗିଯାଇଥିବା ଜଣାପଡ଼ିଛି। ଯୁବତୀଙ୍କ ଅଭିଯୋଗକ୍ରମେ ପୋଲିସ ପ୍ରେମିକଙ୍କୁ ଅଟକ ରଖି ପଚରାଉଚରା କରୁଛି।

**ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି**




ALTO 800 SAVE UPTO ₹45,000* | CELERIO SAVE UPTO ₹50,000* | WAGONR SAVE UPTO ₹65,000*

GET EXCHANGE BONUS UPTO ₹30,000* Special offer upto ₹5,100* for employees of LIC, PSUs, Central and State Health Departments

For Institutional Sales/ Bulk Deal / DGS&D/GeM Enquiries, please email at adinath.ray@maruti.co.in

Special Offer for IFFCO Linked Co-op Society Members & IFFCO, IFFCO TOKIO Employees

For any feedback/concern please contact Regional Office, Maruti Suzuki 0674-6571581

**NARAYANI MOTORS**
• BHUBANESWAR: 7381094890/0674-2588474, 0674-2588475, 0674-2588473 • PURI: 9583022035 • PARADEEP:9583022034/06722-228044

**ODYSSEY MOTORS**
• ANGUL: 7752076136,9776901481 • PALLAHARA: 7873565435,9437831123

**JYOTE MOTORS**
• BHUBANESWAR: LEWIS ROAD - 9776615020, 9776615035, 9776615032 NAYAPALLI - 7381355999, 7381366999 • KEONJHAR: 8599019854, 7064493469 • BARIPADA: 9437102597 • BHADRAK: 7381064240 • NAYAGARH: 7381028515 • BALASORE: 7064499108

**SKY AUTOMOBILES**
• BHUBANESWAR: 9776645711 • CUTTACK: 9776677771, 7381873818 • DHENKANAL: 9776900005 • JAJPUR: 9776900777

*Terms and conditions applicable. The Terms and Conditions are subject to change without any prior notice. All offers are brought to you by Maruti Suzuki Dealers only. Car models and accessories shown may vary from the actual product. Images used are for illustration purpose only. Savings include consumer and exchange offer and is valid from 1st August'18 to 31st August'18. Savings are mentioned for Alto 800, Celerio (AGS) and WagonR (AGS). Exciting offer mentioned is of WagonR AGS Model. Mentioned Exchange Bonus of ₹30,000 is only on Celerio and WagonR. Exclusive Offer of upto ₹5,100* for LIC employees and Agents, Navratna PSUs (as listed in Maruti DMS Database) and Govt. Health Dept. employees and Member of IFFCO linked Co-op Society & Employees of IFFCO & TOKIO only as applicable. All offers and the savings given above are applicable for the month of August'18 only. Offers as shown above may change without any prior notice.



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ



ଯାହାର ଚିତ୍ତ ସ୍ଥିର ନୁହେଁ, ତା'ଠାରୁ କେବେ ବିଜ୍ଞତା ଆଶା କରନାହିଁ।

- ଶିଶେରୋ



## ସଂକ୍ଷେପରେ

### ସଙ୍କଟରେ ରାଜ୍ୟ ଅର୍ଥ ନିଗମ ଭବିଷ୍ୟତ

**କଟକ ଅଫିସ, ୨୬।୮:** ଓଡ଼ିଶା ରାଜ୍ୟ ଅର୍ଥ ନିଗମ(ଓଏସ୍‌ଏଫ୍‌ସି)ର ଭବିଷ୍ୟତ କେଉଁ ଦିଗକୁ ଗତିକରୁଛି ତାହାର କୌଣସି ସ୍ପଷ୍ଟତା ନାହିଁ। ୬୦ ଦଶକରେ ରାଜ୍ୟରେ ଶିଳ୍ପାୟନର ଅଭିବୃଦ୍ଧି, କର୍ମନିଯୁକ୍ତି ସୁଯୋଗ ଓ ଶିଳ୍ପୋଦ୍ୟୋଗୀ ସୃଷ୍ଟି କରିବା ଲକ୍ଷ୍ୟରେ ଗଢ଼ି ଉଠିଥିବା ଏହି ନିଗମ ଏବେ ସଙ୍କଟରେ। ବିଧାନସଭା ତଥା ବିଭିନ୍ନ ଉଚ୍ଚସ୍ତରୀୟ ବୈଠକରେ ଓଏସ୍‌ଏଫ୍‌ସିର ସମସ୍ୟା ନେଇ ଆଲୋଚନା ହେଉଥିଲେ ମଧ ପରବର୍ତ୍ତୀ ସମୟରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ ବୋଲି ନିଗମର ଡେପୁଟି ମ୍ୟାନେଜର କାହ୍ନୁ ଚରଣ ପାଣିଗ୍ରାହୀ କହିଛନ୍ତି। ଓଏସ୍‌ଏଫ୍‌ସି କର୍ମଚାରୀ ସଂଘ ପକ୍ଷରୁ ରବିବାର ନିଗମ କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀ ଡକାଯାଇଥିଲା। ଡେପୁଟି ମ୍ୟାନେଜର ପାଣିଗ୍ରାହୀ ଅଧକ୍ଷତା କରିବା ସହ ନିଗମର ବିଭିନ୍ନ ସମସ୍ୟା ସମ୍ପର୍କରେ କହିଥିଲେ। ନିଗମ ପକ୍ଷରୁ ୨୮୨୨୨ ଶିଳ୍ପାନୁଷ୍ଠାନକୁ ପ୍ରାୟ ୧୩୧୦କୋଟି ଟଙ୍କାର ଋଣ ପ୍ରଦାନ କରାଯାଇଛି। ଏହା ମଧରୁ ୧୯୭୧୫ ଶିଳ୍ପାନୁଷ୍ଠାନ ଋଣ ପରିଶୋଧ କରିଥିବା ବେଳେ ୮୩୭୯ ଶିଳ୍ପାନୁଷ୍ଠାନ ବକେୟା ରଖିଛନ୍ତି। କର୍ମଚାରୀ ଆର୍ଥିକ ସଙ୍କଟରେ ଗତି କରି ଚାକିରି ଛାଡ଼ି ଚାଲିଯିବା ଯୋଗୁ ବକେୟା ଅର୍ଥ ଆଦାୟ କରାଯିବା ସମ୍ଭବ ହେଉନାହିଁ। ବନ୍ଧକ ସମ୍ପତ୍ତିକୁ ବାଜ୍ୟାପ୍ତ କରି ବିକ୍ରି କରିବା ମଧ ନିଗମ ପକ୍ଷେ ସହଜସାପେକ୍ଷ ହେଉନାହିଁ। ନିଗମର ସ୍ଥିତି କ୍ରମଶଃ ଦୁର୍ବଳ ହେଉଥିବା ବେଳେ କ୍ଷତି ମଧ ୪୦୦କୋଟି ଟଙ୍କା ଛୁଇଁ ସାରିଲାଣି। ନିଗମକୁ ପୁନରୁଦ୍ଧାର କରା ନ ଗଲେ ଆଗାମୀ ଦିନରେ ଓଡ଼ିଶାରେ ଶିଳ୍ପ ଓ କର୍ମସଂସ୍ଥାନ ବୁଡ଼ିଯିବ ବୋଲି ସହକାରୀ ମ୍ୟାନେଜର ବସନ୍ତ କୁମାର ଜେନା କହିଛନ୍ତି। ଓଏସ୍‌ଏଫ୍‌ସି କର୍ମଚାରୀ ସଂଘ ସଭାପତି ମାୟାଧର ମହାନ୍ତି, ପ୍ରସନ୍ନ ମହାନ୍ତି, ବୈରାଗୀ ଚରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ବଳଦେବଙ୍କ ଜନ୍ମ ଉତ୍ସବ

**ନିଶ୍ଚିନ୍ତକୋଇଲି,୨୬।୮(ସ୍ୱ.ପ୍ର.):** ନିଶ୍ଚିନ୍ତକୋଇଲି ବ୍ଲକର ପୁରପଲ୍ଲିରେ ରବିବାର ବଳଦେବଙ୍କ ଜନ୍ମ ଉତ୍ସବ ତଥା ଗହ୍ମା ପୂର୍ଣ୍ଣିମୀ ପାଳିତ ହୋଇଛି। ଘରେ ଘରେ ଗୋ ପୂଜା କରାଯିବା ସହ ରକ୍ଷା ବନ୍ଧନ ଉତ୍ସବ ମଧ ପାଳିତ ହୋଇଛି। ଜିମ୍ପିପୁର ବ୍ରହ୍ମକ୍ଷେତ୍ର ଓ ଅସୁରେଶ୍ୱର ଦଧିବାମନ ପୀଠରେ ଗହ୍ମା ଉତ୍ସବ ପାଳିତ ହୋଇଛି। ଅନନ୍ତ ପରିବାର ପକ୍ଷରୁ ନିଶ୍ଚିନ୍ତକୋଇଲି ପଞ୍ଚାୟତ ଓଥକାସ୍ଥିତ ଶ୍ରୀରାମ ଟୁଙ୍ଗିରେ ବଳଦେବଙ୍କ ପୂଜାର୍ଚ୍ଚନା, ପ୍ରଭୁ ଅନନ୍ତ କଳକୀଙ୍କ ପୂଜାର୍ଚ୍ଚନା ଓ ସଦଗୁରୁଙ୍କ ଜନ୍ମ ଉତ୍ସବ ପାଳିତ ହୋଇଛି। ଟୁଙ୍ଗି ମହନ୍ତ ବାଇଧର ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସୁବେଦୀ ବ୍ରାହ୍ମଣମାନେ ବେଦପାଠ ମାଧମରେ ପୂଜାର୍ଚ୍ଚନା କରିଥିଲେ। ବଟକୃଷ୍ଣ ସାହୁ, ମାନସ ରଞ୍ଜନ ସାହୁ ଓ ସୁବାସ ଦାସ ସହଯୋଗ କରିଥିଲେ। ନାମାଚାର୍ଯ୍ୟ ବୈରାଗୀ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅଖଣ୍ଡ ନାମ ନାମ ସଂକୀର୍ତ୍ତନ ଓ ରାସ ମାଳିକା ଚର୍ଚ୍ଚା କରାଯାଇଥିଲା।

### ଝୁଲଣ ପର୍ବ ଉଦ୍‌ଯାପିତ

**ତିଗିରିଆ,୨୬।୮(ଡି.ଏନ.ଏ.):** ତିଗିରିଆ ବ୍ଲକ ଗଦାଧରପୁରସ୍ଥିତ ଶ୍ରୀରଘୁନାଥଜୀଉଙ୍କ ପୀଠରେ ଚାଲିଥିବା ଝୁଲଣ ପର୍ବ ରବିବାର ଉଦ୍‌ଯାପିତ ହୋଇଛି। ଶ୍ରୀଜୀଉଙ୍କ ବେଶ ଦର୍ଶନ ଓ ଝୁଲଣ କୁଞ୍ଜରେ ପୂଜାର୍ଚ୍ଚନା କରିବା ଲାଗି ପ୍ରତ୍ୟେହ ସନ୍ଧ୍ୟାରେ ଶହଶହ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସନ୍ଧ୍ୟା ଆଳତି ପରେ ଶ୍ରୀଜୀଉଙ୍କ ଚଳନ୍ତି ପ୍ରତିମା ଝୁଲଣ କୁଞ୍ଜରେ ବିଜେ ହୋଇ ସର୍ବସାଧାରଣଙ୍କୁ ଦର୍ଶନ ଦେଇଥିଲେ। ରାତି ପ୍ରାୟ ୧୦ଟା ପର୍ଯ୍ୟନ୍ତ କୁଞ୍ଜରେ ରହିବା ପରେ ସିଂହାସନକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଗଦାଧରପୁର ସମେତ ବାଉଁଶପୁଟ, ଗଉଡ଼ପଦାପାଟଣା, ମଣିପୁର, ବିଷ୍ଣୁପୁର, ରଘୁରାମପୁର, ହରିଶରଣପୁର ଓ ମାନପୁର ଆଦି ଗ୍ରାମର ଲୋକେ ଝୁଲଣ ପର୍ବରେ ସାମିଲ ହୋଇ ପୂର୍ଜାର୍ଚ୍ଚନା କରିଥିଲେ। ମନ୍ଦିର ପରିଚାଳନା ପରିଷଦ ପକ୍ଷରୁ ପ୍ରତ୍ୟହ ନଦୀୟା ସଂକୀର୍ତ୍ତନ ଓ ଭଜନ ପରିବେଷଣ ସାଙ୍ଗକୁ ଭାଗବତ ପଠନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମନ୍ଦିର ପରିଚାଳନା ପରିଷଦ କର୍ମକର୍ତ୍ତା ଭରତ ଚନ୍ଦ୍ର ରାଉତ ଓ ସୁଦାମ ଚରଣ ସ୍ୱାଇଁଙ୍କ ସମେତ ଅନ୍ୟ ସଦସ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ।

# ସିଏମ୍‌ସିର ହାଇଟେକ୍ ପୋଖରୀ

**କଟକ ଅଫିସ,୨୬।୮**



ହାଇଟେକ୍ ପୋଖରୀ।

■ଆକର୍ଷଣ ହେବ ଅତ୍ୟାଧୁନିକ ଆଲୋକସଜ୍ଜା, ମ୍ୟୁଜିକ୍ ସିଷ୍ଟମ

■ସ୍ୱାୟତ୍ତ ଶାସନ ଦିବସରେ ଉଦ୍‌ଘାଟନ

ହରିପୁରରେ ଥିବା ଏକ ପୁରାତନ ପୋଖରୀ ହାଇଟେକ୍ ପୋଖରୀର ରୂପ ନେବ। ଏହି କାର୍ଯ୍ୟ କରିଛି କଟକ ମହାନଗର ନିଗମ(ସିଏମ୍‌ସି) । ୩୦ ଲକ୍ଷ ଟଙ୍କା ବ୍ୟୟରେ ହରିପୁର ଚନ୍ଦନ ପୋଖରୀରେ ଅତ୍ୟାଧୁନିକ ଆଲୋକସଜ୍ଜା, ମ୍ୟୁଜିକ ସିଷ୍ଟମ ବ୍ୟବସ୍ଥା ସାଙ୍ଗକୁ ପୋଖରୀ ପ୍ରାଚୀରଲୋକଚିତ୍ର କଳାରେ ଶୋଭା ପାଇବ । ପୋଖରୀଟି ପ୍ରାୟ ୫୦ ବର୍ଷର ପୁରୁଣା। ସୂଚନା ମୁତାବକ, ୧୨ ଗୁଣ୍ଠ ପରିବ୍ୟାପ୍ତ ଏହି ଚନ୍ଦନ ପୋଖରୀରେ ମହିଳା ଏବଂ ପୁରୁଷଙ୍କ ପାଇଁ ସ୍ୱତନ୍ତ୍ର ୩ଟି ତୁଠର ବ୍ୟବସ୍ଥା କରାଯାଇଛି । ଏହାକୁ ଆର୍କଷଣୀୟ କରିବା ପାଇଁ ପାଣିରେ ବତକ ଛଡାଯିବା ସହ ସକାଳେ ଏବଂ ସନ୍ଧ୍ୟାରେ ମ୍ୟୁଜିକ ସିଷ୍ଟମ ଦ୍ୱାରା ଭଜନ ଜଣାଣ ପରିବେଷଣ କରାଯିବ । ଏହା ସକାଳ ୬ଟାରୁ ରାତି ୮ଟା ଯାଏ ଖୋଲା ରହିବ ଏବଂ ପ୍ରତିଦିନ ଏହାକୁ ପରିଷ୍କାର ରଖିବା ପାଇଁ ଲୋକଙ୍କୁ ସଚେତନ କରାଯିବ। ପ୍ରବେଶ ଏବଂ ପ୍ରସ୍ଥାନ ପଥରେ ଦୁଇଜଣ କର୍ମଚାରୀ ରହିବେ । ସ୍ଥାନୀୟ ପୂଜା କମିଟି ଏବଂ ମହାନଗର ନିଗମର ମିଳିତ ସହଯୋଗରେ ଗତ ଦୁଇ ବର୍ଷ ହେବ ଏହି ନିର୍ମାଣ କାର୍ଯ୍ୟ ଚାଲୁଥିଲା । ଆସନ୍ତା ସ୍ୱାୟତ୍ତ ଶାସନ ଦିବସରେ ଏହାକୁ ଉଦ୍‌ଘାଟନ କରାଯିବ ବୋଲି ସିଏମ୍‌ସି କମିଶନର ବିକାଶ ମହାପାତ୍ର ସୂଚନା ଦେଇଛନ୍ତି ।

ହରିପୁର ଦୋଳମୁଣ୍ଡାଇ ପୂଜା କମିଟି ସଭାପତି ପ୍ରଦୀପ ମୂଳିଆଙ୍କ କହିବା ଅନୁଯାୟୀ, ଏହି ପୋଖରୀକୁ ଆମେ ପିଲା ବେଳୁ ଦେଖିଆସୁଛୁ । ରାଧାକୃଷ୍ଣଙ୍କ ଚାପ ଖେଳ ପାଇଁ ଏହି ପୋଖରୀ ସାରା ସହରରେ ବେଶ ଜଣାଶୁଣା । ଏବେ ମଧ ସହରକୁ ବିଭିନ୍ନ ଛୋଟମୋଟ ବ୍ୟବସାୟ କରିବାକୁ ଆସୁଥିବା ଲୋକେ ଏଠାରେ ସ୍ନାନ କରି ପାଖରେ ଥିବା ମନ୍ଦିରରେ ପୂଜାର୍ଚ୍ଚନା କରନ୍ତି । ତେବେ କାଳକ୍ରମେ ଏହାର ରକ୍ଷଣାବେକ୍ଷଣ ଠିକ ନ ହେବା ଯୋଗୁ ପୋଖରୀରେ ପଙ୍କ ଜମି ଆଉ ବ୍ୟବହାର ଉପଯୋଗୀ ନ ଥିଲା । ପୂଜା କମିଟି ପୁଷ୍କରିଣୀର ପୁନରୁଦ୍ଧାର ପାଇଁ ସ୍ଥାନୀୟ କର୍ପୋରେଟର ରଞ୍ଜନ ବିଶ୍ୱାଳଙ୍କ ସହଯୋଗରେ ୨୦୧୫ରେ ମହାନଗର ନିଗମ ସହ ଯୋଗାଯୋଗ କରି ପ୍ରକ୍ରିୟା ଆରମ୍ଭ କରିଥିଲା । କର୍ପୋରେଟର ବିଶ୍ୱାଳଙ୍କ କହିବା ଅନୁଯାୟୀ ହଜାରେ ବର୍ଷର ଏହି ପୁରୁଣା ସହରରେ ପୋଖରୀ ଏକ ପରିଚୟ କହିଲେ ଚଳେ । ତେବେ ବର୍ତ୍ତମାନ ସମୟରେ ଯଦି ଆମେ ଏହାର ଆଧୁନିକୀକରଣ କରି ଲୋକଙ୍କ ଆକର୍ଷଣ କରିପାରିଲୁ ତେବେ ଏହା ବେଶ୍ ଭଲ କଥା । କେବଳ ଆକର୍ଷଣ କାହିଁକି ସହରରେ ଏଭଳି ୬୦ରୁ ଊର୍ଦ୍ଧ୍ୱ ପୋଖରୀ ରହିଛି ସେଗୁଡିକର ପୁନରୁଦ୍ଧାର କଲେ ଲଗାଣ ବର୍ଷା ସମୟରେ ଏହି ପୁଷ୍କରିଣୀକୁ ମଧ ବର୍ଷା ଜଳ ବହୁ ମାତ୍ରାରେ ନିଷ୍କାସନ କରାଯାଇପାରିବ। ଯାହାଦ୍ୱାରା ସହରର ରାସ୍ତାଘାଟ ଉପରେ ଆଣ୍ଠୁଏ ଉଚ୍ଚର ପାଣି ଜମିବାରେ କିଛିଟା ସମାଧାନ ହୋଇପାରିବ । ସିଏମ୍‌ସି କମିଶନର ବିକାଶ ମହାପାତ୍ରଙ୍କ କହିବା ଅନୁଯାୟୀ, ଆଗାମୀ ଦିନରେ ସହରର ଅନ୍ୟ ପୋଖରୀଗୁଡ଼ିକ ମଧ ଏଭଳି ରୂପ ନେବ, ଯାହା ସହରର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହ ପୋଖରୀ ଉପରେ ନିର୍ଭର କରୁଥିବା ସାଧାରଣ ଲୋକ ମଧ ବେଶ ଉପକୃତ ହେବେ ।

## ପ୍ରେମିକଙ୍କ ସହ ମହିଳା ଜୀବନ ହାରିବା ଘଟଣା
# ୪ ଗିରଫ, ହତ୍ୟା ମାମଲା ରୁଜୁ

**ନିଶ୍ଚିନ୍ତକୋଇଲି,୨୬।୮(ସ୍ୱ.ପ୍ର.)**

ନିଶ୍ଚିନ୍ତକୋଇଲି ବ୍ଲକ କେନ୍ଦୁପାଟଣା ପଞ୍ଚାୟତରେ ଶନିବାର ଜଣେ ମହିଳା ଓ ତାଙ୍କ ପ୍ରେମିକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଥିଲା। ସେମାନେ ଏକ ପଙ୍ଖାରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଦେଖାଯାଇଥିଲା। ହେଲେ ଏହା ଆତ୍ମହତ୍ୟା ନୁହେଁ ବରଂ ହତ୍ୟାବୋଲି ମୃତ ଯୁବକଙ୍କ ବାପା ସାଲେପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଭିତ୍ତିକରି ସମ୍ପୃକ୍ତା ମହିଳାଙ୍କ ଶ୍ୱଶୁର ଇନ୍ଦ୍ରମଣି ବେହେରା, ଶାଶୁ ସଚିତ୍ର ବେହେରା, ସ୍ୱାମୀ କ୍ଷୀରୋଦ ବେହେରା ଓ ଦିଅର ବଳରାମ ବେହେରାଙ୍କୁ ରବିବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନଙ୍କ ବିରୋଧରେ ଦଫା ୩୦୨ ଓ ୩୪ ଆଇପିସି ଧାରାରେ ହତ୍ୟା ମାମଲା ରୁଜୁ ହୋଇଛି। ମୃତକଙ୍କ ମା' ଦୋଷୀଙ୍କୁ କଠୋର ଦଣ୍ଡ ଦେବାକୁ ଦାବି କରିଛନ୍ତି। ପ୍ରକାଶଯୋଗ୍ୟ, କେନ୍ଦୁପାଟଣା ପଞ୍ଚାୟତ ଖଣ୍ଡଗାଁ ଗ୍ରାମର ବାବୁ ପାତ୍ରଙ୍କ ପୁଅ ଭଞ୍ଜକିଶୋର(୨୮) ସେହି ଗ୍ରାମର ଜଣେ ମହିଳାଙ୍କୁ ପ୍ରେମ କରୁଥିଲେ। ଗତ ଶୁକ୍ରବାର ରାତିରେ ଭଞ୍ଜକିଶୋର ତାଙ୍କୁ ଦେଖା କରିବାକୁ ଆସିଥିଲେ। ସେ ମହିଳାଙ୍କ ଶୋଇବାଘରେ ପଶିଥିବାବେଳେ ମହିଳାଙ୍କ ଶାଶୁଘର ଲୋକେ ଏହା ଜାଣିପାରି ଉଭୟଙ୍କୁ ବାହାରପଟୁ କବାଟ ଦେଇ ଦେଇଥିଲେ। ଏହି ସମୟରେ ସେମାନେ କୌଣସି ଉପାୟନ ନ ପାଇ ରଶି ଲଗାଇ ଆତ୍ମହତ୍ୟା କରିଥିଲେ ବୋଲି ମହିଳାଙ୍କ ଶାଶୁଘର ଲୋକେ ପୋଲିସକୁ କହିଥିଲେ। କିନ୍ତୁ ଭଞ୍ଜ କିଶୋରଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ ଯେ, ସମ୍ପୃକ୍ତା ମହିଳାଙ୍କ ଶାଶୁ, ଶ୍ୱଶୁର, ସ୍ୱାମୀ ଓ ତାଙ୍କ ଦିଅର ମିଳିତଭାବେ ତାଙ୍କ ପୁଅକୁ ହତ୍ୟା କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ମାମଲା (ନଂ-୧୯୭/୧୮) ରୁଜୁ କରି ଶନିବାର ମହିଳାଙ୍କ ଶାଶୁ, ଶ୍ୱଶୁର ଓ ସ୍ୱାମୀଙ୍କୁ ଅଟକ ରଖିଥିଲା।

## କେନ୍ଦୁପଲ୍ଲୀରେ କିଡ୍‌ନୀ ଆକ୍ରାନ୍ତଙ୍କ ମୃତ୍ୟୁ

**ନରସିଂହପୁର,୨୬।୮(ସ୍ୱ.ପ୍ର.)**

ନରସିଂହପୁରରେ କିଡ୍‌ନୀ ରୋଗ ମହାମାରୀ ରୂପ ଧାରଣ କରିଥିବାବେଳେ ରବିବାର ଏଥିରେ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ କେନ୍ଦୁପଲ୍ଲୀ ଗ୍ରାମର ମହେଶ୍ୱର ପ୍ରଧାନ(୩୫)। ସେ ଦୀର୍ଘଦିନ ହେବ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇଥିଲେ। ତେବେ ଅର୍ଥ ଅଭାବ ଯୋଗୁ ତାଙ୍କର ଉପଯୁକ୍ତ ଚିକିତ୍ସା କରାଯାଇ ପାରି ନ ଥିଲା ବୋଲି ପରିବାର ଲୋକେ କହିଛନ୍ତି। ତେଣୁ ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ବରାହିପୁରରେ କଂଗ୍ରେସ କର୍ମୀ ସମ୍ମିଳନୀ

**ଲଳିତଗିରି,୨୬।୮(ସ୍ୱ.ପ୍ର.)**

ମାହାଙ୍ଗା ବ୍ଲକ ବରାହିପୁର ପଞ୍ଚାୟତସ୍ଥ ବିଦେଇ ମଠ ପରିସରରେ କଂଗ୍ରେସର ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବରିଷ୍ଠ କଂଗ୍ରେସ ନେତା ଦେବେନ୍ଦ୍ର କୁମାର ସାହୁ ଯୋଗଦେଇ ତୃଣମୂଳ ସ୍ତରରୁ ଦଳକୁ ମଜଭୁତ କରିବାକୁ ଉପସ୍ଥିତ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ନୃସିଂହ ଚରଣ ସ୍ୱାଇଁଙ୍କ ଅଧକ୍ଷତାରେ ଆୟୋଜିତ ସମ୍ମିଳନୀରେ ହରେକୃଷ୍ଣ ସ୍ୱାଇଁ, ଜଗବନ୍ଧୁ ରାଉତ, ଜଳଧର ରାଉତ, ଦେବେନ୍ଦ୍ର ସେଠୀ, ବ୍ରହ୍ମାନନ୍ଦ ରାଉତ, ଗଗନ ବିହାରୀ ଜେନା, ଶରତ ସେଠୀ, ନିରଞ୍ଜନ ସେଠୀ, ନବୀନ ସେଠୀ, ଜଳଧର ସାହୁ, ଧୁକୁନା ସେଠୀ, ରାମଚନ୍ଦ୍ର ସ୍ୱାଇଁ, ପରମାନନ୍ଦ ମଲିକ, ଉମେଶ ସ୍ୱାଇଁ, ଉମାକାନ୍ତ ପଣ୍ଡା, ପ୍ରମୋଦ ଖଣ୍ଡେଇ, ନବ କିଶୋର ସାମଲ, ବିଷ୍ଣୁ ଜେନା, ବୃନ୍ଦାବନ ସ୍ୱାଇଁ ଓ ହୃଦାନନ୍ଦ ସ୍ୱାଇଁ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।




ସମ୍ମିଳନୀରେ ଯୋଗ ଦେଇଥିବା ଅତିଥି ଓ କର୍ମକର୍ତ୍ତା।

# ପୁସ୍ତକ 'ଶବ୍ଦ କୁହୁକ' ଉନ୍ମୋଚିତ



ଅତିଥି ପୁସ୍ତକ ଉନ୍ମୋଚନ କରୁଛନ୍ତି।

**ନେମାଳ,୨୬।୮(ଡି.ଏନ.ଏ.)**

ନିଶ୍ଚିନ୍ତକୋଇଲି ବ୍ଲକ ନେମାଳ ଥାନା ଅଧୀନ ସାନ୍ତପୁର ଜୟନ୍ତୀଦେବୀ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ପୁସ୍ତକ 'ଶବ୍ଦ କୁହୁକ' ଉନ୍ମୋଚିତ ହୋଇଯାଇଛି। ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷା ଅଧିକାରୀ ମନୋରଞ୍ଜନ ବାରିକ ଯୋଗଦେଇ ପୁସ୍ତକର ଉନ୍ମୋଚନ କରିଥିଲେ। ପ୍ରଧାନଶିକ୍ଷକ କାର୍ତ୍ତିକ ଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଡ. ଗୋବିନ୍ଦ ଚନ୍ଦ୍ର ଭୂୟାଁ, ମୁଖ୍ୟବକ୍ତା ସାହିତ୍ୟିକ ବିଷ୍ଣୁ ଚରଣ ମିଶ୍ର, ସମ୍ମାନିତ ଅତିଥି ଶିକ୍ଷାବିତ୍ କୃଷ୍ଣଚନ୍ଦ୍ର ନାୟକ, ଅମୂଲ୍ୟ ମହାନ୍ତି, ସୋମନାଥ ମହାପାତ୍ର ଓ ସୁବାସ ଚନ୍ଦ୍ର ଦାସ ପ୍ରମୁଖ ଯୋଗଦେଇ ସାହିତ୍ୟକୁ ଋଦ୍ଧିମନ୍ତ କରିବାରେ କବିଙ୍କ ଲେଖନୀ ଚାଳନା ଏକାନ୍ତ ଆବଶ୍ୟକ ବୋଲି ମତ ଦେଇଥିଲେ। କବି ପ୍ରଫୁଲ୍ଲ ଷଡ଼ଙ୍ଗୀଙ୍କ ସଂଯୋଜନାରେ ହୋଇଥିବା ଏହି ପୁସ୍ତକଟି ପାଠକଙ୍କ ଦ୍ୱାରା ବେଶ ପ୍ରଶଂସନୀୟ ହେବ ବୋଲି ଅଶା କରାଯାଇଛି। ସାନ୍ତପୁର ସିଆରସିସି ଗଗନ ବିହାରୀ ଚାନ୍ଦ ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷକ ପ୍ରସନ୍ନ ସ୍ୱାଇଁ, କୁଞ୍ଜବିହାରୀ ଦାସ, ରବୀନ୍ଦ୍ରନାଥ ମଲ୍ଲିକ, ତପନ ସ୍ୱାଇଁ, ଶିକ୍ଷୟିତ୍ରୀ ସୁଚିତ୍ରା ଦାସ, ସୁଦୀପ୍ତା ମହାନ୍ତି ଓ ଏଲିନା ସାମଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ଓ ପରିଚାଳନା କମିଟି ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ଶେଷରେ ଶିକ୍ଷୟିତ୍ରୀ ସୁଧାଂଶୁବାଳା ଦେବୀ ଧନ୍ୟବାଦ ଅର୍ପଣ କରିଥିଲେ।

# ପୁରପଲ୍ଲୀରେ ରକ୍ଷାବନ୍ଧନ ଉତ୍ସବ

## ସଚେତନ କରାଇଲେ ଲୋକପ୍ରତିନିଧି



ନିଶ୍ଚିନ୍ତକୋଇଲିଠାରେ ବାଇକ୍ ଆରୋହୀଙ୍କୁ ରାଖୀ ବାନ୍ଧି ସଚେତନ କରାଯାଉଛି।

**ନିଶ୍ଚିନ୍ତକୋଇଲି,୨୬।୮(ସ୍ୱ.ପ୍ର.)**

ନିଶ୍ଚିନ୍ତକୋଇଲି ବ୍ଲକ ସଦର ମହକୁମା କଟକ ଚାନ୍ଦବାଲି ରାସ୍ତାରେ ରବିବାର ଦେଖିବାକୁ ମିଳିଥିଲା ନିଆରା ରକ୍ଷା ବନ୍ଧନ ଉତ୍ସବ। ନିଶ୍ଚିନ୍ତକୋଇଲି ପଞ୍ଚାୟତ ପକ୍ଷରୁ ସରପଞ୍ଚ ରବୀନ୍ଦ୍ର ସେଠୀଙ୍କ ଉଦ୍ୟମରେ ଅନୁଷ୍ଠିତ ହୋଇଥିଲା ଏହି ଉତ୍ସବ। ଜିଲାପରିଷଦ ସଭ୍ୟା ସବିତା ସାମଲ, ଜିଆର୍‌ଏସ୍ ରାଜେଶ ସାହୁ ଓ ଅଭିନେତା ବାପୁ ଦାସଙ୍କ ତତ୍ତ୍ୱାବଧାନରେ ହେଲମେଟ ପିନ୍ଧି ନ ଥିବା ବାଇକ୍ ଚାଳକଙ୍କୁ ଅଟକାଇ ତାଙ୍କ ହାତରେ ଜିଲାପରିଷଦ ସଭ୍ୟା ରାଖୀ ବାନ୍ଧି ଜୀବନ ସୁରକ୍ଷା ପାଇଁ ହେଲମେଟର ଆବଶ୍ୟକତା ଉପରେ ସଚେତନ କରାଇଥିଲେ। ବାପୁ ଦାସ ମଦ ପିଇ ଗାଡି ଚଳାଇଲେ କିଭଳି ଦୁର୍ଗତି ଘଟେ ସେ ନେଇ ସଚେତନ କରାଇଥିଲେ। ସରପଞ୍ଚ ସେଠୀ ସମସ୍ତ ଗାଡ଼ି ଚାଳକଙ୍କ ହାତରେ ରାଖୀ ବାନ୍ଧି ସଡକ ସୁରକ୍ଷା ସଚେତନତା କରାଇଥିଲେ। ପରେ ପଞ୍ଚାୟତ କାର୍ଯ୍ୟାଳୟରେ ରକ୍ଷାବନ୍ଧନ ଉତ୍ସବ ପାଳନ କରାଯାଇଥିଲା।

## ବରିଷ୍ଠ ନାଗରିକ ସଂଘର ରକ୍ଷା ବନ୍ଧନ

**ବାଙ୍କୀ,୨୬।୮(ସ୍ୱ.ପ୍ର.)**

ବାଙ୍କୀ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ରକ୍ଷା ବନ୍ଧନ ଉତ୍ସବ ପାଳିତ ହୋଇଛି। ସଂଘ ସଭାପତି ବିରଞ୍ଚି ଦାଶ ଉତ୍ସବରେ ଅଧକ୍ଷତା କରିଥିଲେ। ସମ୍ପାଦକ କୃତ୍ତିବାସ ପଣ୍ଡା କାର୍ଯ୍ୟକ୍ରମ ସପର୍କରେ ସୂଚନା ପ୍ରଦାନ କରିଥିଲେ। ପରେ କଚେରି ଛକରେ ଥବା ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ବି.କେ. ଗୌରୀ, ବି.କେ. ସୋନୁ ଓ ବି.କେ.ରାନୁ ସଂଘର ଭାଇମାନଙ୍କୁ ରାଖୀ ବାନ୍ଧିଥିଲେ। ରମାକାନ୍ତ ମହାପାତ୍ର, ପ୍ରଫୁଲ୍ଲ ସ୍ୱାଇଁ, ମୀନକେତନ ପରିଡା, ସୂର୍ଯ୍ୟମଣି ତ୍ରିପାଠୀ, ବ୍ରଜବନ୍ଧୁ ପାଲ୍, ରଞ୍ଜନ ସାମନ୍ତରାୟ, ବିଚିତ୍ରା ନନ୍ଦ ମହାପାତ୍ର, ଅକ୍ଷୟ ଛାଟୋଇ, ଧର୍ମ ପ୍ରସାଦ ମଙ୍ଗରାଜ, ଦେବରାଜ ରଣା, ଉମେଶ ଚନ୍ଦ୍ର ପଟ୍ଟନାୟକ, ଜ୍ଞାନେନ୍ଦ୍ର ମୋହନ ମିଶ୍ର, ଦେବେନ୍ଦ୍ର ନାଥ ବେହେରା, ଚିନ୍ତାମଣି ମହାପାତ୍ର ଓ ସତ୍ୟବ୍ରତ ରଥ ପ୍ରମୁଖ ଯୋଗ ଦେଇଥିଲେ। ସହ ସମ୍ପାଦକ ଶରତ ଚନ୍ଦ୍ର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ବୃକ୍ଷରେ ବାନ୍ଧିଲେ ରାଖୀ



ବାଙ୍କୀ ପରିବେଶ ସୁରକ୍ଷା ସମିତି ପକ୍ଷରୁ ବୃକ୍ଷରେ ରାଖୀ ବନ୍ଧାଯାଉଛି।

**ବାଙ୍କୀ,୨୬।୮(ସ୍ୱ.ପ୍ର.)**

ରବିବାର ରକ୍ଷାବନ୍ଧନ ଅବସରରେ ବାଙ୍କୀ ପରିବେଶ ସୁରକ୍ଷା ସମିତି ପକ୍ଷରୁ ବୃକ୍ଷରେ ରାଖୀ ବନ୍ଧାଯାଇ ସଚେତନତା କରାଯାଇଛି। ବୃକ୍ଷ ହିଁ ଜୀବନ ଓ ବୃକ୍ଷ ବିନା ଜୀବନ ମୂଲ୍ୟହୀନ ଏହି ମନ୍ତ୍ରକୁ ଆଧାର କରି ଚର୍ଚ୍ଚିକା ନୋଡାଲ୍ ଉପ୍ରା ବିଦ୍ୟାଳୟ ପରିସରରେ ଥିବା ବୃକ୍ଷ ଗୁଡିକୁ ପୂଜାର୍ଚ୍ଚନା ସହ ରାଖୀ ବନ୍ଧା ଯାଇଥିଲା। କାର୍ଯ୍ୟକ୍ରମରେ ଦୀପକ ସାମନ୍ତରାୟ, ପ୍ରାଧାପକ ମନୋଜ ମହାପାତ୍ର, ଆନନ୍ଦ ବଥୁଆଳା, ମାନସ ନନ୍ଦ, ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ, ଜ୍ୟୋତିପ୍ରକାଶ ପାଢୀ, ନିରଞ୍ଜନ ମହାଭୋଇ, ଗୌତମ ମିଶ୍ର, ସତ୍ୟବ୍ରତ ବେହେରା ଓ ଅମିତ୍ କୁମାର ସାହୁ ପ୍ରମୁଖ ସାମିଲ୍ ହୋଇଥିଲେ।

## ନରସିଂହପୁରରେ ରକ୍ଷାବନ୍ଧନ ଉତ୍ସବ

**ନରସିଂହପୁର, ୨୬।୮(ସ୍ୱ.ପ୍ର.)**

ହିନ୍ଦୁ ପ୍ରଥା ଓ ପରମ୍ପରାର ମହାନ ଉଦାହରଣ ପବିତ୍ର ରକ୍ଷାବନ୍ଧନ ଉତ୍ସବ ନରସିଂହପୁର ବ୍ଲକର ବିଭିନ୍ନ ଅନୁଷ୍ଠାନ ସମେତ ହିନ୍ଦୁ ଧର୍ମର ପ୍ରତିଟି ପରିବାରରେ ପାଳିତ ହୋଇଯାଇଛି। ଶରଧାପୁରସ୍ଥିତ ବିବେକାନନ୍ଦ ପବ୍ଲିକ ସ୍କୁଲ, ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଓ ବିନ୍ଧ୍ୟବାହିନୀ ଅନାଥା ସେବାଶ୍ରମ ଦ୍ୱାରା ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଛି।

# ପୁଣି ଜବତ ହେଲା ଚୋରାକାଠ

**ମାହାଙ୍ଗା/ଲଳିତଗିରି,୨୬।୮(ସ୍ୱ.ପ୍ର.)**

■ବ୍ୟବସାୟୀରଙ୍କ ଘର ନିକଟରେ ପଡ଼ିଥିଲା

■ରାସ୍ତା କଡ଼ରେ ପଡ଼ିଥିବା କୁହାଗଲା

■ବନ ବିଭାଗ ଉପରେ ବଢୁଛି ସନ୍ଦେହ



ବନବିଭାଗ ଜବତ କରିଥିବା କାଠ।

ମାହାଙ୍ଗା ବ୍ଲକ ଗୌଡ଼ପଡ଼ା ବଜାର ନିକଟ ଓଡ଼ା ଗ୍ରାମର ଜଣେ କାଠ ବ୍ୟବସାୟୀଙ୍କ ଘର ନିକଟରୁ ରବିବାର ବୈରୀ ବନ ବିଭାଗ ଚୋରାକାଠ ଜବତ କରିଛି। ହେଲେ ଏହି ଜବତ କାଠକୁ ନେଇ ବନବିଭାଗ ଉପରେ ସନ୍ଦେହ ପ୍ରକାଶ ପାଇଛି। କାରଣ ଗତ ଶନିବାର ବ୍ଲକ ଅଧୀନ ପଶୁଲୁଣ୍ଡା ଗ୍ରାମର ରାସ୍ତା କଡ଼ରୁ ବନ ବିଭାଗ ଆକାଶୀ କାଠ ଜବତ କରିଥିଲା। ଏହି ସମୟରେ ଗୌଡ଼ପଡ଼ା ବଜାର ନିକଟ ଓଡ଼ା ଗ୍ରାମର ଜଣେ ବ୍ୟବସାୟୀଙ୍କ ଘର ନିକଟରେ ଚୋରା କାଠ ପଡ଼ିଥିବା ନେଇ ବନବିଭାଗ କର୍ମଚାରୀ ସୂଚନା ପାଇଥିଲେ। ଏହାପରେ ମାହାଙ୍ଗା ଫରେଷ୍ଟ ଗାର୍ଡ ଜାକିର ଖାନ ଉକ୍ତ ସ୍ଥାନକୁ ଯାଇ ତଦନ୍ତ କରିବା ସହ ସେଠାକାର କାଠ ବ୍ୟବସାୟୀଙ୍କ ସହ ଆଲୋଚନା କରିଥିଲେ। ଏହି ସମୟରେ କାଠ ବ୍ୟବସାୟୀ ସେଠାରେ ପଡ଼ିଥିବା କାଠ ତାଙ୍କର ବୋଲି ସ୍ୱୀକାର କରିଥିଲେ। ଏଥିସହିତ ସେ ବୈରୀ ରେଞ୍ଜରଙ୍କୁ ସମସ୍ତ କାଗଜ ପତ୍ର ଦେଖାଇବେ ବୋଲି କହିଥିଲେ। ଫଳରେ ସେଠାକୁ ଯାଇଥିବା ବନ କର୍ମଚାରୀ କାଠ ଜବତ କରି ନ ଥିଲେ କିମ୍ବା ଏହି କାଠକୁ ଜଗିବା ପାଇଁ କୌଣସି ବନ କର୍ମଚାରୀ ନିୟୋଜିତ ହୋଇ ନ ଥିଲେ। ଏହି ଘଟଣା ବିଭିନ୍ନ ଗଣମାଧ୍ୟମରେ ରବିବାର ପ୍ରକାଶ ପାଇଥିଲା। ଫଳରେ ବନ ବିଭାଗ ପକ୍ଷରୁ ରବିବାର ଗୌଡ଼ପଡ଼ା ନିକଟ ଓଡ଼ା ଗ୍ରାମରୁ ୨୯ ସିଫଟ୍ ଆକାଶୀ ଓ ୨.୫ କୁଇଣ୍ଟାଲ ଜାଳେଣି କାଠ ଜବତ କରାଯାଇଛି। କିନ୍ତୁ ଶନିବାର ସେଠାରେ ଯେତିକି ପରିମାଣ କାଠ ପଡିଥିଲା। ରାତିରେ ସେଥିରୁ ଅଧା ଉଭାନ ହୋଇଯାଇଛି। ଏପରି କି ଏହି କାଠ ଜଣେ କାଠ ବ୍ୟବସାୟୀଙ୍କ ନିଜ ଜାଗାରେ ପଡ଼ିଥିବାବେଳେ ଏହାକୁ ବନ ବିଭାଗ ରାସ୍ତାକଡ଼ରେ ପଡ଼ିଥିବା କହୁଛି। ଫଳରେ କୌଣସି ମାମଲା ରୁଜୁ କରୁନାହିଁ। ଯାହାକୁ ନେଇ ବନବିଭାଗର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଫରେଷ୍ଟ ଗାର୍ଡ ଖାନ କହିଛନ୍ତି, ଜବତ କାଠ କାହାର ତାହା ଜଣାପଡିନାହିଁ କିମ୍ବା କୌଣସି ମାମଲା ରୁଜୁ ହୋଇନାହିଁ। ସୋମବାର ଯାହା ତଥ୍ୟ ଦେବା କଥା ଦେବି ବୋଲି କହିଥିଲେ। ବୈରୀ ବନାଞ୍ଚଳ ଅଧିକାରୀ ରଞ୍ଜନ ମିଶ୍ର କହିଛନ୍ତି, ଆମେ କାଠ ଜବତ କରିଛୁ। ଆଗାମୀ ଦିନରେ ଏହାର ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ବୋଲି କହି ଅନେକ ପ୍ରଶ୍ନକୁ ଏଡ଼ାଇ ଯାଇଥିଲେ। କଟକ ଜିଲା ବନ ଅଧିକାରୀ ସୁଦର୍ଶନ ପାତ୍ର କହିଛନ୍ତି, ଏହା ଉପରେ ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଥିଲେ। ତେବେ ଆଗାମୀ ଦିନରେ ଏହା ଉପରେ କ'ଣ ପଦକ୍ଷେପ ନିଆଯାଉଛି ତାହା ଦେଖିବାକୁ ଏବେ ସମସ୍ତଙ୍କ ଅପେକ୍ଷା।



ଯାହାର ଚିତ୍ତ ସ୍ଥିର ନୁହେଁ, ତା'ଠାରୁ କେବେ ବିଜ୍ଞତା ଆଶା କରନାହିଁ।
- ଶିଶେରୋ



## ସଂକ୍ଷେପରେ

### ମହିଳାଙ୍କୁ ବଳାତ୍କାର ଉଦ୍ୟମ

**କଟକ ସଦର, ୨୬।୮ (ଡି.ଏନ୍.ଏ.):** କିଶୋର ନଗର ଥାନା ଅଧୀନ ସୁଦୁଖଣ୍ଡ ଅଞ୍ଚଳର ଜଣେ ମହିଳାଙ୍କୁ ତାଙ୍କ ଶ୍ୱଶୁର ବଳାତ୍କାର ଉଦ୍ୟମ କରିଥିବା ରବିବାର ଅଭିଯୋଗ ହୋଇଛି। ସମ୍ପୃକ୍ତା ମହିଳାଙ୍କ ଏତଲାକୁ ଭିତ୍ତିକରି ପୋଲିସ ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷରେ ଶ୍ୱଶୁରଙ୍କ ପକ୍ଷରୁ ଗତ ୨୪ ତାରିଖରେ ଏକ ଏତଲା ଦିଆଯାଇଥିଲା। ଏଥିରେ ନିଜ ପୁଅ ଅନ୍ୟ ଜଣେ ଝିଅକୁ ନେଇ କୁଆଡେ ପଳେଇ ଯାଇଛି ବୋଲି ଉଲ୍ଲେଖ ଥିଲା। ପୋଲିସ ଏହି ମାମଲାର ତଦନ୍ତ କରୁଥିବାବେଳେ ଅଧିକ ତଥ୍ୟ ଦେବା ପାଇଁ ମନା କରିଥିଲା। ମହିଳାଙ୍କର ୧୧ ମାସର ଝିଅ ଅଛି। ଶନିବାର ରାତିରେ ଶାଶୁଘରେ ମା ଓ ଶିଶୁକନ୍ୟା ଶୋଇଥିବାବେଳେ ଶ୍ୱଶୁର ବଳାତ୍କାର ଉଦ୍ୟମ କରିଥିଲେ। ହେଲେ ବିବରଣୀ ଲେଖାଯିବାବେଳକୁ ଥାନାରେ ମାମଲା ରୁଜୁ ହୋଇ ନ ଥିଲା।

### କମେଣ୍ଟ ମରାକୁ ନେଇ ଗଣ୍ଡଗୋଳ: ୩ ଆହତ

**ନିଆଳି, ୨୬।୮ (ଡି.ଏନ୍.ଏ.):** ଜଳାରପୁର ପଞ୍ଚାୟତ ଅଧୀନ ସାହାନାଜପୁର ଗ୍ରାମ ନିକଟ ପ୍ରାଚୀ ନଦୀ ପୋଲ ଉପରେ କମେଣ୍ଟ ମରାକୁ ନେଇ ଗଣ୍ଡଗୋଳ ଘଟିଛି। ଏଥିରେ ୩ ଜଣ ଆହତ ହୋଇଛନ୍ତି। ଏ ନେଇ ସାହାନାଜପୁର ଗ୍ରାମର ଜିତେନ୍ଦ୍ର ସୁର ନିଆଳି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗରୁ ଜଣାପଡିଛି, ଜିତେନ୍ଦ୍ରଙ୍କ ଘରକୁ ରାଖୀ ବାନ୍ଧିବା ପାଇଁ ତାଙ୍କର ବନ୍ଧୁଙ୍କ ମା ଓ ଝିଅ ଆସିଥିଲେ। ଅପରାହ୍ଣରେ ସେମାନେ ନିଜ ଗାଁକୁ ଫେରୁଥିବାବେଳେ ନଦୀ ପୋଲ ଉପରେ ଭଗବତପଡ଼ା ଗ୍ରାମର ୪ ଜଣ ଯୁବକ ହାପି, ବୁବୁନା, ସୋନି ଓ ବୁଲା ସେମାନେ କମେଣ୍ଟ ମାରି ବାଟ ଓଗାଳିଥିଲେ। ଫଳରେ ମା ଓ ଝିଅ ଘରକୁ ଯାଇ ନ ପାରି ଜିତେନ୍ଦ୍ରଙ୍କ ଘରକୁ ଫେରି ସବୁକଥା କହିଥିଲେ। ଏହାପରେ ଜିତେନ୍ଦ୍ର ତାଙ୍କ ବାପା ସୁରେଶ ସୁର, ଦାଦା ଉଗ୍ରସେନ ସୁର, ସୁକାନ୍ତ ବେହେରା ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଯୁବକମାନଙ୍କୁ ଘଟଣା ସମ୍ପର୍କରେ ପଚାରିଥିଲେ। ଏଥିରେ ସେମାନେ ଉତ୍ତ୍ୟକ୍ତ ହୋଇ ପାଖରେ ରଖିଥିବା ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ସୁରେଶ, ଉଗ୍ରସେନ, ସୁକାନ୍ତ ଆହତ ହୋଇଥିଲେ। ଚିକିତ୍ସା ଲାଗି ସେମାନଙ୍କୁ ନିଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ସୁରେଶଙ୍କ ଅବସ୍ଥା ଗୁରୁତର ହେବାରୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

# ସିଏମ୍‌ସିର ହାଇଟେକ୍ ପୋଖରୀ

■ସ୍ୱାୟତ୍ତ ଶାସନ ଦିବସରେ ଉଦ୍‌ଘାଟନ ହେବ

■ଆକର୍ଷଣ ହେବ ଅତ୍ୟାଧୁନିକ ଆଲୋକସଜ୍ଜା, ମ୍ୟୁଜିକ୍ ସିଷ୍ଟମ

**କଟକ ଅଫିସ,୨୬।୮**

ହରିପୁରରେ ଥିବା ଏକ ପୁରାତନ ପୋଖରୀ ହାଇଟେକ୍ ପୋଖରୀର ରୂପ ନେବ। ଏହି କାର୍ଯ୍ୟ କରିଛି କଟକ ମହାନଗର ନିଗମ(ସିଏମ୍‌ସି) । ୩୦ ଲକ୍ଷ ଟଙ୍କା ବ୍ୟୟରେ ହରିପୁର ଚନ୍ଦନ ପୋଖରୀରେ ଅତ୍ୟାଧୁନିକ ଆଲୋକସଜ୍ଜା, ମ୍ୟୁଜିକ ସିଷ୍ଟମ ବ୍ୟବସ୍ଥା ସାଙ୍ଗକୁ ପୋଖରୀ ପ୍ରାଚୀରଲୋକଚିତ୍ର କଳାରେ ଶୋଭା ପାଇବ । ପୋଖରୀଟି ପ୍ରାୟ ୫୦ ବର୍ଷର ପୁରୁଣା। ସୂଚନା ମୁତାବକ, ୧୨ ଗୁଣ୍ଠ ପରିବ୍ୟାପ୍ତ ଏହି ଚନ୍ଦନ ପୋଖରୀରେ ମହିଳା ଏବଂ ପୁରୁଷଙ୍କ ପାଇଁ ସ୍ୱତନ୍ତ୍ର ୩ଟି ତୁଠର ବ୍ୟବସ୍ଥା କରାଯାଇଛି । ଏହାକୁ ଆର୍କଷଣୀୟ କରିବା ପାଇଁ ପାଣିରେ ବତକ ଛଡାଯିବା ସହ ସକାଳେ ଏବଂ ସନ୍ଧ୍ୟାରେ ମ୍ୟୁଜିକ ସିଷ୍ଟମ ଦ୍ୱାରା ଭଜନ ଜଣାଣ ପରିବେଷଣ କରାଯିବ । ଏହା ସକାଳ ୬ଟାରୁ ରାତି ୮ଟା ଯାଏ ଖୋଲା ରହିବ ଏବଂ ପ୍ରତିଦିନ ଏହାକୁ ପରିଷ୍କାର ରଖିବା ପାଇଁ ଲୋକଙ୍କୁ ସଚେତନ କରାଯିବ। ପ୍ରବେଶ ଏବଂ ପ୍ରସ୍ଥାନ ପଥରେ ଦୁଇଜଣ କର୍ମଚାରୀ ରହିବେ । ସ୍ଥାନୀୟ ପୂଜା କମିଟି ଏବଂ ମହାନଗର ନିଗମର ମିଳିତ ସହଯୋଗରେ ଗତ ଦୁଇ ବର୍ଷ ହେବ ଏହି ନିର୍ମାଣ କାର୍ଯ୍ୟ ଚାଲୁଥିଲା । ଆସନ୍ତା ସ୍ୱାୟତ୍ତ ଶାସନ ଦିବସରେ ଏହାକୁ ଉଦ୍‌ଘାଟନ କରାଯିବ ବୋଲି ସିଏମ୍‌ସି କମିଶନର ବିକାଶ ମହାପାତ୍ର ସୂଚନା ଦେଇଛନ୍ତି ।



ହାଇଟେକ୍ ପୋଖରୀ।

ହରିପୁର ଦୋଳମୁଣ୍ଡାଇ ପୂଜା କମିଟି ସଭାପତି ପ୍ରଦୀପ ମୂଳିଆଙ୍କ କହିବା ଅନୁଯାୟୀ, ଏହି ପୋଖରୀକୁ ଆମେ ପିଲା ବେଳୁ ଦେଖିଆସୁଛୁ । ରାଧାକୃଷ୍ଣଙ୍କ ଚାପ ଖେଳ ପାଇଁ ଏହି ପୋଖରୀ ସାରା ସହରରେ ବେଶ ଜଣାଶୁଣା । ଏବେ ମଧ୍ୟ ସହରକୁ ବିଭିନ୍ନ ଛୋଟମୋଟ ବ୍ୟବସାୟ କରିବାକୁ ଆସୁଥିବା ଲୋକେ ଏଠାରେ ସ୍ନାନ କରି ପାଖରେ ଥିବା ମନ୍ଦିରରେ ପୂଜାର୍ଚ୍ଚନା କରନ୍ତି । ତେବେ କାଳକ୍ରମେ ଏହାର ରକ୍ଷଣାବେକ୍ଷଣ ଠିକ ନ ହେବା ଯୋଗୁ ପୋଖରୀରେ ପଙ୍କ ଜମି ଆଉ ବ୍ୟବହାର ଉପଯୋଗୀ ନ ଥିଲା । ପୂଜା କମିଟି ପୁଷ୍କରିଣୀର ପୁନରୁଦ୍ଧାର ପାଇଁ ସ୍ଥାନୀୟ କର୍ପୋରେଟର ରଞ୍ଜନ ବିଶ୍ୱାଳଙ୍କ ସହଯୋଗରେ ୨୦୧୫ରେ ମହାନଗର ନିଗମ ସହ ଯୋଗାଯୋଗ କରି ପ୍ରକ୍ରିୟା ଆରମ୍ଭ କରିଥିଲା । କର୍ପୋରେଟର ବିଶ୍ୱାଳଙ୍କ କହିବା ଅନୁଯାୟୀ ବହୁ ବର୍ଷର ଏହି ପୁରୁଣା ସହରରେ ପୋଖରୀ ଏକ ପରିଚୟ କହିଲେ ଚଳେ । ତେବେ ବର୍ତ୍ତମାନ ସମୟରେ ଯଦି ଆମେ ଏହାର ଆଧୁନିକୀକରଣ କରି ଲୋକଙ୍କ ଆକର୍ଷଣ କରିପାରିଲୁ ତେବେ ଏହା ବେଶ୍ ଭଲ କଥା । କେବଳ ଆକର୍ଷଣ କାହିଁକି ସହରରେ ଏଭଳି ୬୦ରୁ ଊର୍ଦ୍ଧ୍ୱ ପୋଖରୀ ରହିଛି ସେଗୁଡିକର ପୁନରୁଦ୍ଧାର କଲେ ଲଗାଣ ବର୍ଷା ସମୟରେ ଏହି ପୁଷ୍କରିଣୀକୁ ମଧ୍ୟ ବର୍ଷା ଜଳ ବହୁ ମାତ୍ରାରେ ନିଷ୍କାସନ କରାଯାଇପାରିବ। ଯାହାଦ୍ୱାରା ସହରର ରାସ୍ତାଘାଟ ଉପରେ ଆଣ୍ଠୁଏ ଉଚ୍ଚର ପାଣି ଜମିବାରେ କିଛିଟା ସମାଧାନ ହୋଇପାରିବ । ସିଏମ୍‌ସି କମିଶନର ବିକାଶ ମହାପାତ୍ରଙ୍କ କହିବା ଅନୁଯାୟୀ, ଆଗାମୀ ଦିନରେ ସହରର ଅନ୍ୟ ପୋଖରୀଗୁଡ଼ିକ ମଧ୍ୟ ଏଭଳି ରୂପ ନେବ, ଯାହା ସହରର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହ ପୋଖରୀ ଉପରେ ନିର୍ଭର କରୁଥିବା ସାଧାରଣ ଲୋକ ମଧ୍ୟ ବେଶ ଉପକୃତ ହେବେ ।




ୟୁଥ୍ ହଷ୍ଟେଲସ୍ ଆସୋସିଏଶନ ଅଫ୍ ଇଣ୍ଡିଆ କଟକ ୟୁନିଟ୍ ପକ୍ଷରୁ ଜବାହରଲାଲ ନେହେରୁ ଇନଡୋର ଷ୍ଟାଡିୟମ ନିକଟରୁ 'କ୍ଲିନ୍ କଟକ ଗ୍ରୀନ୍ କଟକ' ସଚେତନତା ବାର୍ତ୍ତା ନେଇ ବାହାରିଥିବା ସାଇକେଲ ଶୋଭାଯାତ୍ରା।

## ଆଜି ଉଦ୍‌ଘାଟନ ହେବ ନୂତନ ଡିସିପି କାର୍ଯ୍ୟାଳୟ

**କଟକ ଅଫିସ, ୨୬।୮:** ନୂତନ ଭାବେ ନିର୍ମାଣ ହୋଇଥିବା କଟକ ଡିସିପିଙ୍କ କାର୍ଯ୍ୟାଳୟ ସୋମବାର ଅପରାହ୍ଣ ୫ଟା ୩୦ ମିନିଟ୍‌ରେ ଉଦ୍‌ଘାଟନ ହେବ। ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରିବେ ବୋଲି କଟକ ଡିସିପି ଅଖିଳେଶ୍ୱର ସିଂ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ପୋଲିସ ବିଭାଗ ବହୁ ଅଧିକାରୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

## ସଙ୍କଟରେ ରାଜ୍ୟ ଅର୍ଥ ନିଗମ ଭବିଷ୍ୟତ

### ସରକାର ଦୃଷ୍ଟି ନ ଦେଲେ ବୁଡ଼ିଯିବ ଶିଳ୍ପ, କର୍ମସଂସ୍ଥାନ

**କଟକ ଅଫିସ, ୨୬।୮**

ଓଡ଼ିଶା ରାଜ୍ୟ ଅର୍ଥ ନିଗମ(ଓଏସ୍ଏଫ୍‌ସି)ର ଭବିଷ୍ୟତ କେଉଁ ଦିଗକୁ ଗତିକରୁଛି ତାହାର କୌଣସି ସ୍ପଷ୍ଟତା ନାହିଁ। ୬୦ ଦଶକରେ ରାଜ୍ୟରେ ଶିଳ୍ପାୟନର ଅଭିବୃଦ୍ଧି, କର୍ମନିଯୁକ୍ତି ସୁଯୋଗ ଓ ଶିଳ୍ପୋଦ୍ୟୋଗୀ ସୃଷ୍ଟି କରିବା ଲକ୍ଷ୍ୟରେ ଗଢ଼ି ଉଠିଥିବା ଏହି ନିଗମ ଏବେ ସଙ୍କଟରେ। ବିଧାନସଭା ତଥା ବିଭିନ୍ନ ଉଚ୍ଚସ୍ତରୀୟ ବୈଠକରେ ଓଏସ୍ଏଫ୍‌ସିର ସମସ୍ୟା ନେଇ ଆଲୋଚନା ହେଉଥିଲେ ମଧ୍ୟ ପରବର୍ତ୍ତୀ ସମୟରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ ବୋଲି ନିଗମର ଡେପୁଟି ମ୍ୟାନେଜର କାହ୍ନୁ ଚରଣ ପାଣିଗ୍ରାହୀ କହିଛନ୍ତି। ଓଏସ୍ଏଫ୍‌ସି କର୍ମଚାରୀ ସଂଘ ପକ୍ଷରୁ ରବିବାର ନିଗମ କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀ ଡକାଯାଇଥିଲା । ଏହି ଅବସରରେ ଡେପୁଟି ମ୍ୟାନେଜର ପାଣିଗ୍ରାହୀ ଅଧ୍ୟକ୍ଷତା କରିବା ସହ ନିଗମର ବିଭିନ୍ନ ସମସ୍ୟା ସମ୍ପର୍କରେ କହିଥିଲେ। ନିଗମ ପକ୍ଷରୁ ୨୮୨୨୨ ଶିଳ୍ପାନୁଷ୍ଠାନକୁ ପ୍ରାୟ ୧୩୧୦କୋଟି ଟଙ୍କାର ଋଣ ପ୍ରଦାନ କରାଯାଇଛି। ଏହା ମଧ୍ୟରୁ ୧୯୭୧୫ ଶିଳ୍ପାନୁଷ୍ଠାନ ଋଣ ପରିଶୋଧ କରିଥିବା ବେଳେ ୮୩୭୯ ଶିଳ୍ପାନୁଷ୍ଠାନ ବକେୟା ରଖିଛନ୍ତି। କର୍ମଚାରୀମାନେ ଆର୍ଥିକ ସଙ୍କଟ ମଧ୍ୟରେ ଗତି କରି ଚାକିରି ଛାଡ଼ି ଚାଲିଯିବା ଯୋଗୁ ବକେୟା ଅର୍ଥ ଆଦାୟ କରାଯିବା ସମ୍ଭବ ପର ହେଉନାହିଁ। ବନ୍ଧକ ସମ୍ପତ୍ତିକୁ ବାଜ୍ୟାପ୍ତ କରି ବିକ୍ରି କରିବା ମଧ୍ୟ ନିଗମ ପକ୍ଷେ ସହଜସାପେକ୍ଷ ହେଉନାହିଁ। ନିଗମର ସ୍ଥିତି କ୍ରମଶଃ ଦୁର୍ବଳ ହେଉଥିବା ବେଳେ କ୍ଷତି ମଧ୍ୟ ୪୦୦କୋଟି ଟଙ୍କା ଛୁଇଁ ସାରିଲାଣି। ନିଗମକୁ ପୁନରୁଦ୍ଧାର କରା ନ ଗଲେ ଆଗାମୀ ଦିନରେ ଓଡ଼ିଶାରେ ଶିଳ୍ପ ଓ କର୍ମସଂସ୍ଥାନ ବୁଡ଼ିଯିବ ବୋଲି ସହକାରୀ ମ୍ୟାନେଜର ବସନ୍ତ କୁମାର ଜେନା କହିଛନ୍ତି। ଓଏସ୍ଏଫ୍‌ସି କର୍ମଚାରୀ ସଂଘ ସଭାପତି ମାୟାଧର ମହାନ୍ତି, ସାଧାରଣ ସମ୍ପାଦକ ପ୍ରସନ୍ନ କୁମାର ମହାନ୍ତି, କୋଷାଧ୍ୟକ୍ଷ ବୈରାଗୀ ଚରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ରକ୍ଷାବନ୍ଧନ ଉତ୍ସବ

**ଚୌଦ୍ୱାର/ନିଆଳି,୨୬।୮ (ଡି.ଏନ.ଏ.)**
ଚୌଦ୍ୱାର ଜେଲ୍‌ରେ ରବିବାର ରକ୍ଷା ବନ୍ଧନ ଉତ୍ସବ ପାଳିତ ହୋଇଛି। ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଚୌଦ୍ୱାର ଶାଖା ଓ ଚୌଦ୍ୱାର ସରସ୍ୱତୀ ଶିଶୁମନ୍ଦିରର ଛାତ୍ରୀଛାତ୍ରମାନେ ଜେଲକୁ ଯାଇ ଅନ୍ତେବାସୀମାନଙ୍କ ହାତରେ ରାଖୀ ବାନ୍ଧିଥିଲେ। ଜେଲ୍ ସୁପରିଣ୍ଟେଣ୍ଡେଣ୍ଟ ରବୀନ୍ଦ୍ର କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଜେଲର ହେମନ୍ତ କୁମାର ସେଠୀଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

ରକ୍ଷାବନ୍ଧନ ଉତ୍ସବ ଅବସରରେ ନିଆଳିରେ ଗହ୍ମାଡିଆଁ ପର୍ବ ପାଳିତ ହୋଇଛି। ନିଆଳି ବଙ୍ଗାଳିସାହିସ୍ଥିତ ଶୁଭନେଶ୍ୱର ମହାଦେବଙ୍କ ଚଳନ୍ତି ପ୍ରତିମା ଉମା ଚନ୍ଦ୍ରଶେଖରଙ୍କୁ ଶୋଭାଯାତ୍ରାରେ ପୂର୍ବଖଣ୍ଡ ଗ୍ରାମମୁଣ୍ଡରେ ଥିବା ଏକ ମଣ୍ଡପରେ ଅବସ୍ଥାନ କରାଯାଇଥିଲା। ସେଠାରେ ଆଗରୁ ବାଲିରେ ବ୍ରହ୍ମାସୁରର ଏକ ଛବି କରାଯାଇଥିଲା। ଶ୍ରୀଜୀଉ ପୂଜାର୍ଚ୍ଚନା ସରିବା ପରେ ବାଲିରେ ସ୍ଥାପିତ ବ୍ରହ୍ମାସୁରକୁ ବଧ କରାଯାଇଥିଲା। ଏହାପରେ ଠାକୁରଙ୍କୁ ଶୋଭାଯାତ୍ରାରେ ମନ୍ଦିରକୁ ନିଆଯାଇଥିଲା।

## ମହିଳାଙ୍କୁ ବିଷ ପିଆଇ ମାରିଦେବା ଘଟଣା: ସ୍ୱାମୀ, ଦେଢଶୁର ଗିରଫ

**କଟକ ସଦର, ୨୬।୮(ଡି.ଏନ୍.ଏ.)**

କଟକ ସଦର ଥାନା ଅଧୀନ ୪୨ ମୌଜା ବରାଳ ଗ୍ରାମର ଜ୍ୟୋସ୍ନାରାଣୀ ଭୂୟାଁ(୩୨)ଙ୍କର ଗତ ୮ ତାରିଖରେ କଟକ ବଡ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ଜ୍ୟୋସ୍ନାଙ୍କୁ ତାଙ୍କ ସ୍ୱାମୀ ଓ ଦେଢଶୁର ବିଷ ପିଆଇ ମାରିଦେଇଥିବା ବାପଘର ଲୋକେ ୪୨ ମୌଜା ଫାଣ୍ଡିରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଭିତ୍ତିକରି ଫାଣ୍ଡି ପୋଲିସ ଜ୍ୟୋସ୍ନାଙ୍କ ସ୍ୱାମୀ ରଣଜିତ୍ ଭୂୟାଁ ଓ ଦେଢଶୁର ନବୀନ ଭୂୟାଁଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ଏ ନେଇ କଟକ ସଦର ଥାନାରେ ଏକ ମାମଲା(ନଂ.୩୦୨/୧୮) ରୁଜୁ ହୋଇଛି। ପୋଲିସ ସୂତ୍ରରୁ ପ୍ରକାଶ, କଳପଡା ପଞ୍ଚାୟତ ଅଧୀନ ବସନ୍ତକୁଣ୍ଡଳ ଗ୍ରାମର ପୀତାମ୍ବର ବେଉରାଙ୍କ ଭଉଣୀ ଜ୍ୟୋସ୍ନା ୨୦୦୮ରେ ରଣଜିତ୍‌ଙ୍କୁ ବିବାହ କରିଥିଲେ। ବିବାହ ପରଠାରୁ ଶାଶୁଘର ଲୋକଙ୍କ ସହ ଜ୍ୟୋସ୍ନାଙ୍କର କଳିଝଗଡା ହେଉଥିଲା। ନିର୍ଯାତନା ସହି ନ ପାରି ଶାଶୁଘରୁ ଜ୍ୟୋସ୍ନା ବାପଘରକୁ ପଳାଇ ଆସୁଥିଲେ। ବୁଝାଶୁଝା ପରେ ପୁଣି ସ୍ୱାମୀଙ୍କ ପାଖକୁ ଯାଉଥିଲେ। ଗତ ୮ ତାରିଖରେ ଜ୍ୟୋସ୍ନା ବିଷ ପିଇ ଦେଇଥିବା ଦେଖି ରଣଜିତ୍ ଆମ୍ବୁଲାନ୍ସ ଯୋଗେ ତାଙ୍କୁ କଟକ ବଡ ଡାକ୍ତରଖାନା ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଜ୍ୟୋସ୍ନାଙ୍କୁ ଜୋରଜବରଦସ୍ତ ବିଷ ପିଆଇ ମାରିଦିଆଯାଇଥିବା ପୀତାମ୍ବର ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରିଥିଲା। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ଉଭୟଙ୍କୁ ଗିରଫ କରିଥିଲା। ନବୀନ ପରିବାର ଲୋକଙ୍କଠାରୁ ପ୍ରାୟ ୧୦ ବର୍ଷ ହେବ ଅଲଗା ରହୁଛନ୍ତି। ଏଥିରେ ତାଙ୍କର କୌଣସି ସମ୍ପୃକ୍ତି ନାହିଁ। ତେଣୁ ତାଙ୍କୁ କାହିଁକି ଗିରଫ କରାଗଲା ବୋଲି ପୋଲିସ ନିକଟରେ ତାଙ୍କ ସ୍ତ୍ରୀ ଅଭିଯୋଗ କରିଛନ୍ତି।

## କଟକରୁ ୬ ଡେଙ୍ଗୁରୋଗୀ ଚିହ୍ନଟ

**କଟକ ଅଫିସ, ୨୬।୮:** ବଢ଼ିଚାଲିଛି ଡେଙ୍ଗୁ ରୋଗୀଙ୍କ ସଂଖ୍ୟା। ରବିବାର କଟକରୁ ୬ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ଏସ୍‌ସିବି ଡେଙ୍ଗୁ ୱାର୍ଡରେ ୧୧୯ ଜଣ ଏବଂ ଆଇସିୟୁରେ ୧୩ ଜଣ ଚିକିତ୍ସାଧୀନ ଅଛନ୍ତି। ରବିବାର ପରୀକ୍ଷା କରାଯାଇଥିବା ୭୮ଟି ରକ୍ତ ନମୁନାରୁ ୧୮ଟିରେ ଡେଙ୍ଗୁ ପଜିଟିଭ ଚିହ୍ନଟ ହୋଇଛି। ସେମାନଙ୍କ ମଧ୍ୟରେ କଟକ ଓ ଜଗତ୍‌ସିଂହପୁରରୁ ୬ଜଣ ଲେଖାଏ, ଖୋର୍ଦ୍ଧା ଓ ନୟାଗଡ଼ରୁ ୨ ଜଣ ଲେଖାଏ, ବାଲେଶ୍ୱର ଓ ଯାଜପୁରର ଜଣେ ଲେଖାଏ ରୋଗୀ ରହିଛନ୍ତି।

## ଇଣ୍ଟରନେଟ୍ ଉପଯୋଗ ସମ୍ପର୍କିତ ଜାତୀୟ ଆଲୋଚନାଚକ୍ର

**କଟକ ଅଫିସ, ୨୬।୮**

ଡ୍ରିମ୍‌ସ ସ୍ୱୟଂଶାସିତ ବୈଷୟିକ ମହାବିଦ୍ୟାଳୟ ଆନୁକୂଲ୍ୟରେ ଇଣ୍ଟରନେଟ୍ ଉପଯୋଗ ସମ୍ପର୍କିତ ୩ ଦିନିଆ ଜାତୀୟ ଆଲୋଚନାଚକ୍ର ରବିବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ଅଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ରଥଙ୍କ ପୃଷ୍ଠପୋଷକତାରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଇଞ୍ଜିନିୟରିଂ କଲେଜ ଓ ବିଶ୍ୱବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର, ଅଧ୍ୟାପିକାଅଧ୍ୟାପକ ଯୋଗଦେଇଥିଲେ। କ୍ୟାମ୍ପସ ପରିସରସ୍ଥ ରାଣୀଦେବୀ ଅଡିଟୋରିୟମରେ ଅନୁଷ୍ଠିତ ପ୍ରଥମ ଅଧିବେଶନକୁ 'ଡ୍ରିମ୍‌ସ'ର ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର ଉଦ୍‌ଘାଟନ କରି ଇଣ୍ଟରନେଟ୍‌ର ବହୁଳ ଉପଯୋଗ ଦ୍ୱାରା ପ୍ରଗତି ତ୍ୱରାନ୍ୱିତ ହୋଇଛି ବୋଲି କହିଥିଲେ। ଅଧ୍ୟକ୍ଷ ଡ. ରାଜେନ୍ଦ୍ର କୁମାର ଦାସ ଆଲୋଚନାଚକ୍ର ପୃଷ୍ଠଭୂମି ଉପରେ ଆଲୋକପାତ କରିଥିଲେ। ବିଭିନ୍ନ ଦିବସରେ 'ଆସଦିତ୍ ଟେକ୍ନୋଲୋଜି'ର ବରିଷ୍ଠ ଅଧିକାରୀ ଇଂ. ସୁମିତ୍ କୁମାର ସ୍ୱାଇଁ, 'ଟ୍ରାଇଡେଣ୍ଟ' ଇଞ୍ଜିନିୟରିଂ କଲେଜ କମ୍ପ୍ୟୁଟର ଇଞ୍ଜିନିୟରିଂ ବିଭାଗ ମୁଖ୍ୟ ଡ. ଅଭୟ କୁମାର ସାମଲ, 'ସାକ୍ ରୋବଟିକ୍ସ'ର ସିଇଓ ଶାକ୍ୟସିଂହ ମହାପାତ୍ର, 'ଏଡ୍‌ଭିସି ଟେକ୍‌ନୋଲୋଜି'ର ସିଇଓ ଇଂ. ଜ୍ୟୋତିରଞ୍ଜନ ନନ୍ଦ, ଏନ୍‌ଆଇଟି ରାଉରକେଲାର ପ୍ରାଧ୍ୟାପକ ଡ. ପବିତ୍ର ମୋହନ ଖିଲାର ପ୍ରମୁଖ ଯୋଗଦେଇ ଶିକ୍ଷା, ଶିଳ୍ପ, କୃଷି, ସ୍ୱାସ୍ଥ୍ୟ, ପ୍ରତିରକ୍ଷା ଆଦି ବିବିଧ କ୍ଷେତ୍ରରେ ଇଣ୍ଟରନେଟ୍‌ର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ। ପ୍ରାଧ୍ୟାପକ ରାଜୀବ ଅଗ୍ରୱାଲ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରାଧ୍ୟାପକ ଡ. ପ୍ରଦୋଷ କୁମାର ଗନ୍ତାୟତ, ସୁରଜିତ୍ ମହାନ୍ତି, ଶେଖରେଶ ବାରିକ ପ୍ରମୁଖ ସମ୍ମାନିତ ବକ୍ତା ଭାବରେ ଯୋଗଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ପ୍ରୋ ଚେୟାରମ୍ୟାନ ଇଂ. ଦୁର୍ଗାପ୍ରସାଦ ରଥ ଯୋଗଦେଇଥିବା ପ୍ରତିନିଧିମାନଙ୍କୁ ସାର୍ଟିଫିକେଟ ବିତରଣ କରିଥିଲେ।



କଟକ ଶତାବ୍ଦୀ ଭବନରେ ରବିବାର ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ସ୍ଥପତି ବିପ୍ରଚରଣ ମହାନ୍ତିଙ୍କ ତୈଳଚିତ୍ରକୁ ବିଧାୟକ ତଥା ସରକାରୀ ଦଳର ମୁଖ୍ୟ ସଚେତକ ଅମର ପ୍ରସାଦ ଶତପଥୀ ଉପସ୍ଥିତ ଅତିଥିଙ୍କ ଗହଣରେ ଉନ୍ମୋଚନ କରୁଛନ୍ତି।

# ରାଖୀ ବାନ୍ଧି ସଚେତନ କରାଇଲେ

**କଟକ ଅଫିସ, ୨୬।୮ -** କଟକ ସହରରେ ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଛି। ଏହାରି ଭିତରେ ସହରରେ ନିଆରା ଢଙ୍ଗରେ ରକ୍ଷାବନ୍ଧନ ପାଳି ସମାଜକୁ ବାର୍ତ୍ତା ଦେବାକୁ ଚେଷ୍ଟା କରିଛି ରୋଟ୍ରାକ୍ଟ କ୍ଲବ ଅଫ ବାରବାଟୀ। କ୍ଲବର କିଛି ସଦସ୍ୟ ରବିବାର ସହରର ବିଭିନ୍ନ ଥାନାକୁ ଯାଇ ଡ୍ୟୁଟିରେ ଥିବା ଥାନାଧିକାରୀ, ଟ୍ରାଫିକ ପୋଲିସକୁ ରଖୀ ବାନ୍ଧି ଶୁଭେଚ୍ଛା ଜଣାଇଥିଲେ। ସେହିପରି ରାସ୍ତାରେ ଯାଉଥିବା ବାଇକ ଆରୋହୀମାନଙ୍କ ହାତରେ ରାଖୀ ବାନ୍ଧି ସେମାନଙ୍କୁ ହେଲ୍‌ମେଟ ପିନ୍ଧିବା ପାଇଁ ପ୍ରତିଶ୍ରୁତି ଦେବାକୁ ନିବେଦନ କରିଥିଲେ। କ୍ଲବର କେତେଜଣ ସଦସ୍ୟ କହିଛନ୍ତି, ରାଖୀ ପୂର୍ଣ୍ଣିମାରେ କିଛି ଭଲ କାମ ପାଇଁ ଆମେ ଯଦି କାହାକୁ ପ୍ରତିଶ୍ରୁତିବଦ୍ଧ କରାଇପାରିଲୁ ତେବେ ତାହା ହିଁ ପ୍ରକୃତ ରକ୍ଷାବନ୍ଧନ। ଅନୁଷ୍ଠାନ ପକ୍ଷରୁ ଶକ୍ତିସ୍ୱରୂପ ପାତ୍ର, ହିମାଂଶୁ କୁମାର ବେହେରା, ରାମନନ୍ଦନ ଚୌଧୁରୀ, ଯଶ ଅଗ୍ରୱାଲ, ସୌଭାଗ୍ୟ ରଞ୍ଜନ ଦାସ, ସମ୍ବିତ ସ୍ୱାଇଁ ପ୍ରମୁଖ ସାମିଲ ହୋଇଥିଲେ।



ବିଜୁ ପଟ୍ଟନାୟକ ଛକସ୍ଥିତ ଏନସିସି ଅଫିସର ମେସ୍‌ରେ ଜବାନଙ୍କ ହାତରେ ଜଣେ ଯୁବତୀ ରାଖୀ ବାନ୍ଧୁଛନ୍ତି।

### ଏସ୍‌ସିବି ମେଡ଼ିକାଲ

ଏସ୍‌ସିବି ମେଡ଼ିକାଲରେ ପ୍ରଥମଥର ନିମନ୍ତେ ରକ୍ଷାବନ୍ଧନ ଉତ୍ସବ ସମ୍ପୂର୍ଣ୍ଣ ନିଆରା ଢଙ୍ଗରେ ପାଳନ କରାଯାଇଛି। ଡାକ୍ତରୀ ଛାତ୍ରୀଛାତ୍ରମାନେ ଯବାନମାନଙ୍କ ପାଇଁ ରାଖୀଟିଏ ନାମରେ ଏକ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ। କିଛି ଯବାନ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଦେଶର ସୁରକ୍ଷା କରୁଥିବା ଯବାନମାନଙ୍କ ମଙ୍ଗଳ ମନାସିବା ସବୁଠାରୁ ମହତ କାର୍ଯ୍ୟ ଓ ସେମାନେ ହିଁ ସମସ୍ତଙ୍କର ପ୍ରିୟଜନ ବୋଲି ଏହି ଅବସରରେ ଡାକ୍ତରୀ ଛାତ୍ରୀଛାତ୍ରମାନେ କହିଥିଲେ। ଦୀପକ କୁମାର ସାମଲ, ସାର୍ଥକ ମହାନ୍ତି କାର୍ଯ୍ୟକ୍ରମରେ ନେତୃତ୍ୱ ନେଇଥିଲେ।

### ଆର୍ମି କ୍ୟାମ୍ପ, ଥାନାରେ ପାଳିଲା ଏବିଭିପି

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପ) ପକ୍ଷରୁ ରକ୍ଷାବନ୍ଧନ ଦିବସ ନିଆରା ଭାବେ ପାଳନ କରାଯାଇଛି। ୧୦୦ରୁ ଊର୍ଦ୍ଧ୍ୱ ଏବିଭିପି କର୍ମୀ ଆର୍ମି କ୍ୟାମ୍ପ ଓ ବିଭିନ୍ନ ଥାନାରେ ଯାଇ ଯବାନ, ପୋଲିସ କର୍ମଚାରୀ, ଅଧିକାରୀମାନଙ୍କୁ ରାଖୀ ବାନ୍ଧି ଥିଲେ। ରାଜ୍ୟ ସହ ସମ୍ପାଦିକା ସୋନାଲି ବେହେରା, ମହାନଗର ଛାତ୍ରୀ ପ୍ରମୁଖ ଦୀପ୍ତି ପାତ୍ର, ଅଭିନନ୍ଦା ଆଚାର୍ଯ୍ୟ, ପ୍ରେରଣା ସାହୁ, ଶିବାନୀ ପ୍ରିୟଦର୍ଶିନୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ପରିବାର ସେବା ସଦନ

ପରିବାର ସେବା ସଦନ ପକ୍ଷରୁ ନୂଆପଡ଼ାସ୍ଥିତ ବାଳାଶ୍ରମରେ ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଯାଇଛି। ସଦନର କର୍ମକର୍ତ୍ତାମାନେ ବାଳାଶ୍ରମର ଭିନ୍ନକ୍ଷମ ଅନ୍ତେବାସୀଙ୍କ ହାତରେ ରାଖୀ ବାନ୍ଧି ସୁସ୍ଥ ଜୀବନ କାମନା କରିଥିଲେ। ସଦନ ପକ୍ଷରୁ ଶରତ ରାୟ, ଚିନ୍ମୟୀ ସାମଲ, କୁନାଲ ରାୟ, କିଶୋର ରାୟ ପ୍ରମୁଖ ଉପସ୍ଥିତ ଥିଲେ।

### ଧର୍ମ ଜାଗରଣ ସମନ୍ୱୟ ଅନୁଷ୍ଠାନ

କଟକ ମହାନଗର ଧର୍ମ ଜାଗରଣ ସମନ୍ୱୟ ଅନୁଷ୍ଠାନ ପକ୍ଷରୁ ମହାନଗର ପ୍ରମୁଖ ମନୋହର ମହନ୍ତଙ୍କ ନେତୃତ୍ୱରେ ସିଡିଏ ମର୍କତନଗରସ୍ଥିତ କାଠଯୋଡି ବିହାର ବସ୍ତି ଏବଂ ପଟ୍ଟାପୋଲସ୍ଥ ମୋଚିସାହିରେ ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ଧର୍ମ ଜାଗରଣ ସମନ୍ୱୟର ଅଖିଳ ଭାରତୀୟ ସହ ପ୍ରମୁଖ ରାଜେନ୍ଦ୍ର ପ୍ରସାଦ ଅତିଥି ଭାବେ ଯୋଗଦେଇ ରକ୍ଷାବନ୍ଧନ ପାଳନର ପରମ୍ପରା, ଲକ୍ଷ୍ୟ, ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ।

### ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ

ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ କଟକ ଶାଖା ତରଫରୁ ସପ୍ତାହବ୍ୟାପୀ ରକ୍ଷାବନ୍ଧନ ପର୍ବ ପାଳନ କରାଯାଇଛି । ବ୍ରହ୍ମାକୁମାରୀମାନେ ରବିବାର ଅବକାରୀ ମନ୍ତ୍ରୀ ଶଶୀଭୂଷଣ ବେହେରା, ବିଚାରପତି ବିଶ୍ୱଜିତ୍ ମହାନ୍ତି, ଏ.ଏସ୍. ନାଇଡ୍ଡୁ, ଏସ୍.କେ. ମିଶ୍ର, ବିଶ୍ୱନାଥ ରଥ, ଜେ.ପି. ଦାଶ, ବି. ଆର୍. ଷଡଙ୍ଗୀ, ଡି.ପି. ଚୌଧୁରୀ, ଆଡଭୋକେଟ୍ ଜେନେରାଲ୍ ସୂର୍ଯ୍ୟ ମିଶ୍ର, ଓଡିଶା ସରକାରଙ୍କର ପ୍ରମୁଖ ମୁଖ୍ୟ ବନ ସଂରକ୍ଷକ ଦେବବ୍ରତ ସ୍ୱାଇଁ, ଜିଲ୍ଲା ଜଜ୍ ସତ୍ୟ ନାରାୟଣ ମିଶ୍ର, ଓଡିଶାର ଉଚ୍ଚପଦସ୍ଥ ବରିଷ୍ଠ ପୋଲିସ ଅଧିକାରୀ, ଅନେକ ବରିଷ୍ଠ ଡାକ୍ତର ଏବଂ ଅନ୍ୟ କେତେଜଣ ବରିଷ୍ଠ ପତ୍ରକାରଙ୍କୁ ରାଖୀ ବାନ୍ଧିଥିଲେ । ଏହି ଅବସରରେ କଟକ କଲେକ୍ଟୋରେଟ୍, ଆରଡିସି ଅଫିସ୍, ବୋର୍ଡ ଅଫ୍ ରେଭିନ୍ୟୁ, ଓପିଏସ୍‌ସି, ଓଏଫ୍ଏସ୍‌ସି, ବିଏସ୍ଏନ୍ଏଲ୍ ଅଫିସ୍, ବସ୍ ଓ ଟ୍ରକ୍ ଆସୋସିଏସନ୍, ବୃଦ୍ଧାଶ୍ରମ, ନିଶାମୁକ୍ତି ଆଶ୍ରମ, ରେଲୱେ ଅଧିକାରୀ, ଅନାଥ ଆଶ୍ରମରେ ରକ୍ଷାବନ୍ଧନ କାର୍ଯ୍ୟକ୍ରମ ହୋଇଥିଲା।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୨୭ ଅଗଷ୍ଟ, ୨୦୧୮



ଯାହାର ଚିତ୍ତ ସ୍ଥିର ନୁହେଁ, ତା'ଠାରୁ କେବେ ବିଜ୍ଞତା ଆଶା କରନାହିଁ।
- ଶିଶେରୋ



## ସଂକ୍ଷେପରେ

### ୨ ଲୁଟେରା ଜେଲ ଗଲେ

**ଖୋର୍ଦ୍ଧା ଅଫିସ,୨୬।୮:** ଲୁଟ ଘଟଣାରେ ଖୋର୍ଦ୍ଧା ଟାଉନ ଥାନା ପୋଲିସ ଗଞ୍ଜାମ ଜିଲା ଆସିକା ଥାନା ଆସିକାର ଏ. ରବି(୩୪) ଓ କଳିଙ୍ଗନଗର ଥାନା ଯାଜପୁରର ରୋହିତ ପ୍ରଧାନ(୨୫)ଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ଉଭୟ ଲୁଟେରାଙ୍କୁ ଖୋର୍ଦ୍ଧା ସବ୍ ଜେଲକୁ ପଠାଇ ଦିଆଯାଇଛି। ମିଳିଥିବା ସୂଚନା ଅନୁସାରେ, ଚୁପିରିଙ୍ଗର ରେଣୁକା ବାହୁବଳେନ୍ଦ୍ର ଖୋର୍ଦ୍ଧା ସହରର ଆନ୍ଧ୍ର ବ୍ୟାଙ୍କ ଶାଖାରୁ ୫୨ ହଜାର ଉଠାଇ ଗତ ୧୩ ତାରିଖରେ ଯାଉଥିଲେ। ମୈତ୍ରୀ ଗ୍ୟାସ ସମ୍ମୁଖରେ ୨ ଜଣ ତାଙ୍କୁ ଅଟକାଇ ଟଙ୍କା ଲୁଟି ନେଇଥିଲେ। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ଘଟଣାର ତଦନ୍ତ କରୁଥିଲା। ପୋଲିସ ଲୁଟେରାଙ୍କଠାରୁ ୧୪ ହଜାର ଜବତ କରିଛି।

### ଶିବ ମନ୍ଦିରରୁ ଚୋରି

**ନିରାକାରପୁର,୨୬।୮(ଡି.ଏନ.ଏ.):** ଟାଙ୍ଗୀ ବ୍ଲକ ଓଳସିଂହ ପଞ୍ଚାୟତ ବାଲୁଙ୍କେଶ୍ୱର ଶିବ ମନ୍ଦିରରୁ କିଛି ନିତ୍ୟ ବ୍ୟବହୃତ ସାମଗ୍ରୀ ଚୋରି ହୋଇଥିବା ନେଇ ଗ୍ରାମବାସୀ ଜଙ୍କିଆ ଥାନାରେ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ଶନିବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ମନ୍ଦିରରୁ ୨ଟି ପିତଳ ଗରା, ୫ଟି ପିତଳ ଢାଳ, ୨ଟି ଘଣ୍ଟି, ୨ଟି ଗଡୁ ଚୋରି କରିନେଇଛନ୍ତି। ରବିବାର ସକାଳୁ ପୂଜକ ରଙ୍ଗନାଥ ମହାପାତ୍ର ଏହା ଦେଖି ଗ୍ରାମବାସୀଙ୍କୁ ଜଣାଇଥିଲେ। ଜଙ୍କିଆ ପୋଲିସ ଘଟଣାସ୍ଥଳକୁ ଯାଇ ଛାନ୍‌ଭିନ୍ ଆରମ୍ଭ କରିଛି। ଚୋରି ସାମଗ୍ରୀର ଆନୁମାନିକ ମୂଲ୍ୟ ୨୨ ହଜାର ଟଙ୍କା ହେବ ବୋଲି ସରପଞ୍ଚ ପ୍ରେମାନନ୍ଦ ପରିଡ଼ା କହିଛନ୍ତି।

### ରକ୍ଷାବନ୍ଧନ ଉତ୍ସବ

**ଖୋର୍ଦ୍ଧା ଅଫିସ,୨୬।୮:** ରକ୍ଷାବନ୍ଧନ ପର୍ବ ଅବସରରେ ବ୍ରହ୍ମାକୁମାରୀ ଖୋର୍ଦ୍ଧା ସେବାକେନ୍ଦ୍ର ପରିସରରେ ରକ୍ଷାବନ୍ଧନ ଉତ୍ସବ ରବିବାର ପାଳିତ ହୋଇଯାଇଛି। ଏଠାରେ ୨୦୦ ଜଣଙ୍କୁ ରାଖୀ ବନ୍ଧା ଯାଇଥିଲା। ସେହିପରି ଅର୍ଜୁନପୁରସ୍ଥ ୬ଷ୍ଠ ଭାରତ ରିଜର୍ଭ ବାଟାଲିୟନ, ଆଇଟିବିପି ପରିସରରେ, ପୁରୁଣା ବସଷ୍ଟାଣ୍ଡ, ଜରାନିବାସ, ଅନାଥ ଆଶ୍ରମ, ନିଶା ନିବାରଣ କେନ୍ଦ୍ରରେ ମଧ ଅନୁରୂପ ଭାବେ ରକ୍ଷାବନ୍ଧନ ପର୍ବ ବ୍ରହ୍ମାକୁମାରୀ ଖୋର୍ଦ୍ଧା ସେବାକେନ୍ଦ୍ର ପକ୍ଷରୁ ପାଳନ କରାଯାଇଛି।

**ଟାଙ୍ଗୀ(ଖୋର୍ଦ୍ଧା),(ଡି.ଏନ.ଏ.):** ଟାଙ୍ଗୀର ମଦର ଟେରେସା ସେବା ସଂଘ ତରଫରୁ ରକ୍ଷା ବନ୍ଧନ ଉତ୍ସବ ପାଳନ କରାଯାଇଛି। ଏହି ଅବସରରେ ସଂଘ ତରଫରୁ ସ୍ଥାନୀୟ ସାଇ କଲ୍ୟାଣ ମଣ୍ଡପରେ ଅସହାୟ ବୃଦ୍ଧାବୃଦ୍ଧଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଛି। ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ଅଞ୍ଚଳର ଯୁବତୀ ଓ ମହିଳାମାନେ ଭାଇମାନଙ୍କ ହାତରେ ରାଖୀବାନ୍ଧି ସୁରକ୍ଷା କାମନା କରିଥିଲେ। ପରେ ସେବାସଂଘର ସଭ୍ୟମାନେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମରେ ମଙ୍ଗଳା ମନ୍ଦିର ପରିସର ସଫା କରିଥିଲେ ।

### ବେତ, ବାଉଁଶ ଶିଳ୍ପ ଶିକ୍ଷା ଶିବିର

**ଖୋର୍ଦ୍ଧା ଅଫିସ,୨୬।୮:** ବାବା ସାହେବ ଆମ୍ବେଡକର ହସ୍ତଶିଳ୍ପ ବିକାଶ ଯୋଜନା ମାଧ୍ୟମରେ ଦଳିତ ମହିଳାଙ୍କ ପାଇଁ ବେତ ଓ ବାଉଁଶ ଶିଳ୍ପ ଶିକ୍ଷା ଶିବିର ନାରୁଣି ନିକଟସ୍ଥ ହରିଚନ୍ଦନପୁର ବାତ୍ୟା ଆଶ୍ରୟସ୍ଥଳ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଆବାହନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମ୍ପାଦକ ନୀଳ ଲୋହିତ ହରିଚନ୍ଦନ ପୌରୋହିତ୍ୟ କରିଥିଲେ। ୨୦ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଏଥିରେ ଯୋଗ ଦେଇଥିଲେ।

### କ୍ରୀଡାବିତ୍‌ଙ୍କ ପରଲୋକ

**ଖୋର୍ଦ୍ଧା ଅଫିସ,୨୬।୮:** ଖୋର୍ଦ୍ଧା ଗୁରୁଜଙ୍ଗ ଦେୱାନସାହିସ୍ଥ ବାସଭବନରେ କ୍ରୀଡାବିତ ସବ୍ୟସାଚୀ ମହାନ୍ତି (୫୪)ଙ୍କର ରବିବାର ପରଲୋକ ହୋଇଯାଇଛି। ସ୍ୱର୍ଗତ ମହାନ୍ତି ପ୍ରାଣନାଥ ମହାବିଦ୍ୟାଳୟରେ ଅଧ୍ୟାପକ ଭାବେ କାର୍ଯ୍ୟ କରି ଚାକିରି ଛାଡି ଦେଇଥିଲେ। ସେହିଭଳି ଖୋର୍ଦ୍ଧା ଜିଲା କ୍ରିକେଟ ଆସୋସିଏଶନର ସଭାପତି ଥିଲେ। ତାଙ୍କ ସଭାପତିତ୍ୱ ସମୟରେ ଜିଲାର ବହୁ କ୍ରିକେଟ ଖେଳାଳି ରଣଜୀ ଖେଳିବାର ସୁଯୋଗ ପାଇଥିଲେ। ଅନ୍ୟପକ୍ଷେ ଏକ ଖବରକାଗଜର ସମ୍ପାଦକ ଦାୟିତ୍ୱରେ ଥିଲେ। ମୃତ୍ୟୁ ଖବରପାଇ ବିଧାୟକ, ଖେଳାଳି, ଅଧାପକ, ଶିକ୍ଷାବିତ୍, ସ୍ଥାନୀୟ ଜନସାଧାରଣ ଘରେ ପହଞ୍ଚି ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ।

## ■ ୧୨ ଛାତ୍ରୀଛାତ୍ରରେ ପାଠପଢ଼ା
# ୨ ପୁରାତନ ସ୍କୁଲରେ ତାଲା ଝୁଲିବ

**ଖୋର୍ଦ୍ଧା ଅଫିସ,୨୬।୮**



ତେନ୍ତୁଳିଡିହ ପ୍ରାଥମିକ ବିଦ୍ୟାଳୟ ଛାତ୍ରୀଛାତ୍ର।



ଦୀକ୍ଷିତପଡ଼ା ବିଦ୍ୟାଳୟରେ ଛାତ୍ରୀଛାତ୍ର ପଢୁଛନ୍ତି।

ଘରୋଇ ଇଂଲିଶ ମିଡ଼ିୟମ ବିଦ୍ୟାଳୟ ସ୍ୱୀକୃତି ପାଇବା କାରଣରୁ ଅଧିକାଂଶ ସରକାରୀ ସ୍କୁଲରେ ତାଲା ଝୁଲିଲାଣି। ଆଉ କିଛି ତାଲା ଝୁଲିବାକୁ ଯାଉଛି। ଏଭଳିସ୍ଥଳେ ବାଣପୁର ବ୍ଲକର ତେନ୍ତୁଳିଡିହ ପ୍ରାଥମିକ ବିଦ୍ୟାଳୟ ଓ ଦୀକ୍ଷିତପଡା ଉନ୍ନୀତ ମଧ୍ୟ ଇଂରାଜି ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା ହ୍ରାସ ପାଉଛି। ଦୁଇ ପୁରାତନ ନାମକରା ବିଦ୍ୟାଳୟରେ ମାତ୍ର ୧୨ ଜଣ ଲେଖାଏ ଛାତ୍ରୀଛାତ୍ର ଅଛନ୍ତି। ହେଲେ ଛାତ୍ରୀଛାତ୍ରମାନେ ନିୟମିତ ବିଦ୍ୟାଳୟକୁ ଆସୁନାହାନ୍ତି। ବେଳେ ବେଳେ ଶିକ୍ଷକ ବସି ବସି ଘରକୁ ଫେରୁଛନ୍ତି। ଏଣୁ ସରକାରୀ ନିୟମ ଅନୁସାରେ ଏହି ଦୁଇ ବିଦ୍ୟାଳୟରେ ତାଲା ଝୁଲିବାକୁ ଯାଉଛି। ବିଷ୍ଣୁଡିହ କ୍ଲଷ୍ଟରରେ ରହିଛି ତେନ୍ତୁଳିଡିହ ପ୍ରାଥମିକ ବିଦ୍ୟାଳୟ। ଏହି ବିଦ୍ୟାଳୟ ୭ ବର୍ଷ ପୂର୍ବେ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ କରି ସାରିଛି। ବିଭିନ୍ନ ଅଞ୍ଚଳର ବହୁ ପ୍ରବୀଣ ଶିକ୍ଷକ ଏଠାରେ ଶିକ୍ଷାଦାନ କରି ଅବସର ନେଇ ସାରିଲେଣି। ସେହିପରି ଏହାର ବହୁ ଛାତ୍ରୀଛାତ୍ର ବହୁ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ଅଛନ୍ତି। ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ରହୁଥିବା ଏହି ବିଦ୍ୟାଳୟରେ ମାତ୍ର ୧୨ଜଣ ଛାତ୍ରୀଛାତ୍ରଙ୍କୁ ନେଇ ମରୁ ମରୁ ବଞ୍ଚି ରହିଛି। ସର୍ବଶିକ୍ଷା ଅଭିଯାନରେ ନିର୍ମିତ କୋଠାଘର ବ୍ୟବହାର ଅଭାବରୁ ଭୂତକୋଠି ହୋଇଗଲାଣି। ଏହାକୁ ଗାଁର ଆଖଡାଶାଳ ରୂପେ ବ୍ୟବହାର କରାଯାଉଛି। ଏଠାରେ ନିୟୋଜିତ ଦୁଇ ଶିକ୍ଷୟିତ୍ରୀଶିକ୍ଷକଙ୍କ ସୂଚନା ଅନୁସାରେ ୨ବର୍ଷ ହେଲା ପ୍ରଥମ ଶ୍ରେଣୀରେ ଛାତ୍ରୀଛାତ୍ର ନାମ ଲେଖାଉ ନାହାନ୍ତି। ୫ ମରେ ୩, ୪ର୍ଥରେ ୪, ୩ୟରେ ୩, ୨ୟ ଶ୍ରେଣୀରେ ୨ ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ସେହିପରି ସମ୍ପୃକ୍ତ କ୍ଲଷ୍ଟରଠାରୁ ୩ କିମି ଦୂରରେ ରହିଛି ଦୀକ୍ଷିତପଡା ଉନ୍ନୀତ ମଧ୍ୟ ଇଂରାଜି ବିଦ୍ୟାଳୟ। ଏହା ୧୯୬୧ରେ ପ୍ରତିଷ୍ଠା ହୋଇଥିଲା। ଏଠାରେ ୫ ଓ ଷଷ୍ଠ ଶ୍ରେଣୀରେ ଆଦୌ ଛାତ୍ରୀଛାତ୍ର ନାହାନ୍ତି। ତେବେ ପ୍ରଥମ ଶ୍ରେଣୀରେ ୨, ୨ୟ ଶ୍ରେଣୀରେ ୨, ୩ୟ ରେ ୧, ୪ର୍ଥରେ ୨, ସପ୍ତମରେ ୫ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ଏଠାରେ ପୁରାତନ ଶ୍ରେଣୀଗୃହ ଭାଙ୍ଗି ରୁଜି ନଷ୍ଟ ହେବାରେ ଲାଗିଛି। ସର୍ବଶିକ୍ଷା ଅଭିଯାନରେ ନିର୍ମିତ ରୋଷଘର ତାଲା ଝୁଲୁଛି। ଜଣେ ଅନ୍ୟ ସ୍କୁଲର ଶିକ୍ଷୟିତ୍ରୀ ନିଜ ନାଁ ଗୋପନ ରଖି କହିଥିଲେ, ୬ ବର୍ଷ ତଳେ ଉଭୟ ସ୍କୁଲରେ ୭୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଥିଲେ। ସ୍ଥାନୀୟ ଅଞ୍ଚଳରେ ୩ଟି ଇଂଲିଶ ମିଡିୟମ ସ୍କୁଲ ହେବା ପରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା କମିଗଲା। ମଧ୍ୟାହ୍ନଭୋଜନ, ଡ୍ରେସ ଓ ଅନ୍ୟ ସରକାରୀ ସହାୟତା ସେମାନଙ୍କୁ ଆକୃଷ୍ଟ କରିପାରୁନି। ତେନ୍ତୁଳିଡିହ ଗାଁର ମଦନମୋହନ ମହାପାତ୍ର କୁହନ୍ତି, ବିଦ୍ୟାଳୟ ପ୍ରତି ଗାଁଲୋକଙ୍କର ଦୃଷ୍ଟି ନାହିଁ। ସ୍କୁଲ ପରିଚାଳନା କମିଟି ସବୁ କିଛି ବୁଝୁଥିବାରୁ ଗାଁଲୋକେ ହସ୍ତକ୍ଷେପ କରୁନାହାନ୍ତି। ସରକାରୀ ସ୍କୁଲରେ ଭଲ ପାଠପଢ଼ା ନ ହେବା ଓ ଲୋକଙ୍କର ଆର୍ଥିକ ସ୍ଥିତିରେ ଉନ୍ନତି ଯୋଗୁ ଘରୋଇ ସ୍କୁଲରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା ବଢ଼ି ଚାଲିଛି।

# ଲୋକଙ୍କ ମନରେ ଧାର୍ମିକ ଚିନ୍ତାଧାରା ସୃଷ୍ଟି କରିବା ଲକ୍ଷ୍ୟ



ବ୍ଲକ ମହିଳା ଓ ଶିଶୁବିକାଶ ଅଧିକାରିଣୀ ମନୋରମା ଦେବୀ।

**୫ଟି ପ୍ରଶ୍ନ**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ମହିଳା ଓ ଶିଶୁବିକାଶ ଅଧିକାରିଣୀ ଭାବେ କାର୍ଯ୍ୟରତ ଅଛନ୍ତି ମନୋରମା ଦେବୀ। ମନୋରମା ୧୯୯୯ ଜାନୁୟାରୀ ୨୦ ରେ ସୁପରଭାଇଜର ଭାବେ ଚାକିରି ଜୀବନ ଆରମ୍ଭ କରିଥିଲେ। ୨୦୦୬ରେ ସେ ମହିଳା ଓ ଶିଶୁବିକାଶ ଅଧିକାରିଣୀ ଭାବେ ପଦୋନ୍ନତି ପାଇଥିଲେ। କୃଷ୍ଣପ୍ରସାଦ ବ୍ଲକରେ ୩୦ ଜୁଲାଇ ୨୦୧୫ରୁ କାର୍ଯ୍ୟରତ ଅଛନ୍ତି। ସମସ୍ତଙ୍କ ହୃଦୟରେ ଧାର୍ମିକ ଚିନ୍ତାଧାରା ଜାଗ୍ରତ କରାଇବା ତାଙ୍କର ଲକ୍ଷ୍ୟ। ଏହାଦ୍ୱାରା ମନରୁ ହିଂସା ଭାବ ଅପସରି ଯିବ ବୋଲି ସେ କୁହନ୍ତି। ଏହି ଅବସରରେ ତାଙ୍କୁ ଧରିତ୍ରୀ ପକ୍ଷରୁ ପଚରା ଯାଇଥିଲା ୫ଟି ପ୍ରଶ୍ନ।

■ **ଆପଣଙ୍କ ସକାଳ ସମୟ କେମିତି କଟେ ?**

❖ ପ୍ରତିଦିନ ଭୋର ୪ଟାରୁ ଉଠି ନିତ୍ୟକର୍ମ ସାରିବା ପରେ ସାଢେ ୫ଟା ଯାଏ ମର୍ନିଂ ୱାକ କରେ। ସାଢେ ୭ରୁ ସାଢେ ୮ ଯାଏ ଗୀତାପାଠ, ଓଁ ଶାନ୍ତିର ମୁରଲୀ ପାଠ କରିଥାଏ । ସାଢେ ୮ ରୁ କ୍ଷେତ୍ର ପରିଦର୍ଶନ ଆଦି ସରକାରୀ କାର୍ଯ୍ୟରେ ବ୍ୟସ୍ତ ରହେ ।

■ **କେଉଁ ଖାଦ୍ୟରେ ରୁଚି ରଖନ୍ତି?**

❖ ଆମିଷ ପ୍ରତି ମୋର ପିଲାବେଳରୁ ଆଗ୍ରହ ନାହିଁ । ତେବେ ସବୁଜ ପନିପରିବା ମିଶ୍ରିତ ଘାଣ୍ଟ ବିଶେଷ କରି ସଜନା ଛୁଇଁ ମୋର ଅତି ପ୍ରିୟ। କାଞ୍ଜିକୁ ମୁଁ ଭଲପାଏ।

■ **ଅବସର ସମୟ କିଭଳି କଟାଇଥାନ୍ତି ?**

❖ ଅବସର ସମୟରେ ମୁଁ ଘରର ଭଲମନ୍ଦ କଥା ବୁଝି ସାରିବା ପରେ ନାରୀମାନଙ୍କ ପ୍ରଗତି କିଭଳି ହୋଇ ପାରିବ ସେ ବିଷୟରେ କର୍ମୀମାନଙ୍କୁ ବୁଝାଇଥାଏ। ଛୁଟିଦିନରେ ମଧ କିଛି କର୍ମୀଙ୍କୁ ଫୋନ ଯୋଗେ ସଚେତନ କରାଇଥାଏ। ଏହାବ୍ୟତୀତ ଆଧ୍ୟାତ୍ମିକ ପୁସ୍ତକ, ଖବରକାଗଜ ପଢିଥାଏ।

■ **ପ୍ରଶାସନିକ କ୍ଷେତ୍ରରେ କି ପରିବର୍ତ୍ତନ ଆଣିବା ଚାହାନ୍ତି?**

❖ ତୃଣମୂଳ ସ୍ତରରୁ ଗର୍ଭସ୍ଥ ଶିଶୁଠାରୁ ୬ ବର୍ଷ ପର୍ଯ୍ୟନ୍ତ ଶିଶୁମାନଙ୍କର ସର୍ବାଙ୍ଗୀନ ଉନ୍ନତି ସହିତ କିଭଳି ବିକାଶ ହୋଇପାରିବ ଚେଷ୍ଟା ଚଳାଇଛି।

■ **ଯୁବ ସମାଜ ପାଇଁ ଆପଣଙ୍କର କି ବାର୍ତ୍ତା ରହିବ?**

❖ ସମାଜରେ ଅନ୍ୟାୟ, ଦୁର୍ନୀତି ଆଦି ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ନିୟନ୍ତ୍ରଣ କରିବାକୁ ହେଲେ ଆମ ମନରେ ଧାର୍ମିକ ଚିନ୍ତା ଜାଗ୍ରତ କରିବା ଆବଶ୍ୟକ। ଯେତେବେଳେ ବି ଟିକେ ସମୟ ମିଳେ ଗୀତା ପାଠ ସହ ଜ୍ଞାନୀ, ଗୁଣୀଙ୍କ ସଙ୍ଗ ହେବା ଆବଶ୍ୟକ। ଏହାଦ୍ୱାରା ଆମେ ଜଣେ ଉତ୍ତମ ମଣିଷ ହୋଇପାରିବା।

***ରିପୋର୍ଟ: କୈଳାସ ଚନ୍ଦ୍ର ପଟ୍ଟନାୟକ, କୃଷ୍ଣପ୍ରସାଦ***

# ପଲିଥିନ, ପ୍ଲାଷ୍ଟିକମୁକ୍ତ ଅଭିଯାନ



ପ୍ଲାଷ୍ଟିକ ଓ ପଲିଥିନମୁକ୍ତ ଅଭିଯାନ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବେଗୁନିଆ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ।

**ବେଗୁନିଆ,୨୬।୮ (ଡି.ଏନ.ଏ.)**

ବେଗୁନିଆ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ପଲିଥିନ ଓ ପ୍ଲାଷ୍ଟିକ ମୁକ୍ତ ଅଭିଯାନ ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷକ ଗଣେଶ୍ୱର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପରିବେଶବିତ୍ ରାଜକିଶୋର ପାଣିଗ୍ରାହୀ, ଡା. ସୁଶାନ୍ତ ଶତପଥୀ, ଶିକ୍ଷକ ଅଖିଳେଶ ମହାପାତ୍ର ଓ ହେମନ୍ତ କୁମାର ବେହେରା ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ଆବାହକ ଦୁର୍ଗା ପ୍ରସାଦ ଦାସ, ସଞ୍ଜୀବ ସେଠୀ, ଶିକ୍ଷକ ତ୍ରିନାଥ ବେହେରାଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ। ପଲିଥିନ ଓ ପ୍ଲାଷ୍ଟିକର ମାତ୍ରାଧିକ ବ୍ୟବହାର ଯୋଗୁ ପରିବେଶ ପ୍ରଦୂଷିତ ହେଉଛି। ଏହାର ବିକଳ୍ପ ଭାବେ ହାତ ତିଆରି କପଡା ବ୍ୟାଗ ଓ ବାଉଁଶରେ ତିଆରି ସରଞ୍ଜାମ କାଗଜରେ ନିର୍ମିତ ଠୁଙ୍ଗା ବ୍ୟବହାର କରିବା ଆବଶ୍ୟକ ବୋଲି ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ସଚେତନ କରାଇଥିଲେ। ଏଥିସହ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ ପରିସରରେ ପଲିଥିନ ଓ ପ୍ଲାଷ୍ଟିକ ମୁକ୍ତ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ନିରାକାରପୁର ବ୍ରିଗେଡ ସ୍କୁଲର ଛାତ୍ରୀଛାତ୍ରମାନେ ରବିବାର ରକ୍ଷା ବନ୍ଧନ ଉତ୍ସବ ପାଳନ ଅବସରରେ ହାତରେ ରାଖୀ ବାନ୍ଧୁଛନ୍ତି।

## ପର୍ଯ୍ୟଟନ ସ୍ଥଳ ବୁଲିଲେ
# ଓଡ଼ିଶାର ଐତିହ୍ୟ, ସଂସ୍କୃତିକୁ ପରଖିଲେ

**ଖୋର୍ଦ୍ଧା ଅଫିସ,୨୬।୮**

ପାଠ୍ୟକ୍ରମରେ ପଢ଼ିଥିବା ଇତିହାସର ଐତିହ୍ୟ ଓ ସଂସ୍କୃତିକୁ ଜାଣିବା ପାଇଁ ଜମ୍ମୁ-କଶ୍ମୀର ଲେ-ଲଦାଖ ଅଞ୍ଚଳରୁ ୧୬ ଜଣ ଛାତ୍ରୀ ଓ ୬ ଜଣ ଛାତ୍ର ଏପରି ୨୨ଜଣ ଏକ ପାଞ୍ଚ ଦିନିଆ ଓଡ଼ିଶା ଗସ୍ତରେ ଆସି ଖୋର୍ଦ୍ଧା ଉପକଣ୍ଠ ତରତୁଆସ୍ଥିତ ୪୧ ବିଏନ ଆଇଟିବିପି କ୍ୟାମ୍ପସ ପରିସରରେ କେବଳ ରାତ୍ରୀ ଯାପନ କରୁଛନ୍ତି। ବୁଧବାର ଏହି ଛାତ୍ରୀଛାତ୍ରମାନେ ଆସି ତରତୁଆଠାରେ ପହଞ୍ଚିଥିଲେ। ଗୁରୁବାର ଏହି ଛାତ୍ରୀଛାତ୍ରମାନେ ୪୧ ବିଏନ ଆଇଟିବିପିର କମାଣ୍ଡାଣ୍ଟ ସୁରିନ୍ଦର କ୍ଷତ୍ରୀଙ୍କ ନେତୃତ୍ୱରେ ଉଦୟଗିରି, ଖଣ୍ଡଗିରି, ଧଉଳିଗିରି, ନନ୍ଦନକାନନ, ଜନଜାତି ସଂଗ୍ରହାଳୟ ଆଦି ପର୍ଯ୍ୟଟନସ୍ଥଳ ଭ୍ରମଣ କରିଥିଲେ। ସେହିପରି ଶୁକ୍ରବାର ଓ ଶନିବାର ପୁରୀ ଜଗନ୍ନାଥ ମନ୍ଦିର ସହ ସମୁଦ୍ରକୂଳ, କୋଣାର୍କ ମନ୍ଦିର, ଚନ୍ଦ୍ରଭାଗା ମଧ୍ୟ ଅନୁରୂପ ଭାବେ ପରିଭ୍ରମଣ କରିଥିଲେ । ରବିବାର ଏହି ଦଳ ଫେରି ଯାଇଛନ୍ତି।

# ‘ରୋଗ ପାଇଁ ନିଜେ ଦାୟୀ’

**ଖୋର୍ଦ୍ଧା ଅଫିସ,୨୬।୮**

ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ଅହମ୍ମଦୀୟା ମୁସଲିମ ଗ୍ରାମର ମହମୁଦାବାଦ ମସ୍‌ଜିଦଠାରେ ସ୍ୱାସ୍ଥ୍ୟ ସଚେତନତା ଶିବିର ଓ କୁଇଜ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। କେରଙ୍ଗ ଗାଁ ସଭାପତି ସୈଫୁର ରହମାନ ଏହାକୁ ଉଦ୍‌ଘାଟନ କରି ଉତ୍ସବରେ ପୌରୋହିତ୍ୟ କରିଥିଲେ। ସୋଲେମାନ ଅହମ୍ମଦ ଖାଁ କୋରାନ ପାଠ କରି କାର୍ଯ୍ୟକ୍ରମ ଆରମ୍ଭ କରିଥିବାବେଳେ ଉର୍ଦ୍ଦୁ ସଙ୍ଗୀତ ଇସହାକ ଅଲ୍ଲୀ ଗାନ କରିଥିଲେ। ଏଥିରେ ଖୋର୍ଦ୍ଧା ଓ ନୟାଗଡ଼ ଜିଲାର ଅହମ୍ମଦୀୟା ମୁସଲିମ ସମ୍ପ୍ରଦାୟର ଇନଚାର୍ଜ ମୌଲାନା ଫଜଲ ହକ ଖାଁ ମୁଖ୍ୟଅତିଥି ଓ ମୁଖ୍ୟବକ୍ତା ଭାବେ କେରଙ୍ଗ ଅହମ୍ମଦୀୟା ମୁସଲିମ ଜମାତର ମୁଖ୍ୟ ମୌଲାନା ଜମାଲ ଶରିୟତ ଅହମ୍ମଦ ଯୋଗ ଦେଇଥିଲେ। ବକ୍ତାମାନେ ନିଜ ଭାଷଣରେ କହିଥିଲେ, ରୋଗ ପାଇଁ ନିଜେ ଦାୟୀ। ଶୁଦ୍ଧ ଓ ସ୍ୱାସ୍ଥ୍ୟକର ଖାଦ୍ୟ ନ ଖାଇବାରୁ ଉଚ୍ଚ ରକ୍ତଚାପ, ମଧୁମେହ ରୋଗ, କର୍କଟ ରୋଗ, ହୃଦ୍‌ଘାତ ରୋଗ, ବ୍ରେନହାମରେଜ ଭଳି ରୋଗ ଦେଖାଯାଉଛି। ଅନ୍ୟପକ୍ଷେ ୨ୟ ପର୍ଯ୍ୟାୟରେ କୁଇଜ କାର୍ଯ୍ୟକ୍ରମ ରଖାଯାଇଥିଲା। ପରିବେଶରେ ନ୍ୟାୟ, ଭାଇଚାରା, ଶାନ୍ତି, ସହିଷ୍ଣୁତା, ଏକତା ଓ ଅଖଣ୍ଡତା ତଥା ଦେଶଭକ୍ତି ଏବଂ ଧାର୍ମିକ ସାରଗର୍ଭକ ପ୍ରଶ୍ନୋତ୍ତର ପ୍ରୋଜେକ୍ଟର ମାଧ୍ୟମରେ କରାଯାଇଥିଲା। ଶିବିରକୁ ଅହମ୍ମଦୀୟା ମୁସଲିମ ମହିମୁଦାବାଦ ଯୁବସେବା ସଙ୍ଗଠନର ସଭାପତି ସୈଫୁର ଅହମ୍ମଦ, ମୌଲାନା ରାଶିଦ ଜମାଲ ଏବଂ ଅତାଉଲ ମୁଜିବ ପରିଚାଳନା କରିଥିଲେ।




ସଚେତନତା ଶିବିରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

# ମାନବିକତା : ମୋବାଇଲ ପାଇ କଲେ ଫେରସ୍ତ

**ନିରାକାରପୁର,୨୬।୮(ଡି.ଏନ.ଏ.)**

ନିରାକାରପୁର ପଞ୍ଚାୟତରେ ଜଣେ ବ୍ୟକ୍ତି ନିଜର ମାନବିକତା ପାଇଁ ପ୍ରଶଂସିତ ହୋଇଛନ୍ତି। ମିଟୁ ମହାପାତ୍ର ନାମକ ବ୍ୟକ୍ତି ଜଣକ ଏକ ମୋବାଇଲ ପାଇ ତା'ର ମାଲିକଙ୍କୁ ଫେରସ୍ତ କରି ଦେଇଛନ୍ତି। ମିଟୁଙ୍କ କହିବା ଅନୁସାରେ, ସେ ନିରାକାରପୁର ରେଳ ଷ୍ଟେଶନ ପରିସରରେ ଥିବା ସିମେଣ୍ଟ ଚେୟାର ଉପରେ ମୋବାଇଲ ରିଙ୍ଗ୍ ହେଉଥିବା ଦେଖି ତାହାକୁ ଘରକୁ ଆଣିଥିଲେ। ସେ ଏହାକୁ କିପରି ବ୍ୟବହାର କରିହୁଏ ଜାଣି ନ ପାରି ପୁଅକୁ ଦେଖାଇଥିଲେ। ମୋବାଇଲଟି ନନପଡା ଗାଁର ସୁକାନ୍ତ କୁମାର ସାହୁଙ୍କ ବୋଲି ଜାଣିବା ପରେ ସେ ତାଙ୍କୁ ଯୋଗାଯୋଗ କରିଥିଲେ। ସୁକାନ୍ତ ଆସିବା ପରେ ତାଙ୍କୁ ମୋବାଇଲ ମିଟୁ ଦେଇଥିଲେ। ଏଥିରେ ସୁକାନ୍ତ ଖୁସି ବ୍ୟକ୍ତ କରିବା ସହ ଖୁସି ବ୍ୟକ୍ତ କରିଥିଲେ। ମିଟୁଙ୍କର ମାନବିକତା ଗୁଣ ପାଇଁ ତାଙ୍କୁ ସମସ୍ତେ ପ୍ରଶଂସା କରିଥିଲେ।

## ଘର ଭିତରେ ସାର୍ବଜନୀନ ଶ୍ରଦ୍ଧାଞ୍ଜଳି ସଭା

**ଖୋର୍ଦ୍ଧା ଅଫିସ,୨୬।୮**

ବାଜପେୟୀଙ୍କର ସାର୍ବଜନୀନ ଶ୍ରଦ୍ଧାଞ୍ଜଳି ସଭା ଘୋଷଣା ମୁତାବକ ସ୍ଥାନ ଟାଉନ ହଲ ନିକଟରେ ନ କରି ଜିଲା କାର୍ଯ୍ୟାଳୟ ଭିତରେ କରିବା ନେଇ ସମାଲୋଚନା ଆରମ୍ଭ ହୋଇଛି। ବର୍ଷାର ଆଳ ଦେଖାଇ ଶ୍ରଦ୍ଧାଞ୍ଜଳି ସଭାକୁ ଏପରି କରାଯିବା ଠିକ୍ ନୁହେଁ। ଏହାକୁ ନିନ୍ଦା କରି କିଛି କର୍ମୀ ପ୍ରତିବାଦ କରିଛନ୍ତି। ଦରକାର ପଡିଲେ ରାଜ୍ୟ କାର୍ଯ୍ୟାଳୟକୁ ଜଣାଯିବ ବୋଲି ସେମାନେ କହିଛନ୍ତି।

# ବୋଲଗଡ଼ରେ ରକ୍ଷାବନ୍ଧନ, ଗହ୍ମାଡିଆଁ



ଚମ୍ପାଇଲୋ ଗ୍ରାମରେ ଗହ୍ମାଡିଆଁ ପ୍ରତିଯୋଗିତା।

**ବୋଲଗଡ,୨୬।୮(ଡି.ଏନ.ଏ.)**

ରବିବାର ବୋଲଗଡ ବ୍ଲକରେ ରକ୍ଷାବନ୍ଧନ ଓ ଗହ୍ମାଡିଆଁ ପର୍ବ ଅନୁଷ୍ଠିତ ହୋଇଯାଇଛି। ଘରେ ଘରେ ଭଉଣୀମାନେ ଭାଇ ହାତରେ ରାଖୀ ବାନ୍ଧି ସୁରକ୍ଷା କାମନା କରିଥିଲେ। ସେହିପରି ପିଲାମାନଙ୍କ ମଧ୍ୟରେ ଗହ୍ମାଡିଆଁ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେମାନେ ଉଚ୍ଚ ସ୍ଥାନରୁ ଡେଇଁ ବିଭିନ୍ନ ସାମଗ୍ରୀ ଛିଡାଇ ଆଣିବା ଦୃଶ୍ୟ ବେଶ୍ ଉପଭୋଗ୍ୟ ଥିଲା। ଛୋଟଠାରୁ ବୟସ୍କ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଦେଖି ଖୁସି ମନାଇଥିଲେ।

# ଅପରିଚିତ ବୃଦ୍ଧା ହେଉଛନ୍ତି ବାରଦୁଆର

**ବେଗୁନିଆ,୨୬।୮ (ଡି.ଏନ.ଏ.)**



■ **ପରିବାରରୁ ମୋହ ତୁଟାଇଲେ**
■ **୫ ଦିନରେ ବାସସ୍ଥାନ ବଦଳାଇଲେ**

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ମତେ ବୃଦ୍ଧା ଅବସ୍ଥାରେ ମା'ବାପାଙ୍କୁ ପିଲାମାନେ ହଇରାଣ କଲେ ତାଙ୍କୁ ସମ୍ପତ୍ତିରୁ ବଞ୍ଚିତ ହେବାକୁ ପଡିବ। ସେମାନଙ୍କୁ କୌଣସି ପ୍ରକାର ଅବହେଳା କରାଯିବ ନାହିଁ। ଏଭଳିସ୍ଥଳେ ଜଣେ ଅସହାୟ ବୃଦ୍ଧାଙ୍କ କଥା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ମୋତେ ତମେମାନେ କିଛି ପଚାରନି, ମୁଁ କିଛି ତୁମକୁ କହି ପାରିବିନି। ମୋ ପରିଚୟ ମୋତେ ମଧ୍ୟ ଅଜଣା। ମୋର ପରିବାରରୁ ମୋହ ତୁଟିଯାଇଛି। ମାଡ ଖାଇ ଖାଇ ମୋର ପିଠିରେ ଆଉ ଜାଗା ନାହିଁ। ପରିବାର ଲୋକଙ୍କ ଯନ୍ତ୍ରଣା ମୋତେ ଅସହ୍ୟ କରିଛି। ମୋର ଆଉ ମାନସିକ ଚିନ୍ତାଧାରା ଠିକ୍ ନାହିଁ ବୋଲି ଜଣେ ବୃଦ୍ଧା ଏଭଳି ଏକ କରୁଣ କାହାଣୀ ପ୍ରାଞ୍ଜଳ ଭାବେ ଓଡ଼ିଆ ଭାଷାରେ କହୁଥିଲେ। ଏଭଳି ଏକ ଅପରିଚିତ ବୃଦ୍ଧାଙ୍କୁ ଖୋର୍ଦ୍ଧା ଜିଲା ବେଗୁନିଆ ସଦର ମହକୁମାରେ ଥିବା ଭଉଁରିସାହିରେ ଦେଖିବାକୁ ମିଳିଛି। ତାଙ୍କୁ ପଚରାଉଚୁରା କରିବା ସମୟରେ ଏଭଳି କଥା ସେ କହି ଦୁଃଖରେ ଭାଙ୍ଗି ପଡିଥିଲେ।

ପ୍ରକାଶଥାଉ କି ଜନୈକା ପ୍ରାୟ ୭୦ ବର୍ଷିୟା ବୃଦ୍ଧା କେଉଁଆଡୁ ଆସି ୫ ଦିନ ହେଲା ବେଗୁନିଆର ବସ୍ତି ଅଞ୍ଚଳରେ ବୁଲୁଛନ୍ତି। ତାଙ୍କ ହାତରେ ଏକ ମାତ୍ର ଠେଙ୍ଗା ହିଁ ସାହା ଭରସା। ତାଙ୍କ ପାଖରେ ପିନ୍ଧିଥିବା ଲୁଗା ଛଡା ଆଉ କୌଣସି ସରଞ୍ଜାମ ମଧ ନାହିଁ। ଏଠୁ ସେଠୁ କ'ଣ ଦିଟା ମାଗି ଯାଚି ଖାଉଛନ୍ତି। ପୁଣି ୨ ଦିନ ହେଲା ଭଉଁରିସାହିସ୍ଥିତ ଅକ୍ଷୟ ରଥଙ୍କ ଦାଣ୍ଡ ବାରଣ୍ଡାରେ ଆଶ୍ରୟ ନେଇଛନ୍ତି। ତାଙ୍କୁ ପଡୋଶୀ ସହୃଦୟ ବ୍ୟକ୍ତିମାନେ ଖାଇବାକୁ ମଧ ଦୁଇ ଓଳି ଦେଉଛନ୍ତି। ଏ ପରିପ୍ରେକ୍ଷୀରେ ବୃଦ୍ଧାଙ୍କ ଯନ୍ତ୍ରଣା ରବିବାର କେତେଜଣ ବୁଦ୍ଧିଜୀବୀଙ୍କ ନଜରରେ ପଡିଥିଲା। ସେମାନେ ଜନକଲ୍ୟାଣ ପ୍ରତିଷ୍ଠାନର ସଭାପତି ଅକ୍ଷୟ ରଥଙ୍କ ସହାୟତା ନେଇଥିଲେ। ଏପରି କି ଗଣମାଧ୍ୟମ ପ୍ରତିନିଧିଙ୍କୁ ଜଣାଇଥିଲେ। ବୃଦ୍ଧାଙ୍କୁ ଭେଟି ତୁମର ପରିଚୟ କେଉଁଠି ପଚାରିବାରୁ ସେ ପରିଚୟ ଦେବାକୁ ମନା କରି ଦେଇଥିଲେ। କେବଳ ସେ କହୁଛନ୍ତି ଯେ ମୋ ବନ୍ଧୁଙ୍କ ଘର ଗୋଡି ଗ୍ରାମରେ ତ ଆଉ କେତେବେଳେ କହୁଛନ୍ତି ଭୁବନେଶ୍ୱର ଅଞ୍ଚଳରେ ମୋ ପୁଅ ଚାକିରି କରିଛି। ମାତ୍ର ମୋତେ ପରିବାର ଲୋକେ ବାଡିଆ ପିଟା କରି ଘରୁ ତଡି ଦେଇଛନ୍ତି। ତେବେ ତାଙ୍କର ଏଭଳି ବୟାନ ଶୁଣି ଲୋକଙ୍କ ମନରେ ଅନେକ ପ୍ରଶ୍ନ ଉଠୁଛି। କେହି ଭାବୁଛନ୍ତି, ସେ ମାନସିକ ଭାରସାମ୍ୟ ହରାଇ ଦେଇ ଥାଇପାରନ୍ତି ତ ଆଉ କେହି ଭାବୁଛନ୍ତି ଯେ ଘର ପ୍ରତି ତାଙ୍କର ମୋହ ତୁଟି ଯାଇଥିବାରୁ ଭୟରେ ସେ ଏଭଳି କହୁଛନ୍ତି। ଏ ସମ୍ପର୍କରେ ଜିଲା ପ୍ରଶାସନ ପକ୍ଷରୁ ବୃଦ୍ଧାଙ୍କ ପରିଚୟ ଖୋଜି ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ପାଇଁ ସ୍ଥାନୀୟ ବିଡିଓଙ୍କୁ ଫୋନ ଯୋଗେ ଜନକଲ୍ୟାଣ ପ୍ରତିଷ୍ଠାନର ସଭାପତି ରଥ ଜଣାଇଛନ୍ତି।



ଯାହାର ଚିତ୍ତ ସ୍ଥିର ନୁହେଁ, ତା'ଠାରୁ କେବେ ବିଜ୍ଞତା ଆଶା କରନାହିଁ।
- ଶିଶେରୋ



## ସଂକ୍ଷେପରେ



### ଲାଖି ବିନ୍ଧିଲେ ମହାପ୍ରଭୁ ଅଲାରନାଥ

**ବ୍ରହ୍ମଗିରି, ୨୬।୮(ଡି.ଏନ୍.ଏ.):** ଗହ୍ମା ପୂର୍ଣ୍ଣିମା ଅବସରରେ ମହାପ୍ରଭୁ ଅଲାରନାଥଙ୍କ ମନ୍ଦିରରେ ରବିବାର ଗହ୍ମା ନୀତି ସମ୍ପନ୍ନ ହୋଇଛି। ଏନେଇ ମହାପ୍ରଭୁଙ୍କୁ ଗହ୍ମା ପଇତା ପରିଧାନ କରାଯାଇଥିଲା। ପରେ ସନ୍ଧ୍ୟା ସମୟରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମାଙ୍କୁ ଏକ ବିରାଟ ପଟୁଆରରେ ସେବକମାନେ ଗ୍ରାମ ଗୋପକୁ ନେଇଯାଇଥିଲେ। ସେଠାରେ ଚଳନ୍ତି ପ୍ରତିମାଙ୍କୁ ଗହ୍ମା ମଣ୍ଡପରେ ବିଜେ କରାଯାଇଥିଲା। ସେବାୟତମାନଙ୍କ ତରଫରୁ ଶ୍ରୀଜୀଉଙ୍କୁ ସ୍ୱତନ୍ତ୍ର ପନ୍ତି ଭୋଗ ଦିଆଯାଇଥିଲା। ପରେ ଲାଖି ବିନ୍ଧା ନୀତି ଅନୁଷ୍ଠିତ ହୋଇଥିଲା। ଏହି ଲାଖି ବିନ୍ଧା ନୀତିରେ ଗୋଟିଏ ନାସିଲଗା ପଇଡକୁ ଠାକୁରଙ୍କ ସମ୍ମୁଖରେ ରଖାଯାଇ ଲାଖି ବିନ୍ଧାଣୀ ତାର ବାଉଁଶ ବତାରେ ତିଆରି ଧନୁ ଓ ତିନୋଟି ଶରକୁ ପୁଷ୍ପାଳକ ପାଳିଆ ହାତକୁ ବଢାଇ ଦେଇଥିଲେ। ପୁଷ୍ପାଳକ ପାଳିଆ ଏହାକୁ ପୂଜା ଜଳ ସିଞ୍ଚନ କରି ଶ୍ରୀମଦନ ମୋହନ ବିଜୟ ବିଗ୍ରହଙ୍କୁ ଛୁଆଁଇ ଦେଇ ଲାଖି ବିନ୍ଧାଣୀ ହାତକୁ ବଢାଇ ଦେଇ ପଇଡ ଉପରେ ପୂଜା ଶଙ୍ଖରୁ ଜଳ ସିଞ୍ଚନ କରିଥିଲେ। ପରେ ଲାଖି ବିନ୍ଧାଣୀ ଏହି ପଇଡକୁ ୩ଟି ଯାକ ଶର ବିନ୍ଧିଥିଲେ। ଏହି ଲାଖି ବିନ୍ଧା ନୀତି ସମ୍ପନ୍ନ ପରେ ଶ୍ରୀଜୀଉଙ୍କ ଚଳନ୍ତି ପ୍ରତିମାଙ୍କୁ ମନ୍ଦିରକୁ ବିଜେ କରାଯାଇଥିଲା।

### ଅନାଥ ଆଶ୍ରମକୁ ପୁରସ୍କାର ରାଶି ଦାନ କଲେ ସଞ୍ଜୟ ଦାସବର୍ମା



**ପୁରୀ ଅଫିସ, ୨୬।୮ :** ବ୍ରହ୍ମଗିରି ବିଧାୟକ ସଞ୍ଜୟ ଦାସବର୍ମା ୨୦୦୯ ମସିହା ପାଇଁ ଶ୍ରେଷ୍ଠ ବିଧାୟକ ଭାବେ ବିବେଚିତ ହୋଇ ଉତ୍କଳମଣି ଗୋପବନ୍ଧୁ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ପୁରସ୍କାର ସ୍ୱରୂପ ମିଳିଥିବା ୫୦ହଜାର ଟଙ୍କା ଅର୍ଥରାଶିକୁ ସେ ପୁରୀ ସଦର ବ୍ଲକ୍ ଅନ୍ତର୍ଗତ କେରାଣ୍ଡିପୁର ପଞ୍ଚାୟତ ଉତ୍ତରହଣା ଗ୍ରାମରେ ରହିଥିବା ଶିଶୁ ଯତ୍ନ ଅନୁଷ୍ଠାନ (ଅନାଥ ଆଶ୍ରମ)କୁ ଦାନ କରିଛନ୍ତି। ଅନୁଷ୍ଠାନର ବିକାଶରେ ଏହି ଅର୍ଥ ଖର୍ଚ୍ଚ ହେବ ବୋଲି ବିଧାୟକ ଦାସବର୍ମା ପ୍ରକାଶ କରିଛନ୍ତି। ରବିବାର ସେ ଅନୁଷ୍ଠାନକୁ ଆସି ଅନ୍ତେବାସୀଙ୍କ ସହ ରକ୍ଷା ବନ୍ଧନ ଉତ୍ସବ ପାଳନ କରିବା ସହ ଏହି ଅର୍ଥରାଶି ପ୍ରଦାନ କରିଛନ୍ତି। ଦ୍ରୌପଦୀ ମହିଳା ସମିତି ଦ୍ୱାରା ପରିଚାଳିତ ଏହି ଅନୁଷ୍ଠାନର କୁନିକୁନି ପିଲାମାନେ ବିଧାୟକଙ୍କୁ ରାଖୀବାନ୍ଧି ଥିଲେ। ସ୍ଥାନୀୟ ସରପଞ୍ଚ ଲକ୍ଷ୍ମୀପ୍ରିୟା ବେହେରା, ସମିତି ସଭ୍ୟ ରବୀନ୍ଦ୍ର ସେଠୀ, ହନ୍ତୁକ ସରପଞ୍ଚ ଅଜୟ କୁମାର ଜେନା, ପୂର୍ବତନ ସରପଞ୍ଚ ଇନ୍ଦ୍ରମଣି ବାରିକ, ସଞ୍ଜୟ କୁମାର ସ୍ୱାଇଁ, ହେମନ୍ତ ଜେନା,ସୁରେନ୍ଦ୍ର କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

### ଯୁବତୀଙ୍କୁ ବଳାତ୍କାର ଉଦ୍ୟମ

**ନିମାପଡ଼ା, ୨୬।୮(ଡି.ଏନ୍.ଏ.):** ନିମାପଡ଼ା ଥାନା ଅନ୍ତର୍ଗତ ଏକ ଗ୍ରାମର ଜଣେ ଅନୁସୂଚିତ ଜାତିର ଓଲିକାବେଡ଼ି (୨୭)ବର୍ଷୀୟା ଯୁବତୀଙ୍କୁ ଉକ୍ତ ଗ୍ରାମର ସବର୍ଣ୍ଣ ଶ୍ରେଣୀର ଯୁବକ ଶନିବାର ଅପରାହ୍ନରେ ରାସ୍ତାରୁ ଟେକି ନେଇ ଗୁହାଳ ଘରେ ଜୋର ଜବରଦସ୍ତ ଅସଦାଚରଣ ପ୍ରଦର୍ଶନ କରିବା ସହ ବଳାତ୍କାର ଉଦ୍ୟମ କରିଥିଲେ। ଏ ସମ୍ପର୍କରେ ଯୁବତୀ ଜଣକ ରବିବାର ପରିବାର ଲୋକଙ୍କୁ କହିବା ପରେ ତାଙ୍କ ପିତା ରାତିରେ ନିମାପଡ଼ା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ପୋଲିସ ଘଟଣାର ତଦନ୍ତ କରୁଛି। ଯୁବତୀ ଜଣଙ୍କ ଅନୁସୂଚିତ ଜାତିର ହୋଇଥିବାବେଳେ ଅଭିଯୁକ୍ତ ଯୁବକ ସବର୍ଣ୍ଣ ଶ୍ରେଣୀର ହୋଇଥିବାରୁ ସେହି ଅଞ୍ଚଳରେ ତୀବ୍ର ଅସନ୍ତୋଷ ଦେଖାଦେଇଛି।

# ସ୍ପିଡ୍ ପୋଷ୍ଟର ଚାହିଦା ବଢ଼ିଛି: କାମିଲା

**ପୁରୀ ଅଫିସ,୨୬।୮**

- ଆଜି ଉନ୍ମୋଚିତ ହେବ ସ୍ୱତନ୍ତ୍ର ଲଫାପା ମେଘଦୂତ, କ୍ୟୁଆର୍ କୋଡ୍
- ଛୁଟି ଦିନରେ ରାଖୀ ବାଣ୍ଟିଲେ ପୋଷ୍ଟପିଅନ

ଭାରତର ସବୁଠାରୁ ଲାଭଦାୟକ ସଂସ୍ଥା ହେଉଛି ଡାକ ବିଭାଗ। ତେବେ ବହୁ ଘରୋଇ ସଂସ୍ଥା ଆସିବା ପରେ ଡାକ ବିଭାଗର ଚାହିଦା କମିବାରେ ଲାଗିଛି। ସାଧାରଣ ଡାକ କ୍ଷେତ୍ରରେ ୨୦ରୁ ୩୦% ଏବଂ ମନିଅର୍ଡର କ୍ଷେତ୍ରରେ ୫୦% ଚାହିଦା ହ୍ରାସ ପାଇଥିବା ଓଡ଼ିଶା ପରିମଣ୍ଡଳ ମହାଡାକପାଳ ସନ୍ତୋଷ କୁମାର କାମିଲା ରବିବାର ହଲିଡେ ରିସର୍ଟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କହିଛନ୍ତି। ତେବେ ସେ କହିଲେ, ସ୍ପିଡ୍ ପୋଷ୍ଟର ଚାହିଦା ବଢ଼ିଛି। ଗ୍ରାହକମାନଙ୍କୁ ଉନ୍ନତମାନର ସେବା ପ୍ରଦାନ ଲାଗି ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଯାଉଛି। ସୋମବାର ଓଡ଼ିଶା ଡାକ ପରିମଣ୍ଡଳ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଥିବା ୩୩ତମ ସର୍ବଭାରତୀୟ ଚେସ୍ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଉତ୍ସବରେ ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ଲଫାପା ମେଘଦୂତ ଉନ୍ମୋଚିତ ହେବ। ଏଥିସହିତ ସର୍ବଭାରତୀୟ ସ୍ତରରେ ଏକ କ୍ୟୁଆର୍ କୋଡ୍ ବ୍ୟବସ୍ଥା ଉନ୍ମୋଚନ କରାଯିବ। ଇଣ୍ଡିଆନ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ ସେବା ଜରିଆରେ ଲୋକଙ୍କୁ ଦ୍ୱାରରେ ସେବା ପହଞ୍ଚାଇବା ଲକ୍ଷ୍ୟରେ ଏହି ଯୋଜନା ଆରମ୍ଭ କରାଯାଇଛି। ଏଥିପାଇଁ ଦେଶରେ ୬୫୦ଟି ବ୍ରାଞ୍ଚ୍ ଓ ୩୨୫୦ଟି ଆକ୍ସିସ ପଏଣ୍ଟ ବ୍ୟବସ୍ଥା ରହିବ। ଓଡ଼ିଶାରେ ୩୩ଟି ବ୍ରାଞ୍ଚ୍ ଏବଂ ୧୬୫ଟି ଏକ୍ସିସ ପଏଣ୍ଟ ବ୍ୟବସ୍ଥା କରାଯାଇଛି। ସମସ୍ତ ପୋଷ୍ଟ ପିଅନଙ୍କୁ ଏକ ସ୍ମାର୍ଟ ଫୋନ ଦିଆଯିବ। ପବିତ୍ର ରକ୍ଷାବନ୍ଧନ ଉତ୍ସବକୁ ଦୃଷ୍ଟିରେ ରାଖୀ ଓଡ଼ିଶା ସମସ୍ତ ଡାକ ଜରିଆରେ ଆସିଥିବା ରାଖୀକୁ ଗନ୍ତବ୍ୟସ୍ଥଳରେ ପହଞ୍ଚାଇବାରେ ବ୍ୟବସ୍ଥା କରାଯାଇଛି। ରବିବାର ଛୁଟି ଦିନ ହୋଇଥିଲେ ମଧ୍ୟ ଓଡ଼ିଶାର ସମସ୍ତ ଡାକଘରେ କାର୍ଯ୍ୟରତ ପୋଷ୍ଟ ପିଅନମାନେ ଘର ଘର ବୁଲି ରାଖୀ ବାଣ୍ଟିଛନ୍ତି। ଭାଇ ଓ ଭଉଣୀଙ୍କ ସ୍ନେହର ପର୍ବ ରକ୍ଷାବନ୍ଧନକୁ ଡାକ ବିଭାଗ ଗୁରୁତ୍ୱ ଦେଇଛି। ଯେପରି କୌଣସି ଭାଇ ଉଭଣୀ ପଠାଇଥିବା ରାଖୀ ପାଇବାରୁ ବଞ୍ଚିତ ନ ହୁଅନ୍ତି, ସେଥିଲାଗି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ଓଡ଼ିଶାରେ ପ୍ରାୟ ୫ ହଜାରରୁ ଊର୍ଦ୍ଧ୍ୱ ଡାକ କର୍ମଚାରୀ ଏହି ସେବାରେ ଲାଗିଥିଲେ ବୋଲି ମହାଡାକପାଳ କାମିଲା କହିଥିଲେ।



ପୁରୀ ହରଚଣ୍ଡୀ ସାହି ଶିଶୁ ମନ୍ଦିରରେ ରକ୍ଷାବନ୍ଧନ ଉତ୍ସବ।



ଉତ୍କଳ ବାଳାଶ୍ରମରେ ଜଣେ ମହିଳା ଅନ୍ତେବାସୀଙ୍କୁ ରାଖୀ ବାନ୍ଧୁଛନ୍ତି।

# ବିଭିନ୍ନ ସ୍ଥାନରେ ରକ୍ଷା ବନ୍ଧନ ଉତ୍ସବ

**ପୁରୀ ଅଫିସ,୨୬।୮**

ଭାଇ ଓ ଉଭଣୀଙ୍କ ସ୍ନେହ ଓ ଶ୍ରଦ୍ଧାର ପର୍ବ ହେଉଛି ପବିତ୍ର ରକ୍ଷା ବନ୍ଧନ ଉତ୍ସବ। ଏଥିଲାଗି ରବିବାର ଶ୍ରୀକ୍ଷେତ୍ର ଉତ୍ସବମୁଖର ହୋଇଉଠିଥିଲା। ଶୁଭ ମନାସି ଭଉଣୀମାନେ ଭାଇ ହାତରେ ରାଖୀ ବାନ୍ଧିଥିଲେ। ଏହି ଅବସରରେ ବିଭିନ୍ନ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନ, ସାମାଜିକ ସଙ୍ଗଠନ ପକ୍ଷରୁ ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଯାଇଛି। ହରଚଣ୍ଡି ସାହିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପ୍ରବଚକ ବାଣୀଭୂଷଣ ଶାସ୍ତ୍ରୀ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ସମ୍ପାଦକ ପ୍ରଫୁଲ୍ଲ ଚନ୍ଦ୍ର ପଟ୍ଟନାୟକ, ଉପସଭାପତି ଦୀନବନ୍ଧୁ ତ୍ରିପାଠୀ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଘୋଡବାଜରସ୍ଥିତ ସରସ୍ୱତୀଶିଶୁ ବିଦ୍ୟାମନ୍ଦିରରେ ପ୍ରଧାନାଚାର୍ଯ୍ୟ ଅରବିନ୍ଦ ଦାସଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୁରୀ ଭଗବତ୍ ଆଶ୍ରମର ମଠାଧୀଶ ଅଚ୍ୟୁତାନନ୍ଦ ଦାସ ମହାରାଜ ଯୋଗଦେଇ ରକ୍ଷାବନ୍ଧନର ପୌରାଣିକ ଘଟଣାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ। ମଧୁବନସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସୁରେଶ ଚନ୍ଦ୍ର ମିଶ୍ରଙ୍କ ସଂଯୋଜନାରେ ରକ୍ଷାବନ୍ଧନ ଉତ୍ସବ ଧୁମଧାମରେ ପାଳିତ ହୋଇଯାଇଛି। ଏସବୁ ସ୍ଥାନରେ ଗୁରୁଜୀ, ଗୁରୁମା ଓ ଛାତ୍ରୀଛାତ୍ର ପରସ୍ପର ମଧ୍ୟରେ ରାଖୀ ବାନ୍ଧିଥିଲେ। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ବିଭିନ୍ନ ବସ୍ତିରେ ରକ୍ଷାବନ୍ଧନ ଉତ୍ସବ ପାଳନ କରିଥିଲେ। ସେହିପରି ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ସ୍ଥାନୀୟ ଶାଖା, ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଓ ଉତ୍କଳ ବାଳାଶ୍ରମ ସମେତ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ରକ୍ଷାବନ୍ଧନ ଉତ୍ସବର ଆୟୋଜନ କରାଯାଇଥିଲା।

# ଜମିଲା ନଡ଼ିଆ ଲଢ଼େଇ ପ୍ରତିଯୋଗିତା

**ସାକ୍ଷୀଗୋପାଳ, ୨୬।୮(ଡି.ଏନ୍.ଏ.)**

ରକ୍ଷାବନ୍ଧନ ଅବସରରେ ରବିବାର ସାକ୍ଷୀଗୋପାଳର ବିଭିନ୍ନ ସ୍ଥାନରେ ନଡ଼ିଆ ଲଢ଼େଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ପରି ଦଳଦଳ ହୋଇ ଯୁବକ ପରସ୍ପର ମଧ୍ୟରେ ନଡ଼ିଆ ଲଢ଼େଇ କରିଥିଲେ। ଏଥିରେ ମୁଖ୍ୟତଃ ଦୁଇ ଜଣ ଯୁବକ ଦୁଇଟି ନଡ଼ିଆକୁ ନେଇ ଲଢ଼େଇ କରିଥାନ୍ତି। ଏଥିରେ ଯାହା ନଡ଼ିଆଟି ପ୍ରଥମେ ଭାଙ୍ଗିଯାଏ ସେ ପରାଜୟ ସ୍ୱୀକାର କରିବା ସହ ଭଙ୍ଗା ନଡ଼ିଆଟିକୁ ଅନ୍ୟ ପ୍ରତିଯୋଗୀଙ୍କୁ ଦେଇଥାଏ। ତେବେ ସବୁ ନଡ଼ିଆ ଲଢ଼େଇ ଉପଯୋଗୀ ହୁଏ ନାହିଁ। ଲଢ଼େଇ ପାଇଁ ସ୍ୱତନ୍ତ୍ର ଗଛ ରହିଛି। ଏହି ଗଛର ଗୋଟିଏ ନଡ଼ିଆର ଦାମ ୨ଶହରୁ ୩ଶହ ଟଙ୍କାରେ ବିକ୍ରି ହୋଇଥାଏ। ପ୍ରତିଯୋଗୀମାନେ ଏହାକୁ କିଣିଥାନ୍ତି। ଶେଷରେ ଭଙ୍ଗା ନଡ଼ିଆରେ ପିଠାପଣା, ଲଡୁ, କୋରା ସହିତ ମରା ନଡ଼ିଆତେଲ ପ୍ରସ୍ତୁତ କରାଯାଏ। ସାକ୍ଷୀଗୋପାଳଠାକୁରଙ୍କୁ ରାଖୀ ଲାଗି କରାଯିବା ସହ ଝୁଲଣ ଯାତ୍ରାରେ ମଦନ ମୋହନ ବିଜେ କରିଛନ୍ତି। କୃଷକମାନଙ୍କ ପରିବାରରେ ଗୋ ପୂଜା, ପିଠାଭୋଗ, ରାଖୀ ବନ୍ଧା ପର୍ବ ପାଳନ କରାଯାଇଛି।



ସାକ୍ଷୀଗୋପାଳରେ ନଡ଼ିଆ ଲଢ଼େଇ ପ୍ରତିଯୋଗିତା।

### କେବୁଲ କର୍ମଚାରୀଙ୍କୁ ମରଣାନ୍ତକ ଆକ୍ରମଣ

**ନିମାପଡ଼ା, ୨୬।୮(ଡି.ଏନ୍.ଏ.)**

ନିମାପଡ଼ା ଏନଏସି ଅନ୍ତର୍ଗତ ଅଣ୍ଡିଆ ସାହି(ବେହେରା ସାହି) ଗ୍ରାମର ଅକ୍ଷୟ କୁମାର ବେହେରା ନାମକ ଜଣେ ଘରୋଇ କେବୁଲ କମ୍ପାନୀରେ କାମ କରୁଥିବା ଯୁବକଙ୍କଠାରୁ ଶନିବାର ବିଳମ୍ବିତ ରାତିରେ ଦୁଇ ଜଣ ଯୁବକ ମରଣାନ୍ତକ ଆକ୍ରମଣ କରି ୧୦ହଜାର ଟଙ୍କା ଲୁଟି ନେଇଛନ୍ତି। ଅକ୍ଷୟ ଅଫିସ୍ କାମ ସାରି ଘରକୁ ଫେରୁଥିବାବେଳେ ଅଣ୍ଡିଆସାହି (ପାତ୍ର ସାହି) ଗ୍ରାମର ଆଶୁତୋଷ ପାତ୍ର ଓ ତାଙ୍କର ଜଣେ ସାଙ୍ଗ ସ୍ଥାନୀୟ ଗଣେଶ ବଜାରର ଶିବ ପ୍ରସାଦ ସ୍ୱାଇଁ ବିଅର ପାର୍ଲର ନିକଟରେ ଅକ୍ଷୟଙ୍କୁ ଅଟକାଇ ମଦ ପିଇବାକୁ ୨୦୦ଟଙ୍କା ମାଗିଥିଲେ। ଅକ୍ଷୟ ଟଙ୍କା ନ ଦେବାରୁ ଆଶୁତୋଷ ଓ ଶିବପ୍ରସାଦ ମିଶି ତାଙ୍କୁ ନିସ୍ଥୁକ ମାଡ ମାରିବା ସହ ତାଙ୍କଠାରୁ ୧୦ହଜାର ଟଙ୍କା ଲୁଟିନେଇଥିଲେ। ଅକ୍ଷୟ ରକ୍ତାକ୍ତ ଅବସ୍ଥାରେ ରାସ୍ତା କଡ଼ରେ ପଡ଼ିଥିବାବେଳେ ସ୍ଥାନୀୟ ଲୋକେ ତାଙ୍କୁ ନିମାପଡ଼ା ହସ୍ପିଟାଲରେ ଭର୍ତ୍ତି କରିଥିଲେ। ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଅକ୍ଷୟଙ୍କ ସ୍ତ୍ରୀ ଟିଙ୍କିନା ବେହେରା ରବିବାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୁକ୍ତଙ୍କ ବିରୋଧରେ କେସ୍ ନଂ ୨୩୬/୧୮ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

### ମଙ୍ଗଳା ମନ୍ଦିରରେ ସ୍ୱତନ୍ତ୍ର ନୀତି

**କାକଟପୁର, ୨୬।୮(ଡି.ଏନ୍.ଏ.)**

ପବିତ୍ର ଗହ୍ମାପୂର୍ଣ୍ଣିମା ଅବସରରେ କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା'ମଙ୍ଗଳାଙ୍କ ମନ୍ଦିରରେ ସ୍ୱତନ୍ତ୍ର ନୀତି ଅନୁଷ୍ଠିତ ହୋଇଥିଲା। ବ୍ରାହ୍ମମୁହୂର୍ତ୍ତରେ ମନ୍ଦିର ପହୁଡ଼ ଫିଟାଯାଇ ଆଳତୀ, ସ୍ନାନ, ମାର୍ଜଣା ନୀତି ଅନୁଷ୍ଠିତ ହୋଇଥିଲା। ଦୈନନ୍ଦିନନୀତିପରେମନ୍ଦିରସାହାଣମେଲା କରାଯାଇଥିଲା। ଭକ୍ତମାନେ ମା'ଙ୍କୁ ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ। ଅପରାହ୍ନରେ ମନ୍ଦିର ପହୁଡ଼ ଫିଟାଯିବା ପରେ ମନ୍ଦିର ବେଢ଼ାର ଉତ୍ତର ଦ୍ୱାର ନିକଟରେ ମାଟିରେ ନିର୍ମିତ ହୋଇଥିବା ଗହ୍ମାସୁରକୁ ପୂଜାପଣ୍ଡା ପଞ୍ଚୋପଚାର ପୂଜାନୀତିରେ ପୂଜା କରିବା ସହିତ ଏଣ୍ଡୁରିପିଠା ଭୋଗ ଲାଗି କରିଥିଲେ। ଏହା ପରେ ଗହ୍ମାସୁରକୁ ସନ୍ଧ୍ୟା ଆଳତୀ କରାଯାଇଥିଲା, ମନ୍ଦିରରେ ମା'ଙ୍କ ପୂଜାନୀତି ଯଥାବିଧି ଅନୁଷ୍ଠିତ ହୋଇଥିଲା। ରବିବାର ପୂଜାପଣ୍ଡା ଶରତ କୁମାର ଦୀକ୍ଷିତ ମା'ଙ୍କୁ ପୂଜାର୍ଚ୍ଚନା କରିଥିଲେ।



ଝୁଲଣ ଅବସରରେ ପୁରୀ ନେବଳ ଦାସ ମଠ ପରିସରରେ ରବିବାର ଗୋଟିପୁଅ ନୃତ୍ୟ ପରିବେଷଣ କରାଯାଉଛି।

- ଜମି ବିବାଦ ମାମଲାରେ ୯ ଗିରଫ

# ଆନ୍ଦୋଳନ ଧମକ ଦେଲା ଚାଷୀ ମୂଲିଆ ସଂଘ

**ପୁରୀ ଅଫିସ,୨୬।୮**

ସଦର ଥାନା ଅନ୍ତର୍ଗତ କେରୁଅଁରେ ଏକ ସିଲିଂ ଜମି ବିବାଦ ମାମଲାରେ ପୋଲିସ ୯ ଜଣଙ୍କୁ ରବିବାର ଗିରଫ କରିଛି। ଗିରଫମାନେ ହେଲେ ରେବତୀରମଣର ବାବନ ଗୋଛାୟତ, ସୁଦର୍ଶନ ଭୋଇ, ନୀଳକଣ୍ଠ ମଳିକ, କାଶି ଜଗନ୍ନାଥପୁରର କନକ ଭୋଇ, ଦିବାକର ସେଠୀ, ମକୁ ଭୋଇ, ଶାସନ ଦାମୋଦରପୁରର ଜିତୁ ମହାପାତ୍ର ଓ କେରୁଅଁର ନୀଳାଚଳ ବାରିକ। କେରୁଅଁର କୃଷ୍ଣଚନ୍ଦ୍ର ସାହୁଙ୍କ ଅଭିଯୋଗ କ୍ରମେ ପୋଲିସ ୧୯୯/୧୮ରେ ଏକ ମାମଲା ରୁଜୁ କରି ଏମାନଙ୍କୁ ଗିରଫ କରିଛି। ମାତ୍ର ପୋଲିସର ଏହି ଗିରଫଦାରିକୁ ନେଇ ଅଭିଯୋଗ ଉଠାଇଛି ଚାଷୀ ମୂଲିଆ ସଂଘ। ଗରିବ ଲୋକଙ୍କୁ ଜମିରୁ ଜବରଦସ୍ତ ହଟାଇବା ଲାଗି ପୋଲିସ ଷଡ଼ଯନ୍ତ୍ର କରୁଛୁ ବୋଲି ସଂଘର ପୁରୀ ଜିଲା ସଭାପତି ବଟକିଶୋର ସ୍ୱାଇଁ କହିଛନ୍ତି। ପୋଲିସର ଏହି ଷଡ଼ଯନ୍ତ୍ରକୁ ଆଦୌ ବରଦାସ୍ତ କରାଯିବ ନାହିଁ। ଏହି ଘଟଣାର ତୁରନ୍ତ ସମାଧାନ କରା ନ ଗଲେ ଆଗାମୀ ଦିନରେ ବଡ଼ଧରଣ ଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ସେ ଚେତାବନୀ ଦେଇଛନ୍ତି। ଜିଲା ପ୍ରଶାସନ ଏନେଇ ପଦକ୍ଷେପ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି।

ସୂଚନାନୁସାରେ, କେରୁଅଁର କୃଷ୍ଣଚନ୍ଦ୍ର ସାହୁଙ୍କ ଉକ୍ତ ଅଞ୍ଚଳରେ ଥିବା ୧୮ଏକର ଜମି ସରକାରୀ ଖାତାକୁ ଚାଲି ଯାଇଥିଲା। ଉକ୍ତ ଜମିରେ ଘର କରି ରହୁଥିବା ପ୍ରାୟ ୬୧ଜଣ ଭୂମିହୀନ ପରିବାରକୁ ସରକାର ୩୦ ଡିସିମିଲ ଲେଖାଏ ବାଣ୍ଟି ଦେଇଥିଲେ। ଫଳରେ ଜମି ମାଲିକ କୃଷ୍ଣଚନ୍ଦ୍ର ଅଦାଲତର ଆଶ୍ରୟ ନେଇଥିଲେ। ମାମଲାରେ ବିଜୟ ଲାଭ କରିବା ପରେ ସମସ୍ତ ଜମି କୃଷ୍ଣଚନ୍ଦ୍ରଙ୍କ ମାଲିକାନାକୁ ଫେରିଥିଲା। ମାତ୍ର ଉକ୍ତ ଜମିରେ ବର୍ଷ ବର୍ଷ ଧରି ରହୁଥିବା ପରିବାର ଜମି ଛାଡିବାକୁ ମାନ କରିଦେଇଥିଲେ। ଏନେଇ କୃଷ୍ଣଚନ୍ଦ୍ର ଥାନାରେ ଶତାଧିକ ଲୋକଙ୍କ ନାଁରେ ଲିଖିତ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗକୁ ଭିତ୍ତି କରି ୯ଜଣଙ୍କୁ ଗିରଫ କରାଯାଇଛି। ଅନ୍ୟମାନଙ୍କୁ ଗିରଫ କରାଯିବ ବୋଲି ସଦର ପୋଲିସ କହିଛି।

# କୋଣାର୍କ ନାଟ୍ୟମଣ୍ଡପ ଝୁଲଣ ଉତ୍ସବ ଉଦ୍‌ଯାପିତ




କୋଣାର୍କ ନାଟ୍ୟ ମଣ୍ଡପ ଝୁଲଣ ଉତ୍ସବରେ ୨ କଳାକାର ନୃତ୍ୟ ପରିବେଷଣ କରୁଛନ୍ତି।

**କୋଣାର୍କ, ୨୬।୮(ଡି.ଏନ୍.ଏ.)**

କୋଣାର୍କ ସ୍ଥିତ ପଦ୍ମଶ୍ରୀ ସ୍ୱର୍ଗତ ଗୁରୁ ଗଙ୍ଗାଧର ପ୍ରଧାନଙ୍କ ନାଟ୍ୟମଣ୍ଡଠାରେ ଗୁରୁବାରଠାରୁ ଚାଲିଥିବା ଝୁଲଣ ଉତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥି ଭାବେ ଜିଲା ସାଧାରଣ ଓ ବିବିଧ ଉପ ବିଭାଗର ଅଧିକାରୀ ବନମାଳୀ ଶତପଥୀ, ଶୋଭନୀୟ ଶିକ୍ଷାଶ୍ରମର ଶିକ୍ଷୟିତ୍ରୀ ମନୋରମା ମିଶ୍ର, ଶିକ୍ଷକ ରବୀନ୍ଦ୍ରନାଥ ବାହିନୀପତି, ସ୍ୱର୍ଗତ ଗୁରୁ ପଦ୍ମଶ୍ରୀ ଗଙ୍ଗାଧର ପ୍ରଧାନଙ୍କ ସ୍ତ୍ରୀ ସୁଲୋଚନା ପ୍ରଧାନ, ନାଟ୍ୟମଣ୍ଡର ଉପସଭାପତି ପ୍ରସନ୍ନ ବେଉରିଆ, ଯୁଗ୍ମ ସମ୍ପାଦକ ଗୁରୁପଦ ବଳିୟାର ସିଂ ପ୍ରମୁଖ ଯୋଗଦେଇଥିଲେ। ଅନ୍ତିମ ସନ୍ଧ୍ୟାରେ ରାହାସଲୀଳା ସମ୍ବନ୍ଧୀୟ ବୃତ୍ତାନ୍ତକୁ ନେଇ ଓଡ଼ିଶୀ ନୃତ୍ୟ ପିରବେଷଣ ହୋଇଥିଲା। ପରେ ପରେ ହାଇଦ୍ରାବାଦର ଓଡ଼ିଶୀ ନୃତ୍ୟ ଶିଳ୍ପୀ ଆଦିତ୍ୟ ରାଉତରାୟ ଓ ସମ୍ପ୍ରତି ମହାନ୍ତିଙ୍କ ଦ୍ୱାରା ଶ୍ରୀକୃଷ୍ଣ ଓ ରାଧାଙ୍କ ଅମର ପ୍ରେମ ଓ ଅମ୍ଳାନ କୀର୍ତ୍ତି ଉପରେ ନୃତ୍ୟ ପରିବେଷଣ କରାଯାଇଥିଲା। ଏହାକୁ ଚନ୍ଦ୍ରଶେଖର ରାଉତରାୟ, ଅମିନ ପ୍ରଧାନ, ସୁଦେଷ୍ଣା ପ୍ରଧାନ ଓ ନୟନୀ ନାୟକ ପ୍ରମୁଖ ପରିଚାଳନା କରିଥିଲେ।

# ଗଛରେ ରାଖୀ ବାନ୍ଧିଲେ ଛାତ୍ରୀଛାତ୍ର

**କଣାସ, ୨୬।୮(ସ୍ୱ.ପ୍ର.)**

କଣାସ ବ୍ଲକ ଅନ୍ତର୍ଗତ ଦୋଛିଆଁ ଉନ୍ନିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ରକ୍ଷାବନ୍ଧନ ଉତ୍ସବକୁ ନିଆରା ଢ଼ଙ୍ଗରେ ପାଳନ କରିଛନ୍ତି। ମଣିଷକୁ ଆପଦ ବିପଦ ସମୟରେ ସହାୟତା କରୁଥିବା ବୃକ୍ଷଲତାରେ ପ୍ରଧାନ ଶିକ୍ଷକ ଅଜୟ କୁମାର ସେଠୀଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ର, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଓ ସଭ୍ୟସଭ୍ୟାମାନେ ୨୭୫ଟି ଗଛକୁ ସୁରକ୍ଷା ଦେବା ଓ ଯତ୍ନ ନେବାପାଇଁ ସପଥ ନେଇ ରକ୍ଷୀ ବାନ୍ଧୀଥିଲେ । ବର୍ତ୍ତମାନ ଲୋକମାନେ କିପରି ଗଛବିନା ଦୁର୍ଦ୍ଦଶା ଭୋଗୁଛନ୍ତି ଉପଲବ୍ଧି କରି ଗଛ କିପରି ବଞ୍ଚି ରହିବ ସମସ୍ତେ ସପଥ ନେଇଥିଲେ।



ଦୋଛିଆଁ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଗଛରେ ରାଖୀ ବାନ୍ଧୁଛନ୍ତି।

- କୂଳ ଲଂଘୁଛି ସମୁଦ୍ର, ୧୨ବର୍ଷରେ ତୃତୀୟ ଥର

# ଅନୁଧ୍ୟାନ କରିବେ ବିଶେଷଜ୍ଞ

**ପୁରୀ ଅଫିସ,୨୬।୮**

**୧୪କୋଟି ବ୍ୟୟରେ ନିର୍ମାଣ ହେବ ସମୁଦ୍ର ପ୍ରାଚୀର**

ଗତ ୧୨ବର୍ଷ ମଧ୍ୟରେ ତୃତୀୟଥର ଲାଗି ପୁରୀରେ ବଡ଼ ଧରଣର ବେଳାଭୂମି ଅବକ୍ଷୟ ଦେଖାଦେଇଛି। ରବିବାର ପୂର୍ଣ୍ଣମା ରହିଥିବାବେଳେ ଲଘୁଚାପ ମଧ୍ୟ ସୃଷ୍ଟି ହୋଇଛି। ଏଥିଲାଗି ସମୁଦ୍ର ଜୁଆରିଆ ରହିବା ସହିତ ସୁଉଚ୍ଚ ଜୁଆର ଆସୁଛି। ବେଳାଭୂମିରେ ମାଡ ହୋଇ ଧୋଇ ନେଉଛି। ଏହାକୁ ଅନୁଧ୍ୟାନ କରିବା ଲାଗି ଆସନ୍ତା ୨୯ କିମ୍ବା ୩୦ ତାରିଖରେ ପୁଣେସ୍ଥିତ ସେଣ୍ଟ୍ରାଲ ୱାଟର ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍ ଏବଂ ସମନ୍ୱିତ ଉପକୂଳ ପରିଚାଳନା ପ୍ରକଳ୍ପ (ଆଇସିଜେଡ୍ଏମ୍‌ପି)ର ବିଶେଷଜ୍ଞମାନେ ପୁରୀ ଆସିବେ। ଏହି ଟିମ୍ ଦୁଇଦିନ ଧରି ଅନୁଧ୍ୟାନ କରିବା ପରେ ସେମାନଙ୍କ ପରାମର୍ଶ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ଜଳସେଚନ ବିଭାଗର ଜଣେ ଅଧିକାରୀ କହିଛନ୍ତି।

୨୦୦୬ରେ ପୁରୀ ବେଳାଭୂମି ଅବକ୍ଷୟ ହୋଇଥିଲା। ଏପରି କି କୋକପାମ୍ ଛକଠାରୁ ବଳିଆପଣ୍ଡା ରାସ୍ତାକୁ ସମୁଦ୍ର ଧୋଇ ନେଇଥିଲା। ଏହାକୁ ନେଇ ଦେଶବ୍ୟାପୀ ଚର୍ଚ୍ଚା ହୋଇଥିଲା। ଜାତୀୟସ୍ତରର ବିଶେଷଜ୍ଞମାନେ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। କିନ୍ତୁ ପ୍ରତିକାର ପାଇଁ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ୨୦୧୬ ଅଗଷ୍ଟରେ ସ୍ୱର୍ଗଦ୍ୱାର ସମ୍ମୁଖରେ ପୁଣି ବେଳାଭୂମି ଅବକ୍ଷୟ ହୋଇଥିଲା। ମାଡ୍ରାସ ଓ ଭୁବନେଶ୍ୱର ଆଇଆଇଟିର ବିଶେଷଜ୍ଞ ମଧ୍ୟ ଅନୁଧ୍ୟାନ କରିଥିଲେ। ପରବର୍ତ୍ତୀ ସମୟରେ ବେଳାଭୂମିର ପୂର୍ବ ସ୍ଥିତି ଫେରି ଆସିବାରୁ ଏହା ଏକ ପ୍ରାକୃତିକ ପ୍ରକ୍ରିୟା ଭାବି ସମସ୍ତେ ଚୁପ୍ ରହିଥିଲେ। ବର୍ତ୍ତମାନ ଗତ ୩ଦିନ ହେଲା ପୁଣି ସ୍ୱର୍ଗଦ୍ୱାର ନିକଟରେ ଅବକ୍ଷୟ ଦେଖାଦେଇଛି। ରବିବାର ଅପରାହ୍ନରେ ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ପ୍ରମୋଦ କୁମାର ରାଉତ ବେଳାଭୂମି ସ୍ଥିତି ଅନୁଧ୍ୟାନ କରିଛନ୍ତି। ସେ କହିଛନ୍ତି ଯେ, ବର୍ତ୍ତମାନ ଯାହା ସ୍ଥିତି ଦେଖାଯାଉଛି ବେଳାଭୂମି ପୂର୍ବସ୍ଥିତିକୁ ଫେରିବା ଭଳି ପ୍ରକ୍ରିୟା ଆରମ୍ଭ ହୋଇଛି। ବାଲି ଜମୁଥିବା ଦେଖିବାକୁ ମିଳୁଛି। ଆଇସିଜେଏମ୍‌ପି ପ୍ରକଳ୍ପ ଜରିଆରେ ବେଳାଭୂମି ଅବକ୍ଷୟ ଲାଗି ଏକ ୧୪କୋଟି ଟଙ୍କା ପ୍ରୋଜେକ୍ଟ କରାଯାଇଛି। ହୋଟେଲ କୋକପାମ୍‌ଠାରୁ ବଳିଆପଣ୍ଡା ପର୍ଯ୍ୟନ୍ତ ସମୁଦ୍ର ପ୍ରାଚୀର ନିର୍ମାଣ କରାଯିବାର ଯୋଜନା ରହିଛି। ଯେହେତୁ ମଙ୍ଗଳା ମୁହାଣ ଦିନକୁ ଦିନ ସମ୍ପ୍ରସାରିତ ହେଉଛି ତେଣୁ ସେଠାରେ ଦୁଇଟି କଣ୍ଟ୍ରୋଲ ଷ୍ଟେଶନ କରାଯିବାର ନିଷ୍ପତ୍ତି ହୋଇଛି। ବିଶେଷଜ୍ଞ ଟିମ୍‌ର ଅନୁଧ୍ୟାନ ପରେ ୧୪କୋଟି ଟଙ୍କାକୁ ନେଇ ଡିପିଆର ପ୍ରସ୍ତୁତ ହେବ ବୋଲି ସେ କହିଛନ୍ତି।